

Digitized by srujan.ka@gmail.com

ନାକଟା ଚିତ୍ରକର

ଶ୍ରୀ ଫତୁରାନନ୍ଦ

Digitized by srujan ka@gmail.com

ପ୍ରକାଶକ
ନିଷେଣ୍ଟ୍ ପବ୍ଲିଶିଂ କୋ:
ଝାଞ୍ଜିରିମଙ୍ଗଳା, କଟକ

୧ ମ ମୁଦ୍ରଣ ୧୦୦୦
ଆଷାଢ଼, ୧୩୭୦ ସାଲ
୧୯୬୩, ଜୁଲାଇ

ସର୍ବ ସ୍ୱତ୍ୱ, ସଂରକ୍ଷିତ

ମୂଲ୍ୟ—ଦୁଇଟଙ୍କା

ପ୍ରାପ୍ତିସ୍ଥାନ—
କଟକର ସବୁ ବହିଦୋକାନ
ଓ
ଉଗର ପ୍ରେସ, କଟକ ।

ମୁଦ୍ରାକର
ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ଉଗର ମୁଦ୍ରାଳୟ
ପିଠାପୁର, କଟକ—୧

Digitized by srujan ka@gmail.com

ପାଣ୍ଡୁଲିପି ଲେଖିକା—

ଶ୍ରୀମତୀ ନର୍ମଦା ଦେବୀ ଶ୍ରୀମତୀ ପ୍ରେମଲତା ଦେବୀ,

ପାଣ୍ଡୁଲିପି ସଂଶୋଧକ—

ଶ୍ରୀ ଶ୍ୟାମସୁନ୍ଦର ମିଶ୍ର, ଶ୍ରୀ ମୁରାରୀମୋହନ ଜେନା,
ଶ୍ରୀ ଶିବାନନ୍ଦ ନନ୍ଦ, ଶ୍ରୀ ଦୁର୍ଗାପ୍ରସନ୍ନ ମିଶ୍ର.

ମୁଦ୍ରଣ ସଂଶୋଧକ—

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଶ୍ରୀ ଅର୍ଜୁନ ମହାନ୍ତି,

ଅକ୍ଷର ସଂଯୋଜକ—

ଶ୍ରୀ ସୁରେନ୍ଦ୍ର ପାଣିଗ୍ରାହୀ, ଶ୍ରୀ ସୁରେନ୍ଦ୍ରନାଥ ଲେଙ୍କା,
ଶ୍ରୀ ଛେଦବାସୀ କର, ଶ୍ରୀ ନିତ୍ୟାନନ୍ଦ ଦାସ,
ଶ୍ରୀ ଶଶିଭୂଷଣ ମିଶ୍ର, ଶ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତି,

ଚିତ୍ର ଶିଳ୍ପୀ—ଶ୍ରୀ ଲକ୍ଷ୍ମୀଧର ଦାସ

ଯନ୍ତ୍ର ଚାଳକ—

ଶ୍ରୀ ନିତ୍ୟାନନ୍ଦ ଦଣ୍ଡ, ଶ୍ରୀ ଚକ୍ରଧର ରାଜତ

ପୁସ୍ତକ ବନ୍ଧନକାରୀ—

ଶ୍ରୀ ରଘୁନାଥ କର ଶ୍ରୀ ଗୌରାଙ୍ଗ ଚରଣ ନାୟକ

ଆପଣମାନଙ୍କ ନିକଟରେ ମୁଁ ଅଜୀବନ ଋଣୀ ରହିଲି ।

ଶ୍ରୀ ସତ୍ତୁରି ନନ୍ଦ

Digitized by srujan ka@gmail.com

ଉପହାର

ଶ୍ରୀ .... ଙ୍କୁ

ସ୍ନେହ, ଶ୍ରଦ୍ଧା/ଭକ୍ତିର ଚିହ୍ନ ସ୍ୱରୂପ ପ୍ରଦାନ କଲି । ଇତି ।

—ଲେଖକ

Digitized by srujan ka@gmail.com

ଅଭିମତ

ଶିଳ୍ପୀ ଓ ଶିଳ୍ପ ଅଭେଦ—କଳା ଓ କଳାକାର ଏକ—ଏଭଳି ଏକ ଚିନ୍ତା ଏ ଜଗତରେ ଅଛି । ଏହା କିନ୍ତୁ ଜଡ଼, ବାସ୍ତବ ଦୃଷ୍ଟିରୁ ହାସ୍ୟାସ୍ପଦ କଥା । ଶିଳ୍ପକୁ ଭଲ ପାଇବା ଅର୍ଥ ଶିଳ୍ପୀକୁ ଭଲ ପାଇବା ନ ହୋଇ ପାରେ । ଶିଳ୍ପୀକୁ ଭଲ ପାଇ ତାର ଶିଳ୍ପକୁ ତୁଚ୍ଛତାଚ୍ଛଲ୍ୟ କରାଯାଇ ପାରେ ମଧ୍ୟ । ପଙ୍କକୁ ଘୃଣା କରି ପଙ୍କଜରେ ପୂଜା ତ ସମ୍ଭବ !

ମାତ୍ର ଏହି ଭେଦ ବୁଦ୍ଧି ଭିତରେହିଁ ସୃଷ୍ଟିର ଯାବତ ଅମଙ୍ଗଳ । ମୁଁ କହୁନାହିଁ ଯେ ଯେତେ ବାଳିକା ନାଙ୍ଗଠା-ଚିତ୍ରକର ଚିତ୍ରକୁ ପସନ୍ଦ କରିବେ ସମସ୍ତେ ତାକୁ ବିଭା କରିବା ଉଚିତ । ଶିଳ୍ପୀର ଚିତ୍ରକୁ ଯେ ପ୍ରକୃତରେ ଭଲପାଇବ ସେ ଉଚ୍ଚଶିକ୍ଷିତା ବଡ଼ଲୋକ ଶ୍ରେଣୀର ରେଖା ଦେବୀମାନେ ଗୋଟିଏ ଦରିଦ୍ର ଅସୁନ୍ଦର ଶିଳ୍ପୀକୁ ପ୍ରେମ ନ କରନ୍ତୁ, ବିବାହ ନ ହେଉନ୍ତୁ—ଏଥିରେ ସ୍ରଷ୍ଟାର ସୃଷ୍ଟି ବ୍ୟାହତ ହେବ ନାହିଁ ; ମାତ୍ର ରେଖା ଦେବୀମାନେ ଯେପରି ଭାବରେ ନାଙ୍ଗଠା-ଚିତ୍ରକରମାନଙ୍କ ନାକରେ ଧାନ୍‌ଶୀ ଲଗାଇ ଖେଳନ୍ତି ସେହି ଜାତୀୟ ନିର୍ମମତାହିଁ ଚିରକାଳ ସୃଷ୍ଟିକୁ ବିକୃତ କରିଛି—ବ୍ରହ୍ମାଙ୍କଠାରୁ ବିଶ୍ୱାମିତ୍ରଙ୍କୁ ଉଚ୍ଚ ସ୍ଥାନ ଦେଇ ଆସିଛି—ଚନ୍ଦ୍ରର କିରଣଠାରୁ ବିଜୁଳିବତୀକୁ ସୁନ୍ଦର କରି ଦେଖାଇଛି ।

କଥାକାର. ଫତୁରାନନ୍ଦଙ୍କର କଥାର ଆରମ୍ଭ ଏହା ହେଉ ନ ହେଉ କଥାର ଶେଷ ହୋଇଛି ଭଲ । ନାଙ୍ଗଠା କଦାପି ରେଖା ଦେବୀଙ୍କର ଇଙ୍ଗିତକୁ ଭୁଲ ବୁଝି ନାହିଁ । ରେଖା ଦେବୀହିଁ ସୂଚନା ପରି ପ୍ରତାରଣା କରି ଆସିଛନ୍ତି । କାରଣ ବର୍ତ୍ତମାନ

Digitized by srujan ka@gmail.com

ସମାଜରେ ରେଖା ଦେବୀମାନେ ପ୍ରକୃତ ବା ସତ୍ୟ କଦାପି ନୁହନ୍ତି—ସବୁବେଳେ ସବୁ କ୍ଷେତ୍ରରେ ସେମାନେ ପ୍ରତାରଣା ଛଡ଼ା ଆଉ କିଛି ନୁହନ୍ତି ।

ଯେଉଁ ପୁଞ୍ଜିପତି ବଡ଼ ଲୋକମାନେ ପରର ପରିଶ୍ରମଲବ୍ଧ ଧନରେ ନିଜକୁ ଧନୀ ବୋଲନ୍ତି, ଯେଉଁ ଉଚ୍ଚନାଡ଼ ଉପାଧିଗ୍ରସ୍ତ ବ୍ୟକ୍ତି ପର ବିଦ୍ୟାରେ ବିଦ୍ୱାନ୍ ବୋଲାଇବାରେ ଗୌରବ ନିଅନ୍ତି, ସେମାନଙ୍କର ସ୍ଥିତିହିଁ ପ୍ରତାରଣାର ଭିତ୍ତି ଉପରେ ସର୍ବଦା ଟଳ-ମଳ । ବଡ଼ଲୋକମାନଙ୍କର ସଙ୍ଗୀତ, କଳା, କାବ୍ୟଚର୍ଚ୍ଚା ମଧ୍ୟ ପ୍ରତାରଣା, ଦେବ ଦେବୀର ଆରାଧନା ମଧ୍ୟ ପ୍ରତାରଣା । ଗୋଟାଏ ମିଛକୁ ସାବ୍ୟସ୍ତ କରିବା ପାଇଁ ବହୁ ମିଥ୍ୟାର ଆବଶ୍ୟକତା ଥାଏ । ଗୋଟିଏ ପ୍ରତାରଣାକୁ ପ୍ରତୀତ କରାଇବା ପାଇଁ ବହୁ ପ୍ରତାରଣାକୁ ଆଶ୍ରୟ କରିବାକୁ ପଡ଼େ । ଏହା ସ୍ୱତଃସିଦ୍ଧ । ଏଣୁ ବଡ଼ଲୋକ-ମାନଙ୍କର ଦେବପୂଜାଠାରୁ କଳାଚର୍ଚ୍ଚା ଯାଏ ସବୁ କେବଳ ତାଙ୍କର ଛଦ୍ମ ଅପ୍ରକୃତ ସ୍ଥିତିକୁ ପ୍ରକୃତ ପ୍ରମାଣ କରିବାର ନାନା ଦିଗରୁ ଚେଷ୍ଟା ମାତ୍ର । ସେ ସବୁ ନିଜର ସ୍ୱାର୍ଥ ଦୃଷ୍ଟିରୁ । ଦେବ ଦେବୀ ପ୍ରତି ଭକ୍ତି ଦେବ ପୂଜାରେ ତାଙ୍କୁ ରତ କରାଏ ନାହିଁ—ନିଜକୁ ସତ୍ ପ୍ରମାଣିତ କରିବା ସଙ୍ଗେ ସଙ୍ଗେ ନିଜର ଧନ ପ୍ରତି ଅସୀମ ଅନ୍ଧ-ଭକ୍ତି ହିଁ ଦେବତାଙ୍କୁ ଅନ୍ଧ କରି ଅନ୍ଧ ବିଶ୍ୱାସ ସୃଷ୍ଟି କରିଥାଏ । ଦେବତା ହୁଅନ୍ତି ତାଙ୍କର ଧନ ଯୋଗାଇବା ଗୋଲାମ୍ । ମଣିଷକୁ ଖଟାଇ ଖଟାଇ ଦେବ ଦେବୀଙ୍କୁ ମଧ୍ୟ ଖଟାନ୍ତି ନିଜ ସ୍ୱାର୍ଥରେ ସେମାନେ । ଏହାଠାରୁ ବଡ଼ ପ୍ରତାରଣା ଆଉ କଣ ହୋଇ ପାରେ ?

ବଡ଼ଲୋକ ଓ ପାଉଁଆମାନେ ବୈଠକଖାନା ସଜାନ୍ତି ନାନା ଛବିରେ, ନାନା ପୁସ୍ତକରେ – ପୁସ୍ତକ ପଢ଼ନ୍ତି ବୋଲି ନୁହେଁ—ଛବିକୁ ବୁଝନ୍ତି ବୋଲି ନୁହେଁ—ତାଙ୍କ ଆଭିଜାତ୍ୟକୁ ବଜାୟ

Digitized by srujan ka@gmail.com

ରଖିବା ପାଇଁ । ଚିତ୍ରକର ବା ରଚୟିତାଙ୍କୁ ସେମାନେ ସମ୍ମାନ ଦେବାବେଳେ ପ୍ରକୃତରେ ନିଜଠାରୁ ସେମାନଙ୍କୁ ବଡ଼ କରିବାର ଅଭିପ୍ରାୟ ନ ଥାଏ — ଥାଏ ଆପଣାକୁ ଜଣେ ପାଠକ, ରସଗ୍ରାହୀ, ଗୁଣଗ୍ରାହୀ ପ୍ରମାଣ କରିବାର ନିର୍ଲଜ୍ଜ ଅଭିସନ୍ଧି ।

ରେଖାଦେବୀ ନାକଠା ଚିତ୍ରକରର ଚିତ୍ରକୁ ଭଲ ପାଇ ନ ଥିଲେ—ନାକଠା ଚିତ୍ରକରର ସହଜ ସରଳ ନୈସର୍ଗିକ ଭଙ୍ଗୀର ବିଶେଷତ୍ୱ ସେ ବୁଝୁ ନଥିଲେ । ଆଭିଜାତ୍ୟ ସବୁଦିନେ ଚେଷ୍ଟା କରେ ସର୍ବସାଧାରଣଙ୍କ ସ୍ତରରୁ ନିଜକୁ ଅନ୍ୟ ଏକ ଆସନରେ ରଖି ତାହାକୁହିଁ ଉଚ୍ଚସ୍ତର ବୋଲି ଘୋଷଣା କରିବା । ଠିକ୍ ସେହିପରି କ୍ରମେ ନଗ୍ନତାହିଁ ଆଭିଜାତ୍ୟ ରୂପେ ଗୃହୀତ ହୋଇ ଯାଉଛି । ବହୁ ଦାମିକା ଆଭରଣ, ଆବରଣ, ଅଳଙ୍କାର ଦିନେ ଆଭିଜାତ୍ୟର ନମୁନା ଥିଲା । ମାତ୍ର କ୍ରମେ ତାହା ସର୍ବସାଧାରଣ ହୋଇ ଆସିବାରୁ, ସୁନା ସ୍ଥାନରେ ନକଲି ସୁନା ବେଲ ପଡ଼ିବାରୁ, ସିଲ୍କ ବଦଳରେ ମର୍ସରାଇଜ୍ ଯୁଗ ଆସିବାରୁ ଆଭିଜାତ୍ୟ ଗୋଷ୍ଠୀ ଏ ନଗ୍ନତାକୁହିଁ ଫେସନ ବୋଲି ପ୍ରଚାର କଲଣି ଏବଂ ଏହି ଗୋଷ୍ଠୀ ହାତରେ ସମାଜର ସମସ୍ତ ପ୍ରଚାର ଯନ୍ତ୍ର, ସଭାସମିତି ଠାରୁ ବହିପତ୍ର, ସମ୍ବାଦ ସମ୍ବହନ ପର୍ଯ୍ୟନ୍ତ ଅସଭ୍ୟତାକୁ ସଭ୍ୟତା ବୋଲି ପ୍ରଚାର କରି ନିଜର ଦୋଷକୁହିଁ ଗୁଣରୂପେ ପ୍ରତିପାଦନ କରି ପାରୁଛନ୍ତି । ରେଖାଦେବୀଙ୍କର ସେହି ଅଭିଜାତ ମନହିଁ ନାକଠାର ବୈଚିତ୍ର୍ୟକୁ ବିରାଟ ରୂପ ଦେବାର ଚେଷ୍ଟା କରୁଛି । ଶତ୍ରୁକୁ ଦୁର୍ବଳ କହିଲେ ବିଜୟୀର ଗୌରବ ନାହିଁ । ସବଳ ଶତ୍ରୁର ବିଜୟରେହିଁ ବିଜୟୀର ସମ୍ମାନ ବୃଦ୍ଧି ।

ରେଖାଦେବୀମାନେ ସମାଜର କୁଷ୍ଠଗ୍ରସ୍ତା । ଏମାନେ ଅକର୍ମଣ୍ୟ । ସୃଷ୍ଟିର ଶକ୍ତି ନାହିଁ । ତେଣୁ ସେହିମାନଙ୍କଠାରେ ସର୍ଜନାର

Digitized by srujan ka@gmail.com

ପ୍ରେରଣା ଅଛି; ସେମାନଙ୍କ ଉପରେ ନିର୍ମମ ବିଜୟ ହାସଲ କରି ଏମାନେ ନିଜର ବାସନା ଚରିତାର୍ଥ କରିଥାନ୍ତି । ରେଖା-ଦେବୀ ନାଇଁଟାକୁ ଭଲ ପାଇ ନଥିଲେ—ନାଇଁଟାର ଭଲ ପାଇବା ହାସଲ କରି ତାଙ୍କର ଏକ ଜଘନ୍ୟ ପଶୁବୃତ୍ତିକୁ ସେ ଖୋରାକ ଦେଇଛନ୍ତି ମାତ୍ର ।

ଏହାହିଁ ବଡ଼ଲୋକ ଓ ଶିକ୍ଷିତ ସମାଜର ପ୍ରଣୟ କାହାଣୀ । ରେଖାଦେବୀ ଯେଉଁଠି ବାହାହେଲେ ସେଠି ଯେ ସେ ବିଶ୍ୱସ୍ତ ରହିବେ ତାହା ନୁହେଁ । ତେବେ ଅଭିଜାତ ଗୋଷ୍ଠୀରେ ଥିବାରୁ ଉଭୟେ ଉଭୟଙ୍କୁ ପ୍ରତାରଣା କରି ଚାଲିବେ ଏବଂ ଉଭୟେ ନିଜକୁ ପ୍ରତାରକ ବୋଲି ଜାଣି ଗୋଟାଏ ଟାଣ୍ଡଗୁଲା ଧରିବାକୁ ବାଧ୍ୟ ହେବେ । ଗୋଟିଏ ବିଶ୍ୱସ୍ତ ଓ ଅନ୍ୟଟି ଅବିଶ୍ୱସ୍ତ ଥିବାର ଅସମାନତା ସୃଷ୍ଟି ସଙ୍ଗୀତରେ ବେସୁରା ଆଳାପ ମାତ୍ର ।

ସେହି ଦୃଷ୍ଟିରୁ ନାଇଁଟାର ପଳାୟନ ପନ୍ଥା ରେଖା ଦେବୀ-ମାନଙ୍କୁ ଅନ୍ୟାୟ ବିଜୟ ଦେଇଛି । ଏହାହିଁ ସବୁଠାରୁ ବଡ଼ ଦୁଃଖାନ୍ତ ପରିସମାପ୍ତି ।

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ସଂପାଦକ, ଉତ୍ତର

Digitized by srujan ka@gmail.com

— ୧ —

ଶବ୍ଦକର ସେ । ବଡ଼ ଚମତ୍କାର ବର୍ଣ୍ଣ-ବିନ୍ୟାସ ତା'ର । ତୁଳି ଯେତେବେଳେ ତାହାର କର୍ମୀ ଉଠେ, ଅପୂର୍ବ ଶବ୍ଦମାନଙ୍କର ସୃଷ୍ଟି ହୁଏ । ତାର ପ୍ରତ୍ୟେକ ଶବ୍ଦର ଆବିର୍ଭାବରେ ବିଦେଶୀ ଶବ୍ଦ-କରମାନଙ୍କ ମହଲରେ ଗୁଞ୍ଜଲି ଖେଳିଯାଏ । ଶତ ମୁଖରେ ତାର ପ୍ରଶଂସା ବିଦେଶରେ ମୁଖରିତ ହୋଇ ଯାଏ ତାର ପ୍ରତିଧ୍ୱନି କେବଳ ଦୁର୍ଭାଗା ଶିଳ୍ପୀର ଜନ୍ମସ୍ଥାନ ଓଡ଼ିଶାରେ ଆସି ପହଞ୍ଚେ । ବିଦେଶୀ-ମାନେ ଭାବନ୍ତି – ଗୋବର ଗଦାରେ ପଦ୍ମ ଫୁଲଟିଏ ଫୁଟିଛି । ପ୍ରତିଧ୍ୱନି ଶୁଣି ସ୍ୱଦେଶୀମାନେ ଭାବନ୍ତି—ସତେ କ'ଣ ଜଣେ ଓଡ଼ିଆ ଶବ୍ଦକର ଏପରି ଶବ୍ଦ କରୁଛି ? ବିଶ୍ୱାସ କରି ପାରନ୍ତି ନାହିଁ । କରିବେ ବା କିପରି ? ତା'ର ତ ବେତାର-ଖଞ୍ଜା ତିନିମହଲା କୋଠା, ହାଓ୍ୱା ଗାଡ଼ି ନାହିଁ, ତାକୁ ତ କେହି ସଭା ସମିତିରେ ଅଯଥା ହୈଚୈ କରିବାର କେବେହେଁ ଦେଖି ନାହାନ୍ତି, ତାର ନାଁଟା ତ ଏ, ବି, ସି, ଡି, ପଦବୀ ଲାଞ୍ଜଲଗି ଲମ୍ବା ନୁହେଁ । ସବୁ ତାର

Digitized by srujan ka@gmail.com

ନିଜର ଦୋଷ । ସ୍କୁଲ ଘରଟାଏ ଭିତରୁ କଟକର କେଉଁ ଅନ୍ଧାରୁଆ ନର୍ଦ୍ଦମାମୟ ମଶକଅଧ୍ୟୁଷିତ ଗଳି ଭିତରେ, ଯେଉଁଠାରେ କି ମାଇନର ପାସ୍ କରି ବାଲା ବି ରହିବାକୁ ନାକ ଟେକିବେ । ବି, ଏ, ଏମ୍, ଏ, ବାଲା ଶିକ୍ଷିତ ଲୋକଙ୍କ କଥା ଛାଡ଼ । ଘରକୁ ବି ଦେଖିଲେ ମନେ ହେବ ସେ ଘରରେ କେହି ବୋଧହୁଏ ନାହାନ୍ତି । କାରଣ ପାଡ଼ଗୁଡ଼ାକ ନଡ଼ାଉଡ଼ ଉଲର୍ ଯବାଇ ଅଛନ୍ତି । କଣା ବାଟେ ବର୍ଷା ପାଣି ପଶି କାନ୍ଥରୁ ଫାଲେ ଫାଲେ ପଡ଼ି ଯାଇଛି । ନିଜେ ମଧ୍ୟ ଘର ଭିତରୁ କ୍ୱଚିତ୍ ବାହାରେ । ସବୁବେଳେ ଘର ଭିତରେ ବସି ଅପୂର୍ବ ଚିନ୍ତାମାନଙ୍କର ସୃଷ୍ଟି କରୁଥାଏ । କେତେବେଳେ ଯେ ସେ ବାହାରକୁ ଯାଏ ଓ ସଉଦା ପତ୍ର କରେ ତାହା ସେଠାର ବାସିନ୍ଦାଙ୍କୁ ପ୍ରାୟ ଜଣା ନ ଥାଏ କହିଲେ ଚଳେ । ବାହାରର ବେଶୀ ଲୋକଙ୍କ ସହିତ ସେ ମିଶେନା । ଘରଟା ତାର ବେଶୀ ସମୟ ଶୁନ୍ ଶାନ୍, କାରଣ ଘରର ସେ ଏକମାତ୍ର ଲୋକ । ବାପ, ମା, ଭାଇ ଭଉଣୀ କେହି ତାର ନାହାନ୍ତି ଓ ସେ ଅବିବାହିତ । ଗୋଟିଏ ସ୍କୁଲର ଟୋକାକୁ କେବଳ ଘଣ୍ଟାଏ ଘଣ୍ଟାଏ ରୋଷେଇ କରି ଦେଇଯିବାକୁ ମାସକୁ କିଛି ଦରମା ଦିଏ । ସ୍କୁକରଟି ରୋଷେଇ କରି ଦେଇ ସ୍କୁଲ ଯାଏ । ଭୋକ ହେଲେ ସେ ଡାଲି ରଖିଦେଇ ଖାଇ ବସେ ଓ ବାସନ ପତ୍ର ଧୋଇଦେଇ ଟିକିଏ ବିଶ୍ରାମ ନିଏ ଓ ପୁଣି ସେହି ଚିନ୍ତାରେ ଲାଗିଯାଏ । ବୟସ ତାର ଠିକ୍ ପାଖାପାଖି ହେବ ଯେଉଁ ବୟସରେ କି ଲୋକମାନେ ଦାମ୍ପତ୍ୟ ଜୀବନର ମଧୁର କଳ୍ପନା ରାଜ୍ୟରେ ବୁଲୁଥାନ୍ତି ଓ ଯୁବତୀମାନଙ୍କର ଅଧରାମୃତ ପାଇବା ଲାଗି ସମୁଦ୍ର ମନ୍ଥନ କରି ବସନ୍ତି । ପାଠ ଖୁବ୍ ପଢିଛି, କିନ୍ତୁ ଟଙ୍କା ଦେଇ କୌଣସି ଯୋଗ୍ୟତାପତ୍ର ହାସଲ୍ କରିନାହିଁ । ହାସଲ କରିବା ବି ତାର ଦରକାର ନ ଥିଲା । କାରଣ ତାର

Digitized by srujan ka@gmail.com

ମୁକଶ କରିବାର ଇଚ୍ଛା ନ ଥିଲା କିମ୍ବା କୌଣସି ଧନୀ ଶଶୁର ଘରେ ଯୋଗ୍ୟତାପନ୍ନ ଦେଖାଇ ମୂଲ୍ୟ ଯୌତୁକ ଅଦାୟ କରିବାର ଆଶା ନ ଥିଲା । ଯେତକ ଲୋକ ତାକୁ ଜାଣିଛନ୍ତି ସେମାନଙ୍କ ମଧ୍ୟରୁ କେତେକଙ୍କ ମତରେ ସେ ଅପଦାର୍ଥ । ଆଉ କେତେକଙ୍କ ମତରେ ସେ ଅଡ଼ବାଯ୍ୟା । କେତେକ କହୁଥିଲେ "ବଡ଼ ଜିଦ୍-ଖୋରିଆ ଲୋକଟାଏ" । ସେ ଯାହା କହୁ ସେଥି ପାଇଁ ସେ କିଛି ଭ୍ରୂକ୍ଷେପ କରେ ନାହିଁ । ପ୍ରଶଂସା ଯେ କିଏ କେବେ କରି ନାହିଁ ତାହା ନୁହେଁ, ଜଣେ ଅଧେ ଯଦି କେତେବେଳେ ତା ଆଗରେ ତାର ଶିଳ୍ପ ସୃଷ୍ଟିର ପ୍ରଶଂସା କରି ବସନ୍ତି ସେ କିଛି ନ କହି ଚୁପ୍ ମାରି ବସିଯାଏ । ମନ ଭିତରେ ତାର କ'ଣ ହୁଏ କେଜାଣି ।

କାଗଜ କଲମ ନାଁ ତାର ରମେଶ ଚନ୍ଦ୍ର ଦାଶ; ଡାକ ନାଁ —ନାକଟା ଚନ୍ଦକର । ଏପରି ନାଁ ପାଇବାର ଯଥେଷ୍ଟ କାରଣ ଥିଲା । ପିଲାଦିନେ ସେ ଖୁବ୍ ସୁନ୍ଦର ଥିଲା । ଗୋରା ତକ୍ ତକ୍ ଦେହ ଓ ଗୋଲ୍ ଗାଲ୍ ମୁହଁଟି ଗଦାଏ ପିଲାଙ୍କ ଭିତରେ ବି ବାରି ହୋଇ ଯାଉଥିଲା । ସେତେବେଳେ ତାର ବାପ, ମା ପ୍ରଭୃତି ଥିଲେ । ବିଷୟ-ବାଡ଼ି ବି ଦରକାରରୁ କିଛି ଅଧିକ ଥିଲା ।

ମା ଠାକୁରାଣୀଙ୍କର ଦୟାରୁ ସମସ୍ତେ ପୃଥିବୀରୁ ବିଦାୟ ନେଇ ଚାଲିଗଲେ । ରମେଶ ବି ଠାକୁରାଣୀଙ୍କ ଦୟାରୁ ଯାଉଥିଲା । ହଠାତ୍ ବୋଧହୁଏ ଚିତ୍ରଗୁପ୍ତଙ୍କ ପାଖରୁ ତାର ଆସିଲା ଡାକୁ ଆଣ ନାହିଁ । ତାର ଚାରିଭାଗ ସୁଖ ସରି ଯାଇଛି ଏବଂ ଆଉ ୧୨ ଭାଗ ଦୁଃଖ ଭୋଗିବାକୁ ବାକୀ ଅଛି । ରମେଶ ଅଧାବାଟରୁ ଫେରି ଆସିଲା କିନ୍ତୁ ତାର ସୌନ୍ଦର୍ଯ୍ୟ ଆଉ ଫେରିଲା ନାହିଁ । ଯାହା ସମ୍ପତ୍ତି ଥିଲା ସେଥିରେ ସେ ଅଯତ୍ନରେ ଦିନ କଟାଇ ନେଇ ପାରିଥାନ୍ତା । ପିଲା

Digitized by srujan ka@gmail.com

ବସ୍ତୁସ, କାଳେ ସମସ୍ତ ଖିନ୍‌ଖରାପ ହୋଇଯିବ । ସେଥିଲାଗି ଜଣେ ଅତ୍ମୀୟ ଆସି ହଠାତ୍ ଜୁଟି ଗଲେ । ସେ ଏପରି ଭଲ ଭାବରେ ବୁଝା ଶୁଝା କଲେ ଯେ ରମେଶ ସାବାଳକ ହେଲା ବେଳକୁ କେବଳ ଘର ଛଡ଼ା ଆଉ ସବୁ ସଫା । ଅତ୍ମୀୟଙ୍କୁ ଦିନେ ଡାକି କହିଦେଲା, "ଆପଣ ଆଉ କାହିଁକି କଷ୍ଟ କରି ବୁଝା ଶୁଝା କରିବେ, ମୋର ତ ହେତୁ ହେଲାଣି, ମୁଁ ଅଡ଼କୁ ବୁଝା ଶୁଝା କରି ନେବି, ଆପଣ ଯାଆନ୍ତୁ ।" ଅତ୍ମୀୟଙ୍କର ବିଦାୟ ପରେ ସେ ଘର ବାଡ଼ି ଯାହାକିଛି ବାକିଥିଲା ସବୁ ବିକିଦେଇ କଟକ ସହରର ସେହି ଅନ୍ଧାରୁଆ ଗଳି ଭିତରେ ଖଣ୍ଡେ ଜମି କିଣି ଦୁଇ ବଖରା ଖୋଲା ଘର ତିଆରି କରି ରହିଲା । ବିପଦ ଏତିକିରେ ଗଲା ନାହିଁ । ଏକୁଟିଆଟା ରହିବାକୁ କେମିତି କେମିତି ଲାଗିଲା । ସେଥିଲାଗି ବିରାଡ଼ିଟାଏ ପାଖରେ ପୋଷି ରଖି-ଥାଏ । ବିରାଡ଼ିଟାକୁ ବେଳେ ବେଳେ କାଖେଇଲା ଭଳି ଧରି ମୁହଁରେ ମୁହଁ ଲଗାଇ ଚୋକ ଦିଏ ଓ ତା ସାଙ୍ଗରେ କେତେ ରକମ କଥାବାର୍ତ୍ତା ହୁଏ । ଚୋକ ଦେଲାବେଳେ ବିରାଡ଼ିଟାକୁ ଲାଜ ମାଡ଼େ କି କଅଣ ସେ ମ୍ୟାଉଁ ମ୍ୟାଉଁ ହୋଇ ବଡ଼ ଅସ୍ଥିର ହୋଇ ପଡ଼େ । ଦିନେ ବିରାଡ଼ିଟାର ଟିକିଏ କଡ଼ା ମିଜାସ ହୋଇ ଯାଇଥିଲା । ରମେଶକୁ ଏତିକି ଜଣା ନଥିଲା । ତା ମୁହଁ ପାଖକୁ ଚୋକ ଦେବାକୁ ମୁହଁ ନେବା ବେଳକୁ ରସିକର ନାକକୁ ପୁଲାଏ କାମୁଡ଼ି ଦେଲା । ଦୁର୍ଯୋଗ ପଡ଼ିଥିଲେ ସାମାନ୍ୟ ଘା'ଟାରେ ବି ମଣିଷ ମରିଯାଏ । ନାକଟାରେ ବିଷ ଚଢ଼ିଯାଇ ଘାଆ ହୋଇ-ଗଲା । ରମେଶ ଯାଇ ଡାକ୍ତରଖାନାରେ ପଡ଼ିଲା । ବହୁ ଦିନ ପଡ଼ି ପଡ଼ି କପାଳ ଜୋରରୁ ଡାକ୍ତରଖାନାରୁ ଫେରିଲା । ଡାକ୍ତର-ମାନେ ତା ନାକଟାକୁ ବେଶୀ ଭଲ ପାଇବା ହେତୁ ପାଖରେ ରଖି-ନେଲେ । ବସନ୍ତର ସୌନ୍ଦର୍ଯ୍ୟ ନେଇ ଯାଇଥିଲା ; ଯାହା କିଛି

Digitized by srujan ka@gmail.com

ସୌନ୍ଦର୍ଯ୍ୟ ବାକୀ ଥିଲା ତାହା ନାକ ସାଙ୍ଗରେ ଗଳିଗଲା । ଓଲଟା ବିକଟାଳ ପ୍ରେତ ମୂର୍ତ୍ତି ମୁହଁରେ ବିରାଜିଲା । ବିକଟାଳ ମୂର୍ତ୍ତି ନ ଦେଖାଇବା ଲାଗି ସେହି ଦିନଠାରୁ ସେ ଘରଭିତରୁ ପଦାକୁ ବେଶୀ ବାହାରେ ନାହିଁ । କିନ୍ତୁ ନିତାନ୍ତ ଦରକାର ପଡ଼ିଲେ ରାତିରେ ବାହାରେ କିମ୍ବା ଆଖପାଖର କେହି ଲୋକ ହାତରେ କରାଇନିଏ । ସାହି ଲୋକଙ୍କ ପାଖରେ ସେ ସେହି ଦିନଠାରୁ ନାକଟା-ଶଙ୍କର ନାମରେ ପରିଚିତ । ଅବଶ୍ୟ ଲୋକେ ତା ସହିତ କଥାବାର୍ତ୍ତା ହେଲାବେଳେ ନାକଟା ବାବୁ ନକହି ରମେଶ ବାବୁ ବୋଲି କହନ୍ତି, କିନ୍ତୁ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା ବେଳେ ନାକଟା ଶଙ୍କର ବୋଲି କହନ୍ତି । କଟକ ସହରରେ ତ କମ୍ ଶଙ୍କର ବା ରମେଶ ବାବୁ ନାହାନ୍ତି । ଅକାଳେ ବିକାଳେ ଯଦି କିଏ ପଚାରି ଦିଏ "ରମେଶ ବାବୁ କିଏ ?" ଉତ୍ତର ଆସେ, "ହୋ,ସେ ନାକଟା ଶଙ୍କର !" ଏତିକିରେ ଉତ୍ତର ବନ୍ଦ ହୁଏ ନାହିଁ । ଆହୁର ପରିଚୟ ଯୋଡ଼ି ହୋଇଯାଏ—"ହୋ ଯାହା ମୁହଁ ଯାଃକ ବସନ୍ତରେ ଗାତ ଗାତ ହୋଇଯାଇଛି, ଅଉ ନାକଟା ନାହିଁ ।" ପ୍ରକୃତ ପରିଚୟଟା ମିଳିଯାଏ । 'ହୋ, ସେ ଅସାଧାରଣ ଶଙ୍କର' ବୋଲି କେହି କେବେ କହୁନାହିଁ । ଆମ ଦେଶ ଲୋକେ ବଡ଼ ହୁସିଆର । କାଳେ ଗୁଣ କହିଦେଲେ ଲୋକ ମନ ମୋଟ ହୋଇଯିବ, ସେଥିଲାଗି ଖରାପ ଜିନିସଟା ତାର ଖୋଜି ଖୋଜି କାଢ଼ି ଦେଖାଇ ଦିଅନ୍ତି । ଯଦି କେହି କୃଷ୍ଣ ନାମଧାରୀ ଅତି ଭଲ ଭଲ କୀର୍ତ୍ତନ ବୋଲି ପ୍ରସିଦ୍ଧି ଲାଭ କଲା ତାକୁ 'ସର୍ବଶ୍ରେଷ୍ଠ କୀର୍ତ୍ତନ ଗାୟକ କୃଷ୍ଣ' ନ କହି ସମସ୍ତେ 'କଣା-କୃଷ୍ଣ' ବୋଲି କହନ୍ତି । ଯଦି କେହି ବିଷ୍ଣୁ ନାମଧାରୀ ଲେଙ୍ଠା ସାହିତ୍ୟକୁ ଅମୂଲ୍ୟ ଦାନ ଦେଇ ପ୍ରସିଦ୍ଧି ଲାଭ କଲା ତାକୁ 'ବିଶିଷ୍ଟ ସାହିତ୍ୟିକ ବିଷ୍ଣୁଚରଣ' ନକହି ସମସ୍ତେ 'ଲେଙ୍ଠା ବିଶିଆ'

Digitized by srujan ka@gmail.com

ବୋଲି କହନ୍ତି । କେବଳ ଏତିକି ନୁହେଁ, ବାପ ଅଜା ଚୌଦ ପୁରୁଷଙ୍କର ଖରାପ ଲକ୍ଷଣ ବି ଜାତିବାକୁ ହୁଏ । ଯଥା ବିଜୟ ବାବୁ ଜଣେ ବଡ଼ ଧନୀ ଲୋକ । ନିଜ ଗାଁରେ ମାଟି ତାଡି ସେ ବଡ଼ ଲୋକ । କିନ୍ତୁ ସେ ନିଜ ପାଇଁ ବେଶୀ ଖର୍ଚ୍ଚ ନକରି ଦାତବ୍ୟ ଡାକ୍ତରଖାନାଟିଏ ଚଳାନ୍ତି । ତାଙ୍କର ବାପ, ମା ଧନୀ ବା ଶିକ୍ଷିତ ନଥିଲେ । ଥରେ ବାପ ମାଅଙ୍କର କଳା ଲାଗି ବାଡ଼ିଆ ବାଡ଼େଇ-ଯାଏ ଗଲା । ମା ବାପକୁ ନପାରି ଜୀବନ ବିକଳରେ ମୁଲାଏ ଝାମୁଡ଼ ଦେଲା । ବାପ, ମା ଅବଶ୍ୟ ବହୁତ ଦିନରୁ ସ୍ୱର୍ଗାରୋହଣ କଲେଣି କିନ୍ତୁ ଅଜ ସୁଦ୍ଧା ବିଜୟବାବୁଙ୍କୁ 'ଡାକ୍ତରଖାନା ସ୍ଥାପୟିତା ବିଜୟବାବୁ' ନ କହି ଅଧିକାଂଶ ଲୋକେ ଘଇତାଝାମୁଡ଼ ପୁଅ ବିଜୟ କହନ୍ତି । ଏହି ଧରିବନ୍ଧା ନିୟମ ଅନୁସାରେ ଅସାଧାରଣ ଚିତ୍ରକର ରମେଶବାବୁ 'ନାକଚ୍ଛା ଚିତ୍ରକର' ନାମରେ ପରିଚିତ । ଅଳ୍ପକେ ଯଦି ଠିକ୍ ପରିଚୟଟା ମିଳିଗଲା, ଲୋକେ ବେଶୀ ଗୁଡ଼ାଏ ପରିଶ୍ରମ କରିବେ କାହିଁକି ? ବିଶେଷତଃ ଗ୍ରୀଷ୍ମ ପ୍ରଧାନ ଦେଶରେ ଲୋକଗୁଡ଼ାକ ପରିଶ୍ରମ-କାତର କି ନା ?

ରମେଶର ଯେ ସାଙ୍ଗ ମୋଟେ ନ ଥିଲେ ତା ନୁହେଁ । ସାହି ଭିତରେ ଖୁବ୍ ବେଶୀରେ ଦୁଇ ତିନି ଜଣ ସାଙ୍ଗ ଥିଲେ । କେମ୍ପା ସତିଆ ଓ କାଳୁ ଲଗିଆ ତା ଘରକୁ ବରାବର ଯିବା ଅସିବା କରନ୍ତି । ସାହି ଲୋକମାନେ ମଝିରେ ମଝିରେ କହି ପକାନ୍ତି, "କଖାରୁ ଫୁଲକୁ ଦା'ଠା ପାଚୁଡ଼ାପୋକ ଠିକ୍ ମିଳିଛନ୍ତି" । ଅବଶ୍ୟ ଅନ୍ଧାରେ କହନ୍ତି, କିଛି ଅଦେଖା ରଖି ନୁହେ । ସାହିବାଲାଙ୍କର ସେ କିଛି ଅପ୍ରିୟ ନ ଥିଲା । ସାହିବାଲାଙ୍କ ରାଜନୀତିରେ ସେ ଧାରି ଧାରେ ନାହିଁ । କାହାକୁ ଦିନେ ପ୍ରଶଂସା କରି ଉପରକୁ ଟେକି ଦେଇ ନାହିଁ ବା

Digitized by srujan ka@gmail.com

କାହାକୁ ଗାଳି ଦେଇ ତାଳକୁ ଟାଣି ଅଣି ନାହିଁ । ଦଶହରା ଓ ଦୋଳକୁ ଗୁରୁଅଣା ଗୁରୁଅଣା କରି ଆଠ ଅଣା ପଇସା ଦେଇ ବସ ନିଶ୍ଚିନ୍ତ ହୋଇଯାଏ । ସାହିବାଲା ବି ତା' ଅବସ୍ଥା ଦେଖି ବେଶି ଜୁଲମ କରନ୍ତି ନାହିଁ, ଗୁନ୍ଦା ଗଣ୍ଡାକ ପାଇଲେ ତାଙ୍କ କାମ ସରିଲା । ଆଉ ତା ସଙ୍ଗେ ସମ୍ବନ୍ଧ ରହେ ନା । ତାର ଖୋଜ ଖବର ନେବାକୁ ବା ସମୟ କାହାର ଅଛି । ସାହିର ହାନି ଲାଭ ବିଚାର କରୁ କରୁ ତ ସମୟ ଅଣ୍ଟେ ନା । ସାହିର କେତେ କାମ—ଆର ବର୍ଷ ଦରଘା ବଜାର ମେଢ଼ ରାସ୍ତାରେ ଗଲାବେଳେ ତାଙ୍କ ମେଢ଼ ଉପରକୁ ମଡ଼ାଇ ଦେବାରେ ତାଙ୍କ ମହାଦେବ ଥାଟରୁ ପଡ଼ି ଚୂନା ହୋଇ ଯାଇଥିଲା । ଏବର୍ଷ ତାର ପ୍ରତିଶୋଧ ନେବାକୁ ହେବ—ପାନା ଶିଅଳ ପାଣି ମିଶା ତାଡ଼ି ଦିଏ, ଦିନେ ତାକୁ କହିବାରୁ ସେ ଝାଞ୍ଜିରିମଙ୍ଗଳାଙ୍କ ସାହସ ପାଇ ବଡ଼ ବାହାପରେ କହିଲା, "ଯାବେ ଶଳେ, ନ ଖାଇବ ତ ନ ଖାଅ; ତମକୁ ପଚାରୁଛି କିଏ ? ଟମାର କୋଉ ମାଲ ରହିଯାଉଛି ।" ତାର କୋଉ ନିଅ ସବୁ ଖଜୁରୀ ଗଛରେ ଝୁଲୁଥିବା ତାଡ଼ି ଠେକା ଢେଲା ମାରି ଭାଙ୍ଗି ତାକୁ ଜବତ୍ କରିବାକୁ ହେବ—ପଦିଆ ଜାତ-ଅଣିକୁ ଖାଇବାକୁ ଦେଲା ବେଳେ ଡାଲି ପାଣିଆ କରିଥିଲା । ତାର ନିଶାମଣ୍ଟା ହେବ—ସାହି ମେଣ୍ଢା ଚଉଧୁରୀ ବଜାର ମେଣ୍ଢା ପାଖରେ ହାରି ଯାଇଛି । ସେଥିପାଇଁ ପାଞ୍ଚ୍ ପଡ଼ା ପଚାଶ-ପଡ଼ା ଖୋଜି ଖୋଜି ଭଲ ମେଣ୍ଢା ଗୋଟାଏ ଅଣି ଯେ କୌଣସି ମତେ ଚଉଧୁରୀ ବଜାର ମେଣ୍ଢାକୁ ହରାଇ ସାହିର ଟେକ ରଖିବାକୁ ହେବ । ଆଉ ସାହିବାଲା ଏଥର ରଜକୁ ଏ ସାହି ଭିତରେ କାଉଁନ କରି ଠାକୁର ନେଇ ଯିବେ, ଯାହାକି ତାଙ୍କ ବାପ ଅଜା ଚୌଦ ପୁରୁଷରେ ହୋଇ ନ ଥିଲା । କୌଣସି ମତେ ଏହା କରାଇ ଦିଆଯିବ ନାହିଁ । ଜାନ୍ ଦେଇ ଆନ୍ ରଖିବାକୁ ହେବ—ଏମିତି ଏମିତି ବହୁତ ଗୁରୁତର ସମସ୍ୟାମାନ

Digitized by srujan ka@gmail.com

ଯାହାକୁ କି ସ୍ୱୟଂ ଜହରଲାଲଜୀ ସମାଧାନ କରି ନପାରି ଭାରତ ଛାଡ଼ି ପଳେଇବେ । ସାହିବାନଙ୍କୁ ଅଉ ସମସ୍ୟା କାହିଁ ଯେ ସେ ନାକଟା ଚଇକର କଥା ବୁଝିବେ । କେମ୍ପା ସତିଅ, କାଲୁ ଭଗିଆ ଏତେ ମିଶି ସୁଦ୍ଧା ନାକଟା ଚଇକରର ଘରଦ୍ୱାର କେଉଁଠିଥିଲା ଅଜ ଯାଏ ଜାଣି ପାରି ନାହାନ୍ତି । ନିତାନ୍ତ ଜୁଲମ କରି ପଚାରିଲେ ସେ କହେ ସେଥିରୁ ତୁମେ କଣ ପାଇବ, ମୋତେ ଓ ମୋ ଘରକୁ ତ ଏଠି ଦେଖୁଛ; ମୁଁ କଣ ଥିଲି ଓ କେଉଁଠି ଥିଲି ଜାଣି ଲାଭ କଅଣ ।" ଆଜି ବେଶୀ ଓଜର ନକରି : କେମ୍ପା ସତିଆ, କାଲୁ ଭଗିଆ ଚୁପ୍ ହୁଅନ୍ତି । ସାହିତର ମନ୍ତବ୍ୟ ପ୍ରକାଶ ପାଏ ସେ ଗୁଇନ୍ଦା ପୁଲିସ । ଛଏ କଏ ବା କହୁ ଦିଅନ୍ତି, "ଅରେ ନାଇମ କେଉଁଠାରୁ ପୁଲାଏ ମାରିଅଣି ଏଠାରେ ଚୁପ୍‌ହୋଇ ଘରକରି ବସିଛୁ । କାମ ଦାମ ତ କିଛି ନାହିଁ ଘରୁତ ବାହାରେ ନାହିଁ ଚଳୁଛୁ କେମିତି ? ହୁଲଦିଆ ମାଲ୍ କିଛୁ ହାତରେ ପଡ଼ୁଛି ।" ଏ ସବୁ କଥା ଯେ ରମେଶ କାନରେ ବାଜେ ନାହିଁ ତା ନୁହେଁ । ଶୁଣି ଟିକିଏ ହସି ଦିଏ । ଅଦ୍ଭୁତ ଜାନୁଆର ସେ ।

Digitized by srujan ka@gmail.com

—୨—

ସେ ଙ୍କାନ୍ତୁଅର ବାପମାଆଙ୍କର ଏକମାତ୍ର ପୁତ୍ର ଥିଲା । ରମେଶର ବାପା ଉଚ୍ଚ ପାଶ୍ଚାତ୍ୟ ଶିକ୍ଷା ପାଇନଥିଲେ ସୁଦ୍ଧା ପ୍ରକୃତ ଶିକ୍ଷାର ମର୍ଯ୍ୟାଦା ବୁଝିଥିଲେ । ତାଙ୍କର ଗୋଟାଏ ଦୃଢ଼ ବିଶ୍ୱାସ ଥିଲା ଯେ ଆଜିକାଲି ଯେ ରୀତିରେ ବିଦ୍ୟାଳୟମାନଙ୍କରେ ଶିକ୍ଷା ଦିଆଯାଉଛି ତାହା ଏକାବେଳକେ ଭୁଲ୍ । ଅସାଧାରଣ ଠକଟୋଟି ଛାତ୍ର ଗଢ଼ି-ଦେଲେ ଆଜି ଯେଉମାନେ ବିଦ୍ୟାଳୟ ଫାଟକ ଡେଇଁ ଆସନ୍ତି ସେମାନେ ସମସ୍ତେ ବଳଦ, ମଣିଷ ନୁହନ୍ତି । ଯ୍ୟା ବୋଲି ପିତେଇ ମିଶ୍ରଙ୍କ ପରି 'ଇଂରେଜୀ ପାଠଟା ଧର୍ମଛଡ଼ା ପାଠ' 'ଯ୍ୟାକୁ ପଢ଼ି ଆମ ଦେଶ ଲୋକେ ଭ୍ରଷ୍ଟ ଓ ଧର୍ମଛଡ଼ା ହୋଇଗଲେ' କଥାରେ ବିଶ୍ୱାସ କରନ୍ତି ନାହିଁ । ସେ ଭଲ କରି ବୁଝିଥିଲେ, ଯେ କୌଣସି ଭାଷାରେ ଜ୍ଞାନ ଅର୍ଜ୍ଜନ କରିଯାଇପାରେ । ଇଂରେଜୀ ହଉ, ଫରାସୀ ହଉ, ହିନ୍ଦୁସ୍ଥାନୀ ହଉ, ଉର୍ଦ୍ଦୁ ହଉ, ଓଡ଼ିଆ ହଉ, କେବଳ ଛାତ୍ରମାନଙ୍କୁ ଖରାପ ହେବାଲାଗି କହୁନାହାନ୍ତି । ତେବେ ପାଠର ଦୋଷ ଅମେ

Digitized by srujan ka@gmail.com

କାହିଁକି ଦେବା । ବାସ୍ତବିକ୍ ତ—ପାଠ କଅଣ କହୁଛି ବି,ଏ, ଏମ୍, ଏ, ପାଶ କରି ଲଙ୍ଗଳରେ ହାତ ଦବ ନାହିଁ ? ଲହୁ ବୁହାଇ ପାଠ ପଢ଼ାଇଥିବା ବାପମାଙ୍କୁ ଅଶିକ୍ଷିତ ପଦରେ ଅଭିଷିକ୍ତ କରିବ ? ନାଇରି ନଥିଲେ ସୁଦ୍ଧା ପରଠାରୁ ମାଗିଆଣି ଗୋଟାଏ ବିଲାତି ସାଜ ପିନ୍ଧି ଦେଇ ଖଣ୍ଡେ କିରାଣୀ ଚାକିରି ପାଇଁ ସାହେବ ପାଖରେ କେତେ ଠାଣିରେ ଲଥାବାଡ଼ି କରିବ ? ପାଠ କଣ କହୁଛି ଗୋଟାଏ ଗୋଟାଏ ନକଲ୍ ଟୋକୀଙ୍କୁ ବାହାହେବା ପାଇଁ ନିଜର ଧର୍ମଛାଡ଼ି ବାପମାଙ୍କ ମୁହଁରେ କଳା ବୋଳିବ ? ପାଠ କଅଣ କହୁଛି ଯେ, ପାଠୁଆ ହୋଇସାରି ଅଶିକ୍ଷିତ ଗାଉଁଲି ମଲାମୁଣ୍ଡିଆଙ୍କୁ ଦେଖି ନାକ ଟେକିବ ଓ ଦୂରଛଡ଼ା ହୋଇ ରହିବ ? ରମେଶର ବାପାଙ୍କ ମତ ଯେ, ପାଠ ଯଦି ଏହା ନ ଶିଖାଉଥାଏ, ତେବେ ଅମେ ପାଠର ଦୋଷ କାହିଁକି ଦବା । ପାଠ ଯେ ଅବହାର୍ଓ୍ୟା ଭିତରେ ପଢ଼ାଯାଉଛି ସେ ଅବହାର୍ଓ୍ୟାରେ ରହୁଛି ପୂରା ଗଲତ । ସେ ଅବହାର୍ଓ୍ୟା ବଦଳି ଗଲେ ବଳଦମାନେ ମଣିଷ ପାଲଟି ଯିବେ । ଏଇ ଖରାପ ଅବହାର୍ଓ୍ୟାରେ ରମେଶକୁ ନ ପୂଇବାକୁ ତା ବାପା ତାକୁ ବିଦ୍ୟାଳୟରେ ପଢ଼ାଇ ନ ଥିଲେ । ଘରେ ଗୋଟିଏ ସୁଦକ୍ଷ ଶିକ୍ଷକ ରଖି ତାକୁ ପାଠ ପଢ଼ାଉ ଥିଲେ ଓ ଦୂଷିତ ଅବହାର୍ଓ୍ୟା ଯେପରି ଘରେ ନ ପଶେ ସେଥିଲାଗି ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ଏଥିଲାଗି ତାଙ୍କୁ ତାଙ୍କର କେତେକ ବନ୍ଧୁଙ୍କଠାରୁ ସମାଲୋଚନା ବି ଶୁଣିବାକୁ ପଡ଼ିଥିଲା । ଦିନେ ଜଣେ ତାଙ୍କର ବନ୍ଧୁ ଆସି କହିଲେ—"ହଇହେ, ରମୁକୁ ଇସ୍କୁଲରେ କାହିଁକି ଦଉ ନାଁ ?" ରମେଶର ବାପା କହିଲେ, "ସେଠାରେ ଯେଉଁ-ସବୁ ବହି ପଢ଼ା ହଉଛି ସେ ସେହିସବୁ ବହି ଘରେ ପଢୁଛି, ଅଉ ତ ମାଷ୍ଟ୍ର ଜଣେ ପଢ଼ାଇବାକୁ ଅଛନ୍ତି, ଆଉ ସ୍କୁଲକୁ ଯିବାରେ ଅଧିକ ଲାଭ କଅଣ ?" ବନ୍ଧୁଟି କହିଲେ—"ଅରେ ନାହିଁ ହୋ,

Digitized by srujan ka@gmail.com

ସେଠାକୁ ଗଲେ ପାଞ୍ଚଜଣଙ୍କ ସାଙ୍ଗରେ ମିଶିବ, ପାଞ୍ଚକଥା ବେଶୀ ଶିଖିବ, ଫିକଏ ବି ଫିଟ୍ ଫାଟ୍ ହେବ ।" ରମେଶର ବାପା କହୁଥିଲେ, "କଅଣ ମିଳିବ ସେ ଫିଟ୍ ଫାଟ୍‌ରୁ, ତୁମେ ତ ନିଜେ ଦେଖିଛ ବୁଧିଆ ବାଉରୀ ପୁଅକୁ । ସର୍କାରି ବୃତ୍ତି ପାଇ ପାଠ ପଢୁଥିଲା । କଲେଜ ଦୁଆରଟା ମାଡ଼ିଦେଇ ଆସିଲା ବୋଲି ଗନ୍ଧେଇଲା ତାକୁ ଚାଷ କାମ । ବାସିଲା ତରଣି ଟଙ୍କାର ଗୋଟାଏ କିରାଣି କାମ । ବୁଧିଆ ବାଉରୀ ବିଚରା ବୁଢ଼ା ହୋଇ ଆଉ ତ ଚାଷ ବାସ କରି ପାରିଲା ନାହିଁ । ପୁଅ ଅବା କିଛି ଟଙ୍କା ଦେଇଥିଲେ ଘରର ରଣି କାମ ଚଳାଇ- ଥାନ୍ତା । କିନ୍ତୁ ବାବୁଙ୍କର ଫିଟ୍ ଫାଟ୍ ହଜ ହଜ ତରଣି ଟଙ୍କା ତ ଫୁଟ୍ ହୋଇଯାଏ । ବୁଢ଼ାର ବିଚରା ଚାଷ ବାସ ସବୁ ଭାଙ୍ଗିଗଲା । ଶେଷରେ ସବୁ ବିକ ଭାଙ୍ଗି ଖାଇ ସର୍ବସ୍ୱାନ୍ତ ହେଲା । ପୁଅ ପାଖକୁ ଗଲା ବେଳକୁ ପୁଅ ମହା ଖପା । ସାଙ୍ଗମାନେ ଜାଣିପିବେ ବାପଟା ନିପଟ ଚଷା । ସାର ହେଲା ବୁଢ଼ାଟି ହା ହା କରି ମଲା । କହିଲି ଭଲା ଯଦି ଚାଷ ଅବହାର୍ଯ୍ୟ । ଭିତରେ ବୁଧିଆ ପୁଅ କଲେଜ ପାଠ ପଢିଥାଆନ୍ତା ତାକୁ ଚାଷ ଗନ୍ଧେଇ ଥାଆନ୍ତା କି ? କଲେଜଟା ଯଦି ବିଜୁଳି ପଙ୍ଖା ଲଗା ଦିତାଲା କୋଠା ନ ହୋଇ ଗୋଟାଏ ଫୁଲଧରିଥିବା ବଡ଼ ବଗିଚ୍ଚା ହୋଇ ଥାଆନ୍ତା, ଅଧ୍ୟାପକମାନେ ବିଲାତି ସାଜ ନ ପିନ୍ଧି ଚଷା ସାଜ ପିନ୍ଧି ପଢାଉଥାନ୍ତେ, ଆଉ ଘଣ୍ଟାଏ କପଡ଼ି ଭଲ ହଲ କରିବାକୁ ହୁଏ ଶିଖେଇ ଦିଅ ହଉଥାନ୍ତା, ତେବେ ସେ ଚାଷ କାମ କରିବାକୁ ନାକ ଟେକି ଥାଆନ୍ତା କି ? ସେଠାକାର ଅବହାର୍ଯ୍ୟ ପିଲାଙ୍କୁ ତ ମଣିଷ କରୁନି, କରୁଛି ଗୋଟିଏ ଗୋଟିଏ ଭଲ କିରାଣି—ଧନ ଗିତ ରମ୍ ରମ୍ ରମ୍ । ମୋ ପୁଅ ତ କିରାଣି ହେବ ନାହିଁ, ସ୍କୁଲକୁ ଯିବାର ଦରକାର କଅଣ ?" ବନ୍ଧୁଙ୍କ ମୁହଁରେ ଉତ୍ତର ନାହିଁ । ଖୁବ୍ ଭାବି ଭାବି ଖାଲି 'ହୁଁ ହୁଁ' ଟିଏ

Digitized by srujan ka@gmail.com

କହିଲେ । ବୋଧହୁଏ କଥାଗୁଡ଼ାକ ମନ ଭିତରେ ବହୁଦିନରୁ ସଞ୍ଚିତ ସ୍ଥିର ଧାରଣା ଉପରେ ଠେଲା ପକାଇ ତରଙ୍ଗର ସୃଷ୍ଟି କଲା ।

ଏହାପରେ ବେଷ୍ଟନୀ ଭିତରେ ରହି ରମେଶ କ୍ରମେ ବଢ଼ିବାକୁ ଲାଗିଲା । ବାପମାଙ୍କର ଗୋଟିଏ ବୋଲି ପୁଅ । ସେଥିଲାଗି ଟିକିଏ ଗେଲବସର ହୋଇ ଯାଇଥିଲା । ଯା ବୋଲି ଶ୍ରୀମ ଚୌଧୁରୀଙ୍କ ପୁଅ ପର ନଥିଲା—ବଜଟେ ପିଲା ପାଇଁ ଦଶଟା ଚାକର, ତଳେ ଚାଲିବ ନାହିଁ . ଥରେ ଟିକିଏ ଚାଲି ଚାଲି ଝୁଣ୍ଟି ପଡ଼ିଲା, ହାଁ ହାଁ! କଣ ହେଲା ବୋଲି ଘରର ଷାଠିଏ ସତୁରିଜଣ ମଣିଷ ଏକାଠି ହୋଇଗଲେ—କିଏ ଧରି ପକାଇଲା, କିଏ ଝାଡ଼ି ପକାଇଲା, କିଏ କହିଲା, "ଓହୋ କି ବାଧା ହୋଇଗଲା ।" ଚୌଧୁରାଣୀଙ୍କ ଆଖିରୁ ଲୁହ ଧାର ଛୁଟିଗଲା, ଘରେ ଅଧଘଣ୍ଟାଯାଏ କାରଖାନାର ଦୁର୍ଘଟନା-ସୂଚକ ବିପଦ ଘଣ୍ଟା ବାଜିଗଲା, କାମ ଦାମ ସବୁ ବନ୍ଦ । ଚୌଧୁରୀଏ ବେତରେ ଦି ଚାରିଟା ଚାକରଙ୍କ ପଞ୍ଜରା କଣ୍ଟିକୁ ନିବାରଣ କରି ସିଂହ ଗର୍ଜନ ଭଳି ପାଟି କରି ଉଠିଲେ—"ଶଳାଏ, ତୁମ୍ଭେମାନେ କଅଣ କରୁଛ ବେ, ଗୋଟିଏ ପିଲା ଲାଗି ଦଶଟା ଚାକର ଖଞ୍ଜିଲି ତେବେ ବି ତାକୁ ସମ୍ଭାଳି ପାରୁନାହିଁ ।" ମୁଚିବାହିତ ଅପଣେଙ୍କର ଟିକିଏ ଅଙ୍କଣ ଥିଲା, ସେଇଠାରେ ଶୁଟେଇ ଦେଲେ । ସେ ବି ଯୋଡ଼ି ଦେଲେ "ଆଜି ନାହିଁ ନାହିଁ ବାରଣ୍ଡା ଉପରୁ ଖସି ପଡ଼ିଥାନ୍ତା !" ଚୌଧୁରୀଙ୍କ ବେତ ଆଉ ଥରେ ଥରେ ନାଚି ଗଲା । ଗାଁସାରା ହୁଲ୍ଲିର ହୋଇଗଲା, ହୁଟୁ ବାବୁ ଆଜି ଝୁଣ୍ଟି ପଡ଼ିଲେ । କେତେ ଅନୁସରଣିଆ ଥକ୍କା ହୋଇ ବସିଗଲେ । ବହୁ ତର୍କ ବିତର୍କ ପରେ ସ୍ଥିର ହେଲା "ଆଜି କିଛି ଗୋଟାଏ ଖରାପ ଗ୍ରହର ଦୃଷ୍ଟି ପଡ଼ିଥିଲା,

Digitized by srujan ka@gmail.com

ପିଲାଟାତ ହାଲିଆ ହୋଇ ଯାଇଥିବ ।" ଏସବୁ ହାଲ୍ ଦେଖି ଗୁର ଦୌଡ଼ିକଣ୍ଟା, କଂଗ୍ରେସିଆ, ଚୌଧୁରୀଙ୍କ ମତେ ବାଡ଼ୁଙ୍ଗା ଗୌରାଙ୍ଗର ପାଦ ଅଢ଼ୁ ଗାଗ ଶିରି ଶିରି ହୋଇ ଉଠିଲା, ମୁହେଁ ମୁହେଁ ବଢେଇ ଦେଲା, "ଓହୋ ଦଳେଇ ଧାଇ ଭାଙ୍ଗିଗଲା ପରି । କେତେ ଖବରିଆ ଏ, ସେ ଚୌଧୁରୀଟା ଯେମିତ ବେହିଆ ଏ ଲୋକ-ଗୁଡ଼ାକ ବି ସେମିତ ମାଇଚିଆ । ଚୌଧୁରୀ ଯେମିତଆ ଢଙ୍ଗ ଧରିଛି ତା ପୁଅଟା କିଛିଦିନ ପରେ ଗୋଟାଏ ମାଦଳ ମୁଣ୍ଡା ହୋଇ ବାହାରିବ ।" ଚୌଧୁରୀଙ୍କର ଅଭିଧାନରୁ ସବୁ ଦୋଅକ୍ଷର ତିନି-ଅକ୍ଷର ବିଶେଷଣଯାକ ତ ଗୌରାଙ୍ଗଙ୍କୁ ଦିଅ ସରିଛି । ଏତିକି ଶୁଣି କେବଳ ଚୌଧୁରୀଙ୍କର ଗାଇଁ ଗାଇଁ ହେବାହିଁ ସାର ହେଲା । ଛାଡ଼ ସେ କଥା । ରମେଶର ବାପା ଓ ଚୌଧୁରୀ ଠିକ୍ ଓଲଟା ଓଲଟା । ବାପାଙ୍କର ଶିକ୍ଷା ଦେବା ମାହାତ୍ମ୍ୟରେ ରମେଶ ପାଞ୍ଚବର୍ଷର ପିଲା ଦିନୁ ସୁଦ୍ଧା ନିଜ ହାତରେ ଦାନ୍ତ ଘଷିବାଠାରୁ ଆରମ୍ଭ କରି ଲୁଗା ହାତେ ହାତେ ପିନ୍ଧିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରୁଥିଲା । ପାଠ ପଢ଼ିବା ଘର ଲୁକର ଓଳାଉ ନ ଥିଲା କି ବହି ସିଲଟ ତା ବୋଝ ଖଞ୍ଜିଖାଞ୍ଜି ଥୋଉ ନଥିଲା । ମୋଟ ଉପରେ ତା ବାପା ସେ କିପରି ଭବିଷ୍ୟତରେ ନିଜ ଗୋଡ଼ରେ ଠିଆ ହୋଇ, ନିଜ ଶିଙ୍ଗରେ ମାଟି ତାଡ଼ି ପାରିବ, ତାର ମୂଳଦୁଆ ଭଲ ଭାବରେ ପକାଇ ଦେଇଥିଲେ । ଆତ୍ମନିର୍ଭରଶୀଳତାଟା ରମେଶ ନିଜ ଅଙ୍ଗେ ଅଙ୍ଗେ ଲଭେଇଥିଲା । ବହି ପାଠ ବି ସେ କମ୍ ପଢ଼ି ନଥିଲା । ଏପରିକି ନଅଟା ବର୍ଷରେ ମଧ୍ୟ-ଇଂରାଜୀ ପାଠ୍ୟପୁସ୍ତକସବୁ ପଢ଼ି ସାରିଥିଲା । ତା ଉପରେ ହିନ୍ଦି, ବଙ୍ଗଳା ଭଲ ଭାବରେ ଲେଖିପଢ଼ି ପାରୁଥିଲା । ପଢ଼ିବାଟା ସେ ଗୋଟାଏ ସଉକ୍ ବୋଲି ଭାବୁଥିଲା । କାହିଁକି ବା ନ ହେବ । ମାଷ୍ଟରଙ୍କ ବାପା କେହି ତ ଦିନେ ପଢ଼ ବୋଲି କହି ଦେ ବେଶ

Digitized by srujan ka@gmail.com

ଦେଇ ନାହାନ୍ତି—ପଢ଼ା ଘରକୁ ତ ସେ କଏଦଖାନା ବୋଲି ଭାବୁ ନଥିଲା । କାରଣ ସବୁବେଳେ ସେ ଗୋଟିଏ ଘରେ ବସି ପଢ଼ୁନଥିଲା କେତେବେଳେ ଘରେ, କେତେବେଳେ ଅମ୍ବ ତୋଟାରେ, କେତେ-ବେଳେ ନଈକୂଳେ, କେବେବେଳେ ବା ଧାନକ୍ଷେତରେ, କେତେ-ବେଳେ ବା ହରେକ ରକମର ଜାପାନୀ ଖେଳନା ଗଦା ଭିତରେ ଯେଉଁଠି ସେଇଁ ପଢ଼ା । ପିଲାଟିଏ ହେଲେ କଅଣ ହବ ରମେଶ ବଡ଼ ଗମ୍ଭୀର ଥାଏ, କାହାର ସାଙ୍ଗରେ କେବେହେଁ କଳି କରେ ନାହିଁ, କୌଣସି ସାଥିର ମୁହଁରୁ ପୁଲାଏ ଅଣ୍ଟୁଳି ଦେବାର ସାହସ କଣ ନାହିଁ କ ତେଲୁଣୀ ପୋକଟାଏ ଦେଖି କେବେ ଭୟରେ ଥର୍ ଥର୍ ହୋଇନାହିଁ । ଚନ୍ଦ୍ରର ବି କଳଙ୍କ ଅଛି । ରମେଶର କିଛି ଦୁର୍ଗୁଣ ନ ଥିଲା ତାହା ନୁହେ । ଘରର କାନ୍ଥ ବାଡ଼ ତା ଅଙ୍ଗାର ଦାଉରେ ଥଥମ୍ଭ ହୋଇ ପଡ଼ିଥିଲେ । ଅଙ୍ଗାରଟାଏ ହାତରେ ପଡ଼ିଲେ ଖାଲି କାନ୍ଥରେ ଗାରଅ । ଚୂନ ଲିପା କାନ୍ଥ-ଗୁଡ଼ାକରେ ଅଙ୍ଗାର ଗାର ପକାଇ ପକାଇ ଅଙ୍ଗାର ନ ସାରିବାଯାଏ ଭୋକ ଲାଗେବ ନାହିଁ । ଅବଶ୍ୟ ଖାଲି ଗାର ନୁହେ, କେଉଁଠି ଅମ୍ବର ଚିତ୍ର, କେଉଁଠି କଦଳୀ, କେଉଁଠି ପିଜୁଳି, ବାଇଗଣ, କଖାରୁ, କେଉଁଠି ମୂଷା, ସାପ, ବେଙ୍ଗ କେତେ ଚିତ୍ର ତାର ଇୟତ୍ତା ନାହିଁ । କାନ୍ଥରେ ହାତ ପାଇବା ପର୍ଯ୍ୟନ୍ତ ଇଞ୍ଚେ ସୁଦ୍ଧା ଜାଗା ଭୁଲରେ ଛାଡ଼େ ନାହିଁ । ଦହରେ ଯାଦୁ ମାଡ଼ିଲା ପରି କାନ୍ଥଯାକ ଅସ୍ତ୍ରେଅସ୍ତ୍ରେ ଅଙ୍ଗାର ଗାରର ଯାଦୁ ମାଡ଼ି ଯାଇ ଗୋଟାସୁଦ୍ଧା କଳାପଡ଼ିଯାଏ । ଦୂରରୁ ଚାହିଁଲେ ଠିକ୍ ମଫସଲର ଥାନାଘର ପରି ଦିଶେ । ବୋଉ ବଡ ବିରକ୍ତ ହୁଅନ୍ତି । ସମୟେ ସମୟେ ଗାଳି ବି ଦିଅନ୍ତି । ବାପା ବି ବିରକ୍ତ ହୁଅନ୍ତି କିନ୍ତୁ ପେଟରେ । ମୁହଁ ଖୋଲି କିଛି କହିପାରନ୍ତି ନାହିଁ । ଅଡ଼େ ଘର ସଫେଇ ତ କରିବାରେ ଅଯଥା ଖର୍ଚ୍ଚ ହେଉଛି

Digitized by srujan ka@gmail.com

ଅଥଚ ଯ୍ୱାଟଡ଼ ପିଲାର ଗୋଟାଏ ଚିତ୍ର ଅଙ୍କିବା ଗୁଣର ବିକାଶ ହେଉଛି ଯେଉଁ ଗୁଣ କି ସବୁ ପିଲାଙ୍କର ନ ଥାଏ । ଅଙ୍ଗାର-ଗାରିଆଙ୍କୁ ବାଧା ଦେଲେ ଚିତ୍ରାଙ୍କନ ଗୁଣର ବିକାଶରେ ବାଧା ପଡ଼ିବ । ପୁଅ ମୁଣ୍ଡକୁ ଅଣା, ଅଡ଼େ ତେଲ ଘଡ଼ିକୁ ଅଣା । ଭଉଣି ଭରିବେ ଠିକ୍ କରି ପାରନ୍ତି ନାହିଁ । ସବ୍‌ସେ ଚୁପ୍ ଭଲ । ରମେଶ ବୋଉକୁ କିଛି ନ କହିବାକୁ ତାଗିଦ୍ କରିଦିଅନ୍ତି ଓ ଚୂନ ଆଣି ପୁଣି ସଫେଇଡ କରାଇ ଦିଅନ୍ତି । ରମେଶର ଦେଖ ଆନନ୍ଦ, ପୁଣି ଜାଗା ମିଳିଲା ଅଙ୍ଗାର ପାଇଁ । ଶୋଇଲା ବେଳେ ବି ଭାବୁଥାଏ କେଉଁଠି କେଉଁ ଚିତ୍ର ଅଙ୍କିବ । ପୁଣି ଦିନ କେଇଟାରେ ଘରଟା ମଫସଲ୍ ଥାନା ହୋଇଯାଏ । ପୁଣି ହୁଏ ସଫେଇଡ, ପୁଣି ପଡ଼େ ଅଙ୍ଗାରଗାର । ବାପ ପୁଅଙ୍କ ଧୈର୍ଯ୍ୟର ପରୀକ୍ଷା ଚାଲିଥାଏ । ଶେଷରେ ବାପା ହାରିଗଲେ । ଦୁଇଥର ସଫେଇଡର ବ୍ୟବଧାନ ଯେତେବେଳେ ମାସକରୁ କମି କମି ୨ଦିନରେ ରହିଲା ବାପା ଆଉ ସ୍ଥିର ହୋଇ ରହିପାରିଲେ ନାହିଁ । ଦିନେ ଡାକି କହିଲେ, "ରମୁ—"

'ଆଜ୍ଞା'

"ତୁ ଆଉ ଏପରି ଘର କାନ୍ଥରେ ଅଙ୍ଗାରରେ ଗାରନା । ମୁଁ ତୋତେ ଚିତ୍ର ଅଙ୍କିବାକୁ ବଡ଼ ବଡ଼ କାଗଜ ଆଣି ଦେବି, ସେଥିରେ ତୁ ପେନସିଲ୍ ଓ ରବରରେ ଚିତ୍ର ଅଙ୍କ । ଚିତ୍ର ବି ଭଲ ଅଙ୍କି ପାରିବୁ ଆଉ ଘରର ଅଯଥା ସଫେଇଡ ଖର୍ଚ୍ଚଟା ବଞ୍ଚିଯିବ । ସେହି ପଇସା ବଞ୍ଚିଲେ ସମୟ ବେଳେ ତୁ କିଛି କିଛି ଖର୍ଚ୍ଚ କରିପାରିବୁ ତ ।"

ରମେଶ ରାଜି ହୋଇଗଲା । ସେହିଦିନଠାରୁ ରମେଶର କାଗଜରେ ଚିତ୍ର କରିବା ଆରମ୍ଭ ହେଲା ଓ କାନ୍ଥ ବାଡ଼ମାନେ ଟିକିଏ ନିଃଶ୍ୱାସ ମାରିବାକୁ ସମୟ ପାଇଲେ ।

Digitized by srujan ka@gmail.com

ଏତେ଼ ଟିକିଏ ପିଲା ହେଲେ କଅଣ ହେବ ରମେଶର ଚିତ୍ର ଅଙ୍କିବା ଶକ୍ତି ଅଦ୍ଭୁତ ଭାବରେ ବଢ଼ିବାକୁ ଲାଗିଲା । ଯେଉଁଦିନ ଘରେ ଝୁଣ୍ଟା ହୋଇଥିବା ମହାତ୍ମା ଗାନ୍ଧୀଙ୍କର ଚିତ୍ର ଦେଖି ପେନ୍‌ସିଲ୍‌ରେ ଖଣ୍ଡିଏ ଚିତ୍ର ଆଙ୍କି ଦେଇ ଦୁଇ ଚିତ୍ରକୁ ଦଶ ପନ୍ଦର ଥର ଚାହିଁ ମିଳାଇ ନେଲା ଓ ମନେ ମନେ ଭାବିଲା କିଛି ଫରକ ନାହିଁ, ସେଦିନ ରମେଶର ଆନନ୍ଦ କି ସମ୍ଭାଳି ହୁଏ ! ବାପାଙ୍କ ପାଖକୁ ଦଉଡ଼ି ଯାଇଁ କହିଲା—"ବାପା ଦେଖ, ମହାତ୍ମା ଗାନ୍ଧୀଙ୍କର ଚିତ୍ର ତିଆରି କରିଛି ।" ବାପା ଆଗ୍ରହରେ ଚିତ୍ରଟିକୁ ଚାହିଁ ରହିଲେ । ଠିକ୍ ସେହିପରି ବଡ଼ ନାକ, ଧୋକଡ଼ା ଗାଲ, ତଳ ଓଠ ଆଗକୁ ବାହାରି ପଡ଼ିଛି, ବୁଢ଼ା ବୟସରେ ଲୋଡ଼ି ଚମର ଗାର ସବୁ ଠିକ୍ ଠିକ୍ ବାରି ହୋଇ ଯାଉଛି । ଆଶ୍ଚର୍ଯ୍ୟ ହୋଇ ଭାବିଲେ— ପେନ୍‌ସିଲ୍‌ରେ ଆଲୋକ ଓ ଛାୟାର କରାମତି ଦେଖାଇବାକୁ ରମୁ ଶିଖିଲା କେଉଁଠାରୁ । ଭାବି ଚକ୍ଷୁରେ ରମେଶର ଭବିଷ୍ୟତ ଆଡ଼କୁ ଚାହିଁ ରହିଲେ । ଦେଖିଲେ ସାରା ଓଡ଼ିଶାରେ ରମେଶ ଭଳି ଚିତ୍ର ବିଦ୍ୟା ଶିଖିବାକୁ କନ୍ଦିକନ୍ଦି ବୁଲୁଅଛି । ଗୋଟିଏ ହେଲେ ଶିଳ୍ପ ବିଦ୍ୟାଳୟ ନାହିଁ । ଦୁନିଆର ସବୁ ସୌନ୍ଦର୍ଯ୍ୟ ଗୋଟାଇ ଆଣି ଚିତ୍ରମାନଙ୍କରେ ଖଞ୍ଜି ରମେଶ ଚିତ୍ର ପସରା ମେଲାଇ ବସିଛି— ଗୋଟିଏ ହେଲେ ଗରାଖ ନାହିଁ । କଳା ଜଗତରେ ସମ୍ରାଟ ହୋଇ ରମେଶ ସିଂହାସନରେ ବସିଛି—ଅଥଚ ଉଦରର ବିକଟ କ୍ଷୁଧାଜ୍ୱାଳା ମୁଖକୁ ମଳିନ କରିପକାଉଛି । ନିରିଖିକରି ଚାହିଁ ଦେଖିଲେ ଗୋଟାଏ ନିଧଅଁ ବଣ । ମଝିରେ ବଣ ମଲ୍ଲୀ ଗଛର ଲଟାଟିଏ । ପଥରକୁ ଠେଲି କଢ଼ଟିଏ ଜଟିଲା, ଅସ୍ତେ ଅସ୍ତେ ତାର ପାଖୁଡ଼ା-ଗୁଡ଼ାକ ମେଲିଗଲା । କି ସୁନ୍ଦର ରୂପ ତାର ! ସେହି ବଣ ଭିତରର ପବନତକ ତା ବାସନାରେ ମହକି ଗଲେ । ବାହାରକୁ ସେ

Digitized by srujan ka@gmail.com

ବାସନା ଯିବାର ଉପାୟ ନାହିଁ । କାଉଁଞ୍ଚ ବଣ ଘୁରିଆଡ଼େ ଘେରି ରହିଛି, କେହି ହାତ ବଢ଼ାଇ ତୋଳି ନେବାକୁ ସେଠାରେ ନାହିଁ, ଅସ୍ତେ ଅସ୍ତେ ଫୁଲଟି ମଉଳି ଆସିଲା । ରମେଶର ବାପାଙ୍କ ଚକ୍ଷୁ ଦୁଇଟି ଅଶ୍ରୁରେ ବିସ୍ଫାରିତ ହୋଇଗଲା । ମୁଖରେ କରୁଣତାର ଆଭା ଫୁଟି ଉଠିଲା । ଫୁଲଟି ବି ଡେଙ୍ଗରୁ ଅସ୍ତେ ଅସ୍ତେ ନଇଁଲା । ଠୁକ୍ କରି ଛିଣ୍ଡି ତଳେ ପଡ଼ିଗଲା । ରମେଶର ବାପା ପାଟିକରି ଉଠିଲେ "ଓଃ"। ଦୁଇଧାର ଲୁହ ଦୁଇ ଗାଲକୁ ଓଦା କରି ଦେଲା । ରମେଶ ସେତେବେଳକୁ ଭୟରେ କାକୁସ୍ଥ ହୋଇ ଗଲାଣି । ବାଜସ୍ତିଅନା ଦଶଟା ଟଙ୍କା ଧାର ନେବାପାଇଁ ଆସି ରମେଶ ବାପାଙ୍କ ପାଖରେ ବସିଥିଲେ । ତାଙ୍କର ମେଲା ମେଲା ଆଖି ଓ ଲୁହ ଦେଖି ଚଟ୍‌କରି ସବୁ ବୁଝି ଗଲେ, ବ୍ୟାପାର କଅଣ । ମୁରବ୍‌ବିଆନା କଣ୍ଠରେ ପରସ୍ତେ ଝାଡ଼ିଦେଲେ, "ହଇରେ ରମେଶ, ଏ ବାହୁଙ୍ଗା ବୁଦ୍ଧି ଛାଡ଼ । ସବୁ ଦିନେ କଅଣ ପିଲାହୋଇ ରହିଥିବୁ ? ବାପା ପୁଳା ପୁଳା ଟଙ୍କା ତୋ ପଢ଼ିବା ପାଇଁ ଖର୍ଚ୍ଚ କରୁ ଅଛନ୍ତି । ପାଠ ପଢ଼ା ଛାଡ଼ି ଖାଲି କାଗଜ ପେନ୍‌ସିଲ୍‌ରେ ଏ କଦର୍ଯ୍ୟ ରୂପ ଅଙ୍କା ଚାଲିଛି । ଏ ରୂପ ଅଙ୍କାରେ କଅଣ ପେଟ ପୋଷିବୁ । ଏ କଦର୍ଯ୍ୟ ସ୍ୱଭାବ ଛାଡ଼ ପାଠ ପଢ଼ାରେ ମନ ଦେ । ଦେଖିଲୁ ତୋ ବାପାଙ୍କ ମନରେ କେତେ କଷ୍ଟ ହୋଇଛି । ରୂପ ଅଙ୍କା କାମ ଗୁଡ଼ାକ ଭାରି ଖରାପ । ଘରକୁ ହାନି ପହୁଞ୍ଚେ । ଫେରିବାର ଏସ କାମ ଆଉ କରିବୁ ନାହିଁ ।" ଏ କଥାଗୁଡ଼ାକ ଡାକଗାଡ଼ି ଖଡ଼ା-ଖଡ଼ ବାଜୁଲି ଭଳିଆ ଚାଲିଗଲା ପରି ବାଜସ୍ତିଅନାଙ୍କ ମୁହଁରୁ ବାହାରିଗଲା । ରମେଶର ବାପାଙ୍କର ହଠାତ୍ ଚେତା ପଶି ତାଙ୍କ କଥାର ପ୍ରତିବାଦ କରିଲା ବେଳକୁ ବାଜସ୍ତିଅନାଙ୍କ କଥା ସରି-ଗଲାଣି । ପିଲାଟାର ମନରେ ଆଘାତ ଲାଗିବ ଭାବି ସାଙ୍ଗେ ସାଙ୍ଗେ

Digitized by srujan ka@gmail.com

କହିଲେ, "ନାହିଁ ହେ ବାଉଗ୍ରିଆନା, ଛବି ଅଙ୍କା ଖରାପ କାମ ନୁହେଁ । ମୁଁ ଖାଲି ଭାବୁଛି ରମୁର ଯେଉଁ ଏହି ଦୁର୍ଲ୍ଲଭ ଗୁଣଟି ଅଛି, ତାହାର ବିକାଶ ଆମର ଏ ଓଡ଼ିଶା ପ୍ରଦେଶରେ ହୋଇପାରିବ ନାହିଁ । ସେଇଥିଲାଗି ମୋର ମନରେ କଷ୍ଟ ହେଲା । ବାଉଗ୍ରିଆନା ହଟିଯିବାର ପାତ୍ର ନୁହନ୍ତି । ସାଙ୍ଗେ ସାଙ୍ଗେ ଉତ୍ତର, "ମୁଁ ତ କହୁ ନାହିଁ ଛବି ଅଙ୍କିବାଟା ଖରାପ, ମୋ କହିବା ମତଲବ ହଉଛି, ଯଦି ଛବି ଅଙ୍କିବ; ରାମ, ହନୁମାନ, ସୁଗ୍ରୀବ, ବିଷ୍ଣୁ, ମହାଦେବ, ଏମାନଙ୍କର ଛବି ଅଙ୍କ । ଏ ଧର୍ମଛଡ଼ା ଗାନ୍ଧୀଟାର ରୂପ କାହିଁକି ଆଙ୍କୁଛ ? ସେ ହିନ୍ଦୁମନ୍ଦରରେ କୋରାନ୍ ଆଣି ପଢ଼ୁଛି । ରାମ୍ ରାମ୍, କି ପାପ ! ପାପୀଗୁଡ଼ାଙ୍କର ଛବି କରିବା ଖରାପ, ଯ୍ୟା [illegible] ସବୁ ଛବି ଅଙ୍କିବାଟା ମୁଁ କଅଣ ଖରାପ କହୁଛି ।" ରମେଶର ବାପା କହିଲେ, "ଅହା ! ଗାନ୍ଧୀଙ୍କୁ ପାପୀ ବୋଲି କାହିଁକି କହୁଚ । ଆମ ବେଦରେ ଯାହା ଅଛି କୋରାନ୍‌ରେ ସେଇଆ ଅଛି, ଖାଲି ଭାଷାର ତଫାତ୍ । କଦଳୀଟାକୁ କେଲା କହିଦେଲେ ତୁମ୍ଭେ କଅଣ କଦଳୀକୁ ନଖାଇ ଫୋପାଡ଼ି ଦେବ । ସପୁରୀଟାକୁ ଆନାରସ କହିଦେଲେ କଣ ସପୁରୀଟା କଇଁଚ କାକୁଡ଼ି ହୋଇଯିବ । ଜିନିଷ ଏକ, ହେଲେ ଭାଷାରେ ଯାଏ ଆସେ କେତେ । ବାଉଗ୍ରିଆନା ସାଙ୍ଗେ ସାଙ୍ଗେ ଲେଉଟିଲେ, "ମୁଁ କଣ ପେଟ ଭିତରୁ ମହାତ୍ମା ଗାନ୍ଧୀଙ୍କୁ ପାପୀବୋଲି କହୁଛି, ମୋର କହିବା ମତଲବ ହଉଛି ଆମ ଦେଶର ଏ ଅଶିକ୍ଷିତ ଲୋକଗୁଡ଼ାକ ଯେ ପର୍ଯ୍ୟନ୍ତ ନ ବୁଝିଛନ୍ତି ଯେ ଜିନିଷ ଏକ, କେବଳ ଭାଷା ତଫାତ, ସେ ପର୍ଯ୍ୟନ୍ତ ଏମିତିଆ କାମଗୁଡ଼ାକ କରିବା ଖରାପ । ଲୋକେତ ନବୁଝି ନିଶ୍ଚୟ ପାପୀ ବୋଲି କହିବେ, ମୁଁ କଣ ଜାଣି ନାହିଁ ମହାତ୍ମା ଗାନ୍ଧୀ ଭଲ କାମ କରୁଛନ୍ତି । ମୁଁ ଖାଲି ଉପର ମନରେ କଥାକୁ କହୁଥିଲି ନା—"

Digitized by srujan ka@gmail.com

"ଲୋକମାନଙ୍କୁ ଦାଣ୍ଡରେ ଘାଟରେ ବୁଝାଇଲେ ସିନା ଲୋକେ ବୁଝିବେ, ଖାଲି ଜଣ ମନଙ୍କୁ ବୁଝିବେ—"

"ହଁ ଯେଉଁଟା ଠିକ୍ ସେ, ଲୋକମାନେ ମହାତ୍ମା ଗାନ୍ଧୀଙ୍କୁ ମୂର୍ଖବୋଲି କହୁଲେ ସିନା ତାଙ୍କୁ ବୁଝେଇ ବସିବେ ।"

ରମେଶର ବାପା ଭାବିଲେ, "ହେ ଭଗବାନ୍ ! ଦଶଟା ଟଙ୍କା ଲାଗି ଏ ଲୋକଟା କେତେଥର ରୂପ ବଦଳେଇଲାଣି ।" ଟଙ୍କା ଦଶଟା ବାକ୍ସରୁ କାଢ଼ି ବାଜସ୍ୱିଅନାଙ୍କୁ ଦେଇ ଦେଲେ । ବାଜସ୍ୱିବାନ୍ଧୁର କାଥାବାର୍ତ୍ତା ଗୁଡ଼ାକ ଅବ୍ୟର୍ଥ । ଗଲାବେଳେ ରମେଶକୁ ଆଉ ଥରେ ତାଗିଦ୍ କରି ଦେଇଗଲେ, "ଦେଖ୍ ରମୁ, ଏପରି ଭଲଗୁଣ ସମସ୍ତଙ୍କ ପାଖରେ ନଥାଏ । ଖୁବ୍ ମନଦେଇ ଅନ୍ଧାର ଭଲ ଭଲ ଚିତ୍ର ଅଙ୍କ । ସବୁ ଜିନିଷ ଛାଡ଼ିଦେଇ ଖାଲି ଚିତ୍ର ଅଙ୍କ୍ । ଦେଖିବୁ ବଡ଼ ଦିନକୁ କେତେ ଜଜ୍ମେଜେଷ୍ଟରକୁ ତୋପଛରେ ଗୋଡ଼ାଇବେ । ରମେଶର ବାପା ବାଜସ୍ୱିଅନାଙ୍କ ଆରମ୍ଭ ଓ ଶେଷ ଦେଖି ହସି ଦେଲେ । ବାଜସ୍ୱିଅନା କଥାଟା ରମେଶର ବାପାଙ୍କ ମନକୁ ପାଇ ଗଲା ବୋଲି ଭାବି ବଡ଼ ଆତ୍ମପ୍ରସାଦଟାଏ ଅନୁଭବ କଲେ ଓ ବଟୁଆରେ ଟଙ୍କା ଦଶଟା ରଖିଦେଇ ଧୀରେ ଧୀରେ ସେଠାରୁ ପ୍ରସ୍ଥାନ କଲେ । ରମେଶ ବାପାଙ୍କର କଳାବିଦ୍ୟାରେ ଖୁବ୍ ଆଗ୍ରହ ଥିଲା ସତ କିନ୍ତୁ ସେ କଳା ବିଦ୍ୟାର କିପରି ଉତ୍କର୍ଷ ସାଧନ ହେବ ତାହା ଭଲ ଭାବରେ ଜାଣି ନଥିଲେ ରମେଶର ହୁଏତ ଏହି କଳା ବିଦ୍ୟା ଇତିଶ୍ରୀ ହୋଇ ଯାଇଥାନ୍ତା କିନ୍ତୁ ତା କପାଳକୁ ଗୋଟାଏ ସୁଯୋଗ ଜୁଟିଗଲା ।

ରମେଶର ବୋଉ ବାହୁଦିନରୁ କଲିକତା କାଳୀଦର୍ଶନ ଲାଗି ରମେଶ ବାପାଙ୍କୁ କହି ଆସୁଥିଲେ । ଏତେ ଦିନଯାଏ କୌଣସି

Digitized by srujan ka@gmail.com

ମତେ କଥାଟା ଟାଲଟୁଲ ହୋଇ ଆସିଥିଲା—ଗାଡ଼ିରେ ଖୁବ୍ ଭିଡ଼, କଲିକତାରେ ବୋମା ପଡ଼ିବ, ଡକେଇତମାନେ ମାଡ଼ିଛନ୍ତି—ଇତ୍ୟାଦି ଇତ୍ୟାଦି । ଏଥର ରମେଶ ବୋଉ ଜିଦ୍ ଧରି ବସିଲେ ନିଶ୍ଚେ ଯିବାକୁ ହେବ । ଅନନ୍ୟୋପାୟ ହୋଇ ରମେଶ ବାପା ରାଜି ହୋଇଗଲେ । ବାପ, ମା, ପୁଅ ତିନିହେଁ ଗଲେ କଲିକତା, କାଳୀ ଦର୍ଶନକୁ । କଲିକତାର ଜଣେ କାଠଗୋଲା ଅମୀୟ ଚକ୍ରବର୍ତ୍ତୀଙ୍କ ପାଖକୁ ଆଗରୁ ଖବର ଦେଇଥିଲେ । ସେ ହାବଡ଼ା ଷ୍ଟେସନକୁ ଆସି ସମସ୍ତଙ୍କୁ ପାଛୋଟି ନେଇଗଲେ । ଅମୀୟ ଚକ୍ରବର୍ତ୍ତୀ ମହାଶୟ ଓଡ଼ିଶାରେ କାଠ ଓ ବାଉଁଶ ବେପାର କଲାବେଳେ ରମେଶ ବାପା ତାଙ୍କୁ ନାନା ଉପାୟରେ ବହୁତ ସାହାଯ୍ୟ କରିଥିଲେ । ତେଣୁ ସେ ମଧ୍ୟ ବଡ଼ କୃତଜ୍ଞ ଥିଲେ । ଏମାନଙ୍କର ଯେପରି ସମସ୍ତ ସୁବିଧା ହୁଏ, ସେଥିଲାଗି ଖୁବ୍ ଯତ୍ନ କରିଥିଲେ । ସେଇଠାରେ ଚକ୍ରବର୍ତ୍ତୀ ମହାଶୟ ରମେଶର ପ୍ରତିଭାର ପରିଚୟ ଆକସ୍ମିକ ଭାବରେ ପାଇ-ଥିଲେ । ଠିକ୍ଟି 'ସ୍ୱର୍ଗକୁ ଗଲେ ବି ଧାନ କୁଟେ । ଯାହାର ଯାହା ସ୍ୱଭାବ ତାହା କଅଣ ସହଜେ ଯିବ । ଚକ୍ରବର୍ତ୍ତୀଙ୍କ ବୈଠକଖାନାର କାନ୍ଥରେ ମରା ହୋଇଥିବା ତାଙ୍କର ଫଟକୁ ଚାହିଁ ରମେଶ ଯେ କେତେବେଳେ କାନ୍ଥରେ ତଦନୁରୂପ ଗଣେଟଏ ଆଙ୍କିବାରେ ଲାଗିଛି ତାହା କାହାକୁ ଜଣା ନ ଥିଲା । କିନ୍ତୁ ସମୟ ବାଦ୍ ଚକ୍ରବର୍ତ୍ତୀଙ୍କର ନଜର ପଡ଼ିଲା । ଚୁପ୍‌ଚାପ୍ ଆସି ରମେଶର ପଛରେ ଠିଆ ହୋଇ ମୁଗ୍ଧ ହୋଇ ଚାହିଁ ଥାଆନ୍ତି । 'ବାଃ ବାଃ' କହି ଯେତେବେଳେ ପିଠିରେ ଥାପୁଡ଼ି ଦେଲେ ରମେଶ ଚମକି ପଡ଼ିଲା ।

ସେଇଦିନ ସନ୍ଧ୍ୟାବେଳେ ରମେଶ ବାପା ଓ ଚକ୍ରବର୍ତ୍ତୀଙ୍କ ଏହି ବିଷୟ ନେଇ ଖୁବ୍ ଆଲୋଚନା ହେଲା । ଚକ୍ରବର୍ତ୍ତୀ ଖୁବ୍

Digitized by srujan ka@gmail.com

ଜଗର ଛଲେ ରମେଶଙ୍କୁ କଲିକତାରେ ରଖାଇବାକୁ କିନ୍ତୁ ତାଙ୍କୁ ଏକୁଟିଆ ଛାଡ଼ି ଦେଇ ଯିବାକୁ ତା ବାପା ରାଜି ହେଲେ ନାହିଁ । ଚକ୍ରବର୍ତ୍ତୀ ବାବୁ ରମେଶଙ୍କୁ ନେଇ ବଡ଼ ବଡ଼ ଚିତ୍ରକର-ମାନଙ୍କ ପାଖକୁ ପରାମର୍ଶ ପାଇଁ ଗଲେ । ସମସ୍ତେ ରମେଶର ବୟସ ଅନୁପାତରେ ଗୁଣ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେମାନଙ୍କ-ଠାରୁ ରମେଶ ଚିତ୍ର ବିଦ୍ୟାରେ ଉନ୍ନତି କରିବାର ଉପାୟ ସବୁ ଜାଣିଲା । ତୁଳି ସାହାଯ୍ୟରେ କିପରି ରଙ୍ଗିନ୍ ଚିତ୍ର କରିବାକୁ ହୁଏ ତାହା ଶିଖିଲା । କେତେ ପ୍ରକାରର ଚିତ୍ରକଳା ଅଛି ଓ ସେଗୁଡ଼ିକର ବୈଶିଷ୍ଟ୍ୟ କଅଣ ତାହାର ମୋଟାମୋଟି ଗୋଟାଏ ଧାରଣା ହୋଇଗଲା । ବିଶିଷ୍ଟ ଚିତ୍ରକର ଶୈଳେନ୍ ବାନର୍ଜି ଉପ-ଦେଶ ଦେଲେ କି, ରମେଶ ଯଦି ଭବିଷ୍ୟତରେ ଭଲ ଭଲ ଛବି ଆଙ୍କିବ ତେବେ ସେଗୁଡ଼ିକ ତାଙ୍କ ପାଖକୁ ପଠାଇ ଦେବ । ଚକ୍ରବର୍ତ୍ତୀ ବାବୁ ମଧ୍ୟ ଏଥିରେ ଏକମତ ହେଲେ । କାରଣ ସେ ଜାଣିଥିଲେ ଯେ, ରମେଶର ପ୍ରତିଭାର ବିକାଶ ପାଇଁ ଓଡ଼ିଶାରେ କ୍ଷେତ୍ର ପ୍ରସ୍ତୁତ ହୋଇ ନାହିଁ । ରମେଶର ଭବିଷ୍ୟତର ଚିତ୍ରସବୁ ନିଶ୍ଚୟ ଓଡ଼ିଶା ବାହାରେ ଆଦର ପାଇବ ।

ରମେଶର ହିତ ପାଇଁ ଏହି ସବୁ ଅଧିକା କାମ ସକାଶେ ଯେଉଁ ବିଳମ୍ବ ଘଟିଲା ସେଥି ସକାଶେ ସେ ଭ୍ରୂକ୍ଷେପ କରିନଥିଲେ । ଅବ-ଶେଷରେ ବଙ୍ଗଳାର ବିଶିଷ୍ଟ ଚିତ୍ରକରମାନଙ୍କର ଆଶୀର୍ବାଦ ଓ ଉତ୍ସାହ ନେଇ ରମେଶ ତା ବାପାଙ୍କ ସହିତ ଘରକୁ ଫେରିଲା । ଫେରିଲା-ବେଳେ ଚକ୍ରବର୍ତ୍ତୀ ବାବୁ ୪ ସାଜ ତୁଳି, ନାନାପ୍ରକାରର ରଙ୍ଗବାକ୍ସ ଓ ପାଞ୍ଚ ଛଅ ଖଣ୍ଡ ଚିତ୍ରବିଦ୍ୟା ବିଷୟକ ବଙ୍ଗଳା ଓ ଇଂରାଜୀ ବହି ତାଙ୍କୁ ଉପହାର ଦେଇଥିଲେ । ଘରେ ପହଞ୍ଚିବା ଦିନଠାରୁ ରମେଶର

Digitized by srujan ka@gmail.com

ନୂତନ ଜୀବନ ଆରମ୍ଭ ହୋଇଗଲା । ଗୋଟିଏ ଗୋବରା ଗଢେଇଙ୍କୁ ବର୍ଷ ବର୍ଷ ଧରି ହରି ନାମ ଶିଖେଇଲେ କିଛି ଫଳ ହୁଏ ନାହିଁ କିନ୍ତୁ ଶାରୀ ପଛରେ ପରିଶ୍ରମ ନକଲେ ସୁଦ୍ଧା ସେ କ୍ଷୁଣି କ୍ଷୁଣି ନାନା-ପ୍ରକାର କଥା କହିପାରେ । ବିଶିଷ୍ଟ ଚିତ୍ରକରମାନେ ତାଙ୍କୁ କେବଳ ରାସ୍ତାଟି ଦେଖାଇ ଦେଇଥିଲେ—ଯେଉଁ ରାସ୍ତାରେ ଯାଇ ରମେଶ ସ୍ୱୀୟ ପ୍ରତିଭା ବଳରେ ବର୍ଷ ତିନି ଭିତରେ ସେହି ବିଶିଷ୍ଟ ଚିତ୍ରକରମାନଙ୍କର ସମକକ୍ଷ ହୋଇଗଲା । ଶୈଳେନ୍ ବାନର୍ଜିଙ୍କ ନିର୍ଦ୍ଦେଶାନୁଯାୟୀ ରମେଶ ମଧ୍ୟେ ମଧ୍ୟେ ନିଜର ଚିତ୍ରଗୁଡ଼ିକ ତାଙ୍କ ନିକଟକୁ ପଠାଉଥାଏ, ରମେଶର ପ୍ରତ୍ୟେକ ଚିତ୍ର ଦେଖି ତାଙ୍କୁ ଆଉରି କିପରି ଉନ୍ନତ ଧରଣର କରାଯାଇପାରେ ଓ କେଉଁଠି କି ତ୍ରୁଟି ରହି ଯାଇଅଛି ତାହା ସେ ଚିଠିରେ ଲେଖି ପଠାଇଦିଅନ୍ତି । ରମେଶ ତାହା ମନୋଯୋଗ ସହିତ ପଢ଼େ ଓ ପର ଚିତ୍ରରେ ସେହି-ସବୁ ଉପଦେଶ ଅନୁଯାୟୀ କାର୍ଯ୍ୟ କରେ । ଭାରତର କୌଣସି ସ୍ଥାନରେ ଚିତ୍ର ପ୍ରଦର୍ଶନୀ ହେଲେ ଶୈଳେନ୍ ବାବୁ ରମେଶର ଚିତ୍ର-ସବୁ ସେଠାକୁ ପଠାଇ ଦେଉଥିଲେ । ରମେଶର ସୁଖ-ଦୀପ ହଠାତ୍ ଜଳି ଉଠିଲା । ରମେଶର ବାପା ଦିନେ ଗୋଟିଏ ବୀମା ହୋଇ-ଥିବା ଖାମ୍ ପାଇଲେ । ସେଇଟା ଶୈଳେନ୍ ବାବୁଙ୍କ ପାଖରୁ ଆସି-ଥିଲା । ଖୋଲି ଦେଖନ୍ତି ତ ଖଣ୍ଡେ ଚିଠି ଓ ହଜାର ଟଙ୍କିଆ ଖଣ୍ଡେ ନୋଟ୍ । ଚିଠିରୁ ଜାଣିଲେ ଯେ, ରମେଶ ଯେଉଁ "ଆଶ୍ରମରେ ଶକୁନ୍ତଳା" ଚିତ୍ର ଖଣ୍ଡି କରିଥିଲା ତାହା ଶୈଳେନ୍ ବାବୁ ଲକ୍ଷ୍ନୌ ଚିତ୍ର ପ୍ରଦର୍ଶନୀକୁ ପଠାଇ ଦେଇଥିଲେ । ତାହା ସେଠାରେ ସର୍ବ-ଶ୍ରେଷ୍ଠ ବିବେଚିତ ହୋଇଥିଲା ଓ ପ୍ରଥମ ପୁରସ୍କାର ସ୍ୱରୂପ ଏହି ହଜାରେ ଟଙ୍କା ମିଳିଥିଲା । ଏତେ ବଡ଼ ଖବରଟାଏ ଓଡ଼ିଶାରେ ଗୁପ୍ତ ହୋଇପାରିଲା ନାହିଁ । ଏ ତ ହେଲା ପ୍ରଚାର ଯୁଗ । ଯେଉଁ

Digitized by srujan ka@gmail.com

ଯୁଗରେ ବନ୍ୟା ପାଇଁ ଟଙ୍କାଟିଏ ଚାନ୍ଦା ଦେଇ ଭୁଲରେ ଖବର କାଗଜରେ ନାଁ ନ ବାହାରିଲେ ସମ୍ପାଦକଙ୍କ ପାଖକୁ ଚିଠି ଆସେ "ହଇହୋ ମୋ ଟଙ୍କାଟା କଅଣ ଗୋଡ଼ମାଟି; ମୋ ନାଁଟା କାହିଁକି ନ ବାହାରିଲା ।" ତାପରେ "ଭ୍ରମ ସଂଶୋଧନ" ଶିରୋନାମାରେ ନିଜ ନାଁଟା ଦେଖିବାକୁ ଆକୁଳ ଥାଏ, ସେହି ଯୁଗରେ ଯଦି ରମେଶର ବାପା ଏହି ବିଷୟ ଅନ୍ତତଃ ଖବରକାଗଜ ବାଲାମାନଙ୍କୁ ନ କହନ୍ତି ଓ ରମେଶ ନିଜ ନାଁରେ ଚିଠି ନ ପଠେଇ ଶୈଳେନ୍ ବାବୁଙ୍କ ଜରିଆରେ ଚିଠି ପଠାଏ ତେବେ ଦୋଷ କାହାର ? ଦୋଷ ରମେଶର, ଦୋଷ ରମେଶ ବାପାଙ୍କର, ଦୋଷ ଓଡ଼ିଶା ଭାଗ୍ୟର । ଯେଉଁ କେତେଜଣ ଲୋକ ଜାଣିଥିଲେ ସେମାନଙ୍କର ବା କି ଲାଭ ଅଛି ଯେ, ସେ ଯା' ଆଗରେ ତା ଆଗରେ କହି ବୁଲିବେ । ସେମାନେ କଅଣ ସେଥିରୁ ଦି ପଇସା ପାଇବେ ? ଆଜି ବି ସେଥିପାଇଁ ତ ଖବର-କାଗଜବାଲାମାନେ ଅଛନ୍ତି । ରମେଶର ସ୍ୱର୍ଣ୍ଣ ଦ୍ୱୀପ ଯେ ଲିଭି ଯିବାର ପୂର୍ବ ସୂଚନା ସ୍ୱରୂପ ଜୋରରେ ଜଳି ଉଠିଥିଲା, ତାହା ସେ କି ତାର ବାପା କେହି ଜାଣି ପାରିନଥିଲେ । ତା'ପରେ ବିଜେ କଲେ ମା ଠାକୁରାଣୀ ବସନ୍ତ; ଲହ ଲହ ଜିଭ କରି ଗ୍ରସିଦେଲେ ରମେଶର ଭାଗ୍ୟକୁ । ତାପରେ—

Digitized by srujan ka@gmail.com

ତାପରେ—କଣ୍ଟକର ସେହି ଅନ୍ଧାରୁଆ ମଶକଅଧ୍ୟୁଷିତ ଗଳି, ନଡ଼ା ଉଲୁର ପଡ଼ିଥିବା ଘୁଲଘର ଓ ନାକ୍ଠା ଛବିକର । ବୟସର ଗାମ୍ଭୀର୍ଯ୍ୟ ଆସିଯାଇଛି, ସୌନ୍ଦର୍ଯ୍ୟ ଅପହରଣର ଧକ୍କା ସମ୍ଭାଳି ନେଇଛି । ଯୌବନର ଜୁଆର ଯେତେବେଳେ ଆସି ଭସାଇ ଦେବାକୁ ବସେ, ସେ ବ୍ୟାକୁଳ ହୋଇ ଆଶ୍ରା ଖୋଜେ କିନ୍ତୁ ଦେଖେ ଚାରିଆଡ଼ ଶୂନ୍ ଶାନ୍ । ହଠାତ୍ ଗୋଡ଼ ଦୁଇଟା ଝାଣକର ଠିଆହୁଏ । ମନେ ମନେ ଭାବେ "ମୁଁ ଛବି ନାକ୍ଠା" । ଜୁଆର କିଛି କ୍ଷତି କରି ପାରେନା । ଯୌନ ଚିନ୍ତାରୁ ମନକୁ ଟାଣିନେଇ ଛବିରେ ଲଗାଏ । ତୁଳିରୁ ବାହାରି ପଡ଼େ ଅଜସ୍ର ଛବି—ଉର୍ବଶୀ, ଦମୟନ୍ତୀ ଓ ହଂସ, ଲାବଣ୍ୟବତୀ, ବିରହିଣୀ ରାଧା ଇତ୍ୟାଦି । କବି ସମ୍ରାଟ୍ ମାନଙ୍କର ମଧୁର ରୂପବର୍ଣ୍ଣନା ଛବିରେ ଫୁଟି ଉଠେ । ରମେଶ ମୁଗ୍ଧ ହୋଇ ଚାହିଁରହେ । ତାକୁ ଜଣାଯାଏ ଯେପରି ଛବିଗୁଡ଼ିକ ଜୀବନ୍ୟାସ ପାଇ ତା ସାଙ୍ଗରେ କଥାବାର୍ତ୍ତା କରୁଅଛନ୍ତି । ଆନନ୍ଦ ସାଗରରେ

Digitized by srujan ka@gmail.com

ନିଜକୁ ଭସାଇ ଦିଏ । କି ଆନନ୍ଦ ! ଢେଉ ସାଙ୍ଗରେ ଉଚ୍ଛୁଳି ପଡ଼ୁଛି; ମିନିଟିଏ, ଦୁଇମିନିଟ୍, ପାଞ୍ଚମିନିଟ୍,ଅଧଘଣ୍ଟା, ଘଣ୍ଟାଏ ବିତି-ଯାଏ । ରମେଶ ସେହିପରି ସ୍ଥିର ଓ ଅଚଳ । ହଠାତ୍ ଚମକି ପଡ଼େ । ଭାଲୁ ଭଳିଆ ହାଲେଇ ଦେଇ ଡାକ ପକାଏ —"ଭାଇ,ଭାଇ, ଭାଇ ! ଏମିତି କାହିଁକି ବସିଛ, ଦେହ କଅଣ ହେଉଛି କି ?"

"ନା ଦେହ କିଛି ହେଉ ନାହିଁ, ବସି ଗୋଟାଏ ଜିନିଷ ଭାବୁଥିଲି ।"

"କଅଣ କହିଲୁ ।"

"ଗୋଟାଏ ଜିନିଷ ଭାବୁ ଥିଲି ।"

"କଅଣ କହିଲ ।"

କେମ୍ପା ସଉଆ ପଛରୁ ଘଡ଼ଘଡ଼ି ମାଇଲା ପରି ପାଟିକରି ଉଠେ । "ଭାଇ କହିଲେ ତୋ କାନରେ ଅଧପଳା ପୋଲଙ୍ଗତେଲ ମଢ଼େଇଲି ।"

"ତୁ କାହିଁକି ଏମିତି ହଉଚୁ ମ "?

"ଆରେ ଭାଇତ କହିଲେ ସେ ବସି ଭାବୁଛନ୍ତି, ଥରେ କହିଲେ ଦି ଥର କହିଲେ, ତେବେ ବି ନିଠେଇ ପରୁଛୁ । କେମିତିଆ ଅବାଗିଆ ମଣିଷଟାଏ ମ !"

"ହଁ, ନିକେତ ଭାରି ବାଗିଅଟା, ପାନରେ ଗୁଅ ଟିକିଏ ଦେଇ ଅସିବନି ପଛକେ—"

ରମେଶ ଏ କାଣୀ ବରାଡ଼ି ଓ କୁଜି ଅସରପା ଯୁଦ୍ଧ ଦେଖି ଟିକିଏ ହସି ଦିଏ । କେମ୍ପା ସଉଆ ଓ କାଲୁ ଭଳିଆ ବି ନିଜ ସହିତ ଅନ୍ୟକୁ ଭୁଲିପକାଇ ଦେଖନ୍ତି ନିକିତ ଠିକ୍ ସମାନ । ଆପଣା ଛୁଏଁ ଚୁପ୍ ଚୁପ୍ ହୋଇ ଯାଆନ୍ତି । ଏହି ସବୁ ପ୍ରାୟ ଦୈନନ୍ଦିନ ଘଟନା କହିଲେ ଚଳେ ।

—ପଚିଶି—

Digitized by srujan ka@gmail.com

ଯେଉଁ ଦିନଠାରୁ ସେ ଭେଲ୍ ଓ ସାପୁଆନଇ ମହାନଦୀରେ ଅସ୍ଥି ମିଶିଗଲେ ତାହା କେହି କହି ପାରିବେ ନାହିଁ । ତେବେ ରମେଶର ଠିକ୍ ମନେ ଅଛି, ଯେଉଁ ଦିନ କେମ୍ପାସତିଆର କ୍ଷୁଦିଲ ମୁହଁ ଦେଖି ପଚାରିଥିଲା, "ସତୀଶ କଅଣ ଖାଇନାହୁଁ କରେ ?" ଝର ଝର ଲୁହରେ ସତୀଶ ଆରମ୍ଭ କଲା—"ବାବା ମଲା ଦିନ ମୋ ବଡ଼ଭାଇକୁ କହିଲେ—"ଅରେ ବାପା ! ସତ ଅଣ୍ଟା କେମ୍ପାନ୍ଥାଏ, କଞ୍ଚିତ କାମ ଦାମ କରି ପେଟ ପୋଷି ପାରିବନି, ତାର ଦେଖା ଗୁହାଁ ଠିକଏ କରିବୁ । ମୁଁ ତ ଗୁଲିଲି, ସତଅ ତୋତେ ଲାଗିଲା ।" ଭାବିଥିଲି ଭାଇ ଅବା ସତେ ବାପାର ମଲାବେଳ କଥା ରଖିବ କିନ୍ତୁ ମରିବାର ଦୁଇ ତିନି ମାସ ଯାଇନି, ଯାବତ ଜୁଲମ ମୋ ଉପରେ ସୁର୍ ହୋଇଗଲା । ବାପା କୁଅଡ଼େ ଭାରି ଫୁଲଫାଙ୍କିଆ ଥିଲେ । ଘର ଦୁଆର ସବୁ ବନ୍ଧାଦେଇ ହଜାରେ ଟଙ୍କା କରଜ ଆଣିଥିଲେ ମହାଜନଠୁଁ । ସେ ପରକୁଟରେ ପାଅଁଶ ଟଙ୍କା ଦେଇ ହଜାର ନେଖେଇ ନେଇଥିଲା । ବାପା ମଲାରୁ ମହାଜନ ନାଲିସ୍ କରିବ ବୋଲି ଧମକେଇଲା । ଭାଇ କଅଣ ଟଙ୍କା ସବୁ ଶୁଝି ଘରବାଡ଼ି ମୁକୁଲେଇଚ । ମତେ ଏଇକ୍ଷଣି ସେ କାଗଜ ଦେଖେଇ କହୁଛି—"ଶଳା ଘରେ ରହୁ ଗେଫିବୁତ ଅଧାଟଙ୍କା ଅଣି, ଅଜ ଗେଫିବା ପାଇଁ ରୋଜନା ଖର୍ଚ୍ଚ ଅଣ । ମୋର ତ କାମକଲା ହାତ କେମ୍ପା, ତେବେ ବି ମାଗି ଯାଚି ଦିଅଣା, ତିନିଅଣା ଅଣି ଦିଏ, ପାଅଁଶ ଟଙ୍କା କିଏ ମୁଁ କିଏ । ଭାଉଜ ଗଣ୍ଡାଏ ଗଣ୍ଡାଏ ଲୁଚେଇ ଖାଇବାକୁ ଦିଏ । ଆଜି ଭାଇ ତାର ସୁବିଧା ପାଇ ଘର ଭିତରକୁ ପଶିଗଲା ଓ ମୋ ଖାଉଥିବା ପଖାଳ କଂସାଟାକୁ ଦି ଗୋଇଠା ଚକେଇଲା । ମତେ ତଣ୍ଟିଆ ମାରି ଘରୁ କାଢ଼ିଦେଇ କହିଲା, "ଶଳା ଘରେ ରହୁ ଗେଫିବୁତ ଅଧା ଟଙ୍କା ଆଣେ ।" ଭାଉଜକୁ ବି ଦି' ତିନି ଗୋଇଠା ଦେଲା । ବାପା ମରିଗଲେ,

Digitized by srujan ka@gmail.com

ମତେ ଯାହା ନେଇ ନ ଗଲେ—ଠିକ୍ ଏହି ଦିନ ତେଲ ନଈ ମହାନଦୀରେ ମିଶିଗଲା । କିଛିଦିନ ବାଦ୍ ଏମିତିଆ କିଛି ଦୁର୍ଘଟନାରୁ ସାପୁଆ ନଈ ବି ଆସି ମହାନଦୀରେ ମିଶିଗଲା । ତିନି ପାଣିଯାକ ଏକ ହୋଇ ଛୁଟିଲେ ଯେପରି ଜୀବନର ଆଉ କିଛି ଲକ୍ଷ୍ୟ ନାହିଁ, ଲକ୍ଷ୍ୟ କେବଳ ସେହି ଅକୂଳ କାଳ ସମୁଦ୍ର । ସେଥିରେ ପଡ଼ିଗଲେ ଜୀବନର ସବୁ ଆଶା ପୂର୍ଣ୍ଣ ହେବ । ରମେଶ ବି ବେଳେ ବେଳେ ଭାବେ ଆଉ କଅଣ ବା ଲକ୍ଷ୍ୟ ହୋଇ ପାରେ । ନିଜ ପାଇଁ ତା'ର ତ ଚିନ୍ତା ନଥାଏ । ଅନ୍ୟ ଦୁଇଟି ପ୍ରାଣୀ କିପରି ଏ ସୁଅରୁ ଛିଡ଼ିକି ଯାଇଁ କେଉଁଠି ଅଟକି ଯାଆନ୍ତେ—ମୁହଁରେ ନିରାଶାର ଚିହ୍ନ ଫୁଟି ଉଠେ । ଦୀର୍ଘ ନିଶ୍ୱାସଟିଏ ପକାଇ ପୁଣି ଶବ ଅଙ୍କାରେ ଲଗିଯାଏ । ଘରର ଚଳ୍ତି ଆଲୋଚନାରେ ବେଶୀ ଭାଗ ନିଅନ୍ତି ରମେଶ ଓ ସତିଆ । କାମ ଦାମର ଭାର ଭଗିଆ ଉପରେ । ରମେଶ ଓ ଭଗିଆର ଯଦି କେତେବେଳେ କିପରି ଆଲୋଚନା ହୁଏ, ତେବେ ସତିଆ ହୁଏ ଯୋଗସୂତ୍ର । ସୂକ୍ଷ୍ମ ଧ୍ୱନିବାହୀ ତଡ଼ିତ୍ ତରଙ୍ଗ ସବୁ ଯେପରି ଆକାଶରେ ଲମ୍ବିଥିବା ତରଙ୍ଗଗ୍ରାହୀ ତାରରୁ ଯାଇ ବେତାର ଯନ୍ତ୍ରର ସ୍ୱରବର୍ଦ୍ଧକ ଭିତରେ ପଶି, ସ୍ଥୂଳାକାର ଧାରଣକରି ଲୋକମାନଙ୍କ କର୍ଣ୍ଣେନ୍ଦ୍ରିୟରେ ପଡ଼େ, ସେହିପରି ରମେଶର କଥାଗୁଡ଼ାକ ପ୍ରଥମେ ସ୍ୱରବର୍ଦ୍ଧକ ସତିଆ ଭିତରେ ପଶେ ଓ ତତ୍ପରେ ସ୍ଥୂଳାକାରରେ ଭଗିଆ କାନରେ ପଡ଼େ । ଭଗିଆ ଯେତେବେଳେ ସତିଆର ଗୁରୁତ୍ୱ ଉପଲବ୍ଧି କରେ । କିନ୍ତୁ ସେ ନିଜର ଗୁରୁତ୍ୱ କିପରି ରମେଶକୁ ଦେଖାଇବ ତାର ସବୁବେଳେ ଉପାୟ ବସି ଖୋଜୁଥାଏ । ଦିନେ ଦିନେ ମୁହଁ ଅନ୍ଧାରିଆ ହୋଇ ଆସିଲା ବେଳକୁ ଭଗିଆ ସତିଆ ପାଖରୁ ଦିଆସିଲ୍‌ଟା ଫୋପାଡ଼ି ଦେଇ କହିଦେଇ ଯାଏ "ଟିକିଏ ଲଣ୍ଠନଟା ଲଗେଇଦେ ମୁଁ ମୁତି ଆସୁଛି ।"

—ସତେଇଶି—

Digitized by srujan ka@gmail.com

ସତଅ କନ୍ତୁ ହଟିବାର ପାଏ ନୁହେଁ । ବିଲତ କୁକୁର କାନ ପରି ନଡ଼ ନଡ଼ ହେଉଥିବା ଡାହାଣ ହାତ ପାପୁଲିରେ ଦିଆସିଲିଟା ଘରତ କଡ଼ରେ ଜାକି ଧରେ, ଆଉ ପାପୁଲିର ଦୁଇଟି ଅଙ୍ଗୁଠି ଏକାଠି କରି ଦିଆସିଲିର ଭିତର ଖୋଳକୁ ଠେଲି ଦିଏ । ପୁଣି ଏ ପାଖକୁ ପାପୁଲିଟା ଆଣି ବଡ଼ ହୁସିଆରରେ ଗୋଟାଏ କାଠି କାଢେ । ଦିଆସିଲିକୁ ଭୂଜ ଦେଇ ସବୁଯାକ ଅଙ୍ଗୁଠିରେ ଜୋର କରି କାଠିଟା ଧରେ । ଡାହାଣ ପାପୁଲି ଓ ଘରତ କଡ଼ ମଝିରେ ଥିବା ଦିଆସିଲି କଡ଼ରେ ଭୂଇଁରେ ଥାବୁଲ ମାରିଲା ପରି କାଠିକୁ ଘସେ ଖର୍, ଖର୍ ଖର୍ । କାଠିଟା ଧରେ ନାହିଁ ଯଦିବା ଅକସ୍ମାତ୍ ଭରର୍ କରି ଜଳି ଉଠେ, ତେବେ ଘରତରୁ ପୁଳାଏ ବାଳ ପୋଡ଼ିଯାଇ ଫୁଲୁକୁଟିଆ ଗନ୍ଧରେ ଘର ପୂରିଯାଏ । ଉପରରେ ସତଅ ଜଳନ୍ତା କାଠିଟା ଫୋପାଡ଼ି ଦିଏ । ଝିଅ ଲୁଚ କରି ଜଗିଥାଏ । ରମେଶ ବ୍ୟସ୍ତ ହୋଇ ଦଉଡ଼ି ଆସି ଲଣ୍ଠନ ଲଗେଇବା ପୂର୍ବରୁ ନିଜେ ଯାଇଁ ଲଗେଇଦିଏ । ମନର ଅଭିମାନ ମେଣ୍ଟିଯାଏ । ମନେ ମନେ ଭାବେ "ଏଥର ଭାଇ ଠିକ୍ ଭାବୁଥିବେ ଯେ ଝିଅ ନହେଲେ ଲଣ୍ଠନ ନଳାଗେ ।" ସତଅ ବି ଝିଅର ମଧ୍ୟ ଟିକିଏ ଗୁରୁତ୍ୱ ଅଛି ବୋଲି ଉପଲବ୍ଧି କରେ । ଏହାପରି ଦିଦରି ଢଙ୍ଗରେ ଦିନଗଣାକ ଆହୁରି ମାସ ଯାଉଥିବାବେଳେ ଦିନେ କଲିକତାରୁ ଶୈଳେନ୍ ବାବୁଙ୍କ ପାଖରୁ ଖଣ୍ଡେ ଚିଠି ଆସି ପହଞ୍ଚିଲା । ରମେଶ ଖୋଲି ପଢ଼ିଲା । ତାହାର ସାର ମର୍ମ ଏହି—ଆମେରିକାର ଶିକାଗୋ ସହରରେ ଗୋଟିଏ ଅନ୍ତର୍ଜାତିକ ଶିଳ୍ପକଳା ପ୍ରଦର୍ଶନୀ ହେଉଛି । ସେଥିପାଇଁ ରମେଶକୁ ଗୋଟିଏ ଉନ୍ନତ ଧରଣର ଚିତ୍ର କରି ପଠାଇବାକୁ ହେବ । ସେହିଦିନ ରାତିରେ ରମେଶ ଖୁବ୍ ଭାବି ଭାବି କଣ ଚିତ୍ର କରିବ ମନ୍ତରେ ସ୍ଥିର କଲା ଓ ତହିଁ ଆରଦିନ

Digitized by srujan ka@gmail.com

ସକାଳୁ ଶୁଭ ମୁହୂର୍ତ୍ତରେ ଚିତ୍ର ଆରମ୍ଭ କଲା । ଦିନଯାକ ବସି ଚିତ୍ର ଆଙ୍କେ, କ୍ଳାନ୍ତି ଓ ଅବସାଦର ଚିହ୍ନ ସୁଦ୍ଧା ନାହିଁ ; ସତେ ଯେପରି ଉତ୍ସାହର ଗୋଟାଏ ସମୁଦ୍ର । ସତିଆ ଭାତ ଖାଇବାକୁ ଥରେ, ଦୁଇ-ଥର, ତିନିଥର ଡାକେ । ଡାକଗୁଡ଼ାକ ରମେଶ ଶୁଣିପାରେ ନାହିଁ । ସେ ଯେ ଘୋର ତପସ୍ୟାରେ ନିମଗ୍ନ । ସତିଆର ମନେ ମନେ ସନ୍ଦେହ ହୁଏ ଭାଲ ରୋଗଟା କଅଣ ଭଗିଆଠାରୁ ଭାଇଙ୍କୁ ଡେଇଁଲା କି ? କେତେ ସମୟ ପରେ ରମେଶର ତପସ୍ୟା ଭାଙ୍ଗେ । ଗଣ୍ଡାଏ ଖାଇ ଦେଇ ପୁଣି ତପସ୍ୟାରେ ବସିଯାଏ । ଏହିପରି ପନ୍ଦର ଦିନ କାଳ ଅଦମ୍ୟ ଚେଷ୍ଟା କରି ଚିତ୍ରଟି ପୂର୍ଣ୍ଣ କଲା । ଚିତ୍ରଟି ସାରି ରମେଶ ସତିଆକୁ ଡାକି କହିଲା, "ଚିତ୍ରଟି ଦେଖିଲୁ କିପରି ହୋଇଛି ।" ସତିଆର ମନ କୁଣ୍ଢେ ମୋଟ ହୋଇଗଲା । ମନେ ମନେ ଭାବିଲା, "ଭାଇ ନିଶ୍ଚେ ମୋ ପେଟରେ ଗୁଣ ଅଛି ବୋଲି ଜାଣି ଗଲେଣି, ତା ନ ହେଲେ ମୋତେ ଚିତ୍ର ପସନ୍ଦ କରିବାକୁ ଡାକନ୍ତେ ।" ଧଡ଼ପଡ଼ ହୋଇ ବାଁ ହାତରେ ଭରା ଦେଇ ଉଠୁ ଉଠୁ ଦେହର ମାଧ୍ୟାକର୍ଷଣ କେନ୍ଦ୍ରବିଚ୍ୟୁତ ଫଳରେ ପୁଣି ଦୁଇ ଗଡ଼ା ଗଡ଼ିଗଲା । ରମେଶ ପାଟି କରି ଉଠିଲା "ହାଁ, ହାଁ, ଆସ୍ତେ ।" ସତିଆର ସେଥିପାଇଁ ଭ୍ରୂକ୍ଷେପ ନାହିଁ । ଭାଇଙ୍କର ଚିତ୍ରର ତନଖି କରିବାକୁ ହେବ । କେଡ଼େ ଓଜନଦାର ମଣିଷ ସେ । ବାନ୍ଧୁଣି-ବେଙ୍ଗ ପା'କୁ କରି ଡେଇଁଲା ପରି ଉଠି ପଡ଼ି ଠିଆ ହୋଇଗଲା । ପୂରା ଗମ୍ଭୀର ଭାବରେ ସିଧା ଚାଲିଗଲା ଚିତ୍ର ପାଖକୁ । ଆଖି ଦି'ଟା ପହିଲେ ଜୋରରେ ବୁଜି ମୁହଁକୁ ଝାଡ଼ି ପକାଇଲା, ତା'ପରେ ନିରେଖି କରି ଚାହିଁଲା—ଦେଖିଲା ବଡ଼ ଚିତ୍ରଟାଏ । ଗୋଟାଏ ପାଖରେ ନାଲି କୁରୁତା ପିନ୍ଧି ଗୋଟାଏ ସାହାବାଣୀ ଟୋକି ଠିଆ ହୋଇଛି, ତା ଚାରିପାଖରେ ଗଛବୁଚ୍ଛ କେତେ ଭାଙ୍ଗି ପଡ଼ିଛି,

Digitized by srujan ka@gmail.com

କେତେ ନଇଁ ପଡ଼ୁଛି । ବୋଧହୁଏ ଝଡ଼ ତୋଫାନ । ଘୋଡ଼ାଏ କୁକୁର କାମୁଡ଼ାକାମୁଡ଼ି ହେଉଅଛନ୍ତି । ଅଉ ଟିକିଏ ଦୂରକୁ ଗୋଟାଏ ବିରାଡ଼ି ଗୋଟାଏ ମୂଷାକୁ ମାଡ଼ି ବସିଛି । ମୋଟ ଉପରେ ଖାଲି କାମୁଡ଼ା କାମୁଡ଼ି । କେତେ ବଡ଼ ବଡ଼ କୋଠା, ରାଜା-ମାନଙ୍କ ଉଆସ ପରି । ଗୋଟାଏ କୋଠା ଭାଙ୍ଗି ପଡ଼ୁଛି । ଗୋଟାଏ ଉଡ଼ାଜାହାଜ ବି ଭାଙ୍ଗି ତଳେ ପଡ଼ୁଛି । ବୋଧହୁଏ ଉଡ଼ାଜାହାଜଟା ଝଡ଼ରେ କୋଠା ଉପରେ ପିଟି ହୋଇଯାଇଛି । ସାହାବାଣୀ ଟୋକଟା ଉଡ଼ି ଯାଇଥିଲା ପରି ଦେଖାଯାଉଛି । ଆଉ ପାଖରେ ଗୋଟାଏ ମାଇକିନିଆ ଖଣ୍ଡିଏ ସାବ୍ଜା ଶାଢ଼ୀ ଭଲଭାବରେ ପିନ୍ଧିଛି । ବଙ୍ଗାଳୁଣୀ ହବ ପରି । ଘରପାଖଯାକ ସୁନ୍ଦର ସୁନ୍ଦର ଗଛ କେତେ ରଙ୍ଗର ଫୁଲରେ ଭର୍ତ୍ତି ହୋଇଛି । ଦୁଇଟା ହରିଣ ଚଟାଚଟି ହେଉଅଛନ୍ତି । ଗୋଟାଏ ଗାଈ ତାହାର ବାଛୁରିକୁ ଚାଟୁଛି । ଟିକିଏ ଦୂରକୁ କେତୋଟି ଘରଘର । ହରେକ ରକମ ଫଳ ଫୁଲ ଗଛ, ଗୋଟାଏ ଦାଢ଼ିଆ ବାବାଜି ପଞ୍ଚାଏ ପିଲାଙ୍କୁ ଗଛ ମୂଳରେ କଅଣ ପଢ଼ାଉଛି । ଖୁବ୍ ଦୂରରେ ସୂର୍ଯ୍ୟ ଉଇଁ ଆସୁଅଛନ୍ତି । ଦେଶୀ ମାଇକିନିଆଟି ଗୋଟାଏ ହାତ ସାହାବାଣୀ ଟୋକ ଆଡ଼କୁ ବଢ଼େଇ ଦେଇଛି, ଆଉ ଗୋଟାଏ ହାତ ସୂର୍ଯ୍ୟଙ୍କ ଆଡ଼କୁ ବଢ଼ାଇ ତାକୁ ଦେଖେଇ ଦଉଛି । ସାହାବାଣୀ ଟୋକଟା ତା ପାଖରୁ ଯାଁ ପାଖକୁ ଦଉଡ଼ି ଆସିଲା ପରି ହୋଇଛି । ସତଆ ଖୁବ୍ ନଜରେଇ କରି ଦେଖିଲା । ଖୁବ୍ ଭାବି ଚିନ୍ତି କହିଲା, "ଭାଇ, ଗୋଟାଏ ଭୁଲ ରହିଗଲା ।"

ରମେଶ ମଉଜ ଦେଖିବା ପାଇଁ ଆଗ୍ରହରେ ପଚାରିଲା "କଅଣ କହୁଛୁ ଭାଇ"—

Digitized by srujan ka@gmail.com

"ଦୁଇଟାଯାକ ମାଇକ୍କନିଆ କରିଦେଲ, ଗୋଟାଏ ମାଇ-କନିଆ, ଗୋଟାଏ ଅଣ୍ଡିରା କଲେ ଭଲ ହୋଇ ଥାଆନ୍ତା—

ହତାଶଭରା ହସଟିଏ ହସି ରମେଶ କହିଲ, "ଅଣ୍ଡିରାଟିଏ କରିଥିଲେ ଛବିଟା ଅସୁନ୍ଦର ହୋଇଯାଇ ଥାଆନ୍ତା—"

ସତିଆ ବା କଅଣ ପସନ୍ଦ କରିବ ! ବନସ୍ତରଣୀ କନ୍ଧ ରମଣୀ ଯେପରି ଗୁଜୁରିତିକୁ କାନ୍ଧଅ ମଞ୍ଜି ବୋଲି ଭାବି ପରିତ୍ୟାଗ କରେ, ସେହିପରି ସତିଆ ସେହିଟିକୁ କୁକୁର ବରଡ଼ି ଛବି ବୋଲି ଭାବି ମନେ ମନେ ପରିତ୍ୟାଗ କଲା । କୌଣସି ଶ୍ରେଷ୍ଠ ଦାର୍ଶନିକ ଦେଖିଥିଲେ ନିଶ୍ଚୟ କହି ଥାଆନ୍ତେ, "ହଂସା ଦ୍ୱାରା ବ୍ୟଥିତ ପାଶ୍ଚାତ୍ୟ ଜଗତକୁ ପ୍ରାଚ୍ୟ ଜଗତ ଅଲୋକ ଦେଖାଉଅଛି"— ରମେଶ ଖଣ୍ଡିଏ କାଗଜରେ "ପ୍ରାଚ୍ୟର ଅଲୋକ"ର ଇଂରାଜୀ ତର୍ଜମା କରି ଲେଖିଲା । କାଗଜ ଖଣ୍ଡି ଛବି ସାଙ୍ଗରେ ରଖି ଭଲ ଭାବରେ ଗୋଟାଏ ଖୋଳ ଭିତରେ ବନ୍ଦ କରି ଶୈଳେନ ବାବୁଙ୍କ ପାଖକୁ ଡାକରେ ପଠାଇଦେଲା ।

ପନ୍ଦର ଦିନ କାଳ ରମେଶ ତା ଶରୀର ଉପରେ ଯେ ଘୋର ଅତ୍ୟାଚାର କଲା, ତାର ଶରୀର ତାହା ସମ୍ଭାଳି ପାରିଲାନାହିଁ । ଗତାନୁଗତିକ ଶରୀର-ଧର୍ମ ଉପରେ ଘୋର ବାଧା ପଡ଼ିଲା । ରାତିକୁ ତା ମୁଣ୍ଡବିଥେଇ ଟିକିଏ କସ୍ ମସ୍ ହେଲା ଭଳିଆ ଲାଗିଲା । ରମେଶ ଭାବିଲା ବୋଧହୁଏ ଅତ୍ୟଧିକ ଏକକାଳୀନ ପରିଶ୍ରମ ହେତୁ ଦେହ ଟିକିଏ ଆଲ୍ଜା ହୋଇ ପଡ଼ୁଛି । ତା ପରଦିନ ରୀତିମତ ଜ୍ୱର । ସତିଆର ଟିକିଏ ଭୟ ହୋଇଗଲା । ରମେଶକୁ ପଚାରିଲା, "ବାବୁ, ଗୋଟାଏ ଡାକ୍ତର ଡାକି ଆଣିବି ।" ରମେଶର ଧାରଣା ସେ

Digitized by srujan ka@gmail.com

କେବଳ କାମଧେନୁମାନେ ଡାକ୍ତରମାନଙ୍କୁ ସମ୍ଭାଳି ପାରନ୍ତି । ତା ଭଳିଆ ବଳଦମାନେ ସମ୍ଭାଳିବେ କାପରି ? ତା ପରେ ଗୋଟାଏ ଢନର୍ ଜ୍ୱର—ଏମିତି କଅଣ ହୁଏ ନାହିଁ । ଘୁଡ଼ିପିବନି ସେ ବଳେ—ତା'ପର ଦିନ ଆହୁରି ବେଶୀ ଜ୍ୱର, ରମେଶ ଉଠି ପାରିଲା ନାହିଁ । ସତିଆ ନିତାନ୍ତ ଜିଗର କଲା ଡାକତର ପାଇଁ । ରମେଶ ସତିଆକୁ କହିଲା—''ଦେଖିଲୁ ସେ ବାକ୍ସ ଭିତରେ କେତେ ଟଙ୍କା ଅଛି ? ଦଶଥର ଗଣି ଗୁଣ୍ଠି ଓ ଉପରକୁ ଚାହିଁ ହିସାବ କିତାବ କରି ସତିଆ କହିଲା—''ଦୁଇକୋଡ଼ି ତିନି ଟଙ୍କା ଆଉ ପାଞ୍ଚ ଅଣା ।''

''ସେତିକି ହଉଛି ପାଣ୍ଠି, ତୋ ଜିମା ଦେଲି, ତୁ ଯାହା କରିବୁ କର—''

ତହିଁ ଆରଦିନ ରମେଶ ଜ୍ୱରରେ ବେହୋସ । ସତିଆ ଆଉ ସମ୍ଭାଳି ହୋଇ ରହି ପାରିଲା ନାହିଁ, ଭଗିଆକୁ ଜଗେଇ ଦେଇ ଦଉଡ଼ିଲା ଡାକତରଙ୍କ ପାଖକୁ । ତାଙ୍କ ଗୋଡ଼ତଳେ ଢୋ କରି ମୁଣ୍ଡଟା ବାଡ଼େଇ ଧୋଇ ବାଲୁଆ ପରି ଡକା ପକାଇ କହିଲା, "ଡାକ୍ତର ବାବୁ ମୋ ଭାଇ—"

''ଆରେ କଥା କଣ ?''

"ବାବୁ ମୁଁ ଅନାଥ ହୋଇଯିବି ।"

''ଆରେ କଅଣ ହୋଇଛି କହ ।''

''ତାଙ୍କ ଲାଗି ମୁଁ ବଞ୍ଚିଛି ।"

"ହେଇ, ଅରେ କାହାର କଅଣ ହୋଇଛି କହ ।"

"ତାଙ୍କୁ ବଞ୍ଚାଅ ।"

''ଆରେ ଓଲୁ, କାହାକୁ ଜର ଫର ହୋଇଛି ?''

"ଆଜ୍ଞା ମୋ ଭାଇଙ୍କି ।"

—ବତିଶି—

Digitized by srujan ka@gmail.com

"କେତେଦିନ ହେଲା ଜର ହୋଇଛି ?"

"ଆଜ୍ଞା ଚାରିଦିନ ହେଲା ।"

"ଜର ମଝିରେ ମଝିରେ ଛାଡୁଛି ନା ସେମିତ ଦେହରେ ରହୁଛି ?"

"ଆଜ୍ଞା, ସେମିତ ହେଲେ ରହୁଥାଆନ୍ତା । ସେ ତ ଦିନକୁ ଦିନ ବଢ଼ି ଚାଲିଛି ।"

"ଅରେ ରୋଗୀକୁ ନ ଦେଖିଲେ ହବନାହିଁ । ଖରାପ ଜରପରି ଜଣାଯାଉଛି ।"

ଅବଶେଷରେ ସତିଆ ଡାକ୍ତର ବାବୁଙ୍କୁ ସାଙ୍ଗରେ ନେଇ ଆସିଲା । ଡାକ୍ତରବାବୁ ଖୁଣ୍ଟି ନାଣ୍ଟି ପରୀକ୍ଷା କରିସାରି ଦୁଇ ତିନିଟା ଔଷଧ ଦେହରେ ଫୋଡ଼ି ଦେଲେ । ସତିଆକୁ ଭଲ ଭାବରେ ବୁଝାଇ ଦେଲେ ଯେ ଏ ଜର ଅନ୍ତତଃ ଏକୋଇଶଦିନ ବା ଆଉ କିଛି ବେଶୀଦିନ ନ ଗଲେ ଭଲ ହେବାର ଆଶା ନାହିଁ, ଗୁଡ଼ାଏ ଟଙ୍କା ଚିକିତ୍ସାରେ ଖର୍ଚ୍ଚ ହେବ । ଯଦି ଜୋର ପାଏ, ତେବେ ଘରେ ରଖି ଚିକିତ୍ସା କରିବାକୁ ହେବ । ସତିଆ ଯେତେବେଳେ ଔଷଧର ଦାମ ଓ ଡାକ୍ତରଙ୍କ ପାରିଶ୍ରମିକ ବାବଦ ପହିଲି ଦିନ ପୁରା ଦଶଟା ଟଙ୍କା ବୋଲି ଶୁଣିଲା ତାକୁ ଜଣାଗଲା, ଯେପରି ତା ଗୋଡ଼ତଳୁ ମାଟିଗୁଡ଼ାକ ଖସି ଖସି ଯାଉଛି । ଚଟାପଟ୍ ହିସାବ କରି ପକାଇଲା ଆଙ୍ଗୁଠିରେ ଗଣି, ଦୁଇଦିନରେ କୋଡ଼ିଏ ଟଙ୍କା, ଆଉ ଦୁଇଦିନରେ କୋଡ଼ିଏ ଟଙ୍କା, ହାରାହାରି ତିରିଶି ଦିନରେ ଜର ଭଲ ହେଲେ ପନ୍ଦରଥର ଦୁଇଦିନରେ ପନ୍ଦର କୋଡ଼ି ଟଙ୍କା । ଇଲେ ବୋପା ଲୋ ! ବାକ୍ସରେ ଅଛି ମୋଟେ ଦୁଇକୋଡ଼ି ତିନି, ପାଞ୍ଚଅଣା । ବଡ଼ ଡାକ୍ତର ଖାନା କଥା ମନେ ପଡ଼ିଲା । ସେ ତ ନିଜେ କେତେଥର ଦେଖିଛି ଖାଁଜେ଼ ଡାକ୍ତର । ଇଏ ଆସିଲା

Digitized by srujan ka@gmail.com

ଟିକିଏ ଚପିପକା, ସିଏ ଅସିଲ ଟିକିଏ ଚପିପକା, ଦେହ ଦରଜ ହବାଯାଏ । ଉତ୍ପୁଷ୍ଟି ମନ୍ଦ୍ରଷ୍ଟି ନାଁ ନାହିଁ, ଖାଲି ଦାଦମାନଙ୍କ ହାତରେ ଚୋଟକେ ଲେଖାଏଁ ଗଙ୍ଗାଜଳ । ଗରିବମାନଙ୍କୁ ସେଠି ପଚ୍ଛୁରେ କିଏ ? ବଡ଼ ବଡ଼ ହାକିମ ହୁକୁମା ସେଠିକି ଗଲେ ଦେଖ କେତେ ଅଦର, କେତେ ସେବା, କେତେ ଭଲବାଜା ଗାଜଣା । କୋଉ ଦାଦ ପୋଛୁ ପକାଉଥିବ, କୋଉ ଦାଦ ଅଠର ଥର ଜର ଦେଖି ପକାଉଥିବ, କୋଉ ଦାଦ କହୁ ନହେଲେ ଶେଯ ଟିକିଏ ସିଧା କରି ଦେଉଥିବ । ଖୁଦ୍ ଚ୍ଚେଟ ସାହେବ ନିଜେ ଥାଇ କେତେ ରଙ୍ଗର ନାଲି, ନେଳି, ହଳଦିଆ ମିଠା ମିଠା ଉଷୁଦ ଘଣ୍ଟାକୁ ଘଣ୍ଟା ଦଉଥିବ । ଅଉସବୁ କଥା ଦୂରେ ଥାଉ ନିଜେ ବଡ଼ ସାହେବ ବି ଦିନକୁ ଛଅ ସାତଥର ନଦେଖିଲେ ତାଙ୍କ ଭାତ ହଜମ ହବ ନାହିଁ । ଗରିବଙ୍କୁ ଏସବୁ ସପନ । ଥାନ ବି କଅଣ ସହଜେ ମିଳୁଛି । ଗରିବ ଗଲେ ଥାନ ନାହିଁ, ବଡ଼ଲୋକ ଗଲେ ଦିଅ କାଢ଼ି ଗୋଟାଏ ମଲାମୁଣ୍ଡିଆ—ତା ଜାଗାରେ ବଡ଼ଲୋକ ରହିବ । ସତଅର ମୋଟେ ଡାକତର ଖାନାକୁ ନେବାକୁ ଇଚ୍ଛାହେଲା ନାହିଁ । କୋଉ ବାଟେ ହେଲେ ଟଙ୍କା ଆଣି ଘରେ ଚିକିତ୍ସା କରିବାକୁ ହେବ । ଟଙ୍କାତକ ଡାକତର ବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲା, 'ବାବୁ ଦେଖୁଚତ ଆମ ଘର ଅବସ୍ଥା, ଟିକିଏ ଆମକୁ ଦୟାକର । ଉଷୁଦ ଖଣ୍ଡାଟା ଟିକିଏ ଦିହାଇ ମିଳିଲେ ହେଲା । ଅପଣଙ୍କ ଭଳିଆ ଲୋକଙ୍କୁ ଅମେ ମଲାମୁଣ୍ଡିଆ ବା କଣ ଦେଇ ପାରିବୁ ? ଅମକୁ ଦୟାକରିଥିଲେ ମା ବୁଢ଼ୀଠାକୁରାଣୀ କୋଉବାଟେ ଅପଣଙ୍କୁ ପୁଳା ପୁଳା ଟଙ୍କା କରେଇ ଦେବେ ।' ଡାକତର ବାବୁଙ୍କ ହୃଦୟରେ ବୋଧହୁଏ ଟିକିଏ ଦୟା ଥିଲା । ସତଅ କଥାରେ ରାଜିହୋଇ ଟଙ୍କା ଗଣି ପକେଟରେ ପୂରାଇ ଚାଲିଗଲେ । ସତଅ ବୁଢ଼ୀଠାକୁରାଣୀଙ୍କ

Digitized by srujan ka@gmail.com

ଉଦ୍ଦେଶ୍ୟରେ ମୁଣ୍ଡ ଅଠାଏ ମାରି ମନେ ମନେ ଜଣାଇଲା, "ମା ! ଯଦି ମୋ ଭାଇଙ୍କି ଭଲକରିଦେବୁ ନିଶ୍ଚେ ଦଶରାକୁ ବୋଦାଟାଏ ଦେବି ।" ପଛରେ ମନେ ପଡ଼ିଗଲା ଡାକ୍ତର ବାବୁଙ୍କ ଦୟାକଥା । ପୁଣି ମୁଣ୍ଡ ଅଠାଏ ମାରି ମନେ ମନେ କହିଲା, "ମା, ଡାକ୍ତର ବାବୁଙ୍କୁ କୋଡ଼ିଏଟା ଧନୀ ପେଟମରା ରୋଗୀ ଜୁଟେଇଦେ ।" ସତିଆ ଦେଖିଲା ପାଣ୍ଠି ମୋଟେ ଦୁଇକୋଡ଼ି ଛଅଟଙ୍କା, ଆଉ ପାଞ୍ଚ ଅଣା । ସେଥିରୁ ପୁଣି ଗଲାଣି ଥରକେ ଦଶ । ହାରିହାରି ଡାକ୍ତର ବାବୁଙ୍କ ପାଇଁ ଆଉ ଚଉଦ କୋଡ଼ି ଟଙ୍କା କୋଉଠାରୁ ଆଣିବାକୁ ହେବ । ଉପରକୁ ଚାହିଁଲା ଆଉ ଚାହିଁଦେଲା ତା କେମା ହାତକୁ । ଡାହାଣ ହାତ ବଲକୁଲ, ରଦି, ବାଁ ହାତ ସେହିପରି, ହେଲେ ଟିକିଏ ଟିକିଏ ଛୋଟ ଛୋଟ କାମ କରି ହେବ । ମନରେ ଦମ୍ଭ ଆଣିଲା; ବୁଢ଼ୀଠାକୁରାଣୀ କେଉଁବାଟେ ହେଲେ ଆଣିଦେବେ । ତହିଁ ଆର ଦିନ ସକାଳୁ ଝିଅକୁ ଜଗେଇ ଦେଇ ବୁଢ଼ୀଠାକୁରାଣୀଙ୍କୁ ମୁଣ୍ଡ ଅଠାଏ ମାରି ଘରୁ ବାହାରିଲା ।

ଦିନ ଦଶଟା ବେଳକୁ ଫେରି । ଭାଇଙ୍କି ଟିକିଏ ଭଲ କରି ଦେଖି ନେଲା । ସାଙ୍ଗେ ସାଙ୍ଗେ ପୁଣି ଗଲା ଡାକ୍ତରବାବୁଙ୍କ ପାଖକୁ । ଡାକ୍ତରବାବୁ ଆସିଲେ । ଔଷଧ ବି ଫୋଡ଼ା ହେଲା । ଡାକ୍ତର ବାବୁ ହିସାବ କରି କହିଲେ ବାରଟଙ୍କା । ଔଷଧଗୁଡ଼ାକର ନାଁ ଓ ଦାମ ସତିଆକୁ କହି ବୁଝାଇ ଦେଲେ । ସତିଆ ସେ ଗ୍ରାଡ଼, ମ୍ରାଡୁ ନାଁରୁ କଅଣ ବୁଝିବ । ଯେତକ ଦୁନିଆଁ ଛଡ଼ା ନାଁ ସବୁ ଡାକ୍ତରୀ ଔଷଧର । ସତିଆ ତାଙ୍କ ହାତକୁ ଟଙ୍କାତକ ବଢ଼ାଇ ଦେଲା । ଡାକ୍ତରବାବୁ ସତିଆକୁ ତାଙ୍କ ଦୋକାନକୁ ସାଙ୍ଗରେ ନେଇଗଲେ ଓ ଖାଇବା ଔଷଧ ମାଗଣା ପଠାଇ ଦେଲେ । ସତିଆ ବଡ଼ କୃତଜ୍ଞତା ଜଣାଇ

Digitized by srujan ka@gmail.com

ମୁଣ୍ଡି ଆଠାଏ ମାରି ଔଷଦ ନେଇ ଚାଲି ଆସିଲା । ଏହାପରେ ଡାକ୍ତର ବାବୁ ରୋଜନା ଆସୁଥାନ୍ତି ଓ ଟଙ୍କା ନେଇ ଯାଉଥାନ୍ତି । ଭଗିଆ ମନେ ମନେ ଖୁବ୍ ସନ୍ଦେହ ହେଲା, ଏତେ ଟଙ୍କା ଆସୁଛି କୁଆଡ଼ୁ ? ସତିଆ ଏମିତି କଅଣ କାମ କରୁଛି ଯେ, ଲୋକେ ମୁଠା ମୁଠା ଟଙ୍କା ଦେଉଛନ୍ତି । ବାକ୍ସରେ ଥିଲା ମୋଟେ ଦୁଇ କୋଡ଼ି ତିନ୍, ଅଉ ପାଞ୍ଚଣା । ଏତ ଦଶ ବାର ଦିନ ହେଲାଣି; ମାମଲତି ଶହେ ଉପରେ । ବାକସରୁତ ଟଙ୍କା କଅଣ ବାହାରି ଲାଗିଛି ! ନିଶ୍ଚୟ ସତିଆ ପାଖରେ ଇଲମ ଅଛି । ନହେଲେ ତା ଭଳିଆ କେମ୍ପାଠାକୁ ଛାଇ ଏତେ କାହିଁକି ଭଲ ପାଆନ୍ତେ । ସେ ବି କେତେ ରକମ ଇଲମ ବିଷୟ ଶୁଣିଥିଲା । ତା ବାପା ଦିନେ କହୁଥିଲେ ଯେ, "ଗୋଟିଏ ବାବାଜି ଥରେ ଚବଣ ପ୍ରହସ୍ୱ କରୁଥିଲେ । ହଜାର ହଜାର ଲୋକ ଖାଇବାକୁ ବସିଥାଆନ୍ତି । ଅଧ ସେରିଆ ହାଣ୍ଡିରେ ହାଣ୍ଡିଏ ଭାତ, ସେଥିକି ଲୁହିଁ ତିଅଣ, ଅମ୍ବିଳ, ଖିରି । ବାବାଜି ଦ'ଘରିଟା ବେଳ୍ ପସ ଧରି କମଣ୍ଡଳୁରେ ବୁଡ଼ାଇ ସବୁ ହାଣ୍ଡିରେ ଟିକିଏ ଟିକିଏ ପାଣି ଛିଞ୍ଚି ଦେଇ କହିଲେ, "ହଁ ହୋଇଯିବ ।" ଲୋକେ ତ ଗଲା ବାଢ଼ୁଛନ୍ତି—ସମସ୍ତେ ପେଟପୁରା ଖାଇଲେ, ତେବେ ବି ହାଣ୍ଡି ଭର୍ତ୍ତି । ସେମିତିଆ କୋଉ ବାବାଜିଠୁ ସତିଆ ବୋଧହୁଏ କିଛି ଇଲମ ପାଇଛି । ପୁଣି ଭାବେ ଯଦି ଇଲମ ପାଇଥାନ୍ତା, ତେବେ ସେ ତ କେତେଡ଼ ବଡ଼ଲୋକ ହୋଇଯାଇଥାନ୍ତା । ମୁଣ୍ଡ ଗୋଳମାଳ ହୋଇଯାଏ, କିଛି ଠିକ୍ କରି ନପାରି ଭାଇଙ୍କ ଗୋଡ଼ ଅଉଁସିବାରେ ଲାଗିଯାଏ । ଟଙ୍କା କେଉଁଠାରୁ ଆସେ କେବଳ ସତିଆକୁ ଜଣା । ଭଗିଆ କେବଳ ଦେଖେ ସତିଆ ସକାଳୁ ଘରୁ ଯାଉଛି ଓ ତିନିଟା ଚାରିଟା ବେଳକୁ ଘରକୁ ଆସୁଛି । ଥରେ ଅବଶ୍ୟ ଘରକୁ ଆସିଲାବେଳକୁ ଭଗିଆ ଦେଖିଥିଲା ସତିଆ ଦହହାତଯାକ ପଟି ଭିଡ଼ା

Digitized by srujan ka@gmail.com

ହୋଇଛୁ । ଗୁହିଁଲା ସେ କେଉଁଠି କୁଆଡ଼େ କନ୍ଥଡ଼ ହୋଇ ପଡ଼ି ଯାଇଥିଲା । ସେଇ ଦିନଠୁଁ ଆଉ ଘରୁ ବେଶୀ କୁଆଡ଼େ ଯାଏ ନାହିଁ ; କେବଳ ଡାକ୍ତର ବାବୁଙ୍କୁ ଡାକି ଆଣିବାକୁ ଯାଏ । ଏହିପରି ପନ୍ଦର ଦିନ ଗଡ଼ିଗଲା । ବୁଢ଼ୀଠାକୁରାଣୀ ସତିଆର ଡାକ ଶୁଣିଲେ; ରମେଶ ଟିକିଏ ଆଖି ଫିଟାଇଲା । 'ଉଁ ଆଁ' କରି ପଦେ ଦି' ପଦ କି କଥା କହିଲା । ସେହିଦିନ ସନ୍ଧ୍ୟାରେ ଡାକ୍ତର ବାବୁଙ୍କ ଜୋତାରୁ ସବୁ ଧୂଳିଯାକ ପୋଛି ନେଇ ସତିଆ ମୁଣ୍ଡରେ ମାରିଲା । ସତିଆକୁ ଡାକ୍ତର ବାବୁ ସାନ୍ତ୍ୱନା ଦେଇ କହିଲେ, "ଆରେ ତୋ ଭାଗ୍ୟ ଭଲ । ତୁ ପହିଲୁ ମୋ ପାଖକୁ ଯାଇଥିଲୁ । ଏ ଯେଉଁ ଜ୍ୱର, ଏଥିରେ ଲୋକେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବି ଭଲ ହୁଅନ୍ତି ନାହାନ୍ତି । ଖାଲି ତୋ ଅବସ୍ଥା ଦେଖି ଅଢ଼େଇ ଶହ ଟଙ୍କାରେ ଜ୍ୱର କମାଇ ଆଣିଲିଣି । ମୋ ପାରିଶ୍ରମିକ ବାବଦ କିଛି ନେଇ ନାହିଁ । ଖାଲି ଔଷଧ ଦାମ୍ ।" ସତିଆ ବି କୃତ କୃତ୍ୟ ହୋଇ କହିଲା, "ଆଜ୍ଞା ହଁ, ଔଷୁଧ ଦାମଟା କପରି ନ ନେବେ, ଆପଣତ କୁମ୍ପାନୀକୁ ପଇସା ଦେଇ ଔଷୁଧ ଆଣି ରଖିଛନ୍ତି । ଏ ଋଣ କଅଣ ଏ ଜନ୍ମରେ ମୁଁ ଶୁଝି ପାରିବି ? ଆର ଜନ୍ମରେ ଆପଣଙ୍କର ଲେଉଟିଆ କଂଆଣ୍ଟ ହୋଇ ଶୁଝିବି । ଆଉ ବାବୁ—ଆପଣ ଯୋଉ କୁମ୍ପାଣ୍ଡର ବାବୁଙ୍କୁ ରଖିଛନ୍ତି ସେ ଭାରି ଖରାପ ଲୋକ । ମୋତେ ଦିନେ ବାହାରେ ଡାକି କହୁଛନ୍ତି—"ଆରେ ହେ, ରୋଗୀକୁ ତ ଟାଇଫର୍ ହୋଇଛି, ଡାକ୍ତର ବାବୁ ଏତେ ଟଙ୍କା କଅଣ ଆଣୁଛନ୍ତି ? ଏତେ ଟଙ୍କାର ଔଷଧ ତ କିଛି ଲାଗିବ ନାହିଁ । ମୋତେ କୋଡ଼ିଏ ଟଙ୍କା ଦେ, ମୁଁ ସବୁ ଭଲ କରି ଦେବି ।" ମୁଁ ତା କଥାରେ କଣ ବେଇମାନୀ କରିବି ? ଏତେ ଦିନ ହେଲା କିଛି ମଜୁରି ନ ନେଇ ଆପଣ ଖଟୁଚନ୍ତି......"

—ସତଭଉଣୀ—

Digitized by srujan ka@gmail.com

ଡାକ୍ତର ବାବୁଙ୍କ ରୂପ ଟିକିଏ ବଦଳି ଗଲା । ଛାତି ଦେଖା ଯନ୍ତ୍ରଟା ହାତର ବାଁ ପାପୁଲିରେ ଥଡ୍ ଥଡ୍ କରି ରଖିଲ ରଖିଲ ବାଡ଼େଇବାକୁ ଲାଗିଲେ । ଘର ଭିତରେ ଏପାଖ ସେପାଖ ଟିକିଏ ପାଇଚାରି କରି କହିଲେ, "ତାର ତ ସେଇ କାମ, ସେ କହିବ ନାହିଁ ତ ଆଉ କିଏ କହିବ ? ଏତେ ତାର ଯଦି ବିଦ୍ୟା ବୁଦ୍ଧି ଅଛି ସେ ମୋ ପାଖରେ ଚାକିରି କରୁଛି କାହିଁକି ? ଛୋଟ ଲୋକଙ୍କର ଛୋଟ କଥା । ସେସବୁ ଲୋକଙ୍କ କଥାରେ କାନଦେବା ଉଚିତ ନୁହେଁ ।" ସତିଆ ସାଙ୍ଗେ ସାଙ୍ଗେ କହିଲା, "ଆଜ୍ଞା ତା କଥାରେ କାନ ଦେଇଥିଲେ ମୁଁ ପୁଣି ଆପଣଙ୍କ ପାଖକୁ ଯାଇଥାନ୍ତି କାହିଁକି ? ମୁଁ କେବେ ବେଇମାନି କରିବି ନାହିଁ ।" ସେଇ ଦିନଠାରୁ ଡାକ୍ତର ବାବୁ ବି ଔଷଧ ଟଙ୍କାରୁ କିଛି ଛାଡ଼ିଦେଲେ । ଆହୁରି ଶହେ ଟଙ୍କାର ଔଷଧ ଲାଗିଥିଲା । ସତିଆ କାକୁତି ମିନତି ହୋଇ କହିବାରୁ ସେଥିରୁ ପୁଣି ପଚିଶ ଟଙ୍କା ଆହୁରି ଛାଡ଼ିଦେଲେ । କାହିଁକି ତେବେ ଲୋକମାନେ କହନ୍ତି ଡାକ୍ତରମାନଙ୍କ ହୃଦୟ ବଡ଼ ନିଷ୍ଠୁର ?

ଏକୋଇଶ ଦିନ ପରେ ରମେଶର ଜ୍ୱର ସମ୍ପୂର୍ଣ୍ଣ ଛାଡ଼ିଗଲା । ଖାଲି ଦୁର୍ବଳତା ହେତୁ ଉଠିପାରୁ ନଥାଏ । ଭଲ ଭାବରେ କଥା-ବାର୍ତ୍ତା କଲା । ଅସ୍ତେ ଅସ୍ତେ ମାସ ଗୋଟାକରେ ଚାଲିବୁଲି ଟିକିଏ କଲା । ଜ୍ୱର ଛାଡ଼ିବା ଦିନଠାରୁ ଡାକ୍ତର ବାବୁ ବି ଛାଡ଼ିଯାଇଥିଲେ । ସେଥିଲାଗି କେତେ ଖର୍ଚ୍ଚ ହେଲା ତାହା ଜାଣିପାରି ନଥିଲା । ସତିଆକୁ ପଚାରିଲେ ସତିଆ କହେ, "ତୁମର ଏହିକ୍ଷଣି ଏତେ ବୁଝିବା ଦରକାର କଅଣ ? ତୁମର ଆଗ ଦିହ ଆସୁ, ଟିକିଏ ଥୟ ଧର । ଯୋଉ ବାଟେ ହେଲେ ଚଳିଗଲେ ଚଲି ।" ଦଶ ପନ୍ଦର

Digitized by srujan ka@gmail.com

ଧନ ଗଲା । ଧନରେ ଟିକିଏ ଜୋର୍ ଆସିଲା । ଅଳ୍ପ ସତଅ ଉପରେ ନିର୍ଭର କରି ବସି ପାରିଲା ନାହିଁ । ଶୈଳେନ୍ ବାବୁଙ୍କ ପାଖକୁ ଯେତେ ରଚନା ପଠାଇଥିଲା ସବୁ ରଚନା ବାବଦ କିଛି କିଛି ପୁରସ୍କାର ପାଇଥିଲା । ସତଅର ଶତ ବାରଣ ସତ୍ତ୍ୱେ ପୁଣି ଭୂଲ ଧରିଲା । ତା ସଂସାର ଚକ ପୁଣି ଘୂରିବାକୁ ଆରମ୍ଭ କଲା ।

ଠିକ୍ ରମେଶର ସଂସାର ଚକ ଘୂରୁଥିଲାବେଳେ କଟକର ଚକ ପଡ଼ିଆରେ ଅବସ୍ଥିତ ଓ ମାର୍ଟିନ୍ କୋମ୍ପାନୀ ଦ୍ୱାରା ନିର୍ମିତ ମନୋହର ଦ୍ୱିତଳ ପ୍ରାସାଦଯୁକ୍ତ ପ୍ରକାଣ୍ଡ କାରଖାନାରେ ଓଡ଼ିଶାର ଭାବୀ ବୈଜ୍ଞାନିକ, ଦାର୍ଶନିକ, ରାଜନୀତିଜ୍ଞ ଓ ଶିକ୍ଷାବିତ୍‌ମାନେ ତିଆରି ହେଉଥାଆନ୍ତି । କଳ ବିଲାତି କିନ୍ତୁ କଞ୍ଚାମାଲ୍ ହେଉଛି ପୁରା ଦେଶୀ—ଓଡ଼ିଶୀ । ସେଇଥିଲାଗି କଅଣ ଶତକଡ଼ା ଏକ ଦୁଇ ନିଖୁଣ ନିର୍ମିତ ମାଲ୍ କାରଖାନାରୁ ବାହାରୁଥାଏ ? ସେହି ଶତକଡ଼ା ଦୁଇ ଭିତରେ କି ନିପଟ ଦେଶୀକଳ ତିଆରି ଭଞ୍ଜ, ପଠାଣୀ ସାମନ୍ତ, ଜଗନ୍ନାଥ ଦାସ, ବିଶ୍ୱ ମହାରଣା, ଖାରବେଳ ଭଳିଆ ଜନ୍ମେ କାହିଁ ? ଯନ୍ତ୍ରର କେଉଁଠି ପରିବର୍ତ୍ତନ ଦରକାର ତାହା ଅତି ଶୀଘ୍ର କରିବାକୁ ହେବ । ନଚେତ୍ ଓଡ଼ିଶାର ଭବିଷ୍ୟତ ଅନ୍ଧାର—କଟିକଟିଆ ଅନ୍ଧାର । ଆମ ଦେଶୀଫୁଲ୍ ସାଙ୍ଗରେ କେଉଁ ବିଲାତି ଫୁଲର କ୍ରସିଂ ପରାଗ ସଂଯୋଗ ହେଲେ ଫଳ ଭଲ ହେବ ତାହା ଗବେଷଣାଦ୍ୱାରା ଠିକ୍ କରିବା ଉଚିତ । ଯାହିତାହି ବିଲାତି ଫୁଲ୍‌ଟାଏ ତ ଥୋଇଦେଲେ ଚଳିବ ନାହିଁ ! ସେଥିରେ କେବଳ ମହର୍ଗରୁ ଯାଇ କାନ୍ତାରରେ ପଡ଼ିବାର ସାର ହେବ । ସେହି ମନୋରମ ଦ୍ୱିତଳ ପ୍ରାସାଦ ଭିତରେ ଗୋଟାଏ ଜାଗାରେ ଘର ଘଣ୍ଟା ଚକଟା । ଘଣ୍ଟା ଚକଟାର ମୂଳ କାରଣ ହେଉଛି, ଜମିଦାର ଉପେନ୍ଦ୍ର ଚୌଧୁରୀଙ୍କର

—ଅଣସ୍ଥଳାଗି—

Digitized by srujan ka@gmail.com

କନ୍ୟା ଚତୁର୍ଥ ବାର୍ଷିକ କଲାର ଛାତ୍ରୀ ଅସୀମ ରୂପବତୀ ରେଖା ଦେବୀ । ବାଲ୍ମୀକିଙ୍କର ଆଖିରେ ସୀତା, କାଳିଦାସଙ୍କ ଆଖିରେ ଶକୁନ୍ତଳା ଓ ଗ୍ରୀକ୍‌ମାନଙ୍କ ଆଖିରେ ହେଲେନ୍ ଯେପରି, କଲେଜଛାତ୍ରମାନଙ୍କ ଆଖିରେ ରେଖା ଦେବୀ ସେହିପରି । ପରମାଣୁ ସଂଯୋଗ' କୋଷକୁ କେନ୍ଦ୍ରକରି ଯେପରି ବିଯୋଗ କୋଷ-ମାନେ ଅଚିନ୍ତନୀୟ ଗତିରେ ଚାରିପାଖରେ ଘୂରୁଥାନ୍ତି, ସେହିପରି ରେଖା ଦେବୀଙ୍କୁ କେନ୍ଦ୍ରକରି ଚତୁର୍ଥ ବାର୍ଷିକ କଲାର ଅଧିକାଂଶ ଛାତ୍ର ଘୂରୁଥାନ୍ତି । ସବୁବେଳେ ଅବିଶ୍ରାନ୍ତ ଚେଷ୍ଟା, କିପରି କେନ୍ଦ୍ର ନିକଟରେ ପହଞ୍ଚିବେ । କିନ୍ତୁ କି ପରିଧିକ୍ଷେପକ ଶକ୍ତି ସେମାନଙ୍କୁ ଯଥା ସ୍ଥାନକୁ ଫୋପାଡ଼ି ଦିଏ, ତାହା କେବଳ ଗତି-ବିଜ୍ଞାନବିତ୍-ମାନଙ୍କୁ ଜଣା ।

ମନୁଷ୍ୟ ସମାଜରେ ସ୍ତ୍ରୀ ସୁନ୍ଦର । ପୁରୁଷ କେବଳ କୌଣସି ବିଶିଷ୍ଟ ଗୁଣ ଦ୍ୱାରା ସ୍ତ୍ରୀର ମନୋରଞ୍ଜନ କରି ତାକୁ ଆକର୍ଷଣ କରେ । ପଶୁ ସମାଜରେ ପୁରୁଷ ସୁନ୍ଦର । ସେଠାରେ ପୁରୁଷ କେବଳ ନିଜର ସୌନ୍ଦର୍ଯ୍ୟ ଦେଖାଇ ସ୍ତ୍ରୀକୁ ଆକର୍ଷଣ କରେ । ପଶୁଙ୍କର ମାନବ ଗୁଣ ଆସିବ ବା କେଉଁଠୁ ? ସିଂହ କେଶର ଶୋଭିତ ହୋଇ ସୁନ୍ଦର ଦିଶେ କିନ୍ତୁ ସିଂହୀ ସେପରି ନୁହେଁ । ମୟୂର ପୁଚ୍ଛ ପାଇଁ ସୁନ୍ଦର, ମୟୂରୀ ନୁହେଁ । ମୁରଗା ମୁକୁଟ ଲାଗି ସୁନ୍ଦର, ମୁରୁଗୀ ନୁହେଁ । ଏହିପରି ପଶୁ ଜଗତର ପ୍ରାୟ ଏକ ନିୟମ । ଆମର ଏହି ଛାତ୍ରୀ ଜଗତ ପକ୍ଷୀଜଗତର ଏହି ନିୟମରୁ କିଛି ଧାର ଆଣିଥିଲା ପରି ଜଣା ଯାଉଥିଲା । ନହେଲେ କଲେଜ ସାମନା ମନୋହାରୀ ଦୋକାନରେ କୃତ୍ରିମ କାନ୍ତିବର୍ଦ୍ଧକର ଏତେ କାଟତି ହୁଅନ୍ତା କିପରି ? ପେଡ଼କା ପେଡ଼ ଲୁଟେ; ଆଜି ଲୁଟେ, କଲ୍ୟ-ବାଲ୍ୟ ବେଶୀ ହଉଛନ୍ତି ଛାତ୍ର, ଛାତ୍ରୀ ନୁହନ୍ତି । ସନ୍ଧ୍ୟାବେଳେ

Digitized by srujan ka@gmail.com

ସେ ଦୋକାନରେ ଠିଆ ହେଲେ ଖାଲି ଶୁଣିବ ଅଜବ ନାଁ ସବୁ । ମୀରା, ହୁମାଣୀ, ହେଜ୍ଜଲିନ୍, ଆଫଗାନ୍, ପଣ୍ଡ୍ରେ,ଓଟିନ୍, ଆଇସିଲେମା, କୋଠି, ଇତ୍ୟାଦି ଇତ୍ୟାଦି—ମନେ ରଖି ହେବ ନାହିଁ । ଦୋକାନ-ଦାର ବଡ଼ ଚାଲାଖ । ଛାତ୍ରମାନଙ୍କ ସାଙ୍ଗରେ ମିଶି ସବୁକଥା ଜାଣି ନେଇଥାଏ । ଯଦି ଦେଖେ ଗୋଟାଏ କୋମ୍ପାନୀର କାନ୍ତିବର୍ଦ୍ଧକ ବେଶୀ ଦିନ ରହିଗଲା, ତେବେ ସେ ଦଳେ ଛାତ୍ର ଥିବା ସମୟରେ କୌଣସି ଏକ ଗରାଖଙ୍କୁ କହିଦିଏ, "ଆଜ୍ଞା ଏହି କାନ୍ତିବର୍ଦ୍ଧକକୁ ରେଖା ଦେବୀ ତ ଏବେ ଭାରି ବ୍ୟବହାର କରୁଅଛନ୍ତି, ଭାରି ପ୍ରଶଂସା ବି କରୁଅଛନ୍ତି ।" ବାସ୍—ଦୁଇଛାତ୍ର ଦିନରେ ପେଡ଼ି ଖତମ୍ । ଯେଉଁ ପାଞ୍ଚ ଛଅଜଣ ଛାତ୍ର ଏହି ଘୋଡ଼ା ଦୌଡ଼ରୁ ଦୂରରେ ରହି ଏମାନଙ୍କ ଅବସ୍ଥା କୌତୁହଳର ସହିତ ଲକ୍ଷ୍ୟ କରୁଥାନ୍ତି, ସେମାନଙ୍କ ମଧ୍ୟରେ ନିମାଇଁ, ହରିଶ, ଅନନ୍ଦା ପ୍ରଧାନ । ପହେଲି ହଂସ ଭିତରେ ବଗ ଯେମିତି ଖରାପ ଦିଶେ, ପହେଲି ବଗ ଭିତରେ ହଂସ ଗୋଟା ବି ସେମିତି ଅସୁନ୍ଦର ଦିଶନ୍ତି । ଏ ହଂସ ତିନୋଟି ବଗ ପଲଙ୍କର କାର୍ଯ୍ୟ କଳାପରେ ସେତିକି ହସନ୍ତି, ସେତିକି ଘୃଣା ବି କରନ୍ତି । ବଗ ପଲଙ୍କର ଦଉଡ଼ିବା ପନ୍ଥାର ହେଲେ ଠିକ୍ ଏ ବାଗ ଥାଆନ୍ତି ! ବ୍ରଜବାବୁ—ଟମ୍ଫୁ କୋଠର ଗଢ଼, ମୁଖ ବ୍ରଣ ପୂର୍ଣ୍ଣ, ହଇଜାରୁ ସଦ୍ୟ ଭଲ ହୋଇ ଥିବା ରୋଗୀ ପରି ସ୍ୱାସ୍ଥ୍ୟ । ସେ କିନ୍ତୁ ପିନ୍ଧନ୍ତି ହାତକଟା ଗେଞ୍ଜି, ତା ଉପରେ ପୁଣି ଅତି ସୂକ୍ଷ୍ମ କନାର ପଞ୍ଜାବୀ । ଅଧ୍ୟାପକ ଆସିବା ପୂର୍ବରୁ ରେଖାର ପାର୍ଶ୍ୱ ଦେଇ ବରାବର ଯିବା ଆସିବା କରୁଥାଆନ୍ତି । କି ଚାଲି ! ଶରୀର ମୋଟା, ଛବି ବିଶ୍ୱାସ ବି ସେମିତି ଚାଲି ପାରିବେ ନାହିଁ—ସତେକି ଦେହର ଗାମା ଦେହପରି ସ୍ୱାସ୍ଥ୍ୟଟା ପଞ୍ଜାବୀ ଫୁଟି ପଦାକୁ ବାହାରି ରେଖା ଦେବୀଙ୍କ ଦୃଷ୍ଟି ଆକର୍ଷଣ କରିବ ।

— ଏକଚାଳିଶି —

Digitized by srujan ka@gmail.com

ସନ୍ତୋଷ ବାବୁ—ଗୀତ ଟିକିଏ ବୋଲି ଅସେ । ଅଧ୍ୟାପକ ଅସିବା ପୂର୍ବରୁ "ମୁଝ ମତ ଭୂଲ୍ ନା" ଗୀତଟି ରେଖା ଦେବୀଙ୍କ କାନରେ ପଡ଼ିବା ଉପଯୋଗୀ ଦୀର୍ଘତରଙ୍ଗ ସୃଷ୍ଟି କରୁଥିବା କଣ୍ଠରେ ବୋଲି ବସନ୍ତି—କାଳେ ରେଖା ଦେବୀ ସଙ୍ଗୀତାଚାର୍ଯ୍ୟ ଫୈଜଖାଁଙ୍କ ସମକକ୍ଷ ଭାବି କେତେବେଳେ ନିମନ୍ତ୍ରଣ କରି ପାରନ୍ତି । କିନ୍ତୁ ରେଖା ଦେବୀ ସଙ୍ଗୀତରେ ତାଙ୍କଠାରୁ ଖୁବ୍ ଉପରେ ।

ମଣ୍ଟୁ ବାବୁ—କବିତା ଲେଖିଆସେ । ପାକ୍ଷିକ "ସନ୍ଧ୍ୟା"ରେ ସମ୍ପାଦକଙ୍କୁ ବହୁତ ଖୋସାମତ କରି ଖଣ୍ଡେ ଖଣ୍ଡେ କବିତା ବାହାର କରନ୍ତି । କାରଣ ରେଖା ଦେବୀ ଉକ୍ତ ପତ୍ରିକାଟିର ଗ୍ରାହକ । କିନ୍ତୁ ରେଖା ଦେବୀଙ୍କ ଆଖିରେ ଧରା ପଡ଼ିଯାଏ —କେଉଁଠାରେ ରବି ଠାକୁରଙ୍କ କବିତାର ଛାୟା ଥାଏ, କେଉଁଠାରେ କାଳିଦାସଙ୍କର ଉପମାର ନକଲ ଥାଏ ଓ କେଉଁଠାରେ ଦରିଅପାରି କବିମାନଙ୍କର ଆମ ଦେଶର ସମ୍ପୂର୍ଣ୍ଣ ଅନୁପଯୋଗୀ ଭାବମାନ ଥାଏ । ଇଏତ ହେଲା ମାର୍କିତ ଦୌଡ଼; ଅମାର୍କିତ ଦୌଡ଼ ହଉଛି—ରେଖାଦେବୀ ଯାଇଥିବା ଦିନ ପଇସା ଧାରକରି ସୁଦ୍ଧା ଚଳଚିତ୍ର ଦେଖିଯିବା, ପାଠ୍ୟ ପୁସ୍ତକ ନିଜ ପାଖରେ ଥିଲେ ସୁଦ୍ଧା ରେଖା ଦେବୀଙ୍କଠାରୁ ମାଗି ଆଣିବା, ରେଖା ଦେବୀଙ୍କ ଯାନଚାଳକ ସହ ବନ୍ଧୁତା ବାନ୍ଧିବା ଇତ୍ୟାଦି ଇତ୍ୟାଦି— ଯେଉଁମାନେ ଟର୍ମକନ୍ଦ୍ରିକ ନ୍ୟାସ୍ନେନ ରେଖା ଦେବୀଙ୍କ ନିକଟରୁ ପ୍ରତଗତ କରି ଫେରି ଥାଆନ୍ତି, ସେମାନେ ରେଖା ଦେବୀଙ୍କର ବହୁତ ନାଁ ଦେଇଥାଆନ୍ତି । କେହୁ ଦେଇଥାଆନ୍ତି "ଅଣ୍ଡ୍ରି ସଟଣ୍ଡ୍ରି ।" କାରଣ ତାଙ୍କ ମତରେ ରେଖା ଦେବୀ "ମାଉକନଥ ଚଣ୍ଡ୍ରି"ଙ୍କ ପରି ଯେ କୌଣସି ଥୋପ ବନଶୀରେ ଗୁନ୍ଥି ପକାଇ ଦେଲେ ଗିଳନ୍ତି ନାହିଁ ଓ ଅଦର୍ଶ ସ୍ତ୍ରୀମାନଙ୍କପରି ତାଙ୍କର ଏହି ଗୁଣଟା ଅସ୍ୱାଭାବିକ ।

—ବୟ୍ଲଗି—

Digitized by srujan ka@gmail.com

କେହି ଦେଇଥାଆନ୍ତି "ସାହାରା ମରୁଭୂମି ।" କାରଣ ରେଖାଦେବୀଙ୍କ ହୃଦୟ-କ୍ଷେତ ସାହାରା ମରୁଭୂମି ପରି ଅନୁର୍ବର—ଲକ୍ଷେ ପ୍ରେମ ମଞ୍ଜି ବୁଣିଲେ ଗୋଟିଏ ବି ଗଛ ହୁଏ ନାହିଁ । କେହି ଦେଇ ଥାଆନ୍ତି "ମାଇ ଧନ୍ଦୁରା ।" କାରଣ ରେଖା ଦେବୀ ତାଙ୍କ ପରି ରମ୍ଭା କଦଳୀକୁ ପସନ୍ଦ କରନ୍ତି ନାହିଁ । କେହି ଦେଇଥାଆନ୍ତି "ଲଲ ଝଣ୍ଡା ।" କାରଣ ରେଖା ଦେବୀ ତାଙ୍କ ପରି ସବୁ ଗୁଣ ପୁଞ୍ଜି କରି ରଖିଥିବା ପୁଞ୍ଜିପତିଙ୍କ ପାଖ ମାଡ଼ନ୍ତି ନାହିଁ । କେହି ଦେଇ-ଥାଆନ୍ତି "ଶେଉଳ ମାଛ ।" କାରଣ ରେଖା ଦେବୀ ତାଙ୍କ ମତରେ ପାଣିର ଖୁବ୍ ତଳେ ବୁଡ଼ି ରହି ଥାଆନ୍ତି । ତାଙ୍କୁ ଖୋଜି ପାଇବା ବଡ ମୁସ୍କିଲ୍ । ଅଉ ମଧ୍ୟ ସେ ଅନ୍ୟାନ୍ୟ ଦଣ୍ଡିକିରି ଛାତ୍ରୀମାନଙ୍କ ପରି ପାଣି ଉପରେ ଫର୍ ଫର୍ ହୁଅନ୍ତି ନାହିଁ । କେତେକ ଛାତ୍ରୀ ଥାଆନ୍ତି, ତାଙ୍କ ପାଖକୁ ଗୋଟିଏ ଧ୍ୱନି ଗଲେ, ଭଲ ହେଉ ବା ମନ୍ଦ ହେଉ କିଛି ହେଲେ ଗୋଟାଏ ପ୍ରତିଧ୍ୱନି ବାହାରେ । କିନ୍ତୁ ରେଖା ଦେବୀଙ୍କ ପାଖରୁ ଅନୁକୂଳ କି ପ୍ରତିକୂଳ କିଛି ବାହାରେ ନାହିଁ । ସେ ହଉଛନ୍ତି ଗୋଟାଏ ବଡ ଧ୍ୱନିଶୋଷକ ରବର କାନ୍ଥ । ତାଙ୍କର ଏଇ ଗୁଣ ଲାଗି ବଗପଲ୍ ବଡ଼ ଅଥୟ ହୋଇପଡ଼ନ୍ତି । ଆଗେ ସେ ଅବଶ୍ୟ ଏପରି ନଥିଲେ । ତାଙ୍କ ହୃଦୟରେ ଯୌବନ ସୁଲଭ ଗୁଣ ଅଙ୍କୁରିତ ହେଉଥିଲାବେଳେ ଗୋଟାଏ ବଡ଼ ଅଘାତରେ ସେଗୁଡ଼ିକ ନଷ୍ଟ ହୋଇଯାଇଥିଲା । ଦୀପଟିଏ ଉପରେ ହାଣ୍ଡି ଉଗୁଡ଼େଇ ପକାଇଲେ ଯେପରି ତାହା ଅସ୍ତେ ଅସ୍ତେ କମି ଲିଭି ଯାଏ, ତାଙ୍କର ଯୌବନ-ସୁଲଭ-ଗୁଣ ସେହିପରି ଅସ୍ତେ ଅସ୍ତେ କମି ଲିଭି ଯାଇଥିଲା ।

ସେତେବେଳେ ସେ କଲେଜର ଦ୍ୱିତୀୟ ବାର୍ଷିକ ଶ୍ରେଣୀରେ ପଢ଼ୁଥିଲେ । ଆଗରେ ଦେଖିଥିଲେ ଜଣେ ଆଦର୍ଶ ସହଛାତ୍ର ବିମଳ

Digitized by srujan ka@gmail.com

ବାବୁ । କାର୍ତ୍ତିକେୟଙ୍କ ପରି ସୁନ୍ଦର ଚେହେରା, ସୁଦୂର ମଫସଲର କୌଣସି ଏକ ଲକ୍ଷପତିଙ୍କର ଏକମାତ୍ର ଅବିବାହିତ ପୁତ୍ର । କମ୍ ହେଲେ ପଛେ ଶ୍ରୀ ନିବାସ ଶାସ୍ତ୍ରୀଙ୍କ ପରି ବକ୍ତା, ନାରୀ ସ୍ୱାଧୀନତାର ଜଣେ ବଡ଼ ପୃଷ୍ଠପୋଷକ, ସବ୍ୟସାଚୀଙ୍କ ପରି ଚରିତ୍ରବାନ୍ ଏବଂ ଏହିପରି ବହୁଗୁଣାଳଂକୃତ । ଯେଉଁଦିନ ପ୍ରଥମେ ରେଖା ଦେବୀ ବିମଳ ବାବୁଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ, ସେହିଦିନ କଲେଜରେ ଛାତ୍ର-ସମାଜର ତର୍କ ସଭା ବସିଥିଲା । ବିଷୟ ବସ୍ତୁ ଥିଲା, "ନାରୀ ସ୍ୱାଧୀନତା" । ଅନ୍ୟାନ୍ୟ ଛାତ୍ରୀମାନଙ୍କ ସହିତ ରେଖା ଦେବୀ ମଧ୍ୟ ଉପସ୍ଥିତ ଥିଲେ । ନିଜର ସ୍ୱଭାବ ସୁଲଭ ବାଗ୍ମିତା ସହ ବିମଳବାବୁ କେତେବେଳେ ବାଁ ପାପୁଲିରେ ଡାହାଣ ହାତର ମୁଷ୍ଟ୍ୟାଘାତ, କେତେବେଳେ ବିଚିତ୍ର ମୁଖଭଙ୍ଗୀ, କେତେବେଳେ ଝଡ଼ ତୋଫାନରେ ନଡ଼ିଆଗଛ ହଲିଲା ପରି ଶରୀରର ଉପର ଭାଗ ହଲାଇ, କେତେବେଳେ ଉଦୟ ଶଙ୍କରଙ୍କ ପରି ପ୍ରାଚ୍ୟ ନୃତ୍ୟ କଳାର ହସ୍ତ ମୁଦ୍ରାମାନ ଦେଖାଇ ବକ୍ତୃତା ଦେଲାବେଳେ କହିଥିଲେ—

"ସ୍ୱାର୍ଥପର ପୁରୁଷ ସମାଜ ଯେ ପର୍ଯ୍ୟନ୍ତ ନାରୀମାନଙ୍କୁ ଏହିପରି ନିର୍ଯ୍ୟାତିତ କରି ରଖିଥିବ, ସେ ପର୍ଯ୍ୟନ୍ତ ଭାରତର ଆକାଶରୁ ଅମାନିଶିର ଅନ୍ଧକାର ଅପସାରିତ ହେବନାହିଁ । କାହିଁକି ପୁରୁଷ ବୃଦ୍ଧାବସ୍ଥାରେ ବି ସପ୍ତମବର୍ଷ ସ୍ତ୍ରୀ ଗ୍ରହଣ କରିବ କିନ୍ତୁ ସ୍ତ୍ରୀ ତାହା କରିବ ନାହିଁ ? କାହିଁକି ? କାହିଁକି ପୁରୁଷ ସରଳା ଯୁବତୀମାନଙ୍କର ପଦ ସ୍ଖଳନ କରାଇ ସମାଜରେ ମୁକୁଟ ମଣ୍ଡିତ ଉନ୍ନତ ଶିର ହୋଇ ବସିଥିବ ଓ ସ୍ଖଳିତ ଯୁବତୀ ସମାଜରୁ ପରିତ୍ୟକ୍ତା ହୋଇ ଶେଷରେ ଗଣିକା ବୃତ୍ତି ଅବଲମ୍ବନ କରିବ ? କାହିଁକି ପୁରୁଷ ନିଜର ଧର୍ମପତ୍ନୀ ଉପେକ୍ଷା କରି ଅନ୍ୟାନ୍ୟ ଯୁବତୀଙ୍କ ନିକଟରେ ନିଜର ପାଶବିକ

Digitized by srujan ka@gmail.com

ପ୍ରବୃତ୍ତି ଚରିତାର୍ଥ କରିବ ଓ ସ୍ତ୍ରୀ ପରପୁରୁଷକୁ ଭୁଞ୍ଜିଲେ ମହାପାପ ବୋଲି ସମାଜ କହିବ ? ସମାଜଟା କଅଣ ପୁରୁଷଙ୍କର ଏକଚାଟିଆ ? କାହିଁକି ପୁରୁଷ ଧନ ଦେଇ ନିଜର ଚରିତ୍ର ବିକ୍ରୟ କରିବ କିନ୍ତୁ ସ୍ତ୍ରୀ ଧନ ନେଇ ତାହା କରିବାକୁ ଅକ୍ଷମ ହେବ ? କାହିଁକି ଏ ସମାଜରେ ଏ ଅସ୍ୱାଭାବିକ ଅସମତା ? ପୁରୁଷ ସମାଜର ଏ ମର୍କଟ ମନୋବୃତ୍ତି ଅତଶୀଘ୍ର ବଦଳାଇବାକୁ ପଡ଼ିବ । ସୁଦୂର ପଶ୍ଚିମରୁ ଏ ଯେଉଁ ନାରୀ ସ୍ୱାଧୀନତାର ଉତ୍ତାଳ ତରଙ୍ଗ ଭୀମ ବେଗରେ ଛୁଟି ଆସୁଅଛି, ତାହାକୁ ପୁରୁଷ ସମାଜ ତୃଣବତ୍ ଶିରନତ କରି ଛାଡ଼ି ଦେବା ଉଚିତ । ପ୍ରକାଣ୍ଡ ପାଦପ ପରି ବାଧା ଦେଲେ ସମୂଳେ ଉତ୍ପାଟିତ ହେବ—ଏଥିରେ ସନ୍ଦେହ ନାହିଁ ।"

ଏହି କଥାଗୁଡ଼ିକ ରେଖାଦେବୀଙ୍କ ହୃଦୟରେ ଗଭୀର ଚିହ୍ନ ଆଙ୍କି ପାରିଥିଲା । ଅବଶ୍ୟ ଜମାଇବାକୁ ପ୍ରତିବାଦ କରିବାକୁ ଯାଇ କହିଥିଲେ—

"ଉଁ ଉଁ, ଏଁ ଏଁ, ମାନେ ଆମ ଦେଶରେ—ମାନେ ଏହି ଭାରତବର୍ଷରେ ଏଁ ଏଁ ନାରୀ ସ୍ୱାଧୀନତା କିଛି ନୂଆ କଥା ନୁହେଁ । ମାନେ ଖୁବ୍ ଆଗରୁ ଅଛି । ଉଁ ଉଁ ମାନେ ଏଇ ଦେଶରେ ସ୍ତ୍ରୀ ସ୍ୱାଧୀନତା ନଥିଲେ, ଏଁ ଏଁ ମଣ୍ଡନ ମିଶ୍ରଙ୍କ ସ୍ତ୍ରୀ ଉଭୟ ଭାରତୀ ଏଡ଼େ ଏଡ଼େ ବଡ଼, ମାନେ—ଖୁବ୍ ବଡ଼ ଦାର୍ଶନିକ, ଉଁ ଉଁ ଶଙ୍କରାଚାର୍ଯ୍ୟ ଓ ମଣ୍ଡନ ମିଶ୍ରଙ୍କର ଏଁ ଏଁ ଅଦ୍ୱୈତ ବାଦର ତର୍କ ଲଢ଼େଇରେ ମାନେ ଏମିତିଆ ତର୍କ ସଭାରେ ଉଁ ଉଁ ମଧ୍ୟସ୍ଥ କିପରି ହୋଇଥାଆନ୍ତେ ? ଏଁ ଏଁ ଆଉ ରାଣୀ ଦୁର୍ଗାବତୀ ମଧ୍ୟ ଲଢ଼େଇରେ ସେନାପତି କାର୍ଯ୍ୟ କରିଥାଆନ୍ତେ—ମାନେ ଖୁବ୍ ଜୋର୍‌ରେ ଲଢ଼େଇ କରିଥାଆନ୍ତେ ? ଉଁ ଉଁ ଉଁ ଆଉ ଅହଲ୍ୟାବାଈ, ବଡ଼ ବଡ଼ ରାଜନୀତଜ୍ଞ ଶାସନକର୍ତ୍ତାଙ୍କ

Digitized by srujan ka@gmail.com

ଘଡି ଗୋଟାଏ ଦେଶ ଶାସନ କରିଥାଆନ୍ତେ ? ଆଜ୍ଞ, ଆଉ, ଆଉ ଏଁ ଏଁ ପଦ୍ମିନୀ—ମାନେ ଭୀମସେନଙ୍କ ସ୍ତ୍ରୀ କପରି ଆଲ୍ଲାଉଦ୍ଦିନଙ୍କ ପରି ମରଦକୁ—ଖୁବ୍ ବଡ଼ ବୀର, ବୁଢ଼ିଆ ଅଣ୍ଡିରକୁ ଚିତା କାଟି ଥାଆନ୍ତେ—ମାନେ ବୁଦ୍ଧିରେ ହଟେଇ ଦେଇଥାଆନ୍ତେ ? ଏଁ ଏଁ ହଁ, ଆମର ଏଇ ଦେଶୀ ସ୍ୱାଧୀନତା ଭଲ । କିନ୍ତୁ ବିଲାତ ସ୍ୱାଧୀନତାଟା ଆମ ଦେଶର ଜଳବାୟୁରେ କୁଫଳ ଦେବ—ମାନେ ଆମ ସ୍ତ୍ରୀ ସମାଜଟାକୁ ଭ୍ରଷ୍ଟ କରି ଦେବ । ଉଁ ଉଁ ଅଇଁ ଆଉଁ ମନେକର ଆମ ଦେହର ଡାହାଣ ହାତଟା ଦୁର୍ଭାଗ୍ୟବଶତଃ ଗଣ୍ଡିଆ ହୋଇଯାଇଛି । ଉଁ ଉଁ ଯ୍ୟା ବୋଲି କଅଣ ସମତା ରକ୍ଷା କରିବାକୁ ଯାଇ ଆମେ ବାଁହାତଟା ବି ଗଣ୍ଡିଆ କରିଦେବା—ମାନେ ଡାହାଣ ହାତ ଭଲଆ କରିଦେବା ? ଉ ଉଁ ଆମର ଉଚିତ ହଉଚି ଡାହାଣ ହାତର ଘା, ମାନେ ଗଣ୍ଡିଆ, ମାନେ ଏଇ କ୍ଷତଟାକୁ ଚିକିତ୍ସା କରି ଭଲ କରିବା । ଆଉ ଏଁ ଏଁ ବାଁହାତକୁ ଗଣ୍ଡିଆ କରିବା ନୁହେଁ ।

ଘନ ଘନ ତାଳି ବୃଷ୍ଟି ଓ ଘନ ଘନ ହସ ବୃଷ୍ଟିର ବେଶ୍ ପାର୍ଥକ୍ୟ ଜଣା ପଡ଼ୁଥିଲା । ନ ହେଲେ ବିମଳ ବାବୁଙ୍କ ବକ୍ତୃତା ରେଖାଦେବୀଙ୍କ ହୃଦୟରେ ଏତେ ଜୋରରେ କିପରି ଏତେଢ଼େ ଗଭୀର ରେଖାପାତ କଲା ? ଅଉ ନିମାଇ ବାବୁଙ୍କ ବକ୍ତୃତା ସେ ରେଖା ସବୁକୁ ଠିକ୍ କଏ ହେଲେ ଲିଭାଇ ପାରିଲା ନାହିଁ । ବିମଳବାବୁ କଲେଜର ବହୁ ପାଠଗୁଡ଼ାକ ଭଲ ଭାବରେ ହଜମ୍ କରି ପାରୁ ନ ଥିଲେ । ରେଖା ଦେବୀ କିନ୍ତୁ ଏହାର କାରଣ ଜାଣିଥିଲେ । ତାଙ୍କର ପଢ଼ିବାକୁ ସମୟ କାହିଁ ? ଖାଲି ଗୁରୁଅଡ଼େ ବକ୍ତୃତା, ଚାନ୍ଦା ଆଦାୟ, ସଂଗଠନ, ସେବା ଇତ୍ୟାଦି କେତେ କେତେ କାମ । ରେଖା ଦେବୀଙ୍କର ମନେ ମନେ ଖବରକାଗଜବାଲାଙ୍କ ଉପରେ

Digitized by srujan ka@gmail.com

ଖାଲି ଗୁଣ ହୁଏ । ତାଙ୍କ ଏତେ ବଡ ଉଦୀୟମାନ ଯୁବକଙ୍କର ବିଷୟ କିଛି ହେଲେ ଖବର କାଗଜରେ ବାହାରେ । ସେ ଯେଉଁ ଦିନ ଚଳଚ୍ଚିତ୍ର ଦେଖି ଯିବାକୁ ବିମଳବାବୁଙ୍କୁ ନିମନ୍ତ୍ରଣ କରନ୍ତି, ସେ କହନ୍ତି ଆଜ ଅମୁକ ସଭାରେ କାମ, ଅମୁକ ସଭା କାମ, ସମୁଦ୍ର ବନ୍ୟା ସାହାଯ୍ୟ କାମ । ଜୋର୍ କଲେ ଅବଶ୍ୟ କାମ ଛାଡ଼ି ଯାଆନ୍ତି । ମୋଟ ଉପରେ ବିମଳବାବୁ ଯେତେ ବଡ଼ ଟାଣୁଆ ଲୋକ ହୁଅନ୍ତୁ ନା କାହିଁକି, ରେଖା ଦେବୀ ଡାକିଲେ କୌଣସି ନା କୌଣସି କାମ କରି ଥାଆନ୍ତି । ତେବେ ଅନ୍ୟ ଛାତ୍ର-ମାନଙ୍କ ଭିତରେ ପ୍ରଭେଦ ଏତିକି ଯେ ଅନ୍ୟମାନେ ନ ଡାକିଲେ ସୁଦ୍ଧା ଗୋଡ଼ାଇ ଥାନ୍ତି କିନ୍ତୁ ବିମଳବାବୁଙ୍କୁ ଖୋଦ୍ ରେଖା ଦେବୀ ନ ଡାକିଲେ ସେ ନଯାନ୍ତି । ଏ ସବୁ ସ୍କୁଲ ଚଳଣି ଦେଖି ମଣ୍ଟୁବାବୁ ବ୍ରଜବାବୁଙ୍କୁ କହନ୍ତି, "ଅରେ—ବିମଳ ମହା ହୁସିଅର, ସମସ୍ତେ ଗୋଟାଏ ବାଟରେ ଗଲେ ସେ ଅଲଗା ଗୋଟାଏ ବାଟରେ ଏକୁଟିଆ ଯିବ । ଲକ୍ଷ୍ୟ କିନ୍ତୁ ଏକ । ଶୀଘ୍ର ନଜର ପଡ଼ିବାର ଏ ବି ଏକ ଫନ୍ଦ ।" ହିଂସୁକଙ୍କ କଥା ଶୁଣୁଛି କିଏ ? ରେଖାଦେବୀଙ୍କ ମନ ଦିନକୁ ଦିନ ବେଶୀ ବେଶୀ ଆକୃଷ୍ଟ ହେଉଥାଏ । ଏତେଦୂର ଆଗେଇ ଗଲେ ଯେ,ମନେ ମନେ ଭାବିଲେ,"ବିମଳବାବୁ ପରି ଆଦର୍ଶ ଯୁବକ ଯାହାର ପତି ହେବ ସେ ବାସ୍ତବିକ୍ ଧନ୍ୟ ।" ବୈଦ୍ୟୁତିକ ଚୁମ୍ବକରେ ଲୁହାଖଣ୍ଡ ଟାଣିହୋଇ ଲାଗିଯିବା ଉପରେ ହୋଇଛି; ଏହି ସମୟରେ ଗୋଟିଏ ଦୁଃଖ ବୋଝ ମୁଣ୍ଡାଇ କ୍ଲାନ୍ତ ହୋଇପଡ଼ିଥିବା ବୁଢ଼ା ଆସି ବିଦ୍ୟୁତପ୍ରବାହକୁ ବନ୍ଦକରି ଦେଲା । ଲୁହା ଉପରୁ ଆକର୍ଷଣ ଶକ୍ତି ନିମିଷକ ମଧ୍ୟରେ କୁଆଡ଼େ ଉଭାଇ ଗଲା । ସେହିଦିନ ବିମଳ ବାବୁ ପୁରୀକି କୁଆଡ଼େ ପାଞ୍ଚ ଛଅଦିନ ପାଇଁ ଯାଇଥିଲେ । ଦିନ ଦୁଇଟା କି ତିନିଟା ସମୟ ହେବ । ରେଖାଦେବୀଙ୍କ ଘରେ ଜଣେ

Digitized by srujan ka@gmail.com

ବୁଢ଼ା ପଚାରୁଥିଲା । ବାଳସବୁ ପାଚି ନଥିଲେ ସୁଦ୍ଧା ଦେହରୁ ଜଣା ପଡ଼ୁଥିଲା ସତେ ଯେମିତି ଗୋଟାଏ ପାଚିଲା ଆମ୍ବ—ଟିକିଏ ପବନ ହେଲେ ଗଳି ପଡ଼ନ୍ତା । ମୁହଁରେ ଭୟ ଓ କାତରତାର ଚିହ୍ନ ପରିସ୍ଫୁଟ । ରେଖା ଦେବୀଙ୍କୁ ଦେଖି ପଚାରିଲା, "ମା ! ତୋର ନାଁ ରେଖା ?"

ହଠାତ୍ ଗୋଟାଏ ଅପରିଚିତ ବୁଢ଼ାଠାରୁ ଏପରି ବାତ୍ସଲ୍ୟ-ପୂର୍ଣ୍ଣ କଥା ଶୁଣି ରେଖା ଦେବୀ ଆଶ୍ଚର୍ଯ୍ୟ ହେଲେ । କୌତୂହଳ ଭାବରେ କହିଲେ, "ହଁ, କାହିଁକି, କଅଣ ଦରକାର ଅଛି ?" ବୁଢ଼ା କହିଲା, "ମା, କେଉଁଠି ଏକୁଟିଆ ବସିଲେ ମୋ ଦୁଃଖ କାହାଣୀ ତୋତେ କହିବି ।"

ପଢ଼ିବା ଘରକୁ ନେଇଯାଇ ବସାଇ ରେଖା ଦେବୀ କହିଲେ, "କଅଣ କହନ୍ତୁ ।" ବୁଢ଼ା ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କହିଲା "ମା, ତୁ କଲେଜରେ ଯେଉଁ ବିମଳ ପଢ଼ୁଚି ତାକୁ ଚିହ୍ନୁ ?"

"ହଁ, ତାଙ୍କର ମୋର ଖୁବ୍ ଘନିଷ୍ଠ ପରିଚୟ ଅଛି"—

"ସେ ମୋର ପୁଅ ।"

ରେଖାଦେବୀ ଚମକି ପଡ଼ିଲେ—"ଏଡ଼େ ବଡ଼ ଜମିଦାର, ଏପରି କି ହେବେ ! ହଁ ଅସମ୍ଭବ କଅଣ, ମଫସଲିଆ ମରହଟିଆ ଢଙ୍ଗ ଥିବା ଜମିଦାରମାନଙ୍କୁ ଚିହ୍ନିବା ବଡ଼ ମୁସ୍କିଲ । ଲକ୍ଷ ଲକ୍ଷ ଟଙ୍କା ଥାଇ ପଛକେ ସେଇ ମଇଳା ମୁଟକିଆ ଢଙ୍ଗ । ସେଇ ରୁଦ୍ରାକ୍ଷ, ଚଟି, ତାଳି-ପକା ଛତା, ବଟୁଆ । ବିମଳ ବାବୁ ବି କେମିତିଆ ମଣିଷ; ପାଠ ଶାଠ ପଢ଼ି ବାପାଙ୍କୁ ଅନ୍ତତଃ ଏତେ ଆଧୁନିକ ଧରଣ ସବୁ ଶିଖାଇ ପାରିଲେ ନାହିଁ । ବିମଳ ବାବୁଙ୍କର ଏଇଟା ମସ୍ତବଡ଼ ଦୋଷ ।" ହଠାତ୍ ଚିନ୍ତା ଧାରା ବଦଳାଇ ଟିକିଏ ପ୍ରକୃତିସ୍ଥ ହୋଇ କହିଲେ—"ଆପଣ ବିମଳ ବାବୁଙ୍କ ବାପା ? ନମସ୍କାର—"

—ଅଠସ୍ତଲିଶି—

Digitized by srujan ka@gmail.com

"ସୌଭାଗ୍ୟବତୀ ହୋ ମା।"

ରେଖା ଦେବୀ ଚଞ୍ଚଳ ହୋଇ ଉଠିଲେ। ନିକଟ ଭବିଷ୍ୟତରେ ଶ୍ୱଶୁର ହୋଇ ପାରନ୍ତି, ଉପଯୁକ୍ତ ଅଭ୍ୟର୍ଥନା କରିବାକୁ ହେବ। ତାଳେ କିଛୁ ତ୍ରୁଟି ହେଲେ ବିମଳ ବାବୁଙ୍କ ମନରେ ଆଘାତ ଲାଗି ପାରେ। ବ୍ୟଗ୍ରତାର ସହିତ ବିସ୍ତ ଦେଇ ଡାକିଲେ, "ଅରେ ଧନା ପାଣି ଆଣେ, ଅରେ ଜଟି ପୂର୍ଣ୍ଣସାହୁ ଦୋକାନକୁ ଯା, ଅରେ ଶଙ୍କର ଗ୍ଲାସ ତିଆରି କର, ଅରେ ନଟିଆ ପାନ ଅଣ, ଅରେ ଦ୍ୱାଣିଆ କ୍ରାଣିଆ ଘରଟା ସଫା ସୁତୁରା କରିଦେ, ଅରେ ଦୀନା ଗ୍ଲାସ କର, ଅରେ ଶଙ୍କର ପୂର୍ଣ୍ଣସାହୁ ଦୋକାନକୁ ଯା"—ବିମଳବାବୁଙ୍କ ବାପା ବ୍ୟସ୍ତ ହୋଇ କହିଲେ, "ନା ମା, ସେ ସବୁ ଥାଉ, ତୁ ଆଗ ମୋ କଥା ଶୁଣି ସା'ର।" ରେଖା ଦେବୀ ସ୍ଥିର ହୋଇ ବସିଲାରୁ ବିମଳବାବୁଙ୍କ ବାପା ପୁଣି ଆରମ୍ଭ କଲେ—"ବିମଳକୁ ଯେତେବେଳେ ଦୁଇବର୍ଷ ତା ମା ମରିଗଲେ। ବିମଳର ମୁଁ ସେତେବେଳଯାଏ ବାପା ଥିଲି, ସେହି ଦିନଠାରୁ ବାପା ଓ ମା ଉଭୟ ହେଲି। ସେହି ମୋର ଏକମାତ୍ର ପିଲା ଥିଲା। ସେଥିଲାଗି ତାକୁ ଖୁବ୍ ଗେଲ-ବସରରେ ବଢ଼ାଇଥିଲି। କେତେବେଳେ ବି ତାକୁ ଅଭାବ କଅଣ ଜଣାଇ ଦେଇନାହିଁ। ପଢ଼ଣା ଲୋକ ବାରଣ କରିବା ସତ୍ତ୍ୱେ ଜମି ଖଣ୍ଡେ ଖଣ୍ଡେ ବିକି ତାକୁ ପାଠ ପଢ଼ାଇଲି। ଆଶା ଥିଲା ବଡ଼ ହୋଇ ପାଠୁଆ ହେଲେ ମୋ ଦୁଃଖ ଯିବ। ଏଠି ସ୍କୁଲରେ ପଢ଼ିଲାବେଳେ ନିଜ ପେଟରୁ କାଟି ଯେତେବେଳେ ଯାହା ମାଗେ ତାହା ବନ୍ଧା-ଛନ୍ଦା ବି ପକାଇ ତାକୁ ଦିଏ। ସ୍କୁଲ୍ ପାଠ ସରିଲାରୁ ଗୋଟିଏ ମନ-ଲାଖି କନ୍ୟା ବାହା କରାଇ ଦେଇଥିଲି"—ଅବାକ୍ ହୋଇ ରେଖା ଦେବୀ କହିଲେ, "ବିମଳବାବୁ ନିଜେ ତ ମୋତେ କହି ଅଛନ୍ତି ସେ ବିବାହ କରି ନାହାନ୍ତି ଓ ସେ ଗୋଟାଏ ବଡ଼ ଜମିଦାରର ଭାଙ୍ଗି

Digitized by srujan ka@gmail.com

ଉଣ୍ଡରଧୂକାସ୍ୱ''—"ଠକିଛି ମା ଠକିଛି, ଦୁନିଆଁଟା କଅଣ ଏଡ଼େ ଭଲ ଯେ ତୁ ତାର କଥାରେ ବିଶ୍ୱାସ କରିଗଲୁ ? ଘରେ ଏଡ଼େ ସୁନ୍ଦରୀ ସ୍ତ୍ରୀ ଥାଉଁ ଥାଉଁ ଅନ୍ଧାର ଖଟନାଟି ଗାଁ ଝିଅଙ୍କର କୂଳ ବୁଡ଼େଇଛି । ଯେବେ ଗାଁକୁ ଯାଏ ମୋ ଘରର ଲକ୍ଷ୍ମୀକୁ ବାଡ଼େଇ ବାଡ଼େଇ ଦରମରା କରିଦିଏ । ତା'ର ଯେଉଁ ପାଟିରେ ପିଲାଦିନୁ ଦୁଧ ଓ ଭାତ ଦେଇ ଏଡ଼ୁଟିଏ କରିଥିଲି, ସେହି ପାଟିରେ ମୋତେ ଦିନେ ଏପରି କଥା କହିଲା ଯାହାକି ତୁ ତୋ ଶୂକରମାନଙ୍କୁ କହିବୁ ନାହିଁ । ତାର ଯେଉଁ ହାତରେ ତା ଅଳି କରିବା ଜିନିଷସବୁ ଧରାଇ ଦେଉଥିଲି, ସେହି ହାତରେ ଦିନେ ମୋ' କୁଳଲକ୍ଷ୍ମୀକୁ ବାଡ଼େଇଲା ବେଳେ ଧରିଲିରୁ, ଚଣ୍ଟି ଆଠାଏ ଦେଲା । ତା ଦେହରୁ ସବୁ ଗହଣା ଗାଣ୍ଠି ନେଇ କୁଆଡ଼େ ଉଡ଼ାଇ ଦେଲା । ତେବେ ବି ସେ ବୋହୂ ଅଳି କଲା ପାଠ ପଢ଼ାଇବାକୁ, ବେଶୀ ପାଠ ପଢ଼ିଲେ କୁଆଡ଼େ ପରିବର୍ତ୍ତନ ହେବ । ସେଇ ବୋହୂ କଥା ଟାଳି ନପାରି ଯାହା କିଛି ସମ୍ପତ୍ତି ଥିଲା ସେଥିରୁ ବାରପଣ ବିକି କରି ତା ଟର୍ଇ ତୁଟେଇଲି । ଦୁଇବର୍ଷ ଅପେକ୍ଷା କଲି । ଅଙ୍ଗାର ଯେଉଁ କଳାକୁ ସେଇ କଳା । ଗାଁରେ କଣ ଗୁଡ଼ା ଅଦାୟ କରିଥିଲା ଯେ ଗାଁବାଲା ମୋତେ ବସାଇ ଉଠାଇ ଦେଉନାହାନ୍ତି । ସବୁବେଳେ ଶୁଣୁଛି 'ଖାଇଗଲା—ଖାଇଗଲା' । ମୋ ନିଜ ପାଇଁ ତ କିଛି ଚିନ୍ତା ନାହିଁ । ଖାଲି ସେ ବୋହୂଟି କଥା ଭାବି ଭାବି ମୁଁ ଦରମରା ହେଲିଣି । ଥରେ ବିମଳର ସାଙ୍ଗ ନିମେଇ ଆମ ଗାଁକୁ ଯାଇଥିଲା; ତାକୁ ସବୁ ହାଲ କହିଲି । ସେଇ ମୋତେ କହିଲା ଯେ ତୋ କଥା ବିମଳ ଭାରି ମାନେ । ତୋତେ କହିଲେ ତୁ ସବୁ ଠିକ୍ କରିଦେବୁ । ସେହି ନିମେଇ ଏସବୁ କଥା ତୋତେ କହିବାକୁ ମୋତେ ଏଠାକୁ ନେଇ ଆସିଛି । ମା' ତୁ କଅଣ ତାକୁ ସଜାଡ଼ି ଦେବୁ ନାହିଁ ? ସେ ଅଭାଗିନୀ କଅଣ ତୋର ଭଉଣୀ ନୁହେଁ ?"

—ପଚ୍ଛଣ—

Digitized by srujan ka@gmail.com

ଏହି ଦିନଠାରୁ ରେଖା ଦେବୀଙ୍କର ପୂର୍ଣ୍ଣ ପରିବର୍ତ୍ତନ ।
ଯେତେବେଳେ ଯାହାକୁ ଆଗରେ ଦେଖିଲେ ତା ମୁହଁଟା ବିମଳ ବାବୁ
ପରି ତାଙ୍କୁ ଦିଶିଲା । କାହିଁକି ବା ନ ଦିଶିବ । ଯାହାକୁ ସାପ କାମୁଡ଼ି
ଥାଏ ସେ ଅନ୍ଧାରରେ ପାଳଦଉଡ଼ି ଦେଖିଲେ ବି ଡରେ । କୌଣସି
ମତେ ଚତୁର୍ଥ ବର୍ଷର ବିଶ୍ୱବିଦ୍ୟାଳୟ ପରୀକ୍ଷାଟା ଦେଇ ଘରେ
ବସିଲେ । ବିବାହର ନାଁ ଶୁଣିଲେ ଫୁର୍‌କୁଟି ଉଠି ମାରନ୍ତି । ଏକ-
ମାତ୍ର ଉଚ୍ଚଶିକ୍ଷିତା ଝିଅ । ସେଇ ଝିଅ, ସେଇ ପୁଅ । ସେଥିଲାଗି ବାପ
ମା କିଛି ଜୋର ନକରି ଚୂପ ହୋଇ ରହନ୍ତି । ତେବେ ଆଶା ଥାଏ
ଯଦି କେତେବେଳେ ମନ ବଦଳି ଯିବ । ରେଖାଦେବୀଙ୍କର ଥାଏ
ଏକ ଜିଗର ବିବାହ ପଛେ ନ କରିବେ କିନ୍ତୁ ଅଜଣା ଅଶୁଣା
କୌଣସି ଲୋକର ପାଖ ମାଡ଼ିବେ ନାହିଁ । ଯୁଆ ବୋଲି ମନେ ମନେ
ସେ ସଙ୍ଗୀ ଖୋଜୁ ନାହାନ୍ତି ତାହା ନୁହେଁ ; ମାତ୍ର ତାଙ୍କ କଳ୍ପିତ
ଆଦର୍ଶ ଯୁବକ କାହିଁ ?

ଖାଲିଟାରେ ଘରେ ବସିଲାରୁ ନାନା ଅଜଗବ ଜିନିଷ ଆସି
ମୁଣ୍ଡରେ ପଶେ । ରେଖା ଦେବୀଙ୍କର ଗୋଟାଏ ଝୁଙ୍କ ଉଠିଲା ଘର
କୋଠରୀଗୁଡ଼ିକ ସବୁବେଳେ ମନ ମୁତାବକ ସଜେଇ ରଖିବେ ।
କୋଉ ପଇସା ନାହିଁ । କେତେ କେତେ ନୂଆ ରକମର ମୁଖସିଂହାର
ମେଜ, ବଙ୍କାଗୋଡ଼ିଆ ଚଉକି, ଫୁଲ ନଡ଼ଦିଆଲୀ ଅଲମାରୀ,
ଗଦିବାଲା ବୈଠକଖାନା ସରଞ୍ଜାମ ଘରେ ଭର୍ତ୍ତି ହୋଇଯାଆନ୍ତି ।
ଦି' ଚାରି ମାସ ଗଲେ—"ଉଃ, ଏଗୁଡ଼ାକ ଭଲ ଦିଶୁନାହିଁ, ଖାଲି
ଭଲ ଚକ୍‌ ଚକ୍‌ କରୁଥିବା ସାଧା କାମ ଦରକାର ।" ବାସ୍‌, ଦିନେ
ଯାଆନ୍ତି, ଆଉ ଦିନେ ଆସି ତାଙ୍କ ଶୂନ୍ୟସ୍ଥାନ ପୂରଣ କରନ୍ତି ।
ବେଶୀ ମାଡ଼ ପଡ଼େ ଚିତ୍ରମାନଙ୍କ ଉପରେ । ଆଜି ଦେଖିବ ତ
ଘରଯାକ ପ୍ରାକୃତିକ ଦୃଶ୍ୟ ପୂର୍ଣ୍ଣ ଛବି, ମାସକ ପରେ ଦେଖିବ

Digitized by srujan ka@gmail.com

ପୌରାଣିକ ଯୁଗର ନାୟକ ନାୟିକାମାନଙ୍କର ଚିତ୍ର । ଚିତ୍ର ସଂଗ୍ରହରେ ଗୋଟାଏ ବିଶିଷ୍ଟ ରୁଚି ଥିଲାପରି ଜଣାଯାଉଥାଏ । ଅରସିକମାନଙ୍କ ପରି "ରାମ ଲକ୍ଷ୍ମଣ"ଙ୍କ ଚିତ୍ର ପାଖରେ ବିଦେଶୀ ଚିତ୍ରକରମାନଙ୍କ "ନଗ୍ନନାରୀ"ର ଚିତ୍ର ନଥାଏ କି "କୃଷ୍ଣାର୍ଜୁନଙ୍କର ଭଗବତଗୀତା ଚର୍ଚ୍ଚା" ଚିତ୍ର ନିକଟରେ 'କନ୍ଦର୍ପର ସାୟକ ସନ୍ଧାନ"ର ଚିତ୍ର ନଥାଏ । ଯାହା ଦେଖିବ ସବୁ ଏକ ରକମର ଚିତ୍ର । ପ୍ରାଚ୍ୟ କଳାପଦ୍ଧତି ଚିତ୍ର ପ୍ରତି ଗୋଟାଏ ବିଶେଷ ଆକର୍ଷଣ ଥାଏ । ନୂଆ ନୂଆ ଯାହା କିଛି ଭଲ ଭଲ ଚିତ୍ର ପାଉଥିଲେ ତାହା କାଟିକରି ଚିତ୍ର ବିକ୍ରେତା ଧୋବା ମହାରଣା ସବୁ ଲଗାଇ ରଖି ଦେଉଥିଲେ ; ରେଖା ଦେବୀ କିଣିଲେ ସେ ବେଶୀ ପଇସା ଦେବେ । ରେଖା ଦେବୀ "ବସୁମତୀ" ଓ "ଭାରତବର୍ଷ"ରେ ବାହାରୁଥିବା ଚିତ୍ରସବୁ ଚିରି ବହି ଆକାରରେ ବାନ୍ଧି ରଖୁଥିଲେ । ଚିତ୍ରସବୁ ବାଛି ବାଛି ଗୋଟାଏ ବଡ ଚିତ୍ର-ସଂଗ୍ରାହିକା ବିଶେଷଜ୍ଞ ହୋଇ ଯାଇଥିଲେ କହିଲେ ଚଳେ । ଗୋଟାଏ ଗୋଟାଏ ଚିତ୍ର ଦେଖିଲେ ତାହା କେଉଁ କେଉଁ ଚିତ୍ରକରମାନଙ୍କ ଦ୍ୱାରା ହୋଇଥିବା ସମ୍ଭବ ତାହା କହିଦେଇ ପାରୁଥିଲେ । ମୋଟ ଉପରେ ସେ ଥିଲେ ଜଣେ ଭଲ ଚିତ୍ର ସଂଗ୍ରାହିକା ଓ ତାଙ୍କ ଘର ଥିଲା ଗୋଟାଏ କଳା-ପ୍ରଦର୍ଶନୀ ମନ୍ଦିର । ତେବେ ବି ରେଖା ଦେବୀଙ୍କ ମନରେ ଶାନ୍ତି ନାହିଁ । ଏହି ଚିତ୍ରସବୁ ଯେ ଫିରଙ୍ଗୀ ଛପା ଚିତ୍ର । ମୂଳ ଚିତ୍ର ଦରକାର ଯାହାକି ସିଧା ଚିତ୍ରକରର ତୁଳି ପାଖରୁ ଆସିଥିବ । ଛପା ଚିତ୍ର ଓ ମୂଳ ଚିତ୍ରରେ ସାଧାରଣଙ୍କ ଆଖିରେ କେତେ ବା ତଫାତ୍ । ମଣିଷ ମନ ପରି ! ସୃଷ୍ଟିର ଆରମ୍ଭରୁ ମନୁଷ୍ୟ ପହିଲେ ପର୍ବତମାନଙ୍କର ଏଗୁମ୍ଫା ସେଗୁମ୍ଫା ହେଉ ହେଉ ମନରେ ଭାବିଲା, ଏ ପଥରରେ ଅସ୍ତ୍ର ଶସ୍ତ୍ର ତିଆରି କରି ପାରିଲେ ଭଲ ଶିକାର କରି ହୁଅନ୍ତା ଓ ମୁଁ ଖୁବ୍ ସୁଖରେ ରହନ୍ତି । ତାର ବୁଦ୍ଧି ତାକୁ ସେତିକି ଦେଲାରୁ

—ବାଉନ—

Digitized by srujan ka@gmail.com

ପୁଣି ଆଶା ହେଲା ତାଠାରୁ ଭଲ ହତିଆର । ଧାତୁ ତାର ନୂତନ ଅଭାବ ମେଣ୍ଟାଇଲା । ତେବେ ବି ତୃପ୍ତି ନାହିଁ । ଶିକାର ଯେ ଲୋପ ପାଇବାକୁ ବସିଲା । ପୁଣି ଅଭାବର ସୃଷ୍ଟି । କୃଷିର ଅବତାରବ ତାହା ମେଣ୍ଟାଇଲା । ତେବେ ବି ଆଶାର ବିରାମ ନାହିଁ । ପେଟ ଚିନ୍ତା ଟିକିଏ କମିଛି କି ନାହିଁ ଆଶା ହେଲା ଟିକିଏ ମଜଲି ମଜଲିସ୍ କରିବାକୁ । ଆସିଲା ଯନ୍ତ୍ରପାତି । କେତେ ଯେ ମଜଲି ମଜଲିସର ଉପାଦାନ ପ୍ରସବ କରି ପକାଇଲା ତାର ଇୟତ୍ତା ନାହିଁ । ସେହି ଯନ୍ତ୍ର ସାହାଯ୍ୟରେ ଅଶ୍ୱବିହୀନ ଗାଡ଼ିରେ ପୃଥିବୀ ପର୍ଯ୍ୟଟନ କଲା । ସେହି ଯନ୍ତ୍ର ବଳରେ ମୁହୂର୍ତ୍ତରେ ପୃଥିବୀର ଏପାଖରୁ ସେପାଖ ସମ୍ବାଦ ପ୍ରେରଣ କଲା । ସେହି ଯନ୍ତ୍ର ସାହାଯ୍ୟରେ ଜଳ, ସ୍ଥଳ, ଆକାଶ ଜୟ କଲା; ତେବେ ବି ତୃପ୍ତି ନାହିଁ । ଆଜି ପୃଥିବୀରେ ଲୋଡ଼ା ନାହିଁ । ଯ୍ୱାଡ଼ିକୁ ଦରକାର ଚନ୍ଦ୍ର ମଙ୍ଗଳାଦି ଗ୍ରହ । ଏ ଯେ ନ ମେଣ୍ଟିବ କିଏ କହିବ ? ତେବେ ବି ତୃପ୍ତି ଆସିବ ନାହିଁ । ତାପରେ ଏ ସୌରଜଗତ ଛାଡ଼ି ଅନ୍ୟ ସୌର ଜଗତ ଉପରେ ଆଖି ପଡ଼ିବ । ଏହାପରେ ରହିଥିବ ଉପବ୍ରହ୍ମାଣ୍ଡ, ଅସୀମ ବ୍ରହ୍ମାଣ୍ଡ, ଅସୀମ ବିଶ୍ୱ……ଓଃ ମୁଣ୍ଡ ଘୂରିଯାଉଛି, କେବେ ଏ ଅତୃପ୍ତିର ବିରାମ ? ଅତୃପ୍ତିର ବିରାମ କଅଣ ତୃପ୍ତିର ଉପାଦାନରେ ହେବ ? ଅତୃପ୍ତିର ବିନାଶରେହିଁ ଅତୃପ୍ତିର ବିରାମ ହେବ । ଜଡ଼ ବିଜ୍ଞାନମୁଗ୍ଧ ମାନବର ଏହିକ୍ଷଣି ଯ୍ୱାଡ଼େ ଦୃଷ୍ଟି ଆସିବ ନାହିଁ । ରେଖା ଦେବୀଙ୍କର ବି ବୁଝିଅଡ଼ୁ ଆସିବ । ତାଙ୍କର ମୂଳ ଚିତ୍ର ଲିଭର ପିପାସା ବଳବତୀ ହେବାକୁ ଲାଗିଲା । ତାଙ୍କର ସୁଯୋଗକୁ କଟକରେ କେତେକ ବଡ଼ବଡ଼ ଲୋକଙ୍କର ଉଦ୍ୟମରେ ଗୋଟାଏ ଚିତ୍ରକଳା ପ୍ରଦର୍ଶନୀ ଖୋଲା ହେବାର ଆୟୋଜନ ଚାଲିଥାଏ । ରେଖାଦେବୀ ପ୍ରସ୍ତୁତ ହେଉଥାଆନ୍ତି ଭଲ ଭଲ ମୂଲଚିତ୍ର କିଣିବା ଲାଗି, ଆଜ—

— ତେସନ—

Digitized by srujan ka@gmail.com

ଆଜି ରମେଶ ବି ପ୍ରସ୍ତୁତ ହେଉଥାଏ ଗୋଟାଏ ଚିତ୍ର ପ୍ରଦର୍ଶନୀକୁ ପଠାଇବା ପାଇଁ । ସନ୍ତଆର ଭାରି ଭୟ ହେଉଥାଏ, "ଅରେ ଚିତର ଜୋଉ ସୋରରେ କରି ଏତେ ଅବସ୍ଥା ଭାଇ ହେଲେ । ପୁଣି ଜୋର ସୋରରେ ସେଇ ଚିତର ଅଙ୍କା । ମା ବୁଢ଼ୀଠାକୁରାଣୀ ମୋ ଭାଇଙ୍କି ଭଲ ବୁଦ୍ଧି ଦେ ।" ଆଡ଼େ ବାକସଉ ଜୋର ହଟିଲାଣି । ଧାର ଦେବାକୁ ତ ସମସ୍ତେ କୁନ୍ଥୁ କୁନ୍ଥୁ । ଦିନେ ସନ୍ତଆ ଖୁବ୍, ସାହସ ବାନ୍ଧି କହିଲା—"ଭାଇ ଏତେ ଚିତର ଏଠି ପଡ଼ି ରହିଛି, ମତେ ଦେଲେ ମୁଁ ବଜାରରେ ବିକି ଦିଅନ୍ତି, ଦି'ପଇସା ହେଲେ ବାହାରନ୍ତା ତ । ଏଠି ପଡ଼ି ପଡ଼ି ଉଇ ଖାଇବେ ସିନା । ରମେଶ ଟିକିଏ ହସିଦେଇ କହିଲା, "ଅରେ ମୋ ଚିଜସବୁ ବଡ଼ ପକୁଡ଼ି ହୋଇଛି ଯେ ବଜାରରେ ବିକିଦେଇ ଆସିବୁ । ନଖାଇବା ବିନା ମରିବ ପଛକେ ଚିଜ ତ ମୁଁ ବଜାରରେ ବିକି କରି ପାରିବି ନାହିଁ । ଚିଜ ବୁଝିବା ଲୋକଙ୍କୁ ମାଗଣା ଦେବି ପଛକେ ଚିଜ ନ ବୁଝିବା ଲୋକଙ୍କୁ କେବେହେଁ ବିକିବି ନାହିଁ"—

—ଚଜବନ—

Digitized by srujan ka@gmail.com

‘‘କଲିକତାକୁ ବିକ୍ରି କରିବା ଲାଗି କାପର ଛବିର ପଠାଅ, ଏଠି ବିକିଲେ କଅଣ ମାନ୍ ହୋଇଯିବ ?’’

“କଲିକତାକୁ ମୁଁ ତ ବିକ୍ରି କରିବା ପାଇଁ ପଠାଏ ନାହିଁ, ମୁଁ ପଠାଏ ଜଣେ ବଡ଼ ଚିତ୍ରକରଙ୍କ ପାଖକୁ । ସେ ହେଉଛନ୍ତି ମୋ ଗୁରୁ; ସେ ସେହି ଛବିଗୁଡ଼ିକୁ ପ୍ରଦର୍ଶନୀ ଓ କେତେକ ମାସିକ ପତ୍ରିକାକୁ ଦିଅନ୍ତି । ସେଠାରୁ ପୁରସ୍କାର ସ୍ୱରୂପ ଯାହାମିଳେ ତାହା ମୋ ପାଖକୁ ପଠାଇ ଦିଅନ୍ତି । ସେଥିରେ ତ ଗୁଜୁରାଣ ମେଣ୍ଟିଯାଏ ; ଅଉ ବରି ଗୁଲ୍ ଗୁଲ ପରି ଛବି ବିକିବି କାହିଁକି ? ସେଥିରେ ମୋ ଛବିର ଇଜ୍ଜତ ନଷ୍ଟ ହେବ । ସତିଆ କିଛି ଅଉ ନକହି ମନେ ମନେ ଭାବିଲା, ଭାଇଙ୍କର ମୁଣ୍ଡ ଠିକ୍ ଏ କେମିତି ଖରାପ ହୋଇ-ଗଲାଣି । ନହେଲେ କହନ୍ତେ ଛତରର ଗୋଟାଏ ଇଜ୍ଜତ ଅଛି । ରମେଶ କିନ୍ତୁ ସତିଆର ଏ କଥା କହିବାର ଗୂଢ଼ ଇଙ୍ଗିତ ବୁଝି ପାରିଲା । ଟଙ୍କାର ଉପାୟ କିଛି ନ କଲେ ଯେ ତିନି ତିନିଟି ପ୍ରାଣୀ ଭୋକରେ ଛଟ ପଟ ହେବେ । ନିଜ ପାଇଁ ଚିନ୍ତା ନଥାଏ କିନ୍ତୁ ଯେଉଁ ଦୁଇଟି ପ୍ରାଣୀ ଦିନ ରାତି ଯମଦୂତଙ୍କ ସାଙ୍ଗରେ ଲଢେଇକରି ତାକୁ ଛଡ଼େଇ ଆଣିଛନ୍ତି, ତାଙ୍କର ଅବହେଳା କଲେ ତ ଚଳିବ ନାହିଁ । ଦୁନିଆ ଆଖିରେ ସତିଆ, ଭଗିଆ ଦୁଇଟି ଅପଦାର୍ଥ ହୋଇ ପାରନ୍ତି କିନ୍ତୁ ସେ, ସେହି କାଳ କେମା ବାନର-ଖୋଳ ଭିତରେ ଦେଖିଛି ଦୁଇଟି ଶାନ୍ତ, ସୌମ୍ୟ, ଉଦାର ଓ ସୁନ୍ଦର ମୂର୍ତ୍ତି । ଭାବି ଭାବି ସ୍ଥିର କଲା, ନାଃ ଦରକାର ପଡ଼ିଲେ ନିଜ ଜୀବନଠାରୁ ବଡ଼-ନୀତିକୁ ବଦଳାଇବ ପଛକେ, ଭଗିଆ ଓ ସତିଆର ପେଟର ଚିନ୍ତା ରଖାଇ ଦେବ ନାହିଁ । ତାର ଦୃଢ଼ ଆତ୍ମ ବିଶ୍ୱାସଥିଲା ଯେ ଯେଉଁ ମୁହୂର୍ତ୍ତରେ ସେ ଗଣିକା ପରି ନିଜର ଗୁଣକୁ ବିକ୍ରୟ କରିବ ସେହି ମୁହୂର୍ତ୍ତରେ ତାର ଅର୍ଥ ଚିନ୍ତା ଉଭେଇ ଯିବ । ମନେ ମନେ ସ୍ଥିର

Digitized by srujan ka@gmail.com

କଲ, ଯଦି ବିକ୍ରି କରିବା ତେବେ ବଜାରରେ ବୁଲି କାହିଁକି ବିକ୍ରି କରିବା । ପ୍ରଦର୍ଶନୀରେ କିଛି ଅଳ୍ପ ଦାମ ଲେଖି ଥୋଇଦେଲେ ତ ନିଶ୍ଚୟ ବିକ୍ରିହେବ; ତେବେ ସେଇଆ କରିବା । କଟକରେ ପ୍ରଦର୍ଶନୀ ପାଇଁ କରୁଥିବା ଶହଟି ନିଶ୍ଚୟ ବିକ୍ରି କରିଦେବା । ପ୍ରଦର୍ଶନୀର ଅଉ କିଛି ବେଶୀ ଦିନ ନାହିଁ, କୌଣସି ମତେ ଏ କେତୋଟା ଦିନ ଧାର ଉଧାର କେଉଁଠାରୁ ଆଣି ଚଳାଇ ନେବା । ସତିଆକୁ ସବୁ ବିଷୟ ବୁଝାଇଦେଲି । ସତିଆ କିନ୍ତୁ ମହା ହୁସିଆର । ବାକସରେ ଥିବା ଟଙ୍କାକୁ ଛୁହିଁ ସେତିକି ଦିନ କିପରି ବେଗର-ଧାର୍‌ରେ କଟିଯିବ ତାହାର ଉପାୟ କରି ନେଲା । ସେ ଦିନ ସଉଦା ଦେଖି ରମେଶ କହିଲା, "ସତିଆ ଏତେକ ଗୁଡ଼ିଲ କଅଣ ଆଣିଛୁ ? ତିନି ଜଣଙ୍କୁ କଣ ଏତିକି ଅଣ୍ଟିବ ?"

ସତିଆ କହିଲା, "ଆଜି ତୁମେ ଏକା ଖାଇବ, ଆମ ଦିଜଣଙ୍କୁ ଗୋଟାଏ ଜାଗାରୁ ନିମନ୍ତ୍ରଣ ଆସିଛି ।"

"ଅଁ ନି-ମ-ନ୍ତ-ର-ଣ !"

"ହଁ, ହଁ, ଏଇ ସଦାବିହାରୀ ମଠରେ" ଆମେ ଖାଇ ଆସି ସାରୁଁ, କହିବୁ କଅଣ କଅଣ ହୋଇଥିଲା ।"

"ଆରେ ସତରେ କହୁଚୁ ନା ମୋ ସାଙ୍ଗରେ ଗୁଲ୍ଖି ଖେଳୁଚୁ ?"

"ନାଇଁମ ଗୁଲ୍ଖି କାହିଁକି ଖେଳିବି, ତୁମେ କଅଣ ଜାଣି ନା ମଠରେ ଚବିଶ ପହରୀ ହଉଛି, ବରଷ ଗୁରୁଦିନ କାଳ ବେଶ୍‌ ଆରାମରେ କଟିଯିବ ।" ରମେଶ ଆଉବେଶୀ ଦ୍ୱିରୁକ୍ତି ନ କରି ରାଜି ହୋଇଗଲା । ସେଦିନ ସତିଆ ଓ ରଘିଆ ମଠରୁ ଖାଇଆସି

Digitized by srujan ka@gmail.com

ଯେତେବେଳେ ପହଞ୍ଚିଲେ, ରମେଶ ପଚ୍ଚରିଲା—"କ'ଣ ସବୁଅ କଅଣ କଅଣ ସବୁ ହୋଇଥିଲା ?"

ସବୁଅ ପେଟରେ ହାତ ବୁଲାଇ ବୁଲାଇ କହିଲା, "ଓଃ, ବଢ଼ିଆ ଅରୁଆ ଚାଉଳର ଭାତ, ହରଡ଼ ଡାଲି ଆଉ ଘାଣ୍ଟଣ ଆଉ ଗୋଟାଏ ଅମ୍ବିଳ । ପେଟ ଭରି ପୂରି । ହେଲେ ଗୁଡ଼ାଏ କୁହାଟିବାକୁ ପଡ଼ିଲା ।"

"କୁହାଟ କଣରେ ପୁଣି ?"

"'ଏଇ ହରେ କୃଷ୍ଣ ହରେ ରାମ, ନିତେଇ ଗୌର ରାଧେଶ୍ୟାମ" ଭାଇ ଯାହା କୁହ ଏ ବାବାଜୀଗୁଡ଼ାଙ୍କ ଭାବ ଅଲଗା ଅଛନ୍ତି । ଧନ ରାଜ ହରେ କୃଷ୍ଣ ହରେ କୃଷ୍ଣ, ଆଉ ବଢ଼ିଆ ଅରୁଆ ଚାଉଳର ଭାତ, ହରଡ଼ ଡ଼ାଲି, ଅମ୍ବିଳ । ଆଉ କିଛି କାମ ନାହିଁ । ହଁ ଆର ଜନ୍ମରେ ତାହାଙ୍କୁ ସେମିତ ଖାଇବାକୁ ଦେଇଥିଲେ, ଏ ଜନ୍ମରେ ବସି ଖାଉଛନ୍ତି ।"

"ଅଚ୍ଛା, ଏମାନେ ଆର ଜନ୍ମକୁ କଅଣ କରିବେ ? ଏ ଜନ୍ମରେତ ବସି ଖାଇଲେ । ତାହାର କିଛି କାମ କଲେ ନାହିଁ ।"

"ଏମାନେ ଆଉ କଅଣ କାମ କରିବେ ?"

"କାହିଁକି ? କଅଣ କାମ ନାହିଁ । ଡାକ୍ତରଖାନାମାନଙ୍କରେ ପରା ୫୦।୬୦ ରୋଗୀରେ ଜଣେ କେବଳ ଦେଖାଗୁହାଁ କରିବାକୁ । ଏମାନେ ଯାଉନାହାନ୍ତି ସେବା ଶୁଶ୍ରୂଷା କରିବେ । ଦୁର୍ଭିକ୍ଷରେ ପରା ହଜାର ହଜାର ଲୋକ ମରି ଯାଉଅଛନ୍ତି, ଯାଉନାହାନ୍ତି ଛତ୍ର ଖୋଲିବାକୁ । ଆମ ଦେଶରେ ପରା ଶହକରେ ଅନେକଶତ ଜଣ ମୂର୍ଖ, ଯାଉନାହାନ୍ତି ପାଠ ପଢ଼େଇବାକୁ । ସ୍କୁଲରେ ପାଠ ପଢ଼ିବାକୁ ଆସି ପିଲାମାନେ ସହରରେ ଜାଗା ନପାଇ କ

Digitized by srujan ka@gmail.com

ଦଇବଶ ହେଉଛନ୍ତି । ଏଡ଼େ ବଡ଼ ଜାଗାଟାଏ ମାଡ଼ି ବସି ଅଛନ୍ତି, ଛାଡ଼ି ଦଉନାହାନ୍ତି । ସେଠି ଛାତ୍ରମାନେ ରହିବେ ଓ ପାଠ ପଢ଼ିବେ । ନିଜେ ପଛେ ଗଛ ମୂଳେ ରହନ୍ତେ । ଜାଣୁ ଏମାନେ ଆର ଜନ୍ମକୁ କଣ ହେବେ ?”

“କଅଣ ?”

“ଗୋଟାଏ ଗୋଟାଏ ଅଜଗର ସାପ ହୋଇ ଜନ୍ମ ହେବେ । ପବନ ଖାଇ ଖାଇ ପଡ଼ିଥିବେ ।”

“ବାବାଜିମାନେ କାମ କେମିତି କରିବେ ?” ସେ ପରା ସବୁବେଳେ ହରିନାମ ନଉଛନ୍ତି ।”

“କାହିଁକି ତାଙ୍କୁ କାମ କରିବାକୁ କିଏ ମନା କରୁଛି କି, ରାମକୃଷ୍ଣ ମଠର ବାବାଜିମାନେ କିପରି କାମ କରୁଛନ୍ତି ?

“ଆହା ବାବାଜିମାନଙ୍କୁ ସେମିତି କୁହନାହିଁ । ଭଗବାନ ରାଗିବେ । ଦାହକୁ ହାନି ପହଞ୍ଚିବ ।”

ହୋ ହୋ କରି ରମେଶ ହସି କହିଲା, “ଅଚ୍ଛା, ଅଚ୍ଛା ତୋ ବାବାଜିଭକ୍ତି ଭଲ—ହେଲା ?” ସଉଅ ବି ମନରେ ଖୁସି, ଭାଇଙ୍କୁ ବୁଝେଇ ଦେଇ ପାରିଲା ବୋଲି । ରମେଶ ବା ସଉଅକୁ କଅଣ ବୁଝେଇ ଥାଆନ୍ତା ? ତିନିଦିନ ଯାଏ ସଉଅ, ଭଗିଅ ମଠରେ କାମ ଚଳେଇ ନେଲେ । ରମେଶ ଏକା ଘରେ ଖାଏ ।

ଏହିପରି କସା କଷି ହୋଇ ଚଳୁ ଚଳୁ ଦିନେ ଗୋଟିଏ ତାର ରମେଶ ନାଁରେ ଆସିଲା । ତାରଟି ଖୋଲିକି ରମେଶ ପଢ଼ିଲା । ସଉଅ ବାଲ୍ଲି ବାଲ୍ଲି କରି ଚାହିଁଥାଏ, ମନେ ମନେ ମା ବୁଢ଼ୀ-ଠାକୁରାଣୀ, ମା ବୁଢ଼ୀଠାକୁରାଣୀ ଜପୁଥାଏ । ଭୟ ଆତଙ୍କରେ ତା ହୃଦୟ ଛାଇ ହୋଇଗଲା । ଭାବିଲା ବିପଦ ଉପରେ ବିପଦ । ତାର

Digitized by srujan ka@gmail.com

ଡାହୁଁକ ଅସିଲା । କିନ୍ତୁ ତାହାର ଦେହ ଭାବ ଖରାପ ହୋଇଛି । ତାପରେ ରମେଶର ଟିକିଏ ହସ ମୁହଁ ଦେଖି ତାର ଭାବଧାରା ହଠାତ୍ ବଦଳି ଗଲା । ଆଖି ଦୁ'ଟା ମେଲେଇ ଦେଇ ପାଟିଟା ଆଁ କରି ପଚାରି ପକେଇଲା, "ଭାଇ କିଅଣ କହୁନା, କଅଣ ଖବର କୁହ ମ ।"

ହସି ଦେଇ ରମେଶ କହିଲା "ଉଁ ହୁଁ, ଏତେ ଚଞ୍ଚଳ କହି ଦେବି ନା ?"

"ଭାଇ ତୁମକୁ ମୋ ରାଣ କୁହ, ଉଁ ହୁଁ, କହୁନା ।"

"ତୁ ଆଗ କହ, ମୋର ଘର ହେବାବେଳେ ତୁ କୋଉଠୁଁ ଟଙ୍କା ଆଣିଥିଲୁ ?"

"ହେଉ ପୁଣି ସେଇ କଥା । ମୋର ଟଙ୍କା ଜଣଙ୍କ ପାଖରେ ଥିଲା । ତାଠାରୁ ନେଇ ଅସିଲି ।"

"ସତ କହ କେତେ ଟଙ୍କା ଖର୍ଚ୍ଚ କରିଛୁ ।"

"ସେ କଥା ଜାଣି ଲାଭ କଅଣ ? ତୁମ ପାଖରେ ଟଙ୍କା ହେଲେ ମୁଁ କଅଣ ସେଥିରୁ ନେଇ ଖର୍ଚ୍ଚ କରିବିନି । ତୁମ ପାଖରେ ଆଗ ଟଙ୍କା ହଉ ମୁଁ କହିବି ।"

"ଅରେ ସତଅ ! ମୁଁ ଯେଉଁ ଚିତ୍ର ପଠେଇ ଘରରେ ପଡ଼ି ନଥିଲି, ସେଇ ଚିତ୍ର ପାଇଁ ଦୁଇହଜାର ଡୋଲାର ପୁରସ୍କାର ପାଇଛି ବୋଲି ତାର ଅସିଛି । ଟଙ୍କା ଦିନେ ଦୁ' ଦିନ ଭିତରେ ଅସିଯିବ ।"

"ଡୋଲାରଗୁଡ଼ାକ କଅଣ ହେବ ମ ? ଆମର କଅଣ ଧାନ ଅଛି ଯେ ଅମେ ଭର୍ତ୍ତି କରିବୁ ?"

"ଅରେ ହୁଣ୍ଡା ! ଡୋଲ ନୁହେଁ ଡୋଲାର, ଦୁଇହଜାର ଡୋଲାରମାନେ ସାଢହଜାର ଧଳା ଧଳା ଟଙ୍କା ।"

Digitized by srujan ka@gmail.com

"ସାତ ହଜାର ! କେତେଗୁଡାଏ କୋଡ଼ି ହବତ !! ଅଁ ସାତହଜାର । ସା-ତ ହଜାର !!! ସାତ ହ-ଜା-ର—ସତେ ? ସାତ ହ-ଜା-ର—, ମା ବୁଢ଼ୀଠାକୁରାଣୀ ସାତ ହ-ଜା-ର, ଅରେ ଭଗିଆ ସା-ତ ହ-ଜା-ର—"

ରମେଶ ଚଞ୍ଚଳ ଦଉଡ଼ି ଯାଇ ପାଣି ମାଠିଆଟା ଆଣି ଗବ ଗବ କରି ସତଆ ମୁଣ୍ଡରେ ଇଞ୍ଚି ଦେଲା । ପାଣି ମାଡ଼ ଖାଇ ସତଆ ଟିକିଏ ଥୟ ଧରିଲା ।

"ଆଇଁ"

"ଚୂପ୍, ଫେର୍ ଅଉ ମାଠିଆଏ ପାଣି ଆଣିବି, ପାଟି କରନା । ଅରେ କେତେ କୋଡ଼ି ଟଙ୍କା ହବ ଯେ ତୋ ମୁଣ୍ଡ ବୁଲେଇ ଯାଉଛି ?"

"ନାଇମ, ମୁଁ କଅଣ ଟଙ୍କା କଥା କହୁଛି ।"

"ଅଉ କଅଣ କହୁଛୁ ?"

"କାହା ଆଗରେ କୁହ ନାହିଁ । ଟଙ୍କା କଥା ଦ କାନ ହେଲେ ଚୋର ଘରେ ପଶିବେ । ଅଉ ସାହୁକାର ଗୁଡା ଗୁଡାରେ ସବୁ ଲୁଟି ନେବେ ।"

"ଅଚ୍ଛା ହେଉ, ତୋର କଥା ହେବ ।"

ସତଆ ମନ ଖୁସିରେ ଯାଉଁ ଲଗାଟା ପାଲଟି ପକେଇଲା । "ହଁ ଭାଇ ଆଉ ଗୋଟିଏ କଥା, ମୋତେ ସେଥିରୁ ଆଗ ଦୁଇକୋଡ଼ି ତନଟଙ୍କା ଦେଇ ଦେବ । ବୁଢ଼ୀ ଠାକୁରାଣୀଙ୍କ ପାଖରେ ତୁମ ଦହଲଗି ମାନସିକ ହେଇଛି ।"

"ଠାକୁରାଣୀଙ୍କୁ କଅଣ ଭୋଗ କରିବୁ ?"

—ଷାଠିଏ—

Digitized by srujan ka@gmail.com

"ଘୋଡ଼ାଏ ଢାଳିଆ ବୋଦା ତ ଦୁଇକୋଡ଼ି ଟଙ୍କା । ମୁଁ ଆଗରୁ ସଜାଲ୍ କରୁଚ୍ଛି । ବାହ୍ମଣ ନେବ ଟଙ୍କାଏ । ଭୋଖୁଡ଼ା କଦଳୀ ଫୁଲ୍ ଟଙ୍କାଏ । ଅଜ ହାଣିଲବାଲା ନେବ ଟଙ୍କାଏ । ଅଜକାଲ୍ ତ ବୋଦା ମୋଟେ ମିଳୁନି । ଖାସିଙ୍କ ବେଶୀ ଆଦର ହେବାରୁ ସମସ୍ତେ ଅଣ୍ଡିର ଛୁଆକୁ ଖାସି କରି ପକାଉଛନ୍ତି । ସେଇଥିଲାଗି ବୋଦା ଏତେ ଦାମ୍ । ରଘୁଆ ଧୋବା ଦୁଇକୋଡ଼ିରୁ ଗୁନାଏ ଖସୁନାହିଁ ।"

"ତୋର ଯଦି ବୋଦାଟାଏ ଖାଇବାର ଇଚ୍ଛା, ତାହେଲେ ହାଣିକରି ଖାଉନୁ, ଠାକୁରାଣୀଙ୍କ ନାଁରେ କାହିଁକି ବଦନାମ କରୁଛୁ । ଠାକୁରାଣୀ କଅଣ ବୋଦା ମାଗୁଛନ୍ତି ଖାଇବାକୁ ।"

"ଏଁ, ମାଗୁ ନାହାନ୍ତି ? ମୁଁ ନିଜେ ଆଖିରେ ଦେଖିଛି ବଇଷମ ଘୁଷୁରିଆକୁ କାଳସି ବଢେଇ ହୋଇଥିଲେ । ବାବାରେ—କି ପରତାପ ! ଖାଲି ପାଟି କଲେ, 'ଅଣ ବୋଦା' 'ଆଣ ବୋଦା' । ନହେଲେ ବଂଶନାଶ ଖାଇଯିବ । ଭକାଶି ନନା ଦଉଡ଼ି ଯାଇ କୋଉଁଠୁ ଛୁଆ ବୋଦାଟା ଆଣି ଆଗରେ ଛାଡ଼ିଦେଲେ । ଅବତାର ବାଜା ତ ବଜୁଥାଏ । ଓହୋ କଅଣ କହିବି ! ବୋଦା ଛୁଆଟା ମେଁ ମେଁ ହୋଇ ଡକା ପକାଉଥାଏ । କାଳସି ତା ବେକକୁ ଦାନ୍ତରେ ଚିରି ରକତ ପିଇଗଲେ ।"

"ସେତିକିବେଳେ ପୁଲିସ ଆସି ତା ପିଠିରେ ଦଶ ଗୋଇଠା ଦେଇଥିଲେ ଦେଖିଥାନ୍ତୁ କିପରି କାଳସି ଛାଡ଼ି ପଳେଇ ଥାଆନ୍ତେ ।"

ଭାଇ ତୁମ ଗୋଡ଼ତଳେ ପଡ଼ୁଛି ଠାକୁରାଣୀଙ୍କୁ ନିନ୍ଦ ନାହିଁ ।"

"ମୁଁ କଅଣ ଠାକୁରାଣୀଙ୍କୁ ନିନ୍ଦୁଛି । ଠାକୁରାଣୀଙ୍କ ନାଁରେ ଲୋକେ ଯେଉଁ କଦର୍ଯ୍ୟ କାମ କରୁଛନ୍ତି, ସେ କାମ ଆଉ ସେ ଲୋକଙ୍କୁ ନିନ୍ଦୁଛି ।"

Digitized by srujan ka@gmail.com

"ସେମାନେ କଅଣ କଲେ ? ଶାସ୍ତ୍ରରେ ଲେଖାଅଛି ବୋଲି ବାହ୍ମଣେ କହନ୍ତି ।"

"ଓକିଲମାନେ କପଟର ଗୋଟାଏ କଥାରୁ ଦଶ ରକମ ଅର୍ଥ କାଢ଼ନ୍ତି । ସେହିପରି ବାହ୍ମଣମାନେ ଯଦି ଅର୍ଥକୁ ଅନର୍ଥ କରିବେ ସେଥିପାଇଁ କଅଣ ଶାସ୍ତ୍ର ଲଗା ?"

"ବାହ୍ମଣେ ବୁଝି ନାହାନ୍ତି । ତୁମେ କଅଣ ବୁଝିଛ କହିଲ ।"

"ଅଚ୍ଛା ବୋଉ ଜୀବମାନେ ବଳି ପଡ଼ନ୍ତି ?"

"ଛେଳି, ମେଣ୍ଢା, ମଇଁଷି—"

"ଛେଳି, ମଇଁଷି, ମେଣ୍ଢାଙ୍କର ଯେଉଁ ଭୟ, ରାଗ, ମୋହ ଗୁଣସବୁ ତାହା ମଣିଷର ମଧ୍ୟ ଅଛି । ଶାସ୍ତ୍ର କହେ ମଣିଷ ଏହି ଛେଳିଙ୍କ ପରି ଭୟ କରିବା, ମହିଁଷିଙ୍କ ପରି ରାଗିଯିବା ଓ ଭେଡ଼ାଙ୍କ ପରି ମୋହଗ୍ରସ୍ତ ହେବାକୁ ବଳି ଦେଇ, ମାନେ ତ୍ୟାଗ କରି ଠାକୁରାଣୀଙ୍କୁ ପୂଜା କରିବା । ଶାସ୍ତ୍ର କହୁନି ଯେ ଛେଳି, ମହିଷି, ଭେଡ଼ାଙ୍କୁ ହାଣିବା ପାଇଁ । "ମୀନ ମାରଣ ମାଂସ ଖାଇ, ସେ ଜୀବ ବୈକୁଣ୍ଠେ ବସଇ" ଯଦି ମାନେ କଅଣ ଯିଏ ମାଂସ ଖାଇବ ସେ ବୈକୁଣ୍ଠକୁ ଯିବ ? ଆମେ ଯଦି ଓକିଲ ଭଳିଆ ଅର୍ଥକୁ ଆମ ମନ ମାଫିକ ଭଳି ଅନର୍ଥ କରିବୁ ସେଥିଲାଗି କଅଣ ଶାସ୍ତ୍ର ଲଗା । ରମେଶ ବୁଝାଇବାରେ ଲାଗିଥାଏ । ସବିଅର କିନ୍ତୁ ମନ ଅନ୍ୟ ଆଡ଼େ । କିଛି ବୁଝୁଥିଲେ ସିନା ଶୁଣନ୍ତା । ସେ ଭାବୁଥାଏ ଭାଇତ ଏମିତି ଅଖାଡ଼ୁଆ କଥା କହୁଛନ୍ତି । ତାଙ୍କୁ ଲୁଚେଇ କମିତି ବୁଢ଼ୀଠାକୁରାଣୀଙ୍କ ପାଖରେ ବୋଦାଟାଏ ପକେଇ ଦେଇ ଆସିବ ।" ରମେଶ ପଚାରିଲା, "ବୁଝିଲୁ—"

—ବାଷଠି—

"ହଁ-ଅଁ, ଅଜ କାଲ ତ ସେମିତି ଯୁଗ ହେଲଣି। ଅଙ୍ଗ୍ରେଜୀ ପାଠ ପଢ଼ି ସମସ୍ତେ ଓ୍ୱକିଲ୍ ପରି ଶାସ୍ତ୍ରରର ଅଉ ଗୋଟାଏ ଲେଖାଏଁ ମାନେ କାଢ଼ୁଛନ୍ତି।"

ରମେଶ ଦେଖିଲା ଯେ ସବୁ ପରିଶ୍ରମ ତାର ବ୍ୟର୍ଥରେ ଯାଉଛି। ଅଉ ପରିଶ୍ରମ କରି ଲାଭ ନାହିଁ। ଅଥଚ ସଉଅର ମନଟା ଖୁବ୍ ଛୋଟ ହୋଇ ଯାଉଛି। ଗୋଟାଏ ମଝି ମଝିଆ ରାସ୍ତା କାଢ଼ିଲା। ସଉଅକୁ ବୋଧ ଦେଇ କହିଲା, "ଅଚ୍ଛା ଠାକୁରାଣୀଙ୍କ ଆଗରେ ପାଣି ଛଡ଼େଇ ଛାଡ଼ିଦେଲେ ହବନି ?"

ସଉଅ ଅତି ଅଗ୍ରହ ସହକାରେ କହିଲା, "ହଁ ହଁ ସେମିତି ବି ହବ।"

"ଅଚ୍ଛା, ତାହେଲେ ସେଇଆ ହଉ।"

"ହଉ ସେଇଆ ପଛେ ହଉ—"

ଟଙ୍କା ବି ଅସିଲା, ସେଇଆ ବି ହେଲା। ବୁଢ଼ୀଠାକୁରାଣୀ ଯେ କେବଳ ଭୋଗ ଖାଇଲେ ତାହା ନୁହେଁ। ସଉଅର ଦୟାରୁ ଝାଡ଼େଶ୍ୱରୀ, ବାଘଡ଼େଶ୍ୱରୀ ଝୁଣ୍ଟେଶ୍ୱରୀ, ବାଟ ମଙ୍ଗଳା, ବୁଢ଼ୀମଙ୍ଗଳା ପ୍ରଭୃତି ବହୁତ ଭୋକିଲା ଦେବୀଙ୍କ ଉପରେ ଟିକିଏ ଟିକିଏ ଭୋଗ ପାଣି ପଡ଼ିଥିଲା। ଏପରିକି ବାଟରେ, ଘାଟରେ ଭୁଲରେ ଅପୂଜା ହୋଇ ପଡ଼ିଥିବା କେତେ ପଥର ମୂର୍ତ୍ତିଙ୍କ ଦେହରେ ସିନ୍ଦୁର ହଳଦୀ ଲାଗିଯାଇଥିଲା। ଦେବତାମାନଙ୍କୁ ତାଙ୍କର ଭାଗଟା ଦେଇ ଦେବା ବିଷୟରେ ସଉଅ ଭାରି ହୁସିଆର। ଲାଞ୍ଚ ନଦେଲେ କାଳେ ଅଉ କେତେବେଳେ ଡାକିଲେ ପଦେ ନ ଶୁଣିବେ। ସବୁ ଦେବାଦେବୀଙ୍କ ପାଉଣା ଛୁଣ୍ଡେଇ ଦେଇ ସଉଅ ନିଶ୍ଚିନ୍ତ ହୋଇ ବସିଲା। ରମେଶ ଏସବୁ କାର୍ଯ୍ୟ ସଉଅ ଉପରେ ଛାଡ଼ି ଦେଇ ଶବ ଅଙ୍କାରେ ଥାଏ।

—ତେଷଠି—

Digitized by srujan ka@gmail.com

ନିଜର ଅନିଚ୍ଛା ସତ୍ତ୍ୱେ ଏ ସବୁ କାର୍ଯ୍ୟରେ ସନ୍ତଅଙ୍କୁ ବାରଣ କରି ପାରୁ ନଥାଏ ।

ରମେଶର ଏଥି ପୁରସ୍କାର ପାଇବା କଥାକୁ ସନ୍ତଅ ଖୁବ୍ ଗୁପ୍ତରେ ରଖିଥିଲା । ତାର ଭାରି ଡର, ସାମ୍ନା ଭିତରେ ଡନିଡନିଟା ଷ୍ଟୋର୍ ଗୋଲ୍‌ଖଟି, ଭାଇଙ୍କ ପୁରସ୍କାର ପାଇବା କଥା ଜଣା ପଡ଼ିଗଲେ ଏ ଗୋଲ୍‌ଅର ସବୁ ଅଜ ଟଙ୍କା ରଖେଇ ଦେବେ ! କୋଉ ସୁବିରେ ଘରେ କଳା କନା ବୁଲେଇ ଦେବେ । ରମେଶ ଘରକୁ ଗୁହିଁ ଖବରଟା ଖୁବ୍ ବଡ଼ ଥିଲା । ସେଥିଲାଗି ତାହା ଘର ଭିତରେ ଅବଦ୍ଧ ହୋଇ ରହି ପାରିଲା ନାହିଁ । କଲିକତାରେ ଶୈଳେନବାବୁଙ୍କର କଣେ ଓଡ଼ିଆ ସାଙ୍ଗ ତାଙ୍କଠାରୁ ଏ ଖବରଟା ଜାଣିପାରି ଓଡ଼ିଆ ଖବରକାଗଜମାନଙ୍କ ପାଖକୁ ପଠାଇ ଦେଇ-ଥିଲେ । ସନ୍ତଅ ଯେତେବେଳେ ଜାଣି ପାରିଲା ସେ କଥାଟା ପ୍ରଘଟ ହୋଇ ଯାଇଲଣି, ସେତେବେଳେ ସେ ବଡ଼ ଚିନ୍ତାକୁଳ ହୋଇପଡ଼ିଲା । ସବୁବେଳେ ବସି ଭାବୁଥାଏ କୋଉ ଭଗାରି, ପରଶ୍ରୀ ଦେଖି ନପାରିଲାବାଲା ଏ ଖବରକୁ ଜଣେଇ ଦେଲା । ବୁଢ଼ୀଠାକୁରାଣୀ ନକରନ୍ତୁ, ଭାଇଙ୍କର ଟଙ୍କା ଷ୍ଟୋର୍ ହୋଇଗଲେ ତାର ବା କଅଣ ଲାଭ ହେବ ? ଛି ଛି, ଏମିତ ହିଂସୁକ ଲୋକ ସବୁ ପୁଣି ଥାଆନ୍ତି । ହଜ ବୁଢ଼ୀଠାକୁରାଣୀ ଭରସା । ଅଡ଼କୁ ଅଡ଼କୁ ସନ୍ତଅର ଘରୁ ବାହାରିବା ବି କମିଗଲା । ରାତିରେତ ବିଲକୁଲ୍ ନୁହେଁ । ନିଦ ବି ରାତିରେ ଭଲ୍ ହେଲାନାହିଁ । ସବୁବେଳେ ଟଙ୍ଗ୍ ଟଙ୍ଗ୍ । ରମେଶ ସନ୍ତଅର ଭୟର କାରଣ ବୁଝିପାରି ଟଙ୍କାତକ ବେଙ୍କରେ ଜମା କରିଦେଲା । ବେଙ୍କ୍‌ରେ ରଖିବାର ସୁବିଧା ଓ ନିରାପତ୍ତା ବିଷୟ ସନ୍ତଅ ରମେଶଠାରୁ ଭଲ୍ ଭାବରେ ବୁଝି ଯାଇବା ପରେ ଟିକିଏ ନିଶ୍ଚିନ୍ତ ହେଲା । ମନେ ମନେ ବି ଭାବିଲା, ଏଥର କିଏ

Digitized by srujan ka@gmail.com

କଅଣ କରୁଛନ୍ତି କରୁ ।" ରମେଶ ଜାଣିବାରେ ତା ବିଷୟ ଦୁଇ ତିନିଟି ଖବରକାଗଜରେ ବାହାରିଥିଲା । ଆଜି କଅଣ ହୋଇଛି ସେ ଜାଣେନା କି ଆଜି କଏ ବି ଜାଣିନି । ଆଜି କଅଣ ତାହାଙ୍କ ବା ହେବ ? ଦେଶଜାଣି ଅବା ଅମୁକ ତାରିଣୀ, ସମୁକ ବାରିଣୀ, ତମୁକ ହାରିଣୀ ଅନୁଷ୍ଠାନମାନଙ୍କୁ ଟଙ୍କାଏ ମସାଏ ଖବରକାଗଜର ସମ୍ପାଦକଙ୍କ ଜରିଆରେ ଦେଇ ପକେଇ ଥାଆନ୍ତା, ତେବେ ବା କଣ ହୋଇଥାଆନ୍ତା । ମୂଳରୁ ତ ସେ ଅବାରିଆଟାଏ । ତା'ର ଏତେ ବୁଦ୍ଧି ଆସିବ କୁଆଡ଼ୁ । ଓଲଟା ଦୁଇ ଚାରିଜଣ ଲେଖକ, ବ୍ୟବସାୟୀ ଏ ଖବର ପାଇ, ଗୁଇନ୍ଦା ପୁଲସ୍ ଖୋଜି ଖୋଜି ଡକେଇତ ଆଡ୍ଡାର ସନ୍ଧାନ ପାଇଲା ପରି ବହୁକଷ୍ଟରେ ତାକୁ ପାଇଥିଲେ । ତାଙ୍କର ଇଚ୍ଛା ଥିଲା ଦୁଇ ତିନି ଖଣ୍ଡ ବହି ଓ ବିଜ୍ଞାପନ ପାଇଁ କେତେଗୁଡ଼ିଏ ଚିତ୍ର ରମେଶଠାରୁ ଆଙ୍କେଇ ନେବେ । ଯେତେବେଳେ ସେମାନେ ଚିତ୍ରର ବିବରଣୀ ସବୁ କହି ରମେଶଙ୍କୁ ଫରମାସ ଦେଇ ବସିଲେ, ସେତେବେଳେ ରମେଶ ବିନୀତ ଭାବରେ ହାତ ଯୋଡ଼ି ସେମାନଙ୍କୁ ବୁଝେଇଲା, "ଦେଖନ୍ତୁ, ମୋତେ ଫରମାସ ଦିଆ ଚିତ୍ର ମୋଟେ କରି ଆସିବ ନାହିଁ । ମନରେ ସ୍ପନ୍ଦନ ନ ଆସିଲେ ମୁଁ ଚିତ୍ର ଆଙ୍କି ପାରେନାହିଁ । ଅସୀମ ଭାବ ସମୁଦ୍ରରେ ବୁଡ଼ି ଆଙ୍କୁ ଆଙ୍କୁ ଯାହା ହୋଇଯାଏ । ଗୋଟାଏ ବେଷ୍ଟନୀ ଭିତରେ ରହିଲେ ମୋର ତୁଳି ତ ଚଳିବ ନାହିଁ । ମୁଁ ଭଲ କରି ଜାଣେ ଯେ ବାଧ୍ୟ ହୋଇ ବେଷ୍ଟନୀ ଭିତରେ ରହି ଚିତ୍ର କଲେ ତାହା କେବେହେଁ ଭଲ ହେବ ନାହିଁ ଓ ମୋର ନିଜର ବି ପସନ୍ଦ ହେବ ନାହିଁ । ପେଟ ପୋଷିବା ଲାଗି ନିଜର ଅପସନ୍ଦ ହେଉଥିବା ଚିତ୍ରକୁ ବିକ୍ରୟ କରିବା ମୋ ନୀତି ବିରୁଦ୍ଧ । ଆଜି ମଧ୍ୟ ବେଷ୍ଟନୀ ଭିତରେ ରହି ଚିତ୍ର ଆଙ୍କିବାକୁ ଗଲେ ମୋତେ ଗୋଟିଏ କଏଦଖାନା ଭିତରେ ରହିଲା ପରି ଜଣାଯାଏ ଓ ହାତ ବାନ୍ଧି ହୋଇଯାଏ । ମନରେ ବଡ଼ ଅସ୍ୱସ୍ତି

Digitized by srujan ka@gmail.com

ବୋଧ କରେ । ଅଶ୍ୱସ୍ତି ଭଗ୍ନ ମନରେ ମୁଁ କେବେହେଁ ଚିତ୍ର ଆଙ୍କି ପାରିବି ନାହିଁ । ମୋତେ ମାଫ୍ କରନ୍ତୁ । ମୁଁ ଫରମାସ ଦିଆ ଚିତ୍ର କେବେହେଁ କରି ପାରିବି ନାହିଁ । ଆପଣମାନେ ଯଦି ଅନ୍ୟ କିଛି ଏଥିରେ ଭାବନ୍ତି ତେବେ ମୁଁ ନାଚାର । ଏମିତିଆ ଅବୁଝା ଅଖାଡ଼ୁଆ କଥାକୁ କିଏ ବା ପାରିବ ।" ଫଳ ହେଲା ଏତିକି ଯେ, ସେ ଯେଉଁ କେତେଜଣ ଆସିଥିଲେ ସେମାନେ ବିରକ୍ତ ହୋଇ ଫେରିଗଲେ ଓ ନିମ୍ନଲିଖିତ ଭାବରେ ମନ୍ତବ୍ୟ ପ୍ରକାଶ କରିବାକୁ ମଧ୍ୟ ଭୁଲି ନଥିଲେ । ଜଣେ କହିଲା, "ହଇ ହେ ଶୁଣିଲ ତ, ଲୋକଟାର ଠିକଏ ଗର୍ବ ହୋଇଯାଇଛି । ଗୋଟିଏ ଲୋକ, ସେଥିରେ ଏତେ ହଜାର ଟଙ୍କା ପାଇଲାଣି । ଭାବିଥିଲା ଆମେ ଚିତ୍ର ପାଇଁ ଦାନ୍ତ ନିକୁଟି ହୋଇ ତା ଗୋଡ଼ରେ ଥୋଡ଼ାଏ ତେଲ ଘଷି ଥାଆନ୍ତୁ ; ଆରେ ଟଙ୍କା ଥିଲେ କେତେ ଚିତ୍ରକର ଗୋଡ଼ତଳେ ଗଡ଼ିବେ । ସେ ଭାବୁଛି ଦୁନିଆରେ ଆଉ ଚିତ୍ରକର ନାହାନ୍ତି ।" ଆଉ ଜଣେ କହିଲା, 'ଭଲ ଓଲଟା କାଳ ଆଉ ଓଲଟା କଥା ହେଲା । ଚିତ୍ରକରମାନେ ଯା ଦୁଆର ତା ଦୁଆରେ ଚିତ୍ର କିଣ ଯଚେଇ କରୁନାହାନ୍ତି । ଖବର ଦେଲେ ଦଶ ଦଶଟା ଚିତ୍ରକର ଘରକୁ ଓଲଟା ଦଉଡ଼ି ଚିତ୍ର ବରାଦ ମୁତାବକ କରି ଦେଉଛନ୍ତି । ଆଜି ଆମ ଭଳିଆ ଲୋକ ଓଲଟା ତା ଘରେ ପହଞ୍ଚି ବରାଦ ଦେଲାରୁ ତାକୁ ଗର୍ବ ଉଠୁଛି—"କିସ ପୁଣି ଦେଖାନଯାଏ ଜୀଇଁ ଥିଲେ ଜୀବନେ ।" ଏହିପରି ଯିଏ ଯେତେ ପାରିଲା ଗାଳି ଦେଇ ମନ ଥଣ୍ଡା କଲେ । ରମେଶ ଟଙ୍କା ପାଇବାରେ ଯେତେ ଖୁସି ହୋଇ ନଥିଲା, ସେତେ ଖୁସି ହୋଇଥିଲା ଭଡ଼ିଆ ସତିଆ ଉପରକୁ ମାଡ଼ି ଆସୁଥିବା ଅର୍ଥାଭାବଜାତ କଷ୍ଟରୁ ସେମାନେ ରକ୍ଷା ପାଇଗଲେ ବୋଲି ଓ ନିଜର ଚିତ୍ର ବିକ୍ରୟ ନକରିବା ନୀତି ଆଉ ଭାଙ୍ଗିବାର ଦରକାର ହେବ ନାହିଁ ବୋଲି । କଟକ ପ୍ରଦର୍ଶନୀ ପାଇଁ କରୁଥିବା ଚିତ୍ରଟିର ଯାହା କିଛି ବାକୀ ଥିଲା ସବୁ ମନ ଖୁସିରେ ବସି ପୂର୍ଣ୍ଣ କଲା । ତା'ପରେ ପ୍ରଦର୍ଶନୀ ମନ୍ଦିରକୁ ପଠାଇଦେଲା ।

Digitized by srujan ka@gmail.com

ପ୍ରଦର୍ଶନୀ ମନ୍ଦର ହୋଇଥାଏ ମ୍ୟୁନିସିପାଲିଟି ପଡ଼ିଆ ଭିତରେ । ପ୍ରଧାନ ମନ୍ତ୍ରୀ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ପୂର୍ବରୁ ବକ୍ତୃତା ଦେବା ଲାଗି ଗୋଟାଏ ବଡ଼ ଗୁନ୍ଦୁଆ ଦ୍ୱାରା ଆବୃତ ସଭା-ସ୍ଥଳଟିଏ ଭଲ ଭାବରେ ସଜାସଜି ହୋଇ ତିଆରି ହୋଇଥାଏ । ଦିନ ୧୦ଟାରେ ପ୍ରଧାନ ମନ୍ତ୍ରୀ ଆସିବାର କଥା । ସମୟ ହୋଇ ନଥାଏ । ଉଦ୍ୟୋକ୍ତାମାନେ ସକାଳ ୮ଟାରୁ ଗଡ଼ଲେ । ଏପାଖ ସେପାଖ ହେଉଥାନ୍ତି । ମଝିରେ ମଝିରେ ଘଡ଼ି ଦେଖି ପକାଉଥାନ୍ତି । ସର୍କସ୍ ଫର୍କସ୍ ହେଲେ ଯେପରି ଲୋକମାନେ ହାଉଯାଉ ହୁଅନ୍ତି ସେମିତି ନଥାଏ । ସଜାସଜି ଦେଖି ଭୁଲ୍‌ଚୁକ୍‌ରେ ଜଣେ ଅଧେ ଗଳିପଡ଼ନ୍ତି । ଯେତେବେଳେ ଶୁଣନ୍ତି ଯେ ଗୋଟାଏ ଶବପ୍ରଦର୍ଶନୀ ଖୋଲା ହେବ, ସେତେବେଳେ ମୁହଁ ମୋଡ଼ି ଦେଇ ଚାଲି ଯାଆନ୍ତି । ଦଳେ ଦଳେ ବି ଆସି ପଚାରନ୍ତି, "ବାବୁ ମୁଁ ସାଙ୍ଗରେ ଲଟେରୀ ଫଟେରୀ କିଛି ଦିଆଯିବ ନାହିଁ ?" କେହି ବି ପଚାରନ୍ତି, "ମେଜିକ୍ କି

Digitized by srujan ka@gmail.com

ଆଉ କିଛି ଖେଳ ହବ କି ନାହିଁ ?" ଜଣେ ଜଣେ ବଡ଼ ସନ୍ଦେହରେ ପଡ଼ନ୍ତି । ମନେ ମନେ ଭାବନ୍ତି, "ଧୋବା ଦୋକାନୀଠାରୁ ଏମାନେ କଅଣ ବେଶୀ ଭଲ ରଙ୍ଗ ରଖି ଅଛନ୍ତି । ଏଥିପାଇଁ ପୁଣି ଗୋଟାଏ ସଭା । ହଁ, ବଡ଼ଲୋକ କାରଖାନା, ପେଟ ତ ସବୁବେଳେ ପୂରି ଅଛି, ଏମିତି ଗୁଡ଼ାଏ ଇଚ୍ଛାକୁ ହୋ ହୋ ନକଲେ ଭାତ ହଜମ ହବ କୁଆଡ଼ୁ ?" ପ୍ରଧାନ ମନ୍ତ୍ରୀ ଆସିବାକୁ ଆଉ ଅଧଘଣ୍ଟା ରହିଲା । ଲୋକବାକଙ୍କର ଦେଖା ନାହିଁ । ପ୍ରଧାନମନ୍ତ୍ରୀ ବକ୍ତୃତା ଦେବେ । ଲୋକଙ୍କର ଠେଲା ପେଲା ନଦେଖିଲେ ଭାବିବେ କଅଣ । ଏହା ଭାବି ଉଦ୍ୟୋକ୍ତାମାନେ ଅସ୍ଥିର ହୋଇ ପଡ଼ିଲେ । ଇଚ୍ଛା ଥିଲେ ବାଟ ମିଳିଯାଏ । ସେମାନଙ୍କୁ ବି ଗୋଟାଏ ବୁଦ୍ଧି ପଶିଗଲା । ଯେ ଯାହା ପଚାରିଲା ସବୁ ହଁ, କଏ ଯଦି ପଚାରିଲା ଏଠି କଅଣ ଯୁଆଖେଳ ହେବ, ତେବେ ଉତ୍ତର ଦିଆଗଲା ହଁ ହଁ ତାରମାରି ଯୁଆଖେଳ ହବ ଯେ, ଆଗ ଖାଲି ଟିକିଏ ମନ୍ତ୍ରୀ ବକ୍ତୃତା ଦେବେ ତା ପରେ ପରେ ତ ଆରମ୍ଭ ହୋଇଯିବ । ଟିକିଏ ଅପେକ୍ଷା କଲେ ହେଲା । ଏତକ ଶୁଣିଲାରୁ ଲୋକ ଟିକିଏ ଟିକିଏ ଜମିବାକୁ ଆରମ୍ଭ କଲେ । କିଛି ସମୟ ଭିତରେ ବେଶ୍ ଭଲ ରକମର ଲୋକ ଗହଳି ହୋଇଗଲା । ଗୋଟିଏ ଦୁଇଟି ଚିନାବାଦାମ ଭୁଲା ବିକାଳୀ କୋଉଠି ଥିଲେ ଆସି ସଙ୍ଗେ ସଙ୍ଗେ ଦୋକାନ ଖୋଲିଦେଲେ । ପାନ ବିଡ଼ି ସିଗାରେଟ୍ ବାଲା ବି ଆସି ଜମି ଗଲେ । ମୋଟ ଉପରେ ଜାଗାଟି ବେଶ୍ ସରଗରମ ହୋଇ ଉଠିଲା । ନିର୍ଦ୍ଧାରିତ ସମୟର ଠିକ୍ ଅଧଘଣ୍ଟା ଡେରିରେ ପ୍ରଧାନ ମନ୍ତ୍ରୀଙ୍କ ମଟର ଗାଡ଼ି ଘୁଁ-ଇଁ-ଇଁ-ଇଁ ହୋଇ ଆସି ସଭା ମଣ୍ଡପର ଦୁଆର ପାଖରେ ଖଅଚ୍ ହୋଇ ଅଟକି ଗଲା । ଉଦ୍ୟୋକ୍ତାମାନେ ଧସ୍ତାଧସ୍ତି ହୋଇ ଆସି ପ୍ରଧାନମନ୍ତ୍ରୀଙ୍କୁ ମଟର ଗାଡ଼ି ପାଖରୁ ଫୁଲମାଳ ଦେଇ ପାଛୋଟି

Digitized by srujan ka@gmail.com

ନେଇଗଲେ । ଯାବାମାନଙ୍କରେ ରାଜା ଆସିଲା ବେଳକୁ ଯେପରି ଦର୍ଶକମାନଙ୍କ ଭିତରେ ଗୋଟାଏ ଚାଞ୍ଚଲ୍ୟ ଖେଳିଯାଏ, ସେହିପରି ପ୍ରଧାନମନ୍ତ୍ରୀ ଆସିଲାରୁ ଉଦ୍ୟୋକ୍ତାମାନଙ୍କ ଭିତରେ ଗୋଟାଏ ଚାଞ୍ଚଲ୍ୟ ଖେଳିଗଲା । ପ୍ରାରମ୍ଭିକ ସଙ୍ଗୀତ ବୋଲା ହେଲା । ବୋଲା ସରିଲା ବେଳକୁ ଗୋଟାଏ ଖେଚଡ଼ା ଟୋକାଟାଏ ଲୋକ ଗହଳି ଭିତରୁ "ଏଙ୍କୋର" ବୋଲି କଅଣଟାଏ ପାଟି କରିଦେଲା । 'କିଏ କହିଲା' 'କିଏ କହିଲା' ବୋଲି ଥୋଡ଼ାଏ ଗଣ୍ଡଗୋଳ ବି ହୋଇଗଲା । ତା' ପରେ ଦି'ଚାରିଜଣ ଭଦ୍ରଲୋକ ଉଠି ବକ୍ତୃତା ଦେବା ବାଦ୍ ପ୍ରଧାନ ମନ୍ତ୍ରୀ ନିଜେ ବକ୍ତୃତା ଦେବାକୁ ଉଠିଲେ । ଆଗ କଅଣ ଫୁସ୍ ଫୁସ୍ କରି ଟିକିଏ କହି ତାପରେ ବଡ଼ ପାଟି କରି ଆରମ୍ଭ କଲେ—

"ଆଜି ଏହି କଳା ପ୍ରଦର୍ଶନୀ ଉଦ୍‌ଘାଟନ କରିବାକୁ ମୋ ପରି ଜଣେ ଅନଭିଜ୍ଞ ବ୍ୟକ୍ତିକୁ ଯେ ଆପଣମାନେ ନିଯୁକ୍ତ କଲେ ସେଥିଲାଗି ମୁଁ ବଡ଼ ଲଜ୍ଜିତ । ଯାହା ହେଉ, ଯାହା କିଛି ମୁଁ ଜାଣେ ତାହା ଆଜି ଆପଣମାନଙ୍କୁ କହିବି । ଆମ ଓଡ଼ିଶା ଦେଶ ପ୍ରାଚୀନ କାଳରୁ କଳାପ୍ରିୟ ହୋଇ ଆସିଛି । ବଡ଼ ଦୁଃଖର ବିଷୟ ଯେ, ଆଜି କାଲି ଆମ ଲୋକମାନଙ୍କର ସେ ଦିଗକୁ ଯେତେ ଦୃଷ୍ଟି ପଡ଼ିବାର କଥା ତାହା ପଡ଼ୁ ନାହିଁ । କେବଳ ଆମର ଅଛି ଓ ଆମର ଥିଲା କହି ବସିଗଲେ ଚଳିବ ନାହିଁ । ଆମର ସେହି ପୁରାତନ ଗୌରବ କିପରି ଫେରି ଆସିବ ସେଥିପାଇଁ ଆମ୍ଭେମାନେ ପ୍ରାଣ ପଣେ ଲାଗି-ଯିବା । ଆଜି ଆପଣମାନେ ଏ ଯେଉଁ ବହୁ ସଂଖ୍ୟାରେ ଏଠାରେ ଯୋଗ ଦେଇଅଛନ୍ତି ତାହା ଏକ ବଡ଼ ଆଶ୍ୱାସନାର ବିଷୟ । ଏହା ଆପଣମାନଙ୍କର କଳାପ୍ରିୟତାର ପରିଚୟ ଦେଉଛି । ଏହିପରି ଭାବରେ ଆପଣମାନେ ଯଦି କଳା ପ୍ରତି ଆଗ୍ରହ ଦେଖାନ୍ତି ତେବେ

—ଅଣସ୍ତରି—

Digitized by srujan ka@gmail.com

ଓଡ଼ିଶାର କଳା ପୁନର୍ବାର କଳା ଜଗତର ଶୀର୍ଷ ସ୍ଥାନ ଅଧିକାର କରିବ । ବନ ଫୁଲ ପରି ଅନେକ ଓଡ଼ିଆ କଳାବିତ୍ ଅଜଣା ଅଶୁଣା ଭାବରେ ରହିଅଛନ୍ତି । ଆମ୍ଭେମାନେ ଯଦି ଖୋଜି ସେମାନଙ୍କୁ ନକାଢ଼ିବୁ ତେବେ ସେମାନେ ଲୋକ-ଲୋଚନ-ଅଗୋଚରରେ କାଳ ଗର୍ଭରେ ଲୀନ ହୋଇଯିବେ । ଆମ୍ଭମାନଙ୍କ ଭବିଷ୍ୟତ ବଂଶଧର-ମାନେ ଏଥିଲାଗି ଆମ୍ଭମାନଙ୍କୁ ଦାୟୀ କରିବେ । ଏହି ବନଫୁଲ-ମାନଙ୍କୁ ଉତ୍ସାହ ଦେବାର ଭାର ଆପଣମାନଙ୍କ ଉପରେ । ସବୁ-ବେଳେ ସବୁ କଥାରେ ସରକାରଙ୍କ ହାତକୁ ଚାହିଁ ବସିଲେ ହେବ ନାହିଁ । ଜନସାଧାରଣଙ୍କ ଅଡ଼ୁ ସବୁ ଉଦ୍ୟମ ପ୍ରଥମେ ହେବା ଦରକାର । ସରକାର ତାକୁ ସବୁ ପ୍ରକାରରେ ସାହାଯ୍ୟ ଓ ଉତ୍ସାହ ଦେବେ । ଆମ ଓଡ଼ିଆ ଲୋକମାନଙ୍କର ଗୋଟିଏ ସ୍ୱାଭାବିକ ପ୍ରକୃତି ଯେ ଯଦି ନିଜ ଚେଷ୍ଟାରେ କେହି ସାଧାରଣ ସ୍ତରରୁ ଟିକିଏ ଉପରକୁ ଚାଲିଗଲା ତେବେ ତାକୁ ସାହାଯ୍ୟ କରିବା ଦୂରେ ଥାଉ ତାକୁ ପଛ ଅଡ଼ୁ ଟାଣି ଟାଣି ତଳେ କଚାଡ଼ି ପକାଇ ଦେବାଯାଏ ବାହାର ସହିବ ନାହିଁ । ପରଶ୍ରୀକାତରତାରେ ଆମ୍ଭେମାନେ ବୁଡ଼ି ଗଲୁଣି । ସମୂହଭାବ ଆମ୍ଭମାନଙ୍କଠାରେ ଏକାନ୍ତ ଅଭାବ ହେଲଣି । କେବଳ ବ୍ୟକ୍ତିଗତ ଭାବରେ ଆମ୍ଭେମାନେ ଜଡ଼ି ଗଲୁଣି । ସହିଷ୍ଣୁତା ଆମ ଜାତିରେ ନାହିଁ । ଏହିହେତୁ ଆମ୍ଭମାନଙ୍କର ବର୍ତ୍ତମାନ ଏ ଶୋଚ-ନୀୟ ଅବସ୍ଥା ହୋଇଛି । ପ୍ରକୃତରେ ନହେଲେ ସୁଦ୍ଧା ଅନ୍ୟାନ୍ୟ ଜାତିଙ୍କ ଆଖିରେ ଆମ୍ଭେମାନେ ସବୁ ବିଷୟରେ ପଛରେ ପଡ଼ିଛୁ । ଜାତିର ଟେକ ରଖିବାକୁ ହେଲେ ଅନ୍ୟାନ୍ୟମାନଙ୍କ ପାଖରେ ପ୍ରତ୍ୟେକ ବିଷୟର ସଂଗଠିତ ପ୍ରଚାର କରିବାକୁ ହେବ । କାରଣ ଏହା ହେଉଛି ପ୍ରଚାରଯୁଗ । ଶିଳ୍ପ, କଳାବିଜ୍ଞାନ ପ୍ରଭୃତି ବିଷୟମାନଙ୍କରେ ଅଗ୍ରଣୀ-ମାନେହିଁ ଏହା ପ୍ରଚାର କରି ପାରିବେ । ଆପଣମାନେ ଯଦି ଏହି

Digitized by srujan ka@gmail.com

ଅଗ୍ରଣୀମାନଙ୍କୁ ପଛଅଡ଼୍, ଟାଣିପକାନ୍ତି ଓ ପ୍ରସ୍ତୁତ କରିବାକୁ ଉପଯୁକ୍ତ ସୁବିଧା ନଦିଅନ୍ତି ତେବେ ଅନ୍ୟମାନଙ୍କ ଆଗରେ ଆମର ଟେକ ରହିବ କିପରି ? ଥରେ ଜଣେ ଆମର ପଡ଼ୋଶୀ ନେତା କହୁଥିଲେ ଯେ ଓଡ଼ିଶାରେ ନେତା ଟୋକିଏ ବାହାରିବା ବଡ଼ ମୁସ୍କିଲ । କଦର୍ଯ୍ୟ ସମାଲୋଚନା ହିଁ ଏହାର କାରଣ ବୋଲି ତାଙ୍କର ମତ ଥିଲା । ଏହା ଯଥାର୍ଥବୋଲି ମୁଁ ମର୍ମେ ମର୍ମେ ଅନୁଭବ କରୁଅଛି । ସଂଯତ ସମାଲୋଚନା ସ୍ପୃହଣୀୟ କିନ୍ତୁ ତାହା ଯେପରି ଉଚ୍ଛୃଙ୍ଖଳ ଓ କଦର୍ଯ୍ୟ ନହୁଏ ତାହା ସମସ୍ତଙ୍କର ଦେଖିବା ଉଚିତ ; ଧରନ୍ତୁ ଜଣେ ଚିତ୍ରକର ଗୋଟିଏ ଖରାପ ଚିତ୍ର ଅଙ୍କିଲା । ଚିତ୍ରଟିର କଅଣ ଖରାପ ହୋଇଛି ଯଥା—ବର୍ଣ୍ଣବିନ୍ୟାସ ଉପଯୁକ୍ତ ହୋଇନାହିଁ କି ମୁଖରେ ଭାବ ପରିସ୍ଫୁଟ ହୋଇନାହିଁ, ଯାହା କହିବା ଉଚିତ । କିନ୍ତୁ ଚିତ୍ରକର ବଡ଼ ବଦମାସ୍, ସେ ଥରେ ଗ୍ରେଫ୍‌କରି ଜେଲ୍ ଯାଇଥିଲା, ଏଗୁଡ଼ାକ କହିବା କଅଣ ଦରକାର ? ଏଥିରେ କଅଣ ତାର ଚିତ୍ର ମାର୍ଜିତ ହୋଇଯାଏ ? କିପରି ଜଣଙ୍କର ଗୁଣ ଆହୁରି ଭଲହେବ ତାହାହିଁ ସମାଲୋଚନାର ମୂଳ ଉଦ୍ଦେଶ୍ୟ ହେବା ଉଚିତ । ନୂତନ ଚିତ୍ରକରର କିଛି କରି ନପାରିଲେ ଅନ୍ତତଃ 'ବାଃ ଖୁବ୍ ସୁନ୍ଦର ହୋଇଛି' ବୋଲି ତାକୁ ଉତ୍ସାହଦେବା ଉଚିତ । ତା ନକରି ଯଦି ତାକୁ ଆମ୍ଭେମାନେ କହୁ 'ତୋ ବାପାଅଜା ଚଉଦପୁରୁଷରେ କିଏ ଚିତ୍ର କରିଥିଲେ ନା ତୁ କରୁଛୁ ।' ତେବେ ବୋଧହୁଏ ସେ ତୁଳିକୁ ଚୂଲିରେ ପକାଇ ଦେଇ ସିଧା ଚାଲିବ କଲିକତା ହୋଟେଲକୁ । ବର୍ତ୍ତମାନ ଆମ୍ଭମାନଙ୍କୁ ନିଦଭାଙ୍ଗି ଆଗେଇ ଚାଲିବାକୁ ପଡ଼ିବ । ପଡ଼ୋଶୀମାନଙ୍କ ସମକକ୍ଷ ହେବାଲାଗି ଆମକୁ ଦୁଇଗୁଣ ଜୋରରେ ଦଉଡ଼ିବାକୁ ପଡ଼ିବ । ଆମ ଦେଶ ଅନ୍ୟମାନଙ୍କ ପାଖରେ ଯେପରି ଭାବରେ ହେୟ, ଲାଞ୍ଛିତ, ଘୃଣିତ, ଦଳିତ ଓ ଅବହେଳିତ ହୋଇଆସିଛି ତାହା କେବଳ

Digitized by srujan ka@gmail.com

ଆମ୍ଭମାନଙ୍କ ସମୂହ ଚେଷ୍ଟାଦ୍ୱାରା ଦୂର ହୋଇପାରିବ । କେବେହେଁ ଭାବନ୍ତୁ ନାହିଁ ଯେ ଅନ୍ୟମାନଙ୍କଠାରୁ ଆମେ ଶ୍ରେଷ୍ଠ । ଖାରବେଳ, ବିଶୁମହାରଣା, ଜଗନ୍ନାଥ ଦାସ, ପଠାଣିସାମନ୍ତ ପ୍ରଭୃତିଙ୍କ ବଂଶଧର-ମାନେ କେବେହେଁ ଶ୍ରେଷ୍ଠ ହୋଇ ନପାରନ୍ତି । ଆମ୍ଭମାନଙ୍କ ସମୂହ ଚେଷ୍ଟା ନାହିଁ । ସେଥିଲାଗି ଆମ୍ଭେମାନେ ପଛ ପଡ଼ିଛୁ । ଚେଷ୍ଟାକଲେ ଆମ୍ଭେମାନେ ନିଶ୍ଚୟ ଉଠିବୁ ଓ ଅନ୍ୟାନ୍ୟମାନଙ୍କ ସମକକ୍ଷ ହେବୁ । ଆପଣମାନେ ବୋଧହୁଏ ଜାଣନ୍ତି ନାହିଁ ଯେ ଏହି ସହରର ଜଣେ ଓଡ଼ିଆ ଚିତ୍ରକାର ଆନ୍ତର୍ଜାତିକ ଶିଳ୍ପ କଳାପ୍ରଦର୍ଶନୀକୁ ଗୋଟିଏ ଚିତ୍ର ପଠାଇଥିଲେ । ତାହା ପ୍ରାଚ୍ୟ କଳାବିଭାଗରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଅଛି । ସେଥିଲାଗି ସେ ମଧ୍ୟ ଦୁଇହଜାର ଡୋଲାର ପୁରସ୍କାର ପାଇ ଅଛନ୍ତି । ଏହାଦ୍ୱାରା କେବଳ ସେ ନୁହନ୍ତି, ସାରା ଓଡ଼ିଶା ଗୌରବାନ୍ୱିତ ହୋଇଅଛି । ଆନ୍ତର୍ଜାତିକ କଳାମହଲରେ ଏ ଗୌରବ କିଛି କମ୍ କଥା ନୁହେଁ । ଅଥଚ ଅନ୍ୟ କୌଣସି ପ୍ରଦେଶର ଲୋକ ସେ ହୋଇଥିଲେ ସେ ପ୍ରଦେଶବ୍ୟାପୀ ଆନନ୍ଦର ଢେଉ ଖେଳି ଯାଇଥାଆନ୍ତା । କିନ୍ତୁ କାହିଁ ଆମ ପ୍ରଦେଶରେ ତାର ଚହଳ କାହିଁ ? ତାଙ୍କୁ ଆମ ଲୋକେ ଚହ୍ନନ୍ତି ବି ନାହିଁ । ତାଙ୍କର......"

ହଠାତ୍ ମଣ୍ଡପ ଭିତରେ ଭୀଷଣ ଗଣ୍ଡଗୋଳ ଓ ମାଡ଼ ଫୌଜଦାରୀ ଲାଗିବାରୁ ବକ୍ତୃତା ବନ୍ଦ ହୋଇଗଲା । 'ହାଁ, ହାଁ' 'କଅଣ ହେଲା' 'କଅଣ ହେଲା' 'ବସିପଡ଼' 'ବସିପଡ଼' 'ପୁଲିସ୍' 'ପୁଲିସ୍' ପାଟିରେ ଓ ଛତା ବାଡ଼ି ଲଢ଼େଇର ଠକ୍ ଠକ୍ ଶବ୍ଦରେ କାନ-ଅତଡ଼ା ପଡ଼ିଲା । ଯାହାହେଉ ଖାଉଡ଼େ ପୁଲିସ୍ ଆସି ଅଳ୍ପ ଥୋଡ଼ାଏ ଠକ୍ଠାକ୍ ଶବ୍ଦଙ୍କର ସବୁ ଥୟ କରିଦେଲେ । ଗୁଟ୍‌ଗୁଟ୍ କଥା କଣକି ଅଧିକାଂଶ ଲୋକ ତ ବକ୍ତୃତା ସରିଲେ ତୀରମସା ଖେଳ ହବ ବୋଲି

Digitized by srujan ka@gmail.com

ଜମିଥିଲେ, ତା ଭିତରେ କେମ୍ପା ସଡଆ ବି ଥିଲା । ସେ ଅବଶ୍ୟ ଫାଁରମର୍ ଖେଳ ପାଇଁ ଆସି ନଥିଲା । ସେ ତା ଭାଇର ଛବି ପ୍ରଦର୍ଶନୀକୁ ଆସିଥିବାର ଜାଣିଥିଲା । ତାର ଅସଲ ଉଦ୍ଦେଶ୍ୟ, ସେ ଛବିକୁ କିଏ କଅଣ ପ୍ରଶଂସା କରିବ ତାହା ଶୁଣି ତା ଭାଇକୁ ଯାଇଁ ଆଗରୁ କହିପକାଇବ ; ସେଇଥିଲାଗି ସେଠାକୁ ଯାଇଥିଲା । ପ୍ରଧାନ ମନ୍ତ୍ରୀ ଯେତେବେଳେ ଜଣେ ଛବିକର ଦୁଇହଜାର ଡୋଲାର ଟଙ୍କାଟେ ପ୍ରଦର୍ଶନୀରୁ ପାଇଅଛନ୍ତି ବୋଲି କହିଲେ, ସେତେବେଳେ ସଡଆର ମନ କୁଣ୍ଢେମୋଟ ହୋଇଗଲା । ଟିକିଏ ସିଧା ହୋଇପଡ଼ି ଆଖିଦିଟା ମେଲେଇ ଦେଇ ଆଗ୍ରହରେ ତା ପାଖରେ ବସିଥିବା ତାଙ୍କ ସାଥିର ଘନିଆକୁ କହି ପକାଇଲା, "ତୁମେ ଜାଣିନ, ସେ ପରା ମୋର ଭାଇ ରମେଶଚନ୍ଦ୍ର ଦାଶ । ଭାରି ବଡ଼ିଆ ଚିତର ଅଙ୍କନ୍ତି । ଗୋଟିଏ କେମ୍ପା ପକ୍ଷରେ ଏତେ ଅସ୍ପର୍ଦ୍ଧାର ସହିତ ଏତେ ବଡ଼ ମିଛ କଥାଟାଏ କହିବା ଚଷାସାଥିର ବେଙ୍ଗ ଦେହରେ ଗଲା ନାହିଁ । ସମ୍ଭାଳି ନପାରି ସେ କହିଦେଲା, "ଯା ଯାଆବେ ଶଳା — ଢେଙ୍କେଡ଼ ଉହୁରିଙ୍ଗି କଥା କହି ପକାଉଛୁ ଯେ । ତୋ ଚେହେରା ଅଜ୍ ଜଣାପଡ଼ୁଛି ସେ ତୋ ଭାଇ ।" ସଡଆ ଏ ଅପମାନ ସହେ କିପରି ? ସାଙ୍ଗେ ସାଙ୍ଗେ କାଟପାଣି ଲଗେଇଲା — "ଆବେ ତୁ କିଏବେ ? ତତେ କଅଣ ମୁଁ କହୁଛି ?" କେମ୍ପାଟାଏ ବେଙ୍ଗଭଳି ଜଣେ କୁଲ୍ ସହର ଥରେଇ ଦେଲା ବାଲା ଗୁଣ୍ଡାକୁ ପୁଣି ଉତ୍ତର ଦେବ ! ଏତେ ବହପ ତାର ! ବେଙ୍ଗ ଦାନ୍ତ ରଟମଟ କରି କହିଲା, "ହଁ ଃ ଦିହରେ ଲାଗି ଯାଉଛି । ଯା, ଯାଆବେ କଅଣ କରିବୁ କର ।" ଏତିକିରେ ହେଲେ ବନ୍ଦ ଥାଆନ୍ତା; ମଚ୍ଚିଅଙ୍ଗ ଠିଠାକୁ ବଙ୍କା କରି ସଡଆ ଗାଲରେ ମାଡ଼ ଦେଲା । ଘନିଆ ସବୁ ଶୁଣୁଥିଲା । କଥାଟା ଯେତେବେଳେ ମୁହଁରୁ ବଢ଼ି ବଢ଼ି ହାତକୁ ଗଲା, ସେ ଆଉ ସମ୍ଭାଳି ହୋଇ ପାରିଲା ନାହିଁ ।

—ଚେସ୍ଟର—

Digitized by srujan ka@gmail.com

ସେ କହିଲା, "ଅବେ କଅଣ କଥା କହୁ କହୁ ହାତ ଲଗେଇ ଦଉଛୁ ।" ବେଙ୍ଗ ଟିକିଏ ଗମ୍ଭୀର ହୋଇଯାଇ ଘନିଆ ପ୍ରତି ତାଙ୍କର ଦୃଷ୍ଟି ପକାଇ କହିଲା, 'ହେ ! ମୁଁ ଶଳା ତ ମହା ବୋଧିଆ, ଆଜି ତୁ ଶଳା କଅଣ ବୋଧିଆନ୍ତ ମତେ ଦେଖଉଛୁ ବେ ! ଶଳାକୁ ଦେବି ଏକ ପଟ୍‌କଣି ଯେ ଥଣ୍ଡା ହୋଇଯିବୁ ।"

"ହଁଃ ଭାରି ପଟ୍‌କଣି ଦେଲାବାଲା, ଆମ ହାତରେ ଆଜି ବେଙ୍ଗ ବନ୍ଧା ହୋଇଛି—"

"ଦେଖିବୁ ଶଳା—"

"ମାଇଲୁ ଶଳା ଦେଖିବୁ—" ଚମ୍ପା ସାହିଆ ଓ ଘନିଆଙ୍କ ସାଙ୍ଗବାଲାଙ୍କ ଭିତରେ ଆଗରୁ ତ ଅହିନକୁଳ ସମ୍ବନ୍ଧ ଥିଲା । ସେଇଠି ହୋଇଗଲା ପରଖା ପରଖି । ବାରୁଦ ଗଦାରେ ଜାଣେ ସତଆ ଘଟଣାଟି ନିଆଁ ଗେଞ୍ଜିଲା, ଠିକ୍ ଯେମିତି ପ୍ରଥମ ମହାଯୁଦ୍ଧ ହୋଇଥିଲା । ତାପରେ ତ ଆସିଲେ ପୁଲିସ୍ । ଭାଗ୍ୟ ସତଆ ଆଗରୁ ସେଠାରୁ ଖସି ଯାଇଥିଲା । ଅବଧାନଙ୍କ ଅବିର୍ଭାବରେ ଯେପରି ଚାଟଶାଳୀ ଟୁଆଙ୍କ ଗଣ୍ଡଗୋଳ ଦବିଯାଏ, ସେହିପରି ପୁଲିସ୍‌ଙ୍କ ଆବିର୍ଭାବରେ ଗଣ୍ଡଗୋଳ ଦବିଗଲା । ତାପରେ ପ୍ରଧାନ ମନ୍ତ୍ରୀ ପୁଣି ବକ୍ତୃତା ଆରମ୍ଭ କଲେ—

"ଆପଣମାନଙ୍କ ପରି କଳାପ୍ରିୟ ଭଦ୍ରଲୋକମାନଙ୍କୁ ଶାନ୍ତି, ଶୃଙ୍ଖଳା ଶିଖାଇବାକୁ ଯଦି ପୁଲିସ୍‌ର ଦରକାର ହୁଏ, ତେବେ ଏଇଟା ଆମ୍ଭମାନଙ୍କର ଦୁର୍ଭାଗ୍ୟର ବିଷୟ ବୋଲି ଜାଣିବାକୁ ହେବ । ଶୃଙ୍ଖଳା ବିନା କୌଣସି ଜାତି ଅଗ୍ରସର ହୋଇପାରେ ନାହିଁ । ସବୁ ବିଷୟରେ ଅମ୍ଭମାନଙ୍କର ଉପଯୁକ୍ତ ସଂଯମ ମଧ୍ୟ ଦରକାର । ଭାବନ୍ତୁ ତ, ଏ ଘଟଣା ଦେଖି ଆମ ଉପରେ ଆମ

Digitized by srujan ka@gmail.com

ପଡ଼ୋଶୀମାନଙ୍କ ମତ କି ପ୍ରକାରର ହେବ । ଏ ସବୁ ବିଷୟ ନିତାନ୍ତ ଗୌଣ ହେଲେହେଁ ଆମ୍ଭମାନଙ୍କୁ ଏସବୁ ଗୌଣ ବିଷୟରେ ବିଶେଷ ସତର୍କ ରହିବା ଉଚିତ । କାରଣ ଏହି ସବୁ ଗୌଣ ଜିନିଷ ଅନ୍ୟମାନଙ୍କ ମନରେ ଗୋଟିଏ ନିର୍ଦ୍ଦିଷ୍ଟ ଧାରଣା କରାଇଦିଏ । ଛାଡ଼ନ୍ତୁ ସେକଥା—ମୁଁ କଣ କହୁଥିଲି କି, ହଁ ସେହି ଚିତ୍ରକରଙ୍କ ନାମ ହେଉଛି ରମେଶ ଚନ୍ଦ୍ର ଦାଶ । ଭାଗ୍ୟବଳରୁ ଆଜି ମୁଷ୍ଟିମେୟ କେତେଜଣ ତାଙ୍କ ନାମ ଜାଣିପାରିଛନ୍ତି । ଆପଣମାନେ ବିଶ୍ୱାସ କରି ପାରିବେ ନି ଯେ, ଏହିପରି ଆହୁରି ଶହ ଶହ ରମେଶ ଚନ୍ଦ୍ର ବନଫୁଲ ପରି ଅଜଣା ଅଶୁଣା ହୋଇ ରହିଅଛନ୍ତି । ଏହି ବନଫୁଲ-ମାନଙ୍କର ସଂଗ୍ରହର ଭାର ଆପଣମାନଙ୍କ ଉପରେ । ଏହି ଫୁଲ-ମାନଙ୍କର ମାଳା ତିଆରି କରି ଆପଣମାନେ ଉତ୍କଳମାତାର ଗଳାରେ ଲମ୍ବାଇ ଦିଅନ୍ତୁ । ପଡ଼ୋଶୀମାନଙ୍କୁ ଦେଖାଇ ଦିଅନ୍ତୁ ଯେ, କୌଣସି ବିଷୟରେ ଉତ୍କଳମାତା ତାର ଭଗିନୀମାନଙ୍କ ଠାରୁ ନ୍ୟୂନ ନୁହେଁ । ଆମ ମାଆଙ୍କର ଗନ୍ତାଘରେ ପ୍ରଚୁର ବନ୍ୟ ଓ ଖଣିଜ ସମ୍ପଦ ଅଛି । ଶକ୍ତି ଉତ୍ପାଦନ କରିବାପାଇଁ ବିଶାଳ ଜଳସ୍ରୋତମାନ ଅଛି, କେବଳ ଆମରି ମା ତାର ପୁତ୍ରମାନଙ୍କ ପ୍ରତି ସବୁଠାରୁ ବେଶୀ ଉଦାର । ଏପରି ମାଆର ଆମ୍ଭେମାନେ ଯେ ଉପଯୁକ୍ତ ସନ୍ତାନ ତାହା ଆପଣ-ମାନଙ୍କୁ ପ୍ରମାଣ କରାଇବାକୁ ପଡ଼ିବ । ଆମର ଅତୀତ ଅତି ଗୌରବ-ମୟ ଥିଲା ଓ ଆମର ଭବିଷ୍ୟତ ନିଃସନ୍ଦେହରେ ଗୌରବମୟ । ଅତୀତରୁ ଶିକ୍ଷା ଓ ଭବିଷ୍ୟତକୁ ଭାବି ଆମ୍ଭମାନଙ୍କର ବର୍ତ୍ତମାନକୁ ଗଢ଼ିବା ଉଚିତ । ଖାଲି ଅତୀତକୁ ଚାହିଁ ଶୋଇ ରହିଲେ ଚଳିବ ନାହିଁ । ମହାଭାରତୀୟ ରଙ୍ଗମଞ୍ଚରେ ଆପଣମାନେ ଯେପରି କୃତିତ୍ୱର ସହିତ ଅଭିନୟ ଦେଖାଇ ପାରିବେ ସେଥିଲାଗି ପ୍ରାଣ ପଣେ ଲାଗି ପଡ଼ନ୍ତୁ ।"

—ପଞ୍ଚସ୍ତର—

Digitized by srujan ka@gmail.com

ବକ୍ତୃତା ସାର ପ୍ରଧାନ ମନ୍ତ୍ରୀ ବସି ପଡ଼ିଲେ । ତାଳି ଉପରେ ତାଳି କମ୍ପିଗଲା । ଗୋଟାଏ ଦୁ'ଟା ଟୋକା ବେଶୀ ଉତ୍ସାହିତ ହୋଇ ପଡ଼ି ପାଟିରେ ଅଙ୍ଗୁଠି ଭର୍ତ୍ତିକରି କାନ ଫାଟିଯିବା ଭଳି ହୁଇସିଲ ମାରିଦେଲେ । ପାଟି ଓ ଗଣ୍ଡଗୋଳ ବନ୍ଦ ହେଉ ହେଉ କିଛି ସମୟ ଗଡ଼ିଗଲା । ଏସବୁ ବିଶୃଙ୍ଖଳା ଦେଖି ପ୍ରଧାନ ମନ୍ତ୍ରୀ ଟିକିଏ ବିରକ୍ତ ହେଲାପରି ଜଣାଗଲା । କିନ୍ତୁ ପ୍ରଧାନ ମନ୍ତ୍ରୀ ଯଦି ଜାଣିଥାଆନ୍ତେ ସେ କିପରି ଉପାୟରେ ଉଦ୍ୟୋକ୍ତାମାନେ ଲୋକ ସଂଗ୍ରହ କରିଅଛନ୍ତି, ତେବେ ସେ ବିରକ୍ତ ହୋଇ ନଥାଆନ୍ତେ । ତାପରେ ଗୋଟିଏ ଗୀତ ବୋଲାଯାଇ ସଭା ଭାଙ୍ଗିଲା । ପ୍ରଧାନ ମନ୍ତ୍ରୀ ଉଦ୍ୟୋକ୍ତାମାନଙ୍କ ଗହଣରେ ଯାଇ ପ୍ରଦର୍ଶନୀ ଉଦ୍‌ଘାଟନ କଲେ ଓ କାନ୍ଥରେ ପ୍ରଦର୍ଶିତ ହୋଇଥିବା ଚିତ୍ରଗୁଡ଼ିକ ଗୋଟି ଗୋଟି କରି ଦେଖିବାକୁ ଲାଗିଲେ । ପ୍ରଧାନମନ୍ତ୍ରୀଙ୍କର ୧୨ଟାରେ ସଙ୍କଟତ୍ରାଣ ସମିତିରେ ବକ୍ତୃତା ଦେବାର ଥାଏ । ଘଣ୍ଟାକୁ ଚାହିଁ ଦେଖିଲେ ୧୨ଟା ବାଜିବାକୁ ଦୁଇମିନିଟ୍; ତର ତର ହୋଇ ଖାଲି ଚିତ୍ରମାନଙ୍କ ଉପରେ ଟିକିଏ ଟିକିଏ ଆଖି ପକାଇଦେଇ ଯାଉଥାଆନ୍ତି । ପ୍ରଧାନ ଉଦ୍ୟୋକ୍ତା ତାଙ୍କ ପଛେ ପଛେ ନସରପସର ହୋଇ ଧାଉଁଥାଆନ୍ତି—କେତେବେଳେ ପ୍ରଧାନମନ୍ତ୍ରୀ କଅଣ ମନ୍ତବ୍ୟ ଦେବେ ବା କଅଣ ପଚାରି ଦେବେ । ପ୍ରଧାନ ମନ୍ତ୍ରୀଙ୍କର କିଛି ଗୋଟାଏ ତ କହିବା ଉଚିତ । ଦେଖୁ ଦେଖୁ କହିଲେ, "ଚିତ୍ରଗୁଡ଼ିକ ଏତେ ଉପରେ କାହିଁକି ଟାଙ୍ଗିଲେ—ଲୋକଙ୍କର ତନ୍ନ ତନ୍ନ କରି ଦେଖିବାରେ ଅସୁବିଧା ହେବ । ଭଲକରି ନଦେଖିଲେ ବିଚାରକମାନେ ମତ ଦେବେ କିପରି ?" ପ୍ରଧାନ ଉଦ୍ୟୋକ୍ତା ଅଙ୍ଗୁଠି ମଳି ମଳି ଟିକିଏ କୁଣ୍ଡେଇ କୁଣ୍ଡେଇ କହିଲେ, "ଆଜ୍ଞା ମୁଁ ବି ସେଇଆ ଭାବି ଚିତ୍ରଗୁଡ଼ିକ ତଳକୁ ଲଗାଇବାକୁ କହିଥିଲି । କର୍ମୀମାନଙ୍କର ବୋଧହୁଏ ମନେନାହିଁ ।"

—ଛତ୍ରର—

Digitized by srujan ka@gmail.com

ପ୍ରଧାନମନ୍ତ୍ରୀଙ୍କ କାନରେ ଏ ଉତ୍ତର କଣ ପଶିଲା ? ତାଙ୍କ ମନ ସଙ୍କଟ ଶାଣ ସମିତିରେ କଅଣ କହିବେ ତାହା ଭାବିବାରେ ବ୍ୟସ୍ତ । ତାଙ୍କର ଦ'ଗ୍ଧର ପଦ କହିବା କଥା କହିଦେଲେ ଗଲା । କିନ୍ତୁ ସମସ୍ତ ବାଦ୍ ଗୋଟାଏ ଜାଗାରେ ଠିଆ ହୋଇଯାଇ କହିଲେ, "ଶବଗୁଡ଼ିକ ଏତେ ତଳେ କାହିଁକି ଲଗେଇଲେ—ଲୋକମାନେ ହାତମାରି ଖରାପ କରିଦେବେ ।" ପ୍ରଧାନ ଉଦ୍ୟୋକ୍ତା ବି ସେମିତି ଅଙ୍ଗୁଠି ମଳି ମଳି କହିଲେ, 'ଆଜ୍ଞା ହଁ, ମୁଁ ବି ସେଇଆ ଭାବି ଶବ-ଗୁଡ଼ିକ ଉପରକୁ ଲଗାଇବାକୁ କହିଥିଲି । କର୍ମୀମାନଙ୍କର ବୋଧହୁଏ ମନେ ନାହିଁ ।" ପ୍ରଧାନ ମନ୍ତ୍ରୀ ଏହିପରି ଶବ୍ଦସବୁ ଦେଖିସାରି ଚଟାପଟ୍ ମଟରରେ ବସି ଚାଲିଗଲେ । ତା ବାଦ୍ ପ୍ରଦର୍ଶନୀ ଭିତରକୁ ସର୍ବସାଧାରଣଙ୍କୁ ଛାଡ଼ି ଦିଆଗଲା । ଯେମିତି ଏ ଖବରଟା ସର୍ବସାଧାରଣଙ୍କ କାନରେ ବାଜିଛି, ଆଉ କି ସମ୍ଭାଳ ପଡ଼େ ! ଭିଡ଼ କରି ଏକାବେଳେକେ ପଶିମିବାକୁ ବସିଲେ । ଲଗିଲା ଧସ୍ତା ଧସ୍ତି, ଠେଲମ୍ ଠେଲା, ପେଲମ ପେଲ ; ଫଳରେ ଦୁଆର ଆଗରେ ସଜା ହୋଇଥିବା ତୋରଣଟି ନିଶ୍ଚିହ୍ନ ହୋଇଗଲା କହିଲେ ଚଳେ । ଜଣେ ବାବୁଭାଇୟାଲୋକ ଅବଶ୍ୟ ସେହିଠାରେ ପାଟିକରି ବୁଝାଇଲେ, "ପ୍ରଧାନ ମନ୍ତ୍ରୀ ଏତେ ବୁଝେଇଲେ ସେଥିରୁ ଆପଣମାନେ କଅଣ ଶିଖିଲେ ? ଏଇ କଅଣ ଶୃଙ୍ଖଳାର ଚିହ୍ନ ? ଗୋଟିଏ ଧାଡ଼ିଧରି ଜଣେ ଜଣେ ହୋଇ ଗଲେ କଅଣ କ୍ଷତି ବା ହେବ । ପ୍ରଦର୍ଶନୀ ତ ଏଠାରେ ଅନେକ ଦିନ ରହିବ, ଠିକିଏ ଡେରିରେ ଶବଗୁଡ଼ିକ ଦେଖିଲେ କଅଣ ଯୁଗଯାକ ମୁଗ ହୋଇଯିବ ? ଆପଣମାନେ ଯଦି ଏ ସାମାନ୍ୟ ସଂଯମଟି ଦେଖାଇ ନପାରିବେ ତେବେ ଦେଶ ଆପଣମାନଙ୍କଠାରୁ କଅଣ ଆଶା କରିବ ? ଆଜି ମଧ୍ୟ ଏପରି ଠେଲା ପେଲାରେ କାହାର କ୍ଷତି ହଉଛି — ଆପଣମାନଙ୍କରହିଁ କାମିଜ ଚିରି ଯାଉଛି,

Digitized by srujan ka@gmail.com

ଅଙ୍ଘାତ ପାଉଛନ୍ତି ଅପଣମାନେ । ଶୃଙ୍ଖଳିତ ହୋଇଯାଆନ୍ତୁ ଦେଖିବେ, ଆପଣଙ୍କୁ କେତେ ସୁବିଧା ହେବ । କେତେ ଶାନ୍ତରେ—'ହାଁ, ହାଁ' 'ଏ କଅଣ' 'ଏ କଅଣ' ଏଭାବେ କେଳେ ମୋ ଉପରେ । ଭଦ୍ରଲୋକ-ମାନେ କଅଣ କେମିତ ହୁଅନ୍ତି—"

ଗୋଳମାଳରେ ଏ ପାଟି ବି କୁଆଡ଼େ ମିଳେଇ ଗଲା ଠିକ୍ ପାଣିରେ ଲୁଣ ଗୋଳେଇଦେଲେ ଯେମିତ ମିଳେଇ ଯାଏ । ସେ ବାବୁର ଧୈର୍ଯ୍ୟକୁ କିନ୍ତୁ ଧନ୍ୟ କହିବାକୁ ହେବ । ଆଉ କିଏ ହୋଇଥିଲେ ଅଗରୁ ବାଡ଼କାଟି ନିରାପଦ ଜାଗାରେ ଆଶ୍ରୟ ନେଇ ଥାଆନ୍ତେ କିନ୍ତୁ ସେ ନିଜ ଉପରେ ଜନତା ମାଡ଼ିଯିବାଯାଏ ବି ବକ୍ତୃତା ଦେଲେ । ଗହଳ ଭିତରୁ ଜଣେ ଅଧେ ବି କହି ଦଉ ଥାଆନ୍ତି, "ଆରେ ରଖହୋ କେତେ ଭଡ଼ର ଭଡ଼ର ହେଉଛ ।" ହେଲେ ବି ତାଙ୍କର ସେଥିକି ଭ୍ରୂକ୍ଷେପ ନଥାଏ । ଏମିତିଆ ଲୋକଙ୍କୁ ସିନା ଧୈର୍ଯ୍ୟଧାରୀ କହନ୍ତି । ଏତ ଗଲା ବାହାର ଗଣ୍ଡଗୋଳ, ପ୍ରଦର୍ଶନୀ ଭିତରେ କୋଉ କଥା ଅଛି । ବକ୍ତୃତା ଦେଲାବାଲା ବାବୁ କିନ୍ତୁ ନଛୋଡ଼ ବନ୍ଦା । ସେହି ଧସ୍ତାଧସ୍ତିରେ ଚିରିଯାଇଥିବା ପୋଷାକରେ ସୁଦ୍ଧା ଭିତରେ ବୁଲି ଆକୁ ପଦେ ତାକୁ ପଦେ କହୁଥାନ୍ତି ।

"ହଁ, ଚିନାବାଦାମ ପଦାରେ ଖାଇଲେ କଅଣ ଚଳିବ ନାହିଁ ? ଏ ଚିନାବାଦାମ ଚୋପାଗୁଡ଼ିକ ଯେ ଏଠାରେ ପକାଉଛ ଏଥିରେ ଏ ଜାଗାଟିରେ ଅଳିଆ ଭର୍ତ୍ତି ହେଉଛି ସିନା । ଗୋଟିଏ ସୁନ୍ଦର ଜାଗାକୁ ଅସୁନ୍ଦର କରିବାକୁ ହାତ ଯାଏ କିପରି । ଆପଣମାନଙ୍କ ପଇସାରେ ଏ ଜାଗା ସଜା ହୋଇଛି ଆପଣମାନେ ଦେଖିବେ ବୋଲି; ଆପଣମାନେ ଯଦି ଅଳିଆ କରିପକାନ୍ତି ତାହାର କ୍ଷତି ହେବ ?"

"ଇସ୍ ପାନ ଛେପ କଅଣ ପକେଇବାର ଏଇ ଜାଗା । ଖାଇ ବସିବା ଜାଗାରେ ହଗିବା କଥା କଅଣ ଠିକ୍ ? ଏ ଜାଗାଟା ଅସୁନ୍ଦର

—ଅଠସ୍ତର—

Digitized by srujan ka@gmail.com

ଓ ଅସ୍ୱାସ୍ଥ୍ୟକର ହେଲେ ତାହାର କ୍ଷତି ହେବ ? ଏ ଜାଗା କଅଣ ଆପଣଙ୍କର ନୁହେଁ ?”

“ଆଚ୍ଛା ଏ ପୋଡ଼ା ସିଗାରେଟ୍‌ଟା କଅଣ ଏଇଠି ପକେଇବା ଉଚିତ ? ଏଇ ସିଗାରେଟ୍ ପୋପଡ଼ାରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ିଯିବାର କଥା ଆପଣ ଜାଣି ନାହାନ୍ତି ? ନହାତ ଯଦି ପକେଇଥିଲ, ତାହାଲେ ଲିଭାଇ ଦେଲେ ନାହିଁ କାହିଁକି ? ଗୋଡ଼ରେ ଟିକିଏ ଦଳି ଦେଇଥିଲେ ତ ଯାଇଥାଆନ୍ତା ।”

“ଓଃ ଏତେ ପାଟିତୁଣ୍ଡ କାହିଁକି କରୁଅଛ ? ପାଟିତୁଣ୍ଡ ନକଲେ କଅଣ ଶବ ଦେଖିହୁଏ ନାହିଁ ? ଶବ ଦେଖିସାରି ବାହାରକୁ ଯାଇ ପାଟି ତୁଣ୍ଡ କରୁଥାଅ । ଅନ୍ୟମାନଙ୍କ ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦେବା ତ ଉଚିତ ।”

ବିଚାରୀ ବାବୁଟିର ପାଟି କରି କରି ପାଟିରୁ ବଳ ବାହାରି ପଡ଼ିଲାଣି । ଦେଖଣାହାରିଏ ବିରକ୍ତ ହୋଇଗଲେଣି ଶୁଣି ଶୁଣି । ବାବୁଟି କିନ୍ତୁ କହୁ କହୁ ଯେମିତି ସେମିତି । ତାଙ୍କ କାମ ସେ କରୁ ଥାଆନ୍ତି । ଗାଳି ଦେଲେ କେତେ, ପ୍ରଶଂସା କଲେ କେତେ । ପହିଲି ଦଳଙ୍କ ଚାଲି ଯିବା ପରେ ଅବଶ୍ୟ ପାଟି ଟିକିଏ କମ୍ ହେଲା । କିନ୍ତୁ ସମୟ ବାଦ୍ ଦଳେ କଲେଜ ଛାତ୍ର ଆସିଲେ । ଦଳକଯାକ ପ୍ରତ୍ୟେକ ଶବ ପାଖରେ ଠିଆ ହୋଇ ମନ୍ତବ୍ୟ ପ୍ରକାଶ କରୁଥାଆନ୍ତି । ମନ୍ତବ୍ୟ ପ୍ରକାଶର ମାତ୍ରା ବଢ଼ିଗଲା ‘ଜବଂଶୀ’ ଶବ ପାଖରେ । ପାଖରେ ଅଉ କିଏ ଦେଖୁଥିବ ଏକଥା ସେମାନେ ଏକାବେଳେ ଭୁଲି ଯାଇ ଥିବା ପରି ଜଣା ଯାଉଥାଏ । ଜଣେ କହିଲେ—‘ଆହା, ହା, ଶବଟର କି ପ୍ରାଣ ମତାଣିଆ ଚରଠିଏ କରୁଛି, ଦେଖି ହୃଦୟ ବୋର ହୋଇ ଯାଉଛି । ଅଖି ଦଉଠି

Digitized by srujan ka@gmail.com

ଠିକ୍ ଆମ ଶ୍ରେଣୀର ଶୋଭନା ଆଖି ପରି କଣ୍ଟା ହେଲେ ତଫାତ୍ ନାହିଁ"—

"ତଫାତ୍ ଅଛି—ଶୋଭନାର ଦୁଇ ଆଖି ସହିତ ଆଉ ଦଉଟି ଆଖି ମିଳିଗଲେ ସେ ଲଜ୍ଜକୁଳି ଲତାପରି ମଉଳି ଯାଏ । ଏ କିନ୍ତୁ ଯେମିତି ସେମିତି ।" କରତାଳିଅ ହସରେ ଦଳେ କହିଲେ, "ଠିକ୍, ଠିକ୍, କଥାଟାଏ ତ ।" ଆଉ ଜଣେ ଆଉ ଟିକିଏ ଉତ୍ସାହିତ ହୋଇ କହିଲେ, "ଶଙ୍କର ମସ୍ତବଡ଼ ଭୁଲ୍ ଟାଏ କରି ଅଛନ୍ତି ।"

"କଅଣ, କଅଣ ?"

"ଉର୍ବଶୀଙ୍କ ବକ୍ଷସ୍ଥଳ ଯଥେଷ୍ଟ ସ୍ଫୀତ ହେବା ପରିବର୍ତ୍ତେ, ଜୀର୍ଣ୍ଣ ଶୀର୍ଣ୍ଣ ପାଶ୍ଚାତ୍ୟ ରମଣୀର ବକ୍ଷ ପରି ହୋଇଅଛି । ଯେଉଁ ବକ୍ଷସ୍ଥଳ ସର୍ବଦା ଦେବତାମାନଙ୍କ କରସ୍ପର୍ଶସୁଖ ଲାଭ କରୁଅଛି ତାହା ଅନ୍ତତଃ ଆମ ଶ୍ରେଣୀ ଗୀତାଦେବୀର ବକ୍ଷପରି ସ୍ଫୀତ ଓ ଉନ୍ନତ ହେବା ଉଚିତ ।"

"କହିପାରିବେକି ବନ୍ଧୁ, କାହାର କରସ୍ପର୍ଶ ସୁଖଲାଭ କରି ଆମ ଶ୍ରେଣୀ ଗୀତାଙ୍କର ବକ୍ଷସ୍ଥଳ ଏପରି ଉନ୍ନତ ଓ ସ୍ଫୀତ ? ବୋଧହୁଏ ଆପଣଙ୍କର—"

ପୁଣି ହସର ରୋଳ ଉଠିଲା । ଦଳଟାଯାକ ପାଟିକରି ଉଠିଲେ— 'ଠିକ୍ କହୁଛ ବନ୍ଧୁ, ଠିକ୍ କହୁଛ ।' ଆଉ ଜଣେ ଜଣେ କହିଲେ— "ଶଙ୍କରଙ୍କର ସୌନ୍ଦର୍ଯ୍ୟଜ୍ଞାନ ସୀମାବଦ୍ଧ ଥିଲାପରି ଜଣା ଯାଉଛି । ତା ନ ହୋଇଥିଲେ ସୂକ୍ଷ୍ମ ବସ୍ତ୍ର ପିନ୍ଧାଇ କୁଚ ଓ ଜଘନର ସୌନ୍ଦର୍ଯ୍ୟଟା ପଦାକୁ ଫୁଟାଇ ଦେଇ ପାରି ଥାଆନ୍ତେ । ଶତ ସୌନ୍ଦର୍ଯ୍ୟମୟୀ ଉର୍ବଶୀର ପ୍ରତ୍ୟେକ ସ୍ଥାନର ସୌନ୍ଦର୍ଯ୍ୟ ଦେଖାଇବା ଉଚିତ୍ ।" ପୁଣି ସେହି ହସ । ହସ ସେର ତ ଦୁଇ ପଇସା ସେଠାରେ । ଦୁଇ

Digitized by srujan ka@gmail.com

ସ୍ତ୍ରୀଜଣ ଛାତ୍ର ଶରୀର ବିଭିନ୍ନ ଅଂଶରେ ହାତ ବି ମାରିବାକୁ ଲାଗିଲେ । ଜଣେ ଜଣେ ଯୁବତୀ, ବୋଧହୁଏ ବାଳିକା କଲେଜର ଛାତ୍ରୀ ହେବେ, ପାଖରେ ଠିଆ ହୋଇଥିଲେ । ସମ୍ମାନ ରକ୍ଷି ଆଉ ଶବ୍ଦ ଦେଖି ହେବ ନାହିଁ ବୋଲି ଭାବି ସେଠାରୁ ଖସି ଚାଲିଗଲେ । ବଜର ବଜର ହେଉଥିବା ବାଗୁଡି ସବୁ ଦେଖୁଥାନ୍ତି ଓ ଶୁଣୁଥାନ୍ତି । ଆଉ ସମ୍ଭାଳି ହୋଇପାରିଲେ ନାହିଁ । ପାଖକୁ ଆସି କହିଲେ— "ଯେଉଁମାନେ ଭବିଷ୍ୟତରେ ଦେଶର କର୍ଣ୍ଣଧାର ହେବେ ସେମାନେ ଯଦି ଏଇଦିନୁ ଏହିପରି ଭାବରେ ଚରିତ୍ର ଗଠନ କରନ୍ତି ତେବେ ସେ ଦେଶର ଅବସ୍ଥା କଅଣ ହେବ ? ଧରନ୍ତୁ ଆପଣଙ୍କର ନିଜ ଭଉଣୀ କିମ୍ବା ସ୍ତ୍ରୀ ଏଠାରେ ଠିଆ ହୋଇଅଛନ୍ତି । ଯଦି ଅନ୍ୟ କେହି ଲୋକ ଏଠାରେ ଆସି ଏହିପରି ଅଶ୍ଳୀଳ ଆଲୋଚନା କରେ ତେବେ ଆପଣଙ୍କୁ କିପରି ଲାଗିବ ? ଏହି ଅଶ୍ଳୀଳ ଆଲୋଚନାର ସ୍ଥାନ କଅଣ ଏହି ? ଆପଣମାନେ କାହିଁକି ଭାବି ପାରୁନାହାନ୍ତି ଯେ ଏହି ଅଶ୍ଳୀଳ ଆଲୋଚନା ଦ୍ୱାରା ଅନ୍ୟମାନେ କ୍ଷୁବ୍ଧ ହେଉଅଛନ୍ତି ? ଆପଣମାନଙ୍କୁ ଲଜ୍ଜା ଆସୁନାହିଁ ଯେ ଦୁଇଟି ଭଦ୍ର ମହିଳା ଆପଣମାନଙ୍କର କଥା ଓ ଚାଲିଚଳଣି ଦେଖି ଡରି ଚାଲିଗଲେ ? ଆପଣମାନେହିଁ ପ୍ରକାରାନ୍ତରେ ଆମ ମା, ଭଉଣୀମାନଙ୍କ ଅଗ୍ରଗତିରେ ବାଧାଦେଉ ନାହାନ୍ତି କି ?"—କଲେଜର ଛାତ୍ର ସେମାନେ, ଏତେଗୁଡ଼ାଏ ନୀତି-ଶିକ୍ଷା ସେମାନଙ୍କୁ ଶିଖାଇବାକୁ ଇଏ କିଏ ? ଜଣେ ଉତ୍ତରଦେଇ ଦେଲା, "ଅଜ୍ଞା ଆପଣ ଆପଣଙ୍କ ଚଞ୍ଚୁ ବନ୍ଦକରି ବସନ୍ତୁ । ଏତେ 'ଆପଣ' 'ଆପଣ' ହୁଅନ୍ତୁ ନାହିଁ । ଯେଉଁମାନେ କାଳିଦାସ, ଭଞ୍ଜ, କବିସୂର୍ଯ୍ୟଙ୍କ ସାହିତ୍ୟ ପଢ଼ନ୍ତି ସେମାନଙ୍କ ପକ୍ଷରେ ଏପରି ଆଲୋଚନା ଅତି ସ୍ୱାଭାବିକ । ଆଉ ଆପଣଙ୍କ ପରି ଅସାହିତ୍ୟିକ, ଅରସିକ, ଅଶିକ୍ଷିତ ଅସହିଷ୍ଣୁ, ଅବିବେକୀ, ଅମଣିଷ, ଅସାଧୁ, ଅପଗଣ୍ଡ, ଅକର୍ମୀ,

Digitized by srujan ka@gmail.com

ଅଖାଡ଼ୁଅଙ୍କର ଏହି ଆଲୋଚନାରେ ନାକ ଭର୍ତ୍ତି କରିବା ଅତି ଅଶୋଭନୀୟ ।"

"ଅଭିଧାନରୁ ଆପଣଙ୍କର "ଅ" ଅଂଶୁମାଳୀ ଏତେ ଚଞ୍ଚଳ ଅସ୍ତ ହୋଇଗଲା ! ଆପଣ ବୋଧହୁଏ ବିବାହ କରିଅଛନ୍ତି ? ତେବେ ଚଉଧୁରୀ ବଜାର ଛକ ଉପରେ ମଧୁଶଯ୍ୟା ରଚନା କରୁ ନାହାନ୍ତି କାହିଁକି ? ଯେଉଁ ବିଷୟ ଯେଉଁଠାରେ ହେବ ସେଥିରେ ଗୋଟାଏ ତ ସାମାଜିକ ନିୟମ ଅଛି ?"

"ଆପଣଙ୍କ ବୟସ ଦୃଷ୍ଟିରୁ ଆପଣଙ୍କୁ କିଛି କହି ପାରୁ ନାହିଁ । ଅଉ କିଏ ହୋଇଥିଲେ ଚଟିରେ ଗାଲ ସେକି ଦେଇ ଥାଆନ୍ତି ।"

"ଆପଣମାନଙ୍କର ଅନ୍ତତଃ ଏଇ ଟିକିକ ହେଲେ ଜ୍ଞାନ ଅଛି, ଏଥିଲାଗି ଆପଣମାନଙ୍କୁ ଅଶେଷ ଧନ୍ୟବାଦ ଦେଉଛି । କଲେଜରେ ପଢ଼ି ଏତିକ ହେଲେ ଶିଖିପାରି ଅଛନ୍ତି ତ ।"

ଆଉ ବେଶି କୁହାକୁହି ହୋଇଥିଲେ ଅବା କଅଣ ହୋଇ ଥାଆନ୍ତା । ଗଣ୍ଡଗୋଳ ଲାଗିଲେ ବାହାର ଲୋକ କେତେଜଣ ମିଶି ନିଷ୍ପତ୍ତି କରି ଦିଅନ୍ତି । ଏଠାରେ ବି ସେଇଆ ହେଲା । ଲୋକେ ଏମିତି ଯାଉଥାଆନ୍ତି ଆସୁଥାଆନ୍ତି, ଗଣ୍ଡଗୋଳ କରୁଥାଆନ୍ତି କିନ୍ତୁ ସେ ବାରୁଟି ସେମିତି ସେହିଠାରେ ଏପାଖ ସେପାଖ ହେଉଥାଆନ୍ତି । ଉପରେ ପଡ଼ି ଯାହାକୁ ପଦେ ତାକୁ ପଦେ ବି କହି ଦଉଥାଆନ୍ତି । ନ କହିଲେ ସେ ଭାତ ହଜମ ହବ ନାହିଁ, ଅଭ୍ୟାସ ଯାହାର ଯାହା । କଲେଜ ପିଲା ଯିବା ପରେ କିଛି ସମୟ ପାଟି ବନ୍ଦ ହୋଇଗଲା । ପେଟରେ ବାଇ ରୁନ୍ଧ ହୋଇଗଲା ପରି ଲାଗିଲା । ଅଡ଼କୁ ସାଡ଼କୁ ଚାହିଁ ଦେଖିଲେ ଜଣେ ଯୁବତୀ ନିର୍ନିମେଷ ନୟନରେ ଗୋଟିଏ ଦିଗ ଅଡ଼କୁ ଚାହିଁ ପ୍ରାୟ ଅଧଘଣ୍ଟା ହେବ ଠିଆ ହେଲେଣି । ଧାଇଁଲେ ସେଠିକି—ସେଠି ଥିଲେ ରେଖା ଦେବୀ— ।

—ବୟାଅଣି—

Digitized by srujan ka@gmail.com

ରେଖା ଦେବୀ କଟକ ସହରର ପ୍ରଦର୍ଶନୀକୁ ନଯିବେ ବା କପରି ? ଶ୍ରୀକୃଷ୍ଣଙ୍କ ବଂଶୀ ଯେଉଁ ସ୍ଥାନରେ ବାଜୁଥିବ ରାଧା ସେଠାକୁ ନଯିବେ କେମିତି ? ରେଖା ଦେବୀ ମଧ ପ୍ରଦର୍ଶନୀ ମନ୍ଦିରକୁ ନିଜ ହାଓ୍ୱା ଗାଡ଼ିରେ ବସି ଗଲେ । ପ୍ରଥମେ ପ୍ରାକୃତିକ ଦୃଶ୍ୟର ଚିତ୍ରମାନ ଦୃଷ୍ଟିଗୋଚର ହେଲା । ତାଙ୍କୁ ଜଣାଗଲା ଯେପରି ସବୁଯାକ ଗୋଟିଏ ଛାଞ୍ଚରେ ତିଆରି । ଖାଲି ଟିକିଏ ଏପାଖ ସେପାଖ, ସବୁ ଚିତ୍ରରେ ଏକ ଜିନିଷ—ଗଛ, ଫୁଲ, ନଈ, ପୋଖରୀ, ହଂସ, ପର୍ବତ, ମେଘ, ଚନ୍ଦ୍ରୋଦୟ, ସୂର୍ଯ୍ୟାସ୍ତ, ଡଙ୍ଗା, ପଡ଼ିଆରେ ଗୁମ୍ଫ, ଯା ଭିତରୁ କିଛି ନା କିଛି ପ୍ରତ୍ୟେକ ଚିତ୍ରରେ ଅଛି । ସେ ଭାବିବାକୁ ଲାଗିଲେ, ଚିତ୍ରକରମାନଙ୍କର କଅଣ ଗୋଟିଏ ଆଖି ଅଛି ? ତା ନହେଲେ ପ୍ରକୃତିର ଗୋଟିଏ କଡ଼ର ଦୃଶ୍ୟ କପରି ଦେଖୁଅଛନ୍ତି, ଅନ୍ୟ କଡ଼ଟିଏ ଦେଖି ପାରୁନାହାନ୍ତି । କାହିଁ ଗୃଧ୍ର, ଶିବାମାନଙ୍କ ଦ୍ୱାରା ବିଦାରିତ ବିକଟ ଶବମାନଙ୍କରେ ପରିପୂର୍ଣ୍ଣ ହୋଇଥିବା

Digitized by srujan ka@gmail.com

ହିମବାହ୍ୟ ଶ୍ମଶାନ ଦୃଶ୍ୟର ଛବି କାହିଁ ? ଏହା କଅଣ ପ୍ରକୃତିର ଗୋଟାଏ କଡ଼ର ଦୃଶ୍ୟ ନୁହେଁ ? ଖାଲି ଚନ୍ଦ୍ର ସୂର୍ଯ୍ୟଙ୍କର ଉଦୟ ଓ ଅସ୍ତର ଦୃଶ୍ୟ, ଯାଟକାବାବାଦର ମଧ୍ୟାହ୍ନର ଦୃଶ୍ୟ କାହିଁ ? ଖାଲି ସବୁଜ ମଝିରେ ପରିପୁଷ୍ଟ ପାଦପମାନଙ୍କର ଦୃଶ୍ୟ, ଦାବାଗ୍ନି ଦ୍ୱାରା ଅର୍ଦ୍ଧଦଗ୍ଧ ବନରାଜିର ଦୃଶ୍ୟ କାହିଁ ? ଖାଲି ଶାନ୍ତ ନୀଳ ଜଳରାଶି ଉପରେ ଭାସୁଥିବା ନାବର ଦୃଶ୍ୟ, ବଡ଼ବାନଳ ଦ୍ୱାରା ବିକ୍ଷୋଭିତ ସାଗର ଉପରେ ପ୍ରପୀଡ଼ିତ ଜାହାଜର ଦୃଶ୍ୟ କାହିଁ ? ଏହିପରି ଭାବୁ ଭାବୁ ଅଗ୍ରସର ହେଉଥାଆନ୍ତି । କେତେ ନାସ୍କ ଛବି ଦୃଷ୍ଟିଗୋଚର ହେଲା ; ସେ ଚିତ୍ରରେ ସେତେଦୂର ଆକୃଷ୍ଟ ହେଲା ପରି ଜଣାଗଲା ନାହିଁ । କପର ହେବ । ସମବଦ୍ୟୁତ ଯେ ପରସ୍ପରକୁ ବିକର୍ଷଣ କରେ ! ହଠାତ୍ ଗୋଟିଏ ଛବିରେ ଦୃଷ୍ଟି ପଡ଼ିଲା । ଆଉ ଆଗେଇ ପାରିଲେ ନାହିଁ, ସେହିଠାରେ ଠିଆହୋଇ ଚାହିଁ ରହିଲେ । ଲେଖା ହୋଇଛି, "ତୃଷା" । ଗୋଟାଏ ପ୍ରକାଣ୍ଡ ମରୁଭୂମି । ଗଛ, ପାହାଡ଼, ନଈଆଦି ପ୍ରାକୃତିକ ଦୃଶ୍ୟର ଖାଦ୍ୟ ମୋଟେ ନାହିଁ । ଖାଲି ଧୂ-ଧୂ ବାଲି, ଚାରିଆଡ଼େ ବାଲି । ବାଲିର ରଙ୍ଗ ଆସ୍ତେ ଆସ୍ତେ ପରିବର୍ତ୍ତନ ହୋଇ ଦୂରରେ ଆକାଶ ନୀଳ ରଙ୍ଗ ହୋଇଅଛି । କି ସୁନ୍ଦର ବର୍ଣ୍ଣବିନ୍ୟାସ ! ସେହି ନୀଳ ରଙ୍ଗ ଆସ୍ତେ ଆସ୍ତେ ଢେଉ ପରି ହୋଇଯାଇଛି ଓ ଆଉ ଟିକିଏ ଦୂରକୁ ପରିଷ୍କାର ନୀଳ ଜଳରାଶି ପରି ଦିଶୁଛି । ଅଦ୍ଭୁତ ବର୍ଣ୍ଣ-ସଂଯୋଗ ହେତୁ ବହୁ ସମୟ ଧରି ଚାହିଁଲେ ସୁଦ୍ଧା ଚକ୍ଷୁରେ କ୍ଳାନ୍ତ ନାହିଁ । ସେହି ମରୁଭୂମିରେ ଦଉଡ଼ୁଅଛି ଗୋଟାଏ ତୃଷାର୍ତ୍ତ ହରିଣୀ । ସେହି ନୀଳତେଜ ଆଡ଼େ । ଭାବୁଛି ସେହି ଜଳରେ ତୃଷା ନିବାରଣ କରିବ । ବାଃ ! ଚିତ୍ରକର—ହରିଣୀର ମୁଖବର ମଧ୍ୟ କ୍ଳାନ୍ତ ଓ ଆର୍ତ୍ତିର ଚିହ୍ନ ଫୁଟି ଉଠିଛି ଓ ତାହାର କି ମନଲୋଭା ଚକ୍ଷୁରେ ଆଶାର ଚିହ୍ନ

Digitized by srujan ka@gmail.com

ପରିଷ୍କାର ପରିସ୍ଫୁଟ । ଅହା ! କି ସୁନ୍ଦର ମୃଗତୃଷ୍ଣାର ଚିତ୍ର ! ନିର୍ନିମେଷ ନୟନରେ ତାହାକୁ ଚାହିଁ ଭାବିବାକୁ ଲାଗିଲେ — ଓହୋ ! ଆଶାଟା କି ଭୟଙ୍କର ଜିନିଷ, ହରିଣୀଟି ଏହି ଆଶାର ବଶବର୍ତ୍ତୀ ହୋଇ ସିନା ଶେଷରେ ପ୍ରାଣତ୍ୟାଗ କରିବ ! ଅଜ୍ଞାନ ପଶୁ କଥା ଛାଡ଼, ଦୃପ୍ତ ମାନବ ମଧ୍ୟ ଅହର୍ନିଶି ଏହି ଆଶାର ପଛରେ ଗୋଡ଼ାଉଛି । ଏହି ସଂସାର-ରୂପୀ ମରୁଭୂମିରେ ସୁଖଟା ତ ଠିକ୍ ମୃଗତୃଷ୍ଣା ପରି । ମନୁଷ୍ୟ ତ ଠିକ୍ ହରିଣୀ ପରି ଦଉଡ଼ୁଅଛି ଏହି ସୁଖର ଆଶାରେ ! ଏହି ଆଶାର ମୂଳରେ ଅଛି ଜଗତର ସବୁ ଅଶାନ୍ତି ଓ ଦୁଃଖ । ଅଥଚ କି ବିଚିତ୍ର କଥା ମନୁଷ୍ୟ ଆଶାରେ କେବଳ ବଞ୍ଚି ରହିଛି କହିଲେ ଚଳେ । ବାଲ୍ୟ କାଳରେ ଭଲ ଖେଳନା ଦ୍ୱାରା ସୁଖ ପାଇବା ଆଶା, ଯୌବନରେ ମଧୁର ଦାମ୍ପତ୍ୟ ସୁଖର ଆଶା, ବାର୍ଦ୍ଧକ୍ୟରେ ପାରିବାରିକ ସୁଖର ଆଶା, ମୃତ୍ୟୁ ପର୍ଯ୍ୟନ୍ତ ଆଶା ମନୁଷ୍ୟକୁ ଘେରି ରହିଛି । ତେବେ କଅଣ ସବୁ ଦୁଃଖ ଓ ଅଶାନ୍ତିର ମୂଳ ଏହି ଆଶାର ବିରାମ ନାହିଁ ? ହରିଣୀଟିର ଯଦି ଜ୍ଞାନ ହୁଅନ୍ତା ଯେ ଏହି ଯେଉଁ ନୀଳ ଢେଉସବୁ ଜଳରାଶି ପରି ଦିଶୁଅଛି ତାହା ପ୍ରକୃତରେ ଜଳ ନୁହେଁ, ତେବେ ତାହାର ତ ସେଥିପ୍ରତି ଆଉ ଆଶା ହୁଅନ୍ତା ନାହିଁ । ବିଚାରିଟି ରକ୍ଷା ପାଇଯାନ୍ତା ! ମନୁଷ୍ୟ ଯଦି ଏହି ମୃଗତୃଷ୍ଣା ପରି ଜଣାଯାଉଥିବା ସୁଖ ପ୍ରକୃତ ସୁଖ ନୁହେଁ ବୋଲି ଜାଣି ପାରନ୍ତା, ତେବେ ତହିଁରୁ ତାର ଆଶା ଲୋପ ହୁଅନ୍ତା । ପ୍ରକୃତ ଜ୍ଞାନର ଉଦୟରେହିଁ ଆଶାର ବିରାମ ହେବ । ଧନ୍ୟ ସେହି ଚିତ୍ରକର ! ଏହି ଚିରନ୍ତନ ସତ୍ୟଟି କି ସୁନ୍ଦର ତୂଳି ସାହାଯ୍ୟରେ ଫୁଟାଇ ପାରି ଅଛନ୍ତି । ଚିତ୍ରକର କେବଳ ନିପୁଣ ଶିଳ୍ପୀ ନୁହନ୍ତି, ବୋଧହୁଏ ଗୋଟିଏ ବଡ଼ ଦାର୍ଶନିକ ହୋଇଥିବେ ।"

—ପଞ୍ଚାଅଶୀ—

Digitized by srujan ka@gmail.com

ଏହିପରି ଭାବନା ସମୁଦ୍ରରେ ଭବେଇ ଟୁବେଇ ହେଉଥିଲା ବେଳେ କିଏ ଜଣେ ପଛରୁ କହିଲା, "ଭୁଲରେ ସୁଦ୍ଧା କାହାକୁ ଏ ଚିତ୍ର ଆଡ଼କୁ ଦୃଷ୍ଟି ପକାଇବାର ମୁଁ ଦେଖିନି, ଆପଣଙ୍କୁ କଅଣ ଭଲ ଲାଗୁଛି ଯେ ଆପଣ ପ୍ରାୟ ଅଧଘଣ୍ଟାଯାଏ ଏ ଚିତ୍ର ପାଖରେ ଠିଆ ହେଲେଣି ?"

ସେହି ବଜର ବଜର ବାବୁ ତା ପେଟ ଭିତରେ ଦେଇଥିଲା ନା ! ରେଖାଦେବୀ ଚମକି ପଡ଼ି ସେ ବାବୁଙ୍କ ମୁହଁକୁ ବାଲ୍ ବାଲ୍ କରି ଚାହିଁଲେ । କଥାଟା ଗ୍ରହଣ କରି ପାରି ନାହାନ୍ତି ଭାବି ବାବୁଟି ଆଉ ଥରେ କହିଲେ, "ପ୍ରକୃତରେ କଅଣ ଆପଣଙ୍କୁ ଚିତ୍ରଟି ଭଲ ଲାଗୁଛି ନା ଆଉ ଅନ୍ୟ କୌଣସି ବିଷୟ ଭାବୁଥିଲେ ?"

"ନା ଚିତ୍ରଟି ବାସ୍ତବିକ ମୋତେ ଖୁବ୍ ଭଲ ଲାଗୁଛି ଓ ଏହି ଚିତ୍ର ବିଷୟ କେବଳ ଭାବୁଥିଲି ।"

"ଚିତ୍ରଟି କାହିଁକି ଭଲ ଲାଗୁଛି ପଚାରି ପାରେ କି ?"

"ଅତି ସାଧାରଣ ଭାବରେ ଗୋଟାଏ ଅତି ବଡ଼ ଭାବର ପ୍ରକାଶ ପାଇଛି । ବର୍ଣ୍ଣ-ବିନ୍ୟାସ ଅତି ଚମତ୍କାର କି ଅଦ୍ଭୁତ କୌଶଳରେ ଚିତ୍ରକର ବର୍ଣ୍ଣସଂଯୋଗ କରିଅଛନ୍ତି ଯେ ବହୁକ୍ଷଣ ଧରି ଚାହିଁଲେ ସୁଦ୍ଧା ଚକ୍ଷୁରେ ଟିକିଏ ହେଲେ ଅବସାଦ ଆସୁ-ନାହିଁ । ଚିତ୍ରକର ନିଶ୍ଚୟ ଜଣେ ଅସାଧାରଣ ଶିଳ୍ପୀ ହୋଇଥିବେ ।"

"ଗୁଣୀ ସିନା ଗୁଣ ବୁଝେ, ଅନ୍ୟ କାହାକୁ ଏହି ଚିତ୍ର ଆଡ଼େ ଭଲକରି ଚାହିଁବାର ଦେଖିନି । ଏ ଚିତ୍ର ଏଠାରେ ପ୍ରଦର୍ଶିତ ହେବା ଚିତ୍ରକରଙ୍କର ଏକ ପ୍ରକାର ଦୁର୍ଭାଗ୍ୟ କହିଲେ ଚଳେ ।"

—ଛଅସ୍ଥାଅଣି—

Digitized by srujan ka@gmail.com

"ଚିତ୍ରକର କିଏ, ତାଙ୍କ ନାମ ଧାମ ତ ଦିଆଯାଇନାହିଁ ?"

ସେ ବାବୁ ବି ଚିତ୍ରକରର ନାଁ ଜାଣିନଥିଲେ । ଯାହାହେଉ ଛବି ନମ୍ବର ଓ ତାଲିକା ଖାତା ଦେଖି ଟିକିଏ ଅନ୍ୱେଷଣ ହେଲାପରେ ଜଣା ଗଲେ । ଟିକିଏ ସନ୍ଦିଗ୍ଧ ଭାବରେ କହିଲେ, "ଚିତ୍ରକରଙ୍କ ନାମ ରମେଶ ଚନ୍ଦ୍ର ଦାଶ । ତେବେ ଚିକାଗୋ ଆନ୍ତର୍ଜାତିକ ଶିଳ୍ପକଳା ପ୍ରଦର୍ଶନୀରେ ପୁରସ୍କୃତ ହୋଇଥିବା ବ୍ୟକ୍ତି ଏହି ରମେଶ ଚନ୍ଦ୍ର ଦାଶ ବୋଧହୁଏ । ନହେଲେ ଏପରି ଛବି କରନ୍ତା କିଏ ? ଏହାଙ୍କ ବିଷୟରେ ପ୍ରଧାନମନ୍ତ୍ରୀ ଏହିକ୍ଷଣି କହୁଥିଲେ, ଆପଣ ବୋଧହୁଏ ଶୁଣିଥିବେ ?"

"ନା, ମୁଁ ଆସିଲା ବେଳକୁ ପ୍ରଧାନ ମନ୍ତ୍ରୀ ଚାଲିଯାଇଥିଲେ ।"

"ଖବର କାଗଜରେ ବାହାରିଥିଲା ପଢ଼ିଥିବେ ?"

"ନାଁ ମୁଁ ତ ନିୟମିତ ଭାବରେ ପତ୍ରିକା ପଢ଼େ, କାହିଁ ସେଥିରେ ଦେଖି ନି ?"

"ଆମ ଓଡ଼ିଆ ଖବର କାଗଜ ପଢ଼ନି ?"

"ନା ମୁଁ ସେହି ପତ୍ରିକାଟି ପଢ଼େ, ବେଶୀ ବେଶୀ ଖବର ଥାଏ । ଆଉ ବି ଆମ ଓଡ଼ିଆ ଖବର-କାଗଜତକ ଯେମିତ ଥିଲା ସେମିତ ଅଛି । ଭିତରର କୌଣସି ସୂଚନା ନାହିଁ । ଫର୍ଦ୍ଦେ ଫର୍ଦ୍ଦେ କାଗଜ ସେଥିରୁ ଅଧେ ତ ବିଜ୍ଞାପନ ! ଛବି ତ ଖଣ୍ଡିଏ ନାହିଁ ! ଆଜି କାଲି ବଡ଼ ବଡ଼ ଇଂରାଜୀ କାଗଜ ଦେଖିବେ କିଛି ନା କିଛି ବ୍ୟଙ୍ଗ ଛବି ନିଶ୍ଚୟ ଥିବ ; କାରଣ ବ୍ୟଙ୍ଗ ଛବି ଗ୍ରାହକମାନଙ୍କୁ ଆମୋଦ ଯୋଗାଏ । ଆମ ଓଡ଼ିଶାର ସବୁଠାରୁ ବଡ଼ କାଗଜର ଅବସ୍ଥା ଦେଖନ୍ତୁ । କଳେବର ଯେମିତ ସେମିତ । ଯେଉଁ ପୃଷ୍ଠା ବେଶୀ ଦୃଷ୍ଟି ଆକର୍ଷଣ କରେ ସେଠି କେବଳ ବିଜ୍ଞାପନ, ବଡ଼ ବଡ଼

Digitized by srujan ka@gmail.com

ଘଟଣାର ଚିତ୍ର ଓ ବ୍ୟଙ୍ଗଚିତ୍ର ନାହିଁ । ରବିବାରର ବିଶେଷ ସଂଖ୍ୟା ତ ଗାଧୋଇ ଗଲା । ଓଳିଟା ସପ୍ତାହରେ ଥରେ ବନ୍ଦ ; ଏତେ ଯେପରି ପୃଥିବୀରେ ସେଦିନ କୌଣସି ଗୁରୁତ୍ୱ ପୂର୍ଣ୍ଣ ଖବର ହେବ ନାହିଁ । ମୁଁ ସେଥିଲାଗି ଇଂରାଜୀ ଖବର କାଗଜ ପଢ଼େଁ ।"

"ଇଂରାଜୀ କାଗଜ ପଢ଼ନ୍ତୁ କିଏ ମନା କରୁଛି କିନ୍ତୁ ତା ସଙ୍ଗେ ଖଣ୍ଡିଏ ଓଡ଼ିଆ ଖବର କାଗଜ ରଖନ୍ତୁ । ତାହାହେଲେ ଆମ ଓଡ଼ିଶାର ସମସ୍ତ ଖବର ଭଲ ଭାବରେ ଜାଣି ପାରିବେ । ଆପଣଙ୍କର ଅଜି ଖଣ୍ଡିଏ ଓଡ଼ିଆ ଖବର କାଗଜ କିଣିବାର କ୍ଷମତା ଅଛି, ଅଥଚ ଆପଣ କିଣୁ ନାହାନ୍ତି । ଆପଣଙ୍କ ପରି ଅଛନ୍ତି ଅନେକ ଥିବେ । ଏଥିରେ ଖବର କାଗଜର କାଟତି ବଢ଼ିବ କିପରି ? କାଟତି ଆଶାନୁରୂପ ନହେଲେ କାଗଜର କଳେବର ବଢ଼ିବ ବା କିପରି ? ଅଜି ମଧ୍ୟ ଇଂରାଜୀ କାଗଜ ପରି ଦାମ ବଢ଼ାଇ ଦେଲେ ଓଡ଼ିଶାର ଦରିଦ୍ର ଜନସାଧାରଣ କିଣି ପାରିବେ ତ ? ସବୁ ଆଡ଼କୁ ନଜର ଦେବା ଉଚିତ । ଖାଲି କାଗଜର ଦୋଷ ଦେଲେ ତ ଚଳିବ ନାହିଁ ।"

କଥାଟା ରେଖା ଦେବୀଙ୍କ ମୁଣ୍ଡରେ ଟିକିଏ ଗଡ଼ବଡ଼ ସୃଷ୍ଟି କଲା । ଗୋଟାଏ ଦୃଢ଼ ଧାରଣା ଯେତେବେଳେ ଦୋହୋଲି ଯାଏ ସେତେବେଳେ ସବୁଠାରେ, ସବୁ ସମୟରେ ଏହି ପରି ଗଡ଼ବଡ଼ ସୃଷ୍ଟି ହୋଇଥାଏ । ତାପରେ ରେଖା ଦେବୀ କହିଲେ—ମୁଁ ରମେଶ ଚନ୍ଦ୍ର ଦାଶଙ୍କ ଚିତ୍ର ଦେଖିଛି । ଅନେକଥର ତାହା ବଙ୍ଗଳା ବସୁମତୀ ଓ ଭାରତବର୍ଷରେ ବାହାରିଛି । ସେ ଚିତ୍ର ଓ ଏହି ଚିତ୍ରର ବର୍ଣ୍ଣନ୍ୟାସରେ ମଧ୍ୟ ଅନେକ ସାମଞ୍ଜସ୍ୟ ଅଛି । ସେତେବେଳେ ମୁଁ ଭାବିଥିଲି ଚିତ୍ରକର କେହି ବଙ୍ଗୀୟ ଲୋକ ହୋଇଥିବେ । କିନ୍ତୁ ବର୍ତ୍ତମାନ ମୋର ଦୃଢ଼ ଧାରଣା ହେଉଛି ଯେ ଏହି ଚିତ୍ରକର ନିଶ୍ଚୟ ସେହି

Digitized by srujan ka@gmail.com

ରମେଶ ଚନ୍ଦ୍ର ଦାଶ । ବାସ୍ତବିକ୍ ଚିତ୍ରକରଙ୍କର ବଡ଼ ଦୁର୍ଭାଗ୍ୟ ସେ ସେ ଜଣେ ଓଡ଼ିଆ ।"

"ଠିକ୍ କହୁଚନ୍ତି, ଠିକ୍ କହୁଚନ୍ତି । ଦେଖନ୍ତୁ ତ, ଖବର କାଗଜରେ ନ ବାହାରିବାଯାଏ ଆମ୍ଭେମାନେ କେହି ତାଙ୍କ ନାମ ପର୍ଯ୍ୟନ୍ତ ଜାଣିନଥିଲୁ । କିନ୍ତୁ ତାଙ୍କର ପ୍ରତିଭା ଅନ୍ୟ ପ୍ରଦେଶରେ ବେଶ ବେଶ ଆଗରୁ ବିକଶିତ ହୋଇ ସାରିଛି । ମରୁଭୂମିରେ ଉଠି ସେ ଗଛ ତ ଏତେ ! ଆଉ ଯଦି ଠିକ୍ ଏ ଉର୍ବର ଜମିରେ ଉଠିଥାଆନ୍ତା ଓ ଠିକ୍ ଏ ଠିକ୍ ଏ ପାଣି ପାଉ ଥାଆନ୍ତା । ତେବେ କେତେ ବଡ଼ ଗଛ ହୋଇ ନଥାନ୍ତା ? ଚିତ୍ରରୁ ଚିତ୍ରକରଙ୍କର ଆଉ ଗୋଟିଏ ବିଶେଷ ଗୁଣ ଜଣା ପଡ଼ୁଛି । ଦେଖନ୍ତୁ ଅନ୍ୟାନ୍ୟ ଚିତ୍ରମାନଙ୍କରେ ଚିତ୍ରକର-ମାନେ ଦାମ ବି ବସେଇ ଦେଇ ଅଛନ୍ତି । ତାଙ୍କର ନିଜ ଚିତ୍ରର ଦାମ ନିଜେ ସ୍ଥିର କରିଦେଇ ଅଛନ୍ତି । ଚିତ୍ର ଜିନିଷଟାର କିଛି ତେଲ ଲୁଣ ପରି ଦାମ ସ୍ଥିର କରାଯାଏ ନାହିଁ । ସେମାନଙ୍କର ଏ ମନୋବୃତ୍ତି ମୂଳରେ କାଳେ କମ୍ ଦାମ ହୋଇଯିବ ଏ ଆଶଙ୍କା ପ୍ରଚ୍ଛନ୍ନ ଭାବରେ ରହିଅଛି । ତାର ଅର୍ଥ ସେମାନଙ୍କର ଦୃଢ଼ ଆତ୍ମ-ବିଶ୍ୱାସ ନାହିଁ ଯେ ଜନସାଧାରଣ କେବେହେଁ ସେମାନଙ୍କର ଚିତ୍ରକୁ ଲେଖା ହୋଇଥିବା ଦାମରୁ କମରେ ପସନ୍ଦ କରିବେ ନାହିଁ । କିନ୍ତୁ ଯାଙ୍କର ସେତିକିଟା ଦୃଢ଼ ଆତ୍ମ ବିଶ୍ୱାସ ଅଛି ବୋଲି ଭଳେ ମୂଲ୍ୟ ଫୁଲ୍ୟ କିଛି ଲେଖିନାହାନ୍ତି ।" ମୁଣ୍ଡିବାଳକୁ ଖୋଜି ଖୋଜି ଗୋଟିଏ ଲେଖାଏଁ ଉକୁଣୀ କାଢ଼ିଲା ପରି ଚିତ୍ର ଭିତରୁ ଖୋଜି ଖୋଜି ଚିତ୍ରକରଙ୍କର ଅଜ୍ଞାତ କେତେ ଗୁଣ ବୋଧହୁଏ ସେ କାଢ଼ି ଥାଆନ୍ତେ । କିନ୍ତୁ ଜଣେ ନିଷ୍ଠୁର ହୋଇ ବାବୁ ପାଖରେ ଠିଆହୋଇ ସବୁ ଶୁଣୁଥିଲେ । ସେ ଗମ୍ଭୀର ବାବୁଙ୍କୁ ପଚାରି ଦେଲେ, "ଆଚ୍ଛା ସେହି ଚିତ୍ର ଦେଖି କହି ପାରିବେ, ଚିତ୍ରକରଙ୍କର ବୋହିବ ବଙ୍ଗ

Digitized by srujan ka@gmail.com

କେମିତ, ତାଙ୍କ ବାପା ନାଁ କଅଣ, ବୟସ କେତେ ତାଙ୍କର, କେତେଡ଼ ଭଲ ଭଲ ହେବେ, ବାଭା ହୋଇଲେଣି କ ?"...... ଏପରି ଅଭଦ୍ର ବ୍ୟବହାର କରିବାର ଦେଖି ରେଖା ଦେବୀ ଅନ୍ୟତ୍ର ଆଡ଼େ ଅଗ୍ରସର ହେଲେ । ଗପୁଡ଼ି ଓ ନଶୁଆ ବାବୁଙ୍କର ସେଠାରେ ବେଶ୍ ପଞ୍ଚାଏ ରଦ୍ ଖଦ୍ ହୋଇଗଲା । ରେଖା ଦେବୀ ବୁବିଆଡ଼-ଯାକ ବୁଲି ତନ୍ନ ତନ୍ନ କରି ଚିତ୍ରତକ ଦେଖିଲେ ସତ, କିନ୍ତୁ "ଅଣା" ଚିତ୍ରଟି ତାଙ୍କ ଆଖି ଆଗରେ ଏଡ଼େ ବଡ଼ ଠିଆ ହୋଇ ଯାଇଥିଲା ଯେ ସେ ତାର ଅନ୍ତରାଳରେ ରହି ଅନ୍ୟ ଚିତ୍ରମାନଙ୍କର ସୌନ୍ଦର୍ଯ୍ୟ ଦେଖି ପାରିଲେ ନାହିଁ । ସେ ସ୍ଥାନରୁ ପ୍ରସ୍ଥାନ କରିବା ସମୟରେ ସେହି ଗପୁଡ଼ି ବାବୁ ଠାରୁ ବୁଝିଗଲେ ଯେ ସେହି 'ଅଣା' ଚିତ୍ର କିଣିବାକୁ ହେଲେ ସେହି ରମେଶ ଚନ୍ଦ୍ର ଦାଶଙ୍କ ସାଙ୍ଗରେ କଥାବାର୍ତ୍ତା କରିବା ଉଚିତ । ଚିତ୍ରକରଙ୍କର ଠିକଣାଟା ବି ତାଙ୍କ ଠାରୁ ବୁଝି ନେଇ ନିଜ ମଟରରେ ଆସି ବସିଲେ । ଚାଳକର କାନ ମୋଡ଼ା ଗୋଇଠା ଖାଇ ଗାଡ଼ିଟି ଘୁଁ-ଭୁଁ-ଭୁଁ-ଭୁଁ ହୋଇ ଅଗେଇ ଚାଲିଲା । ରେଖା ଦେବୀ ବି ମଟରରେ ବସି ଅଗେଇଲେ କିନ୍ତୁ ତାଙ୍କ ମନଟା ରହିଗଲା ସେହି "ଅଣା" ଚିତ୍ର ପାଖରେ । ନିଜ ସହିତ ସେହି "ଅଣା" ଚିତ୍ରର ହରିଣୀକୁ ତୁଳନା କରିବାକୁ ଲାଗିଲେ । "ମୁଁ ମଧ୍ୟ କେଉଁ ଅଂଶରେ ହରିଣୀଠାରୁ ଊଣା ନୁହେଁ—ହରିଣୀ ପରି ମଧ୍ୟ ମୁଁ ବି ଏକୁଟିଆ ଦଉଡ଼ୁଛି ମରୁଭୂମି ଭିତର ଦେଇ । ଜୀବନ ସାରା କଅଣ ଏହିପରି ଦଉଡ଼ୁଥିବି । କେତେ ନିଛାଟିଆ ମରୁ-ଭୂମି, କାହାକୁ ତ ଦେଖୁନାହିଁ; ଯାହା ବକ୍ଷରେ ଦୁଃଖର ଝଞ୍ଜା ବୋହିଲା ବେଳେ ଅଜାଡ଼ି ପଡ଼ି ଟିକିଏ ଆଶ୍ରା ନେବି, ଯାହା କାନରେ ମୋର ହୃଦୟରେ ସଞ୍ଚିତ ବହୁଦିନର ଅକୁହା କାହାଣୀ କହିବି । ଏହିପରି ବୃଥାରେ ଦଉଡ଼ି ଦଉଡ଼ି କଅଣ ହରିଣୀର ଦଶା ଭୋଗିବି ?

—ନବେ—

Digitized by srujan ka@gmail.com

ହରିଣୀର ସିନା ଜ୍ଞାନ ନାହିଁ କିନ୍ତୁ ମୋର ଟିକିଏ ହେଲେ ତ ଜ୍ଞାନ ଅଛି । ଜାଣି ଜାଣି ସୁଦ୍ଧା ମୁଁ ତ ସେହି ସୁଖର ଆଶାରେ ଧାଇଁଛି । ନା ସେ ଶବଟି ନିଶ୍ଚୟ କଣିବ । ସେହି ଶବହିଁ ମୋତେ ଏ ଅବସ୍ଥାରୁ ରକ୍ଷା କରିବ । ଯେତେବେଳେ ମୁଁ ସୁଖର ଆଶାରେ ବିଭୋର ହୋଇ ପଡ଼ିବି, ସେତିକି ବେଳେ ସେହି ଶବହିଁ ମୋତେ କହିବ ସେହି ସୁଖ ଠିକ୍ ମୃଗତୃଷ୍ଣା ପରି । ଯେତେବେଳେ କେଉଁଠାରେ ସୁଖର ଶ୍ୟାମଳ କୁଞ୍ଜ ଅଛି ବୋଲି ଖୋଜି ବସିବି, ସେତିକି ବେଳେ ସେହି ଶବ ମୋତେ କହିବ ଏ ସଂସାରଟା ଗୋଟାଏ ବଡ଼ ମରୁଭୂମି । ଶ୍ୟାମଳ କୁଞ୍ଜ ଆସିବ କୁଆଡ଼ୁ ? ସେ ଶବଟି ମୋତେ ରଖିବାକୁ ହିଁ ହେବ । ବିରହାନଳରେ ଦଗ୍ଧ ହୋଇ ଅପୂର୍ବ ତାଜମହଲ ସୃଷ୍ଟି କରିଥିଲେ ସାହାଜାହାନ । କିନ୍ତୁ ଶବକର ଶବ ଜଗତରେ ଏ ତାଜମହଲ ସୃଷ୍ଟି କରିଅଛନ୍ତି କାହିଁକି ? ପ୍ରାଣରେ ଉପଯୁକ୍ତ ସ୍ପନ୍ଦନ ନ ଆସିଲେ ଏପରି ଶବର ସୃଷ୍ଟି ତ ଅସମ୍ଭବ । ପ୍ରାଣରେ କି ବ୍ୟଥା ପାଇ ଶବକର ଏପରି ଶବ କରିଅଛନ୍ତି ? ଶବକରଙ୍କର ହୃଦୟର କୌଣସି ନିଭୃତ କନ୍ଦରରେ ନିଶ୍ଚୟ ବ୍ୟଥା, ନିରାଶା ଲୁକ୍କାୟିତ ଭାବରେ ଥିବ । କଥାବାର୍ତ୍ତା ହେଲା-ବେଳେ କିଛି ହେଲେ ତାର ସଂକେତ ଅବଶ୍ୟ ମିଳିବ । କାଲି ସକାଳୁ ନିଶ୍ଚୟ ରମେଶ ବାବୁଙ୍କ ଶବ ଖର୍ଦ୍ଦି ବିଷୟରେ କଥାବାର୍ତ୍ତା କରିବାକୁ ଯିବ । ସାହି ନାଁଟା ତ ସେ ବାବୁଙ୍କଠାରୁ ଜାଣିଲି । ସେ କିନ୍ତୁ କହି ପାରିଲେ ନାହିଁ ତ ସାହି ଭିତରେ ରମେଶ ବାବୁଙ୍କ ଘର କେଉଁଠାରେ ?

—ଏକାନବେ—

Digitized by srujan ka@gmail.com

—୭—

"ରମେଶ ବାବୁଙ୍କ ଘର କେଉଁଠାରେ ?" ରେଖାଦେବୀଙ୍କ ମଟରର ଡ୍ରାଇଭର ଗାଡ଼ିଟା ଅଟକେଇ ସେ ଜାଗାରେ ଠିଆ ହୋଇଥିବା ଦୁଇ ଚାରିଜଣ ଲୋକଙ୍କୁ ପଚାରିଲା—"ରମେଶ ବାବୁ ?" —ହଁ ହଁ ସିଏ ଖୁବ୍ ଭଲ ଡାଏ ଫିସ ଅଙ୍କନ୍ତି ।"—ହରିର ମନେ ପଡ଼ିଗଲା । ହାତଟା ଘରଆଡ଼େ ବଢ଼ାଇ ବନ୍ଧୁକୁ କହିଲା, ଅରେ ସେ ନାକ୍ଟା ଡାଏକାର ନ । ଏକ ସ୍ୱରରେ ସମସ୍ତେ ପାଟିକରି ଉଠିଲେ । ଅରେ ହୋଇ ହୋଇ ତ ।" ସତେ ଯେପରି ଗୋଟାଏ ବଡ଼ ଜଟିଳ ସମସ୍ୟା ସମାଧାନ ହୋଇଗଲା । ତା'ପରେ ବୀର ହାତ ଦେଖାଇ କହିଲା, "ଓ ସେହି ଯୋଡ଼ ଘର, ନଡ଼ା ଚାଳ ଉଲୁରି ଯାଇଛି, ଅଳିଆ କୁଣ୍ଡଟା ଏ କଡ଼କୁ ଥୁଆ ହୋଇଛି, ଠିକ୍ ଯାହା ସାମନାରେ ପିଲାଟାଏ ହଗି ବସିଛି ଓ କୁକୁରଟାଏ ଗୁଡ଼ିଗୁଡ଼ି ହେଉଛି ।"

ହରି ବି ଯୋଡ଼ି ଦେଲା, "ହୋ ସେଇ ପାଇଖାନା ଆରପଟ ଘରଟା ।"

—ବୟାନବେ—

Digitized by srujan ka@gmail.com

ସଦେଇ ରହିଯିବ ତାହାଙ୍କ ସେ ବି କହୁଲ, "ଦେଖିବ ଯୋଉ ଘରର ତାନ୍ତୁଟାଏ ଭାଙ୍ଗି ପଡ଼ୁଛି ।" ଗାଲକଟି, 'ହଁ ହଁ' 'ବୁଝିଲ' 'ବୁଝିଲ' କହୁଲେ ସୁଦ୍ଧା ସେମାନେ ନଛୋଡ଼ବନ୍ଧା । ଚିହ୍ନାଇବା ପାଇଁ ଅଉ କେତେ ବାକ୍ୟ ବି ଯୋଡ଼ି ଦେଲେ— "ଗୋବର ଖଦାଟାଏ ଆଗରେ ।" "ଦକ୍ଷୁଆ ପୋଖରୀ କଡ଼ରେ ।" "ତା ଆଗରେ ଗୋଟାଏ ଘୁ ପଡ଼ିଆ ଅଛି ; ସେଠି ଗାଡ଼ି ବୁଲେଇ ହୋଇ ପାରିବ" ଇତ୍ୟାଦି, ଇତ୍ୟାଦି······ଗାଡ଼ିଟି ସେଠାରୁ ଚାଲିଯିବା ପର୍ଯ୍ୟନ୍ତ ।

ଏମିତିଆ ଜାଗା ଚିହ୍ନେଇବା କବି ଦୁନିଆରେ ବୋଧହୁଏ ବିରଳ । ଥରେ ଇଟେହ୍ଗୁରୁ ଶଙ୍କରାଚାର୍ଯ୍ୟ ମୁଣ୍ଡନ ମିଶ୍ରଙ୍କର ଘର କେଉଁଟି ବୋଲି ଜଣେ ଲୋକଙ୍କୁ ପଚାରିଲେ । ସେ କହୁଥିଲେ "ଓ ସେଉଁଠାରେ ଶୁଆ ଶାରୀମାନେ ବେଦ ବେଦାନ୍ତର ଶ୍ଳୋକ ସବୁ ବୋଲୁ ଅଛନ୍ତି ଓ ଶିଷ୍ୟ, ଉପଶିଷ୍ୟମାନେ ଗୋଲ ହୋଇ ବସି ଶିକ୍ଷା କରୁଅଛନ୍ତି ସେହି ହଉଛି ମୁଣ୍ଡନ ମିଶ୍ରଙ୍କ ଘର ।" ହେଲେ ଯୁଗ ସାଙ୍ଗରେ ତାକୁ ତୁଳନା କଲେ ତ ଚଳିବ ନାହିଁ । ସେଉଁ ଯୁଗରେ ଯେମିତିଆ କବି । ଗାଡ଼ିଟି ଘର ଆଗରେ ଅଟକେଇ ଚାଳକ ହିଞ୍ଜିରଟା ଧୁଡ଼ୁଧୁଡ଼ୁ କରି ଡାକିଲା, "ବେଠହେରି ବେହେରା, ବେହେରା ।" ରେଖା ଦେବୀ ସେତେବେଳକୁ ଗାଡ଼ିରୁ ଓହ୍ଲାଇ ଘରକୁ ଚାହିଁ ଥାନ୍ତି । ଭାବୁଥାନ୍ତି, "ହାୟରେ ମୋ ହତଭାଗ୍ୟ ଦେଶ ! ଏତେବଡ଼ ଯୋଗ୍ୟ ସନ୍ତାନର ବି ଏ ଦୁରବସ୍ଥା ! ହଁ, ପଙ୍କରେ ତ ପଙ୍କଜର ଜନ୍ମସ୍ଥାନ । 'ବେହେରା' 'ବେହେରା' ଡାକର ଉତ୍ତର ଦେଇ ଜଣେ ଘରଭିତରୁ କବାଟ ଫିଟାଇବା ପାଇଁ ଆସିବାର ଜଣାପଡ଼ିଲା । ରେଖାଦେବୀଙ୍କୁ ଠିକଏ ଅଖାଡ଼ୁଆ ଅଖାଡ଼ୁଆ ଲାଗିଲା ।

—ଚେଷ୍ଟାନବେ—

Digitized by srujan ka@gmail.com

ସେ ଭାବୁଥାନ୍ତି, "ଏକବାରେ ଅପରିଚିତ, ଚିହ୍ନ କଥା କପର ପ୍ରଥମେ ଆରମ୍ଭ କରିବି । କପର ଲୋକ କିଏ ଜାଣେ ?" ପୁଣି ମନକୁ ଦମ୍ଭ ଦେଉଥାଆନ୍ତି । ନା ଏପରି କଳାବିତ୍ ନିଶ୍ଚୟ ଭଦ୍ର, ନମ୍ର, ଶିକ୍ଷିତ, ମିଷ୍ଟଭାଷୀ ଓ ସୁନ୍ଦର ।"

ହଠାତ୍ ଚମକି ପଡ଼ିଲେ । ଦୁଆର ପିଠାଇ ଦେଇ ଲୋକଟି କହିଲା, "କାହାକୁ ଖୋଜୁଅଛନ୍ତି ?"

"ରମେଶ ବାବୁଙ୍କୁ ।"

"କଅଣ କହନ୍ତୁ ମୋର ନାଁ ରମେଶ ।"

"ଆପଣ ଚିତ୍ର କରନ୍ତି ?"

"ଆଜ୍ଞା—କହନ୍ତୁ ମୋ ଦ୍ୱାରା ଆପଣଙ୍କର କି କାର୍ଯ୍ୟ ହୋଇ ପାରିବ ।"

ରେଖା ଦେବୀଙ୍କ ହୃଦୟଟା ଦବି ଗଲା । ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ, ଅପରୂପ ସୌନ୍ଦର୍ଯ୍ୟର ସୃଷ୍ଟି କର୍ତ୍ତା ସ୍ୱୟଂ ସୌନ୍ଦର୍ଯ୍ୟର ସାମାନ୍ୟ ସ୍ପର୍ଶରୁ ମଧ୍ୟ ବଞ୍ଚିତ ହୋଇ ପାରନ୍ତି ! ଯେ ସ୍ୱୟଂ ତୁଳିଦ୍ୱାରା ଅଗଣିତ ସୌନ୍ଦର୍ଯ୍ୟ-ଲିପ୍ସୁ ଲୋକଙ୍କର ଚକ୍ଷୁକୁ ଖାଦ୍ୟ ଦାନ କରନ୍ତି ତାଙ୍କୁ ଗଢ଼ି ଗଲାବେଳେ ଜଗତପତିଙ୍କର ଭୁଲ ଏପରି କିମ୍ପା ଯାଇ ପାରେ ? ନିଜକୁ ସମ୍ଭାଳି ନେଇ ରେଖାଦେବୀ କହିଲେ, "ଆପଣଙ୍କ ସଙ୍ଗେ ଅନେକ କଥାବାର୍ତ୍ତା ଅଛି ।"

"ଭିତରକୁ ଆସିବେ ?"

"ଚାଲନ୍ତୁ ।" ମସିଣା ଉପରେ ବସି କଥାବାର୍ତ୍ତା ଆରମ୍ଭ କରିବାକୁ ଯାଉଅଛନ୍ତି, ଠିକ୍ ଏହି ସମୟରେ ସତଆ ନିତ୍ୟକର୍ମ ସାରି ନସର ପସର ହୋଇ ଘର ଭିତରକୁ ପଶି ଆସିଲା । ରେଖାଦେବୀଙ୍କୁ

Digitized by srujan ka@gmail.com

ଦେଖି ଥକ୍କାମାର ଠିଆ ହୋଇଗଲା । ଆନନ୍ଦ ଓ ଆଶ୍ଚର୍ଯ୍ୟରେ ମୁହାଁଟା ଅଁ ହୋଇଯାଇଥାଏ । ମୁହଁରେ କଥା ନାହିଁ, ପାଟିରୁ କଣ ବାଟେ ଲାଳ ନିଗିଡ଼ି ପଡ଼ିଲା । ବାବୁର ଶ୍ରୀକୃଷ୍ଣଙ୍କୁ ହଠାତ୍ ତାଙ୍କ ଘରେ ଦେଖି ଏପରି ଆଶ୍ଚର୍ଯ୍ୟ ହୋଇ ନ ଥିବେ । ଟିକିଏ ଚେତ ଆସିବାରୁ ସନ୍ତିଆ ଲାଳତକ ଶୋଷାଡ଼ି ନେଲା ଓ ଗାମୁଛାରେ ମୁହଁ ପୋଛି ଦେଇ କହିଲା "ଆ-ପ-ଣ ?"

ରେଖାଦେବୀ ହସି ହସି କହିଲେ, "ହଁ, ହଁ, ଆସିଥିଲି ଟିକିଏ ରମେଶ ବାବୁଙ୍କ ସଙ୍ଗେ କାମ ଥିଲା ।" ରମେଶ ବି ଅବାକ୍— ଆଗରୁ କିଅଣ ଚିହ୍ନା ପରିଚୟ ଅଛି କି ?' ରେଖାଦେବୀଙ୍କୁ ପଚାରିଲା, "ଆପଣ ତାକୁ କିପରି ଚିହ୍ନିଲେ ?"

ରେଖାଦେବୀ "ସେ ଗୋଟିଏ ବଡ଼ କରୁଣ ଅଧ୍ୟାୟ" କହି ଆରମ୍ଭ କଲେ । ସନ୍ତିଆ ଟିକିଏ ଗଡ଼ବଡ଼ ଆରମ୍ଭ କଲା । ମୋଟ ଉପରେ ତାର ଇଚ୍ଛାଥାଏ ରେଖାଦେବୀ କିପରି ସେକଥା ନ କହି ଅନ୍ୟକଥା ପକାନ୍ତୁ । ରମେଶ କିନ୍ତୁ ନଛୋଡ଼ବନ୍ଧା । ସନ୍ତିଆକୁ ଗୋଟାଏ କାମ ବରାଦ ଦେଇ ବାହାରକୁ ପଠାଇ ଦେଲା । ତା'ପରେ ରେଖାଦେବୀ ଆଉ ଥରେ ଆରମ୍ଭ କଲେ—କିଛି ଦିନ ତଳେ ବାପା ଓ ମୁଁ ଆମ ଗାଡ଼ିରେ ବସି ଜଣେ ବନ୍ଧୁଙ୍କ ଘରକୁ ନିମନ୍ତ୍ରଣ ରକ୍ଷା କରିବାକୁ ଯାଉଥିଲୁ । ଟିକିଏ ଡେରି ହୋଇ ଯାଇଥାଏ ବୋଲି ଚାଳକ ଖୁବ୍ ଜୋରରେ ଗାଡ଼ି ଛାଡ଼ି ଦେଇଥାଏ । ଆଗରେ ଟିକିଏ ଦୂରରେ ଗୁଡ଼ାଏ ଲୋକ ଜମା ହୋଇ ଖୁବ୍ ହୋ ହା କରୁଥାଆନ୍ତି । ହସରେ ଜାଗାଟା ଫାଟି ଯାଉଥାଏ । ଲୋକ ଗହଳି ଦେଖି ଚାଳକ ଘନ ଘନ ସଙ୍କେତ ଦେଲା । ଲୋକ ଗୁଡ଼ିକ ପାଖେଇ ଗଲେ କିନ୍ତୁ ଏହି ସନ୍ତିଆ ଓ ଆଉ ଗୋଟିଏ ବାଦ୍ୟ ବାଦକର ଚେତା ପଶିଲା ନାହିଁ । ବାଦକଟି

Digitized by srujan ka@gmail.com

ଖୁବ୍ ଉତ୍ସାହରେ ବାଜା ବଜାଇବାରେ ଲାଗିଥାଏ ଓ ସତଅ ଗୀତ ଗାଇବାରେ ମଜ୍ଜି ଯାଇଥାଏ ।"

"ସତଅ ଗୀତ ଗାଉଥିଲ ?"

"ହଁ ହଁ, ପୁଲାଏ ଗୁଡ଼ାଖୁ ଧରିଥାଏ, ବେଶ ବି ଅଦ୍ଭୁତ ରକମର ହୋଇଥାଏ—ମୁଣ୍ଡରେ ଗୋଟାଏ ଲମ୍ବା କାଗଜ ଟୋପି, ମୁହଁରେ ଗୋଟାଏ କଡ଼ରେ ଖଡ଼ି ଓ ଆଉ ଗୋଟାଏ କଡ଼ରେ କଳା ବୋଳା ହୋଇଥାଏ । ଗୋଡ଼ରେ ଘୁଙ୍ଗୁର ବି ବନ୍ଧାହୋଇଥାଏ । ସିଏ କାଗଜରେ ଲେଖା ହୋଇଥିବା ଗୀତକୁ ଦେଖି ବୋଲୁଥାଏ ଓ ଡେଉଁଥାଏ । ଗୀତ ବି କିଛି କମ୍ ଗୀତ ନୁହେଁ, ପରେ ସେ କାଗଜ ଦେଖି ସେ ଗୀତ ଜାଣିଲି—ଲେଖା ହୋଇଥାଏ—

ଆସ କିଏ ଘଷିବ ହୋ ଉତ୍କଳ ମାତା ଗୁଡ଼ାଖୁ,
ମଜା ପାଏ ବୋଲି କେମା ନଛାଡ଼େ ତାହାକୁ ।

ଏଇ ପଦକ ମୋର ମନେ ଅଛି । ଆହୁରି କେତେକ କଥଣ ଲେଖାହୋଇ ଥିଲା, ତେବେ ମୋଟ ଉପରେ ତାର ଭାବ ହଉଛି, ଏ ଗୁଡ଼ାଖୁ ଘଷିଲେ ବରକୁ କନ୍ୟା ହାଉ ଯାଉ ହେବେ ଓ କନ୍ୟାକୁ ବର ବି ହାଉ ଯାଉ ହେବେ । ଦାନ୍ତ ଡାକତରମାନେ ଆଉ ରୋଗୀ ନ ପାଇ ମୁଣ୍ଡରେ ହାତଦେଇ ବସିବେ । ଏହାକୁ ନିୟମିତ ଭାବରେ ଘଷିଲେ ଅଶି ନବେ ବର୍ଷର ବୁଢ଼ା ବୁଢ଼ୀମାନେ ନାଉଅ, ବୁଟ, ପକୁଡ଼ି, ଡାଲି ବୁଟ, ଯୋଖା ନଡ଼ିଆ, ଚଣା ନଡ଼ିଆ ଦେଖି ଡରିଯିବେ ନାହିଁ । ପନ୍ଦର ଦିନରେ ଥରେ ଝାଡ଼ା ଫେରି ଯାଉଥିବା ଲୋକର ଦୁର୍ବଳ ଝାଡ଼ା ପରିଷ୍କାର ହୋଇଯିବ । ହଜମ ଏପରି ହେବ ଯେ ଦିନକୁ ଦଶଥର ଖାଇବାକୁ ଇଚ୍ଛା ହେବ, ଏମିତି କେତେ ଗୁଣ ଯେ ତାର ଇୟତ୍ତା ନାହିଁ । ଗାଡ଼ିଟା ପାଖରେ ହେଲକୁ ତାର ଚେତା

—ଛୟାନବେ—

Digitized by srujan ka@gmail.com

ପଶିଲା ଓ କଅଣ କରିବ ବୋଲି କାଉଳି ବାଉଳି ହୋଇଗଲା । ଗୁଳକଟି ଗାଡ଼ିଟା ଟୋଟ'ଏ ଅଡ଼ କ୍ରି ହଟାଇ ଦେଉଥିଲା କିନ୍ତୁ ସଢିଆ ବାଉଳି ହୋଇ ଯାଇ ସେଇ ଅଡ଼କୁ ମାଡ଼ି ଗଲା । ଗୁଳକ ଏଡ଼େ ଜୋରରେ ଗତି ରୋଧକକୁ ଦାବି ଦେଲା ଯେ ବାପା ଓ ମୁଁ ଆଗକୁ ଛିଞ୍ଚାଡ଼ି ହୋଇ ପଡ଼ିଲୁ । ଆମ ଆଖି ବୁଜି ହୋଇ ଗଲା । ଆଖି ଫିଟାଇଲା ବେଳକୁ ସଢିଆ ପାଞ୍ଚ ଛଅ ହାତ ଦୂରରେ ପଡ଼ିଛି । ବସ୍ତୁର ଧକ୍କା ଲାଗି ଛିଡ଼ିକି ଯାଇ ଦୂରରେ ପଡ଼ିଲା । ଭାଗ୍ୟେ ଚକ ତଳେ ପଡ଼ି ନଥିଲା । ଦେହର ଗୁଡ଼ିଆଡ଼େ ଲହୁ ଲୁହାଣ ହୋଇ ଯାଇଥାଏ । ଲୋକଯାକ ଶାଗୁଣା ପରି ତ ଆମକୁ ବେଢ଼ିଗଲେ । କିଏ କହୁଥାଏ, "ଓଃ ଲାଟସାହେବ ଗାଡ଼ିରେ ବସି ଆସିଲେ ପରା !" କିଏ ପଚାରୁଥାଏ, "ତମ ଚଉଦ ପୁରୁଷରେ କିଏ ଗାଡ଼ିରେ ବସିଥିଲେ ?" କିଏ କହୁଥାଏ, "ଘୋଡ଼ାଟାଏ ରଖିଛ ବୋଲି କଅଣ ମଣିଷଙ୍କୁ ବାଟ ଚଲେଇ ଦବ ନାହିଁ ?" ଆଉ କେତେଜଣ ବେ ବା ପର୍ଯ୍ୟନ୍ତ ଗାଳିଦେଲେ । ଜଣେ କିଏ ତାଙ୍କ ଭିତରୁ ବି କହିଦେଲା, "ଏବେ ଶଳାକୁ ଗାଡ଼ି ଭିତରୁ ଘୋଷାଡ଼ି ଆଣିବେ । ମୋତେ ଭାରି ଭୟ ହେଲା । କିନ୍ତୁ ବାପାଙ୍କର ଟଙ୍କାର କରାମତି ଉପରେ ପୂର୍ଣ୍ଣ ଆସ୍ଥା ଥାଏ ବୋଲି ଧୀର ସ୍ଥିର ହୋଇ ଥାଆନ୍ତି । ବାପା ସାଙ୍ଗେ ସାଙ୍ଗେ ଚମଡ଼ା ମୁଣିରୁ ଠାକୁର ଧରମାଇଁ ଦଶଟଙ୍କିଆ ଓ ରାମନାମୀ ଗୁଡ଼ା ପାଞ୍ଚଟି ଟଙ୍କା ତାଙ୍କରି ଭିତରେ ସବୁଠାରୁ ବେଶୀ ପାଟି ଯିଏ କରୁଥିଲା, ତା ହାତରେ ଗୁଞ୍ଜି ଦେଲେ । ଓଃ ! ସେ ଟଙ୍କାର କି ଯାଦୁକର ପ୍ରଭାବ ! ସେ ଲୋକଟାର ସାଙ୍ଗେ ସାଙ୍ଗେ ପରିବର୍ତ୍ତନ । ରତ୍ନାକରକୁ ବାଲ୍ମୀକି କରିବାକୁ ନାରଦଙ୍କ ସମୟ ଲାଗିଥିଲା କିନ୍ତୁ ଟଙ୍କା ସେ ରତ୍ନାକରକୁ ସାଥି ସାଥି ବାଲ୍ମୀକି କରିଦେଲା । ସେ ସମସ୍ତଙ୍କୁ ଗାଡ଼ି ଗୁରି ପାଖରୁ ଠେଲି ପାଟିକଲା, "ଇଃ, ପାଖୋଅ ପାଖୋଅ, ବାବୁଙ୍କର ଦୋଷ କଅଣ ?

Digitized by srujan ka@gmail.com

ସେ ରାସ୍ତା ଉପରେ ଠିଆହୋଇ ଡେଇଁଛୁ । ଅବାଜ ଦେଲେ ବି ଶୁଣୁନ, କାଏ କଅଣ କରିବ ? ଘୁଡ଼ ଘୁଡ଼, ବାବୁଙ୍କୁ ଘୁଡ଼ଦଅ, ସେ ଯାଆନ୍ତୁ । ହିଁ ଃ ମାଖା ପାଖାବେ । ମୁଁ ତ ଅବାକ୍ । ବାପା ସେ ଲୋକଟି ସାହାଯ୍ୟରେ ସତଅକୁ ଗାଡ଼ିରେ ଆଣି ବସାଇଲେ ଓ ବଡ଼ ଡାକ୍ତରଖାନା ଆଡ଼େ ନେଇ ଯିବାକୁ ଚାଳକକୁ କହିଲେ । ଯାଉଁ ଯାଉଁ ସତଅଠାରୁ ବାପା ଯାହାସବୁ ଶୁଣିଲେ ସେଥିରେ ତାଙ୍କ ଆଖି ଛଳ ଛଳ ହୋଇଗଲା । ତାର କୁଆଡ଼େ ଗୋଟିଏ ଭାଇର ଭୟଙ୍କର ଜ୍ୱର ହୋଇଥିଲା । ଚିକିତ୍ସା କରିବାକୁ ପଇସା ଦରକାର । ତାର ବି ଆଉ କେହି ନଥିଲେ । ସେ ତ କେମା, ତାକୁ କାମରେ ଲଗେଇବ କିଏ ଓ ପଇସା ଦେବ କାହିଁକି ? ସେଇଥିଲାଗି ସେ ଗୁଡ଼ାଖୁର ବିଜ୍ଞାପନ କାମଟା ଆଦରିଥାଏ । ଗୁଡ଼ାଖୁବାଲା ବି ତାହା ଦ୍ୱାରା ଭଲ ବିଜ୍ଞାପନ କାର୍ଯ୍ୟଟା ହୋଇପାରିବ ଭାବି ଦିନକୁ ଦୁଇଟଙ୍କା ଦରମାରେ ନିଯୁକ୍ତ କରିଥାଏ । ଗାଡ଼ିରେ ଯିବାବେଳେ ବାଟଯାକ ହେଉଥାଏ ଭାଇଙ୍କୁ ଚିକିତ୍ସା କରିବାକୁ ଟଙ୍କା ଆଣିବ କେଉଁଠୁ । ଅଥଚ ତାର ଦେହ ଖଣ୍ଡିଆ ମଣ୍ଡିଆ ହୋଇଗଲା ବୋଲି ଥରେ ସୁଦ୍ଧା କହୁ ନାହିଁ । ବରାବର ସେ ଭାଇକଥା କହୁଥାଏ, ନିଜ କଥା ବିଲ୍‌କୁଲ୍ ଖିଆଲ ନଥାଏ । ପଚରା ପଚରି କରି ବାପା ବୁଝିଲେ ଯେ ଯଦି ସେ ତିନିଶହ ଟଙ୍କା ପାଏ ତେବେ ସେ ଭାଇର ଚିକିତ୍ସା କରାଇ ନେବ । ସେହିଦିନ ସନ୍ଧ୍ୟାବେଳକୁ ବାପା ଯେତେବେଳେ ତିନିଶହ ଟଙ୍କା ନେଇ ଡାକ୍ତରଖାନାରେ ତା ହାତରେ ଦେଲେ ସେ କି ଆଉ ସମ୍ଭାଳି ପଡ଼େ ? ସାଙ୍ଗେ ସାଙ୍ଗେ ଡାକ୍ତରଖାନାରୁ ପଳାଇ ଆସିଲା । ଯେତେ ବୁଝାଇଲେ ବୁଝିଲା ନାହିଁ । ଓଲଟି କହିଲା, "ମୁଁ ଏଠି ରହିବି ତ ଭାଇକି ସମ୍ଭାଳିବ କିଏ ?" ସେଇଦିନ ଠାରୁ ଆମେ ତାକୁ ଭୁଲିନୁ,

Digitized by srujan ka@gmail.com

କି ସେ ବି ଆମକୁ ଭୁଲିନାହିଁ । ବାସ୍ତବିକ୍ ମୂର୍ଖ ଲୋକଙ୍କ ଭିତରେ ଏପରି ରତ୍ନ ଗୋଟିଏ ମିଳିବା କୋଟିକରେ ଗୋଟିଏ ।''

''ଆପଣ ଭୁଲ ବୁଝିଅଛନ୍ତି । ମୂର୍ଖମାନଙ୍କ ଭିତରେ ହିଁ ଏହିପରି ରତ୍ନ ମିଳନ୍ତି । ଯେଉଁମାନଙ୍କୁ ଆପଣ ପାଠୁଆ ବୋଲି ମନେ କରନ୍ତି ସେମାନଙ୍କ ଭିତରେ କୋଟିକରେ ଗୋଟିଏ ମିଳିବା କଷ୍ଟ । ଏହି ତଥାକଥିତ ମୂର୍ଖମାନେ ନିଜର ବିବେକ ଅନୁସାରେ କାର୍ଯ୍ୟ କରନ୍ତି । ବିବେକ ବିରୁଦ୍ଧରେ ଯୁକ୍ତି ବଳରେ ଠିଆ ହେବାକୁ ଏମାନଙ୍କର କ୍ଷମତା ନଥାଏ । କିନ୍ତୁ ପାଠୁଆମାନେ ତ ଯୁକ୍ତି କରି ଜାଣନ୍ତି । ଓକିଲ ଧଳାକୁ କଳା କଲାପରି ବିବେକ ଯାହାକୁ ଠିକ୍ ବୋଲି ଭାବିଥିବ ତାକୁ ଅଠିକ୍ ବୋଲି ବିବେକକୁ ବୁଝାଇଦିଅନ୍ତି । ଫଳରେ ସେମାନେ ବିବେକ ବିରୁଦ୍ଧ କାର୍ଯ୍ୟ ମଧ୍ୟ କରି ପାରନ୍ତି । ଧରନ୍ତୁ ଜଣେ ପାଠୁଆ ଚୋରି କରିବାକୁ ବସିଲା । ତାର ବିବେକ ତ ତାକୁ ମନାକରିବ । କିନ୍ତୁ ସେ ଯୁକ୍ତିରେ ବିବେକକୁ ବୁଝାଇବ, ''ଦୁନିଆରେ ଚୋରି କିଏ ନକରୁଛି, ସ୍ୱୟଂ ଶ୍ରୀକୃଷ୍ଣ ତ ଲହୁଣୀ ଚୋରି କରିଥିଲେ । ଅଧିକନ୍ତୁ ମଧ୍ୟ ମୋର ପରିବାରରେ ଦୁଇ ଗୋଟି ପ୍ରାଣୀଙ୍କ ପେଟ ପାଇଁ ମୁଁ ତ ଚୋରି କରିବି । ତାର ଅଛି, ମୋର ନାହିଁ । ସମାଜରେ ଏ ଅସମତା କାହିଁକି ? ଚୋରି ଦ୍ୱାରା ଯଦି ମୁଁ ସମତା ଆଣିପାରେ ତେବେ ତାହା ଶ୍ରେୟସ୍କର । ଏ ଅସମତା ଚୋରି ଦ୍ୱାରା ହୋଇନାହିଁ କି ? ଏ ଯେଉଁମାନେ କୋଟିପତି ହୋଇ ବର୍ତ୍ତମାନ ସମାଜରେ ପୂଜା ପାଉଅଛନ୍ତି, ସେମାନେ କିପରି କୋଟିପତି ହୋଇ ଅଛନ୍ତି ? ଚୋରି ଦ୍ୱାରା ନୁହେଁ କି ? ପୁଞ୍ଜିପାଇଁ ଯେତିକି ଲାଭ ନେଲେ ସେମାନେ ସମସ୍ତଙ୍କ ପରି ଗଣ୍ଡିଏ ଖାଇ ଖଣ୍ଡିଏ ପିନ୍ଧି ଚଳି ପାରନ୍ତେ ତାଠାରୁ ଯଥେଷ୍ଟ ବେଶୀ ନିଅନ୍ତି ବୋଲି ସେମାନଙ୍କ ପାଖରେ ତ ଏତେ

—ଅନେକଶୋଉ—

Digitized by srujan ka@gmail.com

ପଇସା ଜମା ହୋଇଛି । ଏ ଯଥେଷ୍ଟ ବେଶୀଟା ସେମାନେ କପର ନେଲେ ? ଖାଉଡିମାନେ କଅଣ ଖୁସିରେ ତାଙ୍କୁ ଦାନ କର ଦେଇଅଛନ୍ତି ? ଖାଉଡିମାନେ ଲଭଟା ଯଥେଷ୍ଟ ବେଶୀବୋଲି ଜାଣିଲେ ତ କେବେହେଁ ତାହା ଦେବେ ନାହିଁ । ତେଣୁ ସେମାନେ ଖାଉଡି-ମାନଙ୍କ ଅଜାଣତରେ ଏ ଯଥେଷ୍ଟ ବେଶୀଟା ନେଉଛନ୍ତି । ଅଜାଣତରେ ନେବାଟାକୁ ଚୋର କୁହାଯିବ ନାହିଁ କି ? ଏ ଚୋରଦ୍ୱାର ହୋଇଥିବା ଅସମତାକୁ ଯେବେ ସମାଜ ସହ୍ୟ କରବ ତେବେ ଚୋରଦ୍ୱାର ସମତା ଆଣିବାର ଚେଷ୍ଟାକୁ ସହ୍ୟ ନ କରିବ କାହିଁକି ? ନା ମୁଁ ନିଶ୍ଚୟ ଚୋରି କରବ ।" ଦରମବ ବବେକ ବରୁବ ଥଙ୍ଗେଇ ଥଙ୍ଗେଇ କହବ, "ଆଇନର ବନ୍ଧନରେ ଯେ ଯିବାକୁ ପଡ଼ବ ।" ବଟବକକୁ ଦ୍ୱିଗୁଣ ଜୋରରେ ସେ ବୁଝାଇବ— "ମାର ଗୋଲି ସେ ଆଇନକୁ । ମଣିଷ ଗଢ଼ା ଆଇନ୍; କନ୍ତୁ ଭଗବାନଙ୍କ ଦ୍ୱାର ଅଜାଣରୁ ବର୍ଣ୍ଣିତ ହୋଇନାହିଁ । ମଣିଷ ଗଢ଼ା ଅଇନ କେବେହେଁ ସର୍ବାଙ୍ଗ ସୁନ୍ଦର ହୋଇ ପାରେନା । ସେଇଥି ଲାଗି ତ ଦୁନିଆର ସବୁ ଦେଶରେ ସବୁ ସମୟରେ ଅଇନ ସର୍ବଦା ବଦଳୁଅଛି । ମଣିଷ ସୁଖରେ ଚଳିବ ବୋଲି ଗୋଟାଏ ଅଇନର ବେଷ୍ଟନୀ ତଅର କରଥାଏ । ଯେତେବେଳେ ଦେଖେ ସେ ବେଷ୍ଟନୀ ଭିତରେ ଗୋଟାଏ ଜାଗାରେ ତାକୁ ଅସୁବିଧା ହେଉଛି ସେତେବେଳେ ସେ ତାକୁ ବଦଳାଇ ଦଏ । ତେଣୁ ମଣିଷ ଗଢ଼ା ଅଇନ ନିତ୍ୟ ପରିବର୍ତ୍ତନ-ଶୀଳ । ଏ କ୍ଷେତ୍ରରେ ଅଇନର ପରିବର୍ତ୍ତନ ହେବାକୁ ମଧ୍ୟ ସମୟ ଅସିଛି । ଅଇନର ପରିବର୍ତ୍ତନ କରାଇବାକୁ ଜଣେ ଅଧେ ତ ପହିଲେ ଚେଷ୍ଟା କରନ୍ତି । ସେଥିଲାଗି ସେମାନଙ୍କୁ ଅଇନର ଲହୀ ମୁଠା ଅନୁଭବ କରିବାକୁ ପଡ଼େ । ଚୋର କର ଜେଲ୍ ଗଲେ ଯିବ । ମହାତ୍ମା ଗାନ୍ଧୀଙ୍କ ପରି ଲୋକ ତ ଅଇନ୍ ବଦଳାଇବା ପାଇଁ ଜେଲ୍

Digitized by srujan ka@gmail.com

ଯାଇଥିଲେ ? ମୁଁ କିବା ଛାର ! ନା ମୁଁ ନିଶ୍ଚୟ ଚୋରି କରିବି ।" ବିବେକ "ହଉରେ ବାବା ଚୋରି କରିବୁ ତ କର" କହି ମରେ । ପାଠୁଆଟି ତା'ପରେ ଚୋରି କରେ । କିନ୍ତୁ ମୂର୍ଖର ବିବେକ ଯଦି ଚୋରି କରିବାକୁ ଗଲାବେଳେ କହେ, 'ହେ ଚୋରି କରିବା ମହା ପାପ ବୋଲି ଶାସ୍ତ୍ର କହୁଛି' ତେବେ ବିବେକକୁ ଯୁକ୍ତି କରି ପରାସ୍ତ କରିବା ଶକ୍ତି ତାର ନଥାଏ । ତେଣୁ ବିବେକବିରୁଦ୍ଧ କାର୍ଯ୍ୟ ସେ କରିପାରେନା ।

ଯେଉଁମାନେ ବେଶୀ ବିବେକବିରୁଦ୍ଧ କାର୍ଯ୍ୟ କରନ୍ତି ସେହି-ମାନେହିଁ ବେଶୀ ଭୁଲ କରନ୍ତି । ତେଣୁ ମୂର୍ଖମାନଙ୍କ ଭିତରେ ସତିଆ ପରି ଲୋକ ହେବା ବେଶୀ ସମ୍ଭବ । ପାଠୁଆମାନଙ୍କ ଭିତରେ ନୁହେଁ । ଅବଶ୍ୟ ମୋର କହିବା ପାଠୁଆ ଓ ମୂର୍ଖ ଭିନ୍ନ ଧରଣର । ଯେଉଁ-ମାନେ ବିଶ୍ୱବିଦ୍ୟାଳୟରୁ ପାଠୁଆ ବୋଲି ଯୋଗ୍ୟତା ପତ୍ର ପାଇ-ଅଛନ୍ତି ସେମାନେ ପାଠୁଆ ଓ ଯେଉଁମାନେ ପାଇନାହାନ୍ତି ସେମାନେ ମୂର୍ଖ । ଏଇମାନଙ୍କୁ ନେଇ ମୁଁ ମୋର ମତ ପ୍ରକାଶ କରୁଛି । ଏହିପରି କଥାବାର୍ତ୍ତା ଚାଲୁଥିଲାବେଳେ ସତିଆ ଭଗିଆ ଦୁହେଁ ଆସି ହାଜର ହୋଇଗଲେ । ସତିଆ ମୁହଁକୁ ରେଖା ଦେବୀ ଓ ରମେଶ ବାଲୁ ବାଲୁ କରି ଚାହିଁଥାଆନ୍ତି । ତାର କିନ୍ତୁ ସାଡ଼େ ନଜର ନଥାଏ । ହାତରେ ଗୋଟାଏ ପୁଟୁଳା ଧରିଥାଏ । ଭଗିଆକୁ ଥାଳି ଓ ଗିଲାସେ ପାଣି ଆଣିବାକୁ ଇଙ୍ଗିତ କଲା । ତା କାର୍ଯ୍ୟ କଳାପ ପ୍ରତି ଦୃଷ୍ଟି ଦେଲେ ଜଣା ଯାଉଥିଲା, ସତେ ଯେପରି ଗୋଟିଏ କମ୍ପ୍ୟୁଟ କମାଣ୍ଡର ଯନ୍ତ୍ର ଛୁଇଁ ଛୁଏଁ ପୂର୍ବ ଯୋଜନା ଅନୁଯାୟୀ କାର୍ଯ୍ୟ କରିଯାଉଛି । ରମେଶର ମାନସିକ ଅବସ୍ଥା ଏହା ଦେଖି ବଡ଼ ଶୋଚନୀୟ ହୋଇ-ପଡ଼ିଲା । ଭାବିବାକୁ ଲାଗିଲା, "ଓଃ ସତିଆଟା କି ଭୁଲ କାମ କଲା ! ଗୋଟିଏ ଧନାଢ୍ୟ ମହିଳା ଓ ନିଜ ଭିତରେ ପାର୍ଥକ୍ୟଟା ବୁଝିପାରିଲା

Digitized by srujan ka@gmail.com

ନାହିଁ । ତାଙ୍କ ପାଇଁ କି ଜଳଖିଆ ବା ଅଣିଥିବ । ସେ ଯଦି ତାହା ନ ଛୁଅଁନ୍ତି ମୋର ଇଜ୍ଜତ ଧ କଡ଼ାର ହେବ ସିନା ! ସେ ଯେଉଁ ଅବସ୍ଥାରେ ବଢ଼ି ଅସିଛନ୍ତି, ସେଥିରେ ଅମ୍ଭମାନଙ୍କ ଉପଯୋଗୀ ଜଳଖିଆ କପର ବା ତାଙ୍କୁ ଭଲ ଲଗିବ ? ସତଅ କଅଣ ତାଙ୍କ ଉପଯୋଗୀ ଜଳଖିଆ ଅଣିଥିବ ? ରମେଶ କାଠଟି ପର ହୋଇ ଚାହିଁଥାଏ ସେ ପୁଟୁଳାକୁ । ସତଅର ଇଙ୍ଗିତ ପାଇ ଭଗିଆ ତା ପୋଠଳା ଫିଟାଇଲା । ପୋଠଳା ଭିତରୁ ଗୋଟିଏ ପତର ଠୋଲା କାଢ଼ି ସେ ଥାଳ ଉପରେ ଅଜାଡ଼ିଲା । ଗଳ୍ ଗାଳ୍, ଖଡ଼୍ ଖାଡ଼୍ ହୋଇ ଯେତେବେଳେ ଗୁଡ଼ାଏ ପକୁଡ଼ି, ବରା, ବାଇଗଣି ଥାଳ ଉପରେ ଅଜାଡ଼ି ହୋଇଗଲା, ରମେଶର ମୁହଁ ତଳକୁ ହୋଇଗଲା । ଅଉ ଉପରକୁ ଚାହିଁ ପାରିଲା ନାହିଁ । ରମେଶର ମୁଖର କରୁଣତାଟା ଯେ ରେଖା ଦେବାଙ୍କ ଚକ୍ଷୁ ଏଡ଼ାଇ ପାରିଥିଲା ତାହା ନୁହେଁ । ସେ ପରିଷ୍କାର ବୁଝି ଯାଉଥିଲେ ଗଣ୍ଡଗୋଳ କେଉଁଠି ? ସେ ସଙ୍ଗେ ସଙ୍ଗେ ସେ ଠୋଲାରେ ଦି' ଚାରିଟି ପକୁଡ଼ି ରଖି ନିଜ ପାଖକୁ ଟାଣି ନେଲେ । 'ଆପଣ ହାତ ଚଳାନ୍ତୁ' କହି ନିଜେ ଠୋଲାରୁ ଖାଇ ଟିକିଏ ପାଣି ପିଇଲେ । ରମେଶ ମୁଣ୍ଡରୁ ଗୋଟାଏ ବୋଝ ଖସିଗଲା ପରି ଜଣାଗଲା । ଟିକିଏ ପ୍ରକୃତିସ୍ଥ ହୋଇ ସେ ପଚାରିଲା, "ହଁ ଆପଣ କଅଣ କହିବେ ବୋଲି ଆସିଥିଲେ କହନ୍ତୁ ।"

"ଆରେ ମୁଁ ତ ଯେଉଁ କଥା ପାଇଁ ଆସିଥିଲି ତାହା ତ ଏପର୍ଯ୍ୟନ୍ତ କହି ନାହିଁ । ହଁ—ପ୍ରଦର୍ଶନୀରେ ଦିଆହୋଇଥିବା 'ଅଶା' ଚିତ୍ରଟି ଆପଣ କରିଛନ୍ତି ?"

"ହଁ ।"

"ତାହା କଅଣ ବିକ୍ରୀ ହେବ ନାହିଁ ?"

—ଶହେବୁଇ—

Digitized by srujan ka@gmail.com

"ଯଦି କେହି ତାହାକୁ କ୍ରୟ କରେ ତେବେ ମୁଁ ତହିଁରେ ବାଧା ଦେବି ନାହିଁ ।"

"ଛବିର ମୂଲ୍ୟ କେତେ ?"

"ତାହା କ୍ରେତା ସ୍ଥିର କରିବେ ।"

"ଏ ତ ବଡ଼ ଅସମ୍ଭବ କଥା ! ଧରନ୍ତୁ ଜଣେ ଟଙ୍କାଟାଏ ଦେଇ ତାହା ନେବାକୁ ଇଚ୍ଛା କରିବ, ତେବେ ?"

"ସେ ଭୟ ମୋର ନାହିଁ । ମୁଁ ଭଲ କରି ଜାଣେ ଯେ କଳା ଅନଭିଜ୍ଞ ବ୍ୟକ୍ତି ମୋର ଛବିକୁ ଟଙ୍କାଟିଏ ସୁଦ୍ଧା ଦେଇ ନେବାକୁ ଇଚ୍ଛା କରିବେ ନାହିଁ । ଆଉ ଯାହାଙ୍କର କଳା ବିଷୟରେ କିଛି ଅଭିଜ୍ଞତା ଥିବ ସେ କଳାର ବୈଶିଷ୍ଟ୍ୟ ଦେଖି ଉପଯୁକ୍ତ ଦାମ ଦେବେ । କଳାଭିଜ୍ଞ ବ୍ୟକ୍ତି ବିନା ମୂଲ୍ୟରେ ନେଲେ ବି ମୋର ଆପତ୍ତି ନାହିଁ । କିନ୍ତୁ ଧୁଷ୍ଟଚିତ୍ ଅଧିକ ମୂଲ୍ୟ ନେଇ ସୁଦ୍ଧା କଦଳୀ ବିକି କରିବା ମୋର ନୀତି ବିରୁଦ୍ଧ ।"

"ସେ ଛବିଟି ମୋର ଖୁବ୍ ପସନ୍ଦ ହୋଇଛି । ମୁଁ ସେଇଟି ନେବି । ଆପଣ ଆଉ କାହାକୁ ଦେବେ ନାହିଁ ।"

"ଆପଣଙ୍କର ଚିନ୍ତିତ ହେବାର କାରଣ କିଛି ନାହିଁ । ମୋର ଦୃଢ଼ ବିଶ୍ୱାସ ସେ ଛବିକୁ ଆଉ କେହି ନେବାକୁ ବୋଧହୁଏ ଆଗ୍ରହ କରିବେ ନାହିଁ । ପ୍ରଦର୍ଶନୀରୁ ଆସିଲେ ମୁଁ ସେ ଛବିଟି ଆପଣଙ୍କ ପାଖକୁ ପଠାଇ ଦେବି । ସେ ଛବିରେ କିଛି ନୂତନ ଧରଣର ବର୍ଣ୍ଣ-ବିନ୍ୟାସ ହୋଇଛି କି ?"

କେତେଗୁଡ଼ିଏ ଛବି ବହୁ ସମୟ ଧରି ଚାହିଁଲେ ଆଖିରେ ଏକପ୍ରକାର ଅବସାଦ ଆସିଯାଏ ଏବଂ ଆଉ ଚାହିଁବାକୁ ଇଚ୍ଛା ହୁଏ

Digitized by srujan ka@gmail.com

ନାହିଁ । କିନ୍ତୁ ସେ ରଙ୍ଗଟିକୁ ଯେତେ ଚାହିଁଲେ ସୁଦ୍ଧା ଟିକିଏ ହେଲେ ଅବସାଦ ଆସେ ନାହିଁ । ଇଚ୍ଛା ହୁଏ ଅଧିକ ଦେଖିବାକୁ । ଏହାର କାରଣ କଅଣ ?"

"ଆପଣ ବୋଧହୁଏ ଜାଣିଥିବେ ଦୃଶ୍ୟମାନ ବର୍ଣ୍ଣାଳୀରେ ଥିବା ପ୍ରତ୍ୟେକ ରଙ୍ଗର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଦୈର୍ଘ୍ୟବିଶିଷ୍ଟ ତରଙ୍ଗ ଅଛି । ଆମର ଦର୍ଶନେନ୍ଦ୍ରିୟ ପ୍ରତ୍ୟେକ ଦୃଶ୍ୟମାନ ରଙ୍ଗକୁ ଦେଖିବା ନିମିତ୍ତ ତାହାର ତରଙ୍ଗ ସହିତ ନିଜର ଅନୁଭବ ଶକ୍ତିର ସାମଞ୍ଜସ୍ୟ ଆଣେ । ଦୃଶ୍ୟମାନ ବର୍ଣ୍ଣାଳୀର ବାହାର ରଙ୍ଗର ତରଙ୍ଗ ସହିତ ନିଜର ଅନୁଭବ ଶକ୍ତିର ସାମଞ୍ଜସ୍ୟ ଆଣି ପାରେ ନାହିଁ ବୋଲି ତାହା ଦେଖି ପାରେ ନାହିଁ । ଦୃଶ୍ୟମାନ ବର୍ଣ୍ଣାଳୀରେ ନାରଙ୍ଗୀ ରଙ୍ଗଠାରୁ ବାଇଗଣୀ ରଙ୍ଗ ପର୍ଯ୍ୟନ୍ତ ତରଙ୍ଗଗୁଡ଼ିକ କ୍ରମେ ଦୀର୍ଘତର ହୋଇଅଛି । ତେଣୁ ନାରଙ୍ଗୀଠାରୁ ବାଇଗଣୀ ପର୍ଯ୍ୟନ୍ତ ବର୍ଣ୍ଣ କ୍ରମାନ୍ୱୟରେ ଦେଖିଲେ ଦର୍ଶନେନ୍ଦ୍ରିୟକୁ କ୍ରମାନ୍ୱୟରେ ଅନୁଭବ ଶକ୍ତି ବଦଳାଇବାକୁ ପଡ଼େ । ତେଣୁ ଚକ୍ଷୁର ବେଶୀ ଅବସାଦ ଆସେ ନାହିଁ । କିନ୍ତୁ ହଠାତ୍ ନାରଙ୍ଗୀ ପରେ ବାଇଗଣୀ ଓ ତାହାପରେ ହଠାତ୍ ହଳଦିଆ ଦେଖିଲେ ଦର୍ଶନେନ୍ଦ୍ରିୟର ଅନୁଭବ ଶକ୍ତିର ହଠାତ୍ ତୀକ୍ଷ୍ଣ ପରିବର୍ତ୍ତନ ଘଟେ । ଏହି ତୀକ୍ଷ୍ଣ ପରିବର୍ତ୍ତନ ବହୁ ସମୟ ଧରି ଚାଲିଲେ ଚକ୍ଷୁରେ ଅବସାଦ ଆସେ । ରଙ୍ଗରେ ମଧ୍ୟ ଏହି ନିୟମ ଅନୁଯାୟୀ କ୍ରମାନ୍ୱୟରେ ବର୍ଣ୍ଣବିନ୍ୟାସ କଲେ ଚକ୍ଷୁରେ ତୃପ୍ତି ଆସେ ଓ ଏହାର ବ୍ୟତିକ୍ରମରେ ଅବସାଦ ଆସେ ।"

"କିଛି ବୁଝି ପାରିଲି ନାହିଁ ।"

"ଅଚ୍ଛା ଗୋଟିଏ ଲୋକ ଗୋଟିଏ ଉଚ୍ଚସ୍ଥାନରୁ ନୀଚସ୍ଥାନକୁ ଯିବା ଆସିବା କରୁଅଛି । ସେ ଯଦି ଉଆଁମାରି ଉପରକୁ ତଳକୁ

—ଶହେବର୍ଷ—

Digitized by srujan ka@gmail.com

ଯିବା ଅସିବା କରେ ତେବେ ଅଳ୍ପ ସମୟରେ ତାର ଅବସାଦ ଅସିଯିବ । କିନ୍ତୁ ଯଦି ଟିସୁ କେତେଗୁଡ଼ିଏ ପାହାଚ ଦେଇ ଯିବା ଅସିବା କରେ ତେବେ ତାର ସହଜରେ ଅବସାଦ ଅସିବ ନାହିଁ । ସେହିପରି ନାରଙ୍ଗୀଠାରୁ ବାଇଗଣୀର ବ୍ୟବଧାନ ଭିତରେ ଅନ୍ୟାନ୍ୟ ବର୍ଣ୍ଣସବୁ ଗୋଟିଏ ଗୋଟିଏ ପାହାଚ ସଦୃଶ । ଏକା-ବେଳକେ ଦୁଇ ଦୁଇଟି ପାହାଚ ଦେଇ ଗଡ଼ିକଲେ ଯେଉଁ ଅବ-ସାଦ ଅସିବ ତାହା ଗୋଟିଏ ଗୋଟିଏ ପାହାଚ ଦେଇ ଗଡ଼ିକଲେ ଅସିବ ନାହିଁ । ସେହି ରଙ୍ଗ ଟିଏରେ ବର୍ଣ୍ଣ ପରିବର୍ତ୍ତନ ହଠାତ୍ ହଠାତ୍ ନହୋଇ କ୍ରମାନ୍ୱୟରେ ପରିବର୍ତ୍ତନ ହୋଇଅଛି ।"

"କ୍ରମାନ୍ୱୟ ପରିବର୍ତ୍ତନ ଦ୍ୱାରା ରଙ୍ଗ ଟିରେ କି ଏପରି ଫଳ ମିଳେ ?"

"କେବଳ ରଙ୍ଗ କାହିଁକି, ଜଗତର ସମସ୍ତ ଜିନିଷ ଏହି ନିୟମରେ ବନ୍ଧା । ଅତି ସୂକ୍ଷ୍ମ ଭାବରେ ତାପର ପରିବର୍ତ୍ତନ କରି ମଣିଷକୁ ବରଫପରି ଥଣ୍ଡା ଓ ଫୋଟକା ବାହାରିବା ପରି ଗରମ କରି ମାରିଦେଲେ ସୁଦ୍ଧା ତାର ବିଶେଷ କଷ୍ଟ ହେବ ନାହିଁ । ଅଥଚ ହଠାତ୍ ଥଣ୍ଡା ପାଣି ତା ଉପରେ ଢାଳି ଦେଲେ ସେ ଦାରୁଣ କଷ୍ଟରେ ଚିତ୍କାର କରି ଉଠିବ ।"

ଏହିପରି ରମେଶ ଅନର୍ଗଳ କହି ଯାଉଥିବା ଓ ରେଖା ଦେବୀ ଚକ ଚକ୍ କରି ପିଇ ଯାଉଥିବା ସମୟରେ, ହାର୍ଦ୍ଦ୍ୱାରଗାଡ଼ି ଭିତରୁ ଭଁ,ଭଁ,ଭଁ ଅବାଜ ବାହାରିଲା । "ମୁଁ ବର୍ତ୍ତମାନ ଯାଉଛି, ପ୍ରଦର୍ଶନୀ ସରିଗଲେ ରଙ୍ଗଟି ଅସି ନେଇ ଯିବି—ନମସ୍କାର" କହି ରେଖା ଦେବୀ ବିଦାୟ ନେଲେ । ଯାନଯାନରେ ବସି ଘରକୁ ଫେରୁଥିବା ବେଳେ ଭାବୁ ଥାଅନ୍ତି—'ରଙ୍ଗ ବିଦ୍ୟାରେ

—ଶହେପାଞ୍ଚ—

Digitized by srujan ka@gmail.com

କେତେ ଧୁରନ୍ଧର ! କଳାରେ କେତେ ଗଭୀର ଜ୍ଞାନ ! କେତେ ଭଦ୍ର ଓ ନମ୍ର ! କି ସରଳତା !…ହାୟ ! ତୁ ପଟି କେବଳ ସବୁ ଘୋଡ଼ାଇ ପକାଉଛୁ ।…ସାଙ୍ଗକୁ ମିଳିଛୁ ପୁଣି ସଢ଼ଅ ଓ ଅଢ଼ ଗୋଟିଏ କାଲ୍ । ତେନୋଟି କୋଇଲି ତିନି ଅଡ଼ୁ ଆସି ଗୋଟିଏ ଗବ ଗଛରେ ଆଶ୍ରା ନେଇ ଅଛନ୍ତି । ତାଙ୍କ ମନକୁ ତ ବୋବେଇ ବୋବେଇ ଉଡ଼ିପିବେ । କେହି କଅଣ ସେ ମଧୁର ସ୍ୱର ଶୁଣି ପାଇବେ ନାହିଁ ?''…ଯୁାଡ଼େ ରମେଶ ବି ଭାବୁଥାଏ "ଗୋଟିଏ ଧନାଢ୍ୟ ଯୁବତୀ ଏତେ ନମ୍ର ହୋଇ ପାରନ୍ତି ! ମୋ ଇଜ୍ଜତ ରଖିବାକୁ ଯାଇ କି ସରଳ ଭାବରେ ଦଓଟି ପକୁଡ଼ି ଖାଇଦେଲେ ! ଧନୀର ଔଦ୍ଧତ୍ୟ ତାଙ୍କୁ ସ୍ପର୍ଶ ସୁଦ୍ଧା ତ କରିନାହିଁ । ବୋଧହୁଏ ବିବାହ କରି ନାହାନ୍ତି । ମୁଣ୍ଡରେ କାହିଁ ସିନ୍ଦୁର ଚିହ୍ନିତ ଦେଖିଲି ନାହିଁ ! ଏପରି ଅନିନ୍ଦ୍ୟ ସୁନ୍ଦରୀ ଗୁଣବତୀ ଧନୀକ କନ୍ୟା ବିବାହ କରି ନାହାନ୍ତି କାହିଁକି ? ତେବେ କଅଣ ସେ ଚମ୍ପାଫୁଲ ? ହାୟ ! ମୋର ଅବସ୍ଥା ଯଦି ଏପରି ନ ହୋଇ ଥାଆନ୍ତା—"

ଏହିପରି ଭାବୁ ଭାବୁ ରମେଶ ହାତଟି ତା ମୁହଁରେ ଢସ୍କୁଥିଲା । ଠିକ୍ ସମୟରେ ଅଙ୍ଗୁଠିଟି ନାକ ସ୍ଥାନରେ ହୋଇଥିବା ଗାତକୁ ଅନୁଭବ କଲା । ଚମକି ପଡ଼ି ରମେଶ ଭାବନାର ଗତିକୁ ହଠାତ୍ କ୍ଷିପ୍ର ବେଗରେ ବଦଳାଇ ଦେଇ ସଢ଼ଅ ଅଢ଼କୁ ଚାହିଁଲା ଓ ପୁଣି ଭାବିବାକୁ ଲାଗିଲା—"ନିଜର ପ୍ରାଣକୁ ତୁଚ୍ଛ କରି ମୋ ପ୍ରାଣକୁ ବଞ୍ଚାଇଛି, ଅଥଚ ତା ପ୍ରକାଶ କରି ନାହିଁ । ଦୁନିଆଁର ଆଖିରେ ମୂର୍ଖ ସଢ଼ଅର ହୃଦୟ ପ୍ରଶାନ୍ତ ମହାସାଗରଠାରୁ ଗମ୍ଭୀରତର । ଏ ଋଣ ତାହାର ମୁଁ କିପରି ଶୁଝିବି ? ନା, ଏ ଋଣ କେହି କାହାକୁ କେବେ ଶୁଝି ପାରି ନାହିଁ । ଏ ଋଣ କି ଶୁଝି ହୋଇ ପାରିବା ଋଣ ନୁହେଁ ? ଓଃ, ମୋତେ ଏ ଦୁର୍ବହ ଋଣଗ୍ରସ୍ତ କାହିଁକି

Digitized by srujan ka@gmail.com

ଭଲ୍ ସତଅ !" ଭାବନାର ଶେଷ ଅଡ଼କୁ ତା ପାଟିରୁ ବାହାରି ପଡ଼ିଲା, "ଓଃ ! ସତଅ !" ସତଅ ବି ରମେଶ ଅଡ଼କୁ ଆଁ କରି ଚାହିଁଥିଲା । ସେ ନିଃସନ୍ଦେହରେ ସ୍ଥିର କରି ନେଲା ଭାଇଙ୍କ ମୁଣ୍ଡ କଅଣ ହୋଇ ଯାଉଛି । ସାଙ୍ଗେ ସାଙ୍ଗେ କୁହାଟି ଦେଲା—"ଆରେ ଭଗିଆ ଡାଳେ ପାଣି ଆଣେ..."

'କଅଣ କହିଲ...?"

"ଆରେ ପାଣି—ପାଣି—"

"କଅଣ କହିଲ ?"

ଆଉ ପାଟି ନକରି ସତଅ ଠାରି ଦେଲା—ବୁଝିବା ଯାଏ ଭଗିଆ ।

ଭଗିଆ ବୁଝିଲା ପରେ ବାଲ୍ଟି ଖଣ୍ଡେ ତ ! ମୁହୂର୍ତ୍ତକ ମଧ୍ୟରେ ଡାଳେ ପାଣି ଆଣି ରମେଣ 'ହାଁ ହା' କରୁ କରୁ ଗବ ଗବ କରି ଢାଳିଦେଲା । "ହାଁ ହାଁ" ତାକୁ କୋଉ ଶୁଭୁଛି ? ପୁଣି ଆଉ ଡାଳେ ପାଣି ପବନ ଧରି ଦଉଡ଼ି ଯାଇ ନେଇ ଆସିଲା । ରମେଶ ସତଅକୁ ପଚାରିଲା, "ଆରେ ପାଣି କାହିଁକି ଢାଳୁଛୁ ?"

"ଏଁ, ମୁଁ ଭାବିଲି ମୁଣ୍ଡ କଅଣ ହୋଇ ଯାଉଛି । 'ସତଅ' 'ସତଅ' କାହିଁକି ହେଲ ?"

"ଏଥରକ ମୋ ମୁଣ୍ଡ ଠିକ୍ ହୋଇଗଲାଣି । ତାକୁ ମନା କର ।"

"ସତଅ ଭଗିଅକୁ ସଙ୍କେତ ଦେବା ପୂର୍ବରୁ ସେ ଖୁବ୍ କମ୍‌ରେ ତିନି ଡାଳ ପାଣି ଢାଳି ସାରିଥିଲା । ସବୁ ଥଣ୍ଡା ହୋଇଯିବା ବାଦ୍ ରମେଣ ପଚାରିଲା, "ହଇରେ ମୁଣ୍ଡ କଅଣ ହେଲେ କଅଣ ମୁଣ୍ଡରେ ପାଣି ଢାଳନ୍ତି ?"

—ଶହେସାତ—

Digitized by srujan ka@gmail.com

"ନାହିଁ ? ତୁମେ କେମିତି ବେଦନ ବମା ମୁଣ୍ଡରେ ଭିଡ଼ ଦେଇଥିଲ—"

"ଓ ହୋ ! ହଁ ଠିକ୍, ଠିକ୍ ଠିକ୍ ।"

ଭଗିଆ ବି ଖୁସିଟାଏ ହୋଇ ଭାବିଲା, "ଯାହା ହେଉ ମୋ ପାଣି-ଭିଡ଼ା ଖୁବ୍ କାମ ଦେଇଛି ।" ଲୁଗା ପାଲଟି ସାରି ରମେଶ ସତିଆକୁ ପଚାରିଲା, "ହଇରେ ଏ ଯେ ଆସିଥିଲେ ତାଙ୍କ ନାଁ କଅଣଟି ?"

"ଭ-ଗ-ବା-ନ, ଏତେ କଥା ବାର୍ତ୍ତା ହେଲା, ନାଁ ଜାଣି ପାରିଲ ନାହିଁ ?"

"ନାଁ ଟା କଅଣ ତାଙ୍କ ଦେହରେ ଲେଖା ହୋଇଥିଲା ?",

"ତାଙ୍କ ନାଁ ପରା ରେଖା ଦେବ ! ମୁଁ ଅରୁଚେଇ ତାଙ୍କ ଘରକୁ ଯାଇଛି । ଓଃ ! କି ବଡ଼ଲୋକ, କେଡ଼େ ବଡ଼ କୋଠା, କେଡ଼େ ସୁନ୍ଦର ଗୋଟାଏ ହାଓ୍ୱାଗାଡ଼ି ! ନାହିଁ ନାହିଁ —ହଁ, ହଁ, ମାନେ—ଏଇ ଗୋଟାଏ ଗାଡ଼ି ।"

"ହଁ ହଁ ମାନେ—ସେ କି ତୋ ଉପରେ ଥରେ ଯାଇଥିଲୁ ଟିକି ।"

ଥକ୍କା ହୋଇ ସତିଆ ରମେଶ ମୁହଁକୁ ଚାହିଁଲା । ମନେ ମନେ ସ୍ଥିର କଲା ସେ ରେଖା ଦେବ ସବୁ କହିଦେଇଛନ୍ତି ।

"ଆଚ୍ଛା ସେ ବାହା ହେଲେଣି ?"

"ନାଇଁ ମ, ବାପ ମାଙ୍କ ଗୋଟିଏ ବୋଲି ଝିଅ, ଧନ ବି ଅଛି ଅନନ୍ତ, ବାହା କାହିଁକି ହୋଇନାହାନ୍ତି କେଜାଣି ।"

"ଆଚ୍ଛା ଭିଦର୍ଶନୀରୁ ସେ ଗୋଟିଏ ଆସିଲେ ତୁ ନେଇଯାଇ ତାଙ୍କୁ ଦେଇ ଆସିବୁ ।"

"ଦାମ୍ କେତେ ଲୁଣ୍ଡି ଛି ?"

"ଦାମ୍ ଫାମ୍ କିଛି ନାହିଁ । ତୁ ଦେଇ ଖାଲି କହିବୁ, ରମେଶ ବାବୁ ଏ ଶବ ପଠାଇ ଅଛନ୍ତି ।"

—ଶେଷ ଆଠ—

Digitized by srujan ka@gmail.com

—୮—

"ରମେଶ ବାବୁ ଏ ଶବ ପଠେଇ ଅଛନ୍ତି ।"

"ସୁଦର୍ଶନାରୁ କଅଣ ଏତେ ଚଞ୍ଚଳ ଶବ ଆସିଗଲା ?"

"ନା, ସେ ମୋତେ ପଠେଇ ଅଣେଇଥିଲେ ।"

"ମୋତେ ଟିକିଏ ଖବର ଦେଇଥିଲେ ମୁଁ ନିଜେ ଯାଇ ନେଇ ଆସି ଥାଆନ୍ତି ।"

"ଖବର ଦେବାପାଇଁ ତ ଆସିବାକୁ ପଡ଼ୁଥାଆନ୍ତା ! ଖାଲି ଆସିବା ଅପେକ୍ଷା ଶବ ନେଇ ଆସିବା କଣ ଭଲ ନୁହେଁ ?"

"ଅରେ ବାଃ ! ସତେଅ ତୁ ତ କଅଣ ଗୋଟିଏ ପଣ୍ଡିତ ପାଲଟି ଗଲୁଣି ।" ସତେଅ ହସିଦେଇ ଟିକିଏ ସିଧା ହୋଇଗଲା । ସମସ୍ତଙ୍କର ଝ ହୋଇଥାଏ । କାରଣ ମନ ସହିତ ଶରୀରର ସମ୍ପର୍କ ଅତି ଘନିଷ୍ଠ । ମନ ପୋଡ଼ିଗଲେ ଶରୀରର କି ହାନି ପହଞ୍ଚେ ତା ଗୁଣା ଅଧିକେ ସମସ୍ତେ ଜାଣନ୍ତି । ମନରେ ଖୁସି ଆସିଲେ ଶରୀରର ସେହିପରି ଲାଭ

Digitized by srujan ka@gmail.com

ପହୁଞ୍ଚେ । ପ୍ରଶଂସା ଶୁଣି ସତ୍ତଆର ମନ ଟିକଏ ମୋଟ ହୋଇଗଲା । ମନଟା ମୋଟ ହୋଇଗଲାରୁ ଶରୀର ଟିକଏ ବି ମୋଟ ହେବାକୁ ଚେଷ୍ଟା କଲା । ଶରୀରଟା ଯେ ପ୍ରକୃତ ମୋଟ ହୋଇଗଲା ତା ନୁହେଁ— ବିରାଡ଼ିଟିଏ ପାଖକୁ କୁକୁରଟିଏ ଗଲେ ସେ ବାଳକୁ ଫୁଲାଇ, ପିଠିକୁ ଉପରକୁ ବଙ୍କେଇ, ନାଶକୁ ଠିଆ କରିଦେଇ, ଟିପ ଅଗରେ ଠିଆ ହୋଇ ଦାନ୍ତ ଦେଖାଇ ଜଣାଇ ଦିଏ ଯେ କୁକୁର ତାକୁ ଯେତେ କ୍ଷୁଦ୍ର ଜନ୍ତୁ ବୋଲି ଭାବନ୍ତୁ ସେ ତାହାଠାରୁ ଯଥେଷ୍ଟ ବଡ଼ । ତାର ଶରୀର ମଧ୍ୟ ସେତେବେଳେ ବଡ଼ ଦେଖାଯାଏ । ଏହିପରି ସତ୍ତଆର ଶରୀର ମୋଟ ହେବାକୁ ଚେଷ୍ଟା କଲାରୁ ମାଂସପେଶୀ ମାନଙ୍କର କାର୍ଯ୍ୟକଳାପ ଦ୍ୱାରା ଟିକିଏ ସିଧା ହୋଇଗଲା । ପ୍ରତ୍ୟେକ ଲୋକର ଏହି ପରିବର୍ତ୍ତନ ହୋଇଥାଏ । ଯାହାର ମନର ଜୋର ବେଶୀ ସେ ଏହି ପରିବର୍ତ୍ତନକୁ ବାହାରେ ଜଣାଇବାକୁ ଦିଏ ନାହିଁ । ମନେ ମନେ ମାରିଦିଏ । ବରଂ ପରିବର୍ତ୍ତନ ହୋଇ ନାହିଁ ବୋଲି ବାହାରେ ଜଣାଇବାକୁ ଚେଷ୍ଟା କରେ । ଅର୍ଥାତ୍ ଆତ୍ମ ପ୍ରବଞ୍ଚନା କରେ । ଏହି ଧରଣର କୌଣସି ଲୋକକୁ ଯଦି କେହି ଉଲଗ୍ନ ପ୍ରଶଂସା କରେ ତେବେ ସେ କହେ, "ମୁଁ କିବା ଛାର ! ବୃଥା କଥାଗୁଡ଼ାଏ କାହିଁକି କହୁଚ । ଏତେ ଉପରକୁ ଟେକ ନା ପଡ଼ିଯିବ" ଇତ୍ୟାଦି । ଅଥଚ ହୃଦୟର କୌଣସି ନିଭୃତ କନ୍ଦରରେ ନିଶ୍ଚୟ ତାଙ୍କର ଟିକିଏ ହେଲେ ଖୁସିର ଉଦ୍ରେକ ହୋଇଥିବ । ଯେଉଁ ଲୋକକୁ ଗାଳି ଦେଲେ କ୍ରୋଧର ଉଦ୍ରେକ ହୁଏ, ସେ ଲୋକକୁ ପ୍ରଶଂସା ବା ଖୋସାମଦ କଲେ ନିଶ୍ଚୟ ତାର ସୁଖ ବା ଆନନ୍ଦର ଉଦ୍ରେକ ହେବଇ ହେବ । ଯାହାର କ୍ରୋଧ ହୁଏ ନାହିଁ, ତାର ସୁଖ ମଧ୍ୟ ହୁଏ ନାହିଁ । ଯେଉଁ ଲୋକର ଏପରି ପ୍ରତିକ୍ରିୟା ନହୁଏ ସେ ମନୁଷ୍ୟ ନୁହେଁ—ସେ ମହାତ୍ମା । ଯେଉଁ

—ଶତେହଦଣ—

Digitized by srujan ka@gmail.com

ଲୋକକୁ ଗାଳିଦେଲେ କିମ୍ବା ତା ପ୍ରତି କୌଣସି ଦୁର୍ବ୍ୟବହାର କଲେ ସେ ରାଗିଯାଏ ଅଥଚ ପ୍ରଶଂସା ବା ଖୋସାମତି କଲେ ବିରକ୍ତ ହୋଇଗଲା ପରି ହୋଇ ପ୍ରତିବାଦ କରେ, ସେ ହଉଛନ୍ତି ଭଣ୍ଡ ଓ ଆତ୍ମ ପ୍ରବଞ୍ଚକ । ଯେଉଁମାନେ ନିଜର ମନର ଦୃଢ଼ତା ହେତୁ କ୍ରୋଧ ବା ଆନନ୍ଦରେ ଭାସି ନଯାଆନ୍ତି ସେହିମାନେ ହିଁ ପ୍ରକୃତ ମନୁଷ୍ୟ । ସାଧାରଣ ମନୁଷ୍ୟର ମନରେ ପ୍ରତିକ୍ରିୟା ନିଶ୍ଚୟ ହେବ ! ଏହା ଜଗତର ଗୋଟାଏ ଧରାବନ୍ଧା ନିୟମ । ଏହି ଧରାବନ୍ଧା ନିୟମ ଫଳରେ ସତ୍ୟଅ ଟିକିଏ ସିଧା ହୋଇଗଲା । ଶବତକ ଧର ସାଙ୍ଗରେ ଭଗିଅ ଯାଇଥିଲା । ସତ୍ୟଅ ବାରମ୍ବାର ଭଗିଅ ଅଡ଼କୁ ଚାହିଁ ବଡ଼ ଅବ୍-ଶୋଷରେ ଭାବିଲା, "ଆଃ ! ରେଖା ଦାଦା ମତେ ଯାହା ପରଶଂସା କଲେ ଭଗିଅ ଯାହା ଶୁଣି ନ ପାରିଲା ! ଏହି କିଛି ସମୟ ପାଇଁ ହେଲେ ତା କାନକୁ ଶୁଭି ଥାଆନ୍ତା କି—।"

ରେଖାଦେବୀ କାଗଜ ଖୋଳକୁ ଅତି ଆଗ୍ରହରେ ଫିଟାଇ ପକାଇଲେ । ଦେଖିଲା ବେଳକୁ ସେହି ଗୋଟିକ ଛବି ଯେ ଥିଲା ତା ନୁହେଁ; ତା ସଙ୍ଗରେ ଦୁଇଟି ବାଛୁରୀ, ଅର୍ଥାତ୍ ଆଉ ଦୁଇଟି ଛବି । ଖଣ୍ଡିଏ କାଗଜରେ ଲେଖାଥିଲା "ଉପଯୁକ୍ତ ସମ୍ମାନର ଚିହ୍ନ ସ୍ୱରୂପ ଏ ଛବି ତିନୋଟି ଉପହାର ଦେଲି ।" ଆନନ୍ଦରେ ବିଭୋର ହୋଇ ରେଖା ଦେବୀ ଛବିଗୁଡ଼ିକୁ ଚାହିଁ ଥାଆନ୍ତି । ସତ୍ୟଅ ଦୁଇଥର କହି ସାରିଲାଣି "ଦାଦା ମୁଁ ଯାଉଛି," ସାଡ଼େ ନଜର ନାହିଁ । ଆଉ ଥରେ କହିଲାରୁ ରେଖା ଦେବୀଙ୍କ ଧ୍ୟାନ ଭାଙ୍ଗିଲା । ପଚାରିଲେ, "ହଁ କଣ କହିଲୁ ?"

"ମୁଁ ତେବେ ଯାଉଛି ।"

"ଉଁ ହୁଁ— ଦକ୍ଷିଣଯାକ ଆସିଛ ସେମିତି କେମିତି ଚାଲିଯିବ । ମୁଁ ଯେତେବେଳେ ତୁମ ଘରକୁ ଯାଇଥିଲି, ଖାଲି

Digitized by srujan ka@gmail.com

କିଅଣ ଫେର ଅସିଥିଲ ? ଦା'ଙ୍କଣସାଙ୍ଗ ଏଠି ବସ, ମୁଁ ଅସୁଛି । ଦୀନାକୁ ଜଳଖିଆ ଆଣିବାର ବନ୍ଦୋବସ୍ତ କରାଇ ରେଖାଦେବୀ ପୁଣି ଘରକୁ ଅସିଲେ । ଶଙ୍କର ପାଣି ଟୋପାଏ ସେଠାରେ ଥୋଇ ଦେଇ ଚାଲିଗଲା । ସତିଅ "ଟିକିଏ ବାହାରରୁ ଅସୁଛି" କହି ଚାଲି-ଗଲା । ରେଖାଦେବୀ ବଡ଼ପାଟିରେ ଝିଅକୁ କହିଲେ, "ମୁହଁ ହାତ ଧୋଇ ପକା"—ଝିଅକୁ ଯେତେବେଳେ ଯେତେ ଜୋରରେ ଯାହା ପଚାରିବ, ଉତ୍ତର ନିଶ୍ଚେ ହବ "କଅଣ କହିଲ ?" ଥରେ ଦିଥର "କଅଣ କହିଲ" ଶୁଣି ରେଖାଦେବୀ ଠାରି ଢାଳ ଦେଖାଇ ଦେଲେ । ଝିଅ କଅଣ ବୁଝିଲା କେଜାଣି ସାଙ୍ଗେ ସାଙ୍ଗେ କହିଦେଲା—"ହଁ ଘଣ୍ଟିମୁଣ୍ଡାରେ ମିଳେ ।" ରେଖାଦେବୀ ଥୋଡ଼ାଏ ଅଗ ହସିଦେଲେ । ପୁଣି ପ୍ରକାରେ ଠାରିଲେ । ଦ୍ୱିତୀୟ ଠାରରେ ଉତ୍ତର ଅସିଲା, "ହଁ ମଜବୁତ ଢାଳ ।" ତୃତୀୟରେ ଉତ୍ତର ଆସିଲା, "ନାହିଁ ଅମର ଏମିତିଆ ଢାଳ ନାହିଁ ।" ରେଖା ଦେବୀ ଆଉ କଅଣ ଠାରିବେ ବୋଲି ଭାବୁ ଅଛନ୍ତି ଏହି ସମୟରେ ସତିଅ ଅସି ପହଞ୍ଚିଲା । ତାର ଘଡ଼ି ଘଣ୍ଟିଅ ପାଠି ଓ ଉପଯୁକ୍ତ ଠାର ଦ୍ୱାରା ଝିଅ ମୁହଁ ଧୋଇବାକୁ ଗଲା । ଭାଲ ଠାର ଭାଲ ମା ଜାଣେ । ଝିଅର ଠାର ସତିଅ ଜାଣେ । ରେଖା ଦେବୀ ତା ବାଗ ଜାଣିବେ କୁଆଡ଼ୁ ? ତା'ପରେ ଠାରର କଳାଟା କିଛି କମ ଜଟିଳ ନୁହେଁ । ଜୀବ ଜଗତର ପ୍ରଥମ ଭାଷା ହଉଛି ଠାର । ଏହି ଠାର-ଦ୍ୱାରାହିଁ ପ୍ରଥମେ ସମସ୍ତେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରନ୍ତି । ଧୀରେ ଧୀରେ ଏହି ଠାରର କ୍ରମ ବିକାଶ ହୋଇ ଭାବ ଆଦାନ ପ୍ରଦାନର ନାନାପ୍ରକାର ଉପାୟ ସୃଷ୍ଟି ହୋଇଅଛି । ସାଙ୍କେ-ତିକ ଭାଷା, ପ୍ରାଚ୍ୟ ନୃତ୍ୟ କଳା ଏହି ଠାରରହିଁ କ୍ରମ ବିକାଶ । ଠାର ବିଶେଷଜ୍ଞମାନେ ବିଦେଶରେ ବି ସ୍ଥାନୀୟ ଭାଷାର ସାହାଯ୍ୟ

Digitized by srujan ka@gmail.com

ବିଶେଷ ଦରକାର କରନ୍ତି ନାହିଁ । ତାଙ୍କର ନିଜର ଭାଷାରେ ସମସ୍ତ କାମ ଚଳାଇ ନିଅନ୍ତି । ଥରେ କେତେଜଣ ଇଂରେଜ ଭଦ୍ର-ଲୋକ ରୁଷିଆ ଭ୍ରମଣରେ ଯାଇଥିଲେ । ଗୋଟିଏ ସହରରେ ବୁଲି ବୁଲି ଗୋଟିଏ ଦୋକାନରେ ସଉଦା କରିବାକୁ ଗଲେ । ଦୋକାନୀଟି ଇଂରାଜୀ ଭାଷା ଜାଣିନଥାଏ କି ଭ୍ରମଣକାରୀମାନେ ସ୍ଥାନୀୟ ଭାଷା ଜାଣି ନ ଥାନ୍ତି । ଏମାନଙ୍କର କୁକୁଡ଼ା ଅଣ୍ଡା କିଣି-ବାର ଥିଲା । ନାନା ଭାଷାରେ କହିଲେ ସୁଦ୍ଧା ଦୋକାନୀଟି ବୁଝି-ପାରିଲା ନାହିଁ । ଭ୍ରମଣକାରୀଙ୍କ ମଧ୍ୟରେ ଜଣେ ଠାର-ବିଶେଷଜ୍ଞ ଥିଲେ । ସେ ହଠାତ୍ ଠିକ୍ କୁକୁଡ଼ା ପରି ଫଡ଼୍ ଫଡ଼୍ କରି ଏପାଖ ସେପାଖ ହେଲା ଭଳିଆ ଦୁଇ ହାତ ହଲାଇ, ଏପାଖ ସେପାଖ ହୋଇ "କକ୍ କକ୍ କକ୍ କକାଁଅଁ' 'କକ୍ କକ୍ କକ୍ କକାଁଅଁ' ବୋଲି ପାଟି କଲେ । ତା'ପରେ ହାତ ପଛଆଡ଼କୁ ନେଇ ଅଙ୍ଗୁଠିଗୁଡ଼ିକ ଅଣ୍ଡାକାର କରି ପୁଣି ଦୋକାନୀକୁ ଦେଖାଇଲେ । ଦୋକାନୀଟି ତତ୍‌କ୍ଷଣାତ୍ କୁକୁଡ଼ା ଅଣ୍ଡା ଆଣି ଦେଲା । ଏହିପରି ଠାର ଦ୍ୱାରା ନିତାନ୍ତ ଅଜ୍ଞ ଲୋକମାନେ ମଧ୍ୟ ପୃଥିବୀ ପର୍ଯ୍ୟଟନ କରି ପାରୁଅଛନ୍ତି । ଏ ଭାଷାଠାରୁ ଅଧିକ ସୁବିଧାଜନକ ଭାଷା ଆଉ କଣ ହୋଇପାରେ ? ଭଉଣୀଙ୍କୁ ଅଧିକାଂଶ ସମୟ ଠାରିବାକୁ ପଡ଼ୁଥିବାରୁ ସଭିଆ ଠାରି ଠାରି ଗୋଟିଏ ଠାର-ବିଶେଷଜ୍ଞ ପାଲଟି ଯାଇଥାଏ । ତାର ଠାରିବାର କୌଶଳ ଦେଖି ରେଖା ଦେବୀ ବି ପ୍ରଶଂସା ନକରି ରହି ପାରିଲେ ନାହିଁ । ଜଳଖିଆ ଆସିବାରୁ ଦୁ'ଜଣଯାକ ଖାଇ ବସିଲେ । ରେଖା ଦେବୀ ପାଖରେ ବସି ପଚାରିଲେ—"ହଇରେ ସଭିଆ, ରମେଶ ବାବୁତ ତତେ ଉପହାର ଦେଲେ ବୋଲି ଲେଖି ଦେଇଅଛନ୍ତି, ବିନା ଦାମରେ ମୁଁ କେମିତି ନେବି କହିଲୁ—।"

—ଶେଷ—

"ସେଥିରେ କଅଣ ଅଛି ? ନାହାଁତ ପଦ ଭଲ ନ ଲାଗେ ତେବେ ଆପଣ ଗୋଟାଏ କଛି ଜିନଷ ସେମିତ ଉପହାର ଦେଇ ଦେବେନ ।"

"ଅଚ୍ଛା କହିଲ କଅଣଟିଏ ଉପହାର ଦେଲେ ଭଲ ହେବ ।"

"ସେ ଯେ କଅଣ ଭଲ ପାଆନ୍ତି ତା ମୁଁ ଅଜାଯାଏ ଜାଣି ପାରିଲି ନାହିଁ । ଆପଣ ନିଜେ ଯାଇ ପଗ୍ଗରନ୍ତୁ କଅଣ ତାଙ୍କୁ ଭଲ ଲାଗେ ।"

"ଅଚ୍ଛା ମୁଁ ବି ତୁମ ସାଙ୍ଗରେ ଆଜି ଯିବି ।"

ଲକ୍ଷ୍ମିଆ ସବୁବାରୁ ରେଖା ଦେବୀ ଗ୍ରହରଙ୍କୁ, ଗାଡ଼ି ଆଣିବାକୁ ଗ୍ରାଲକ ପାଖକୁ ଖବର ଦେଲେ । ଗାଡ଼ି ଆସିଲା । ରେଖା ଦେବୀ କହିଲେ, "ସତିଆ ତୁମେ ଦାକ୍ଷିଣ ଗାଡ଼ିରେ ବସ, ସାଙ୍ଗ ହୋଇ ଯିବା ।" ସାହାଁ ଉତର ଦେଇ ଗାଡ଼ି ଗଲାବେଳେ ସତିଆ ପୁଣି ଟିକିଏ ସିଧା ହୋଇ ବସିଗଲା । ଭାବିଲା—ଆଜି ସାହାଁବାଲା ଜାଣିବେ ମୋ ଥାନ କୋଉଠି । ସାହାଁବାଲା ବି ଗାଡ଼ି ଭିତରେ ସତିଆ ଓ ଝିଅଟିକୁ ଦେଖି ଅବାକ୍ । କିଏ କହିଲା, "କପାଳ ଖୋଲିଗଲାରେ—" କିଏ କହିଲା, "ଆରେ ଲଳିତା ବିଶାଖାରେ, ରାଧାକୁ ଧରି କୁଞ୍ଜ ଆଡ଼େ କଅଣ ଦାଣ୍ଡେଇଚନ୍ତି ।"

ଗୋପୀ ତ ରାମନାମୀର ଗାୟକ । ରାମନାମୀ ଗୀତ ସବୁ ତା ମୁହଁରେ । ସେ କଅଣ ଆଜି ଅନ୍ୟମାନଙ୍କ ପରି କହିବ ? ପଗ୍ଗରିଲା, "ଆରେ କୁଞ୍ଜର କୃଷ୍ଣ, ନାକଟା ଶବ୍ଦ କର ନା ?"

"ଆରେ ହୋଇ ହୋଇ ହୋ—"

"ଧନ୍ୟ ତା ନାକକୁ ଉପମା ଦେବାକୁ ନାହିଁ ନା ଏ ଯୁଗ ଭୂବନରେ"

—ଶହେ ଚଉଦ—

Digitized by srujan ka@gmail.com

ଯିଦେଇ କହିଲ; "ଅଟେ ଚେ ଖୀଠା ଅଜ୍ ଥରେ ଅସିଥିଲ, ତା ନାକରୁ କଣ ଚଟକ ପାଇଲ କେଜାଣି ଅଜ ପୁଣି କଣ ଆସିଲଣି।"

ଏମିତିଆ ହାତୀ ପଛରେ କୁକୁର ଭୁକାକୁ ପଷ୍ଟରେ କିଏ ? ରେଖା ଦେବୀ ଘର ଭିତରକୁ ପଶିଯାଇ ହସି ହସି କହିଲେ— "ରମେଶ ବାବୁ ନମସ୍କାର।"

"ଆପଣ। ନମସ୍କାର, ଆରେ ହଠାତ୍..."

"ହଁ ହଁ, ମୁଁ। ଧନ୍ୟବାଦ ଦେବକୁ ନଆସିବ ବା କପର ?"

"ଆପଣ ଆସିପାରନ୍ତି, କିନ୍ତୁ ଧନ୍ୟରୁ ବାଦ ଦେବେ କାହିଁକି, କି ଦୋଷ କରିଛି ?"

ହସି ହସି ରେଖା ଦେବୀ କହିଲେ, "ଆପଣଙ୍କର ଦୋଷ ଅତି ଗୁରୁତର। ଆପଣ ଜାଣନ୍ତି ଯେ ସେହି ଚିଏସ୍ଟୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରିବା ମୋର ସାଧ୍ୟାତୀତ। ତେବେ ସୁଦ୍ଧା ଆପଣ ନିଜେ ମୂଲ୍ୟ ନିର୍ଦ୍ଧାରଣ ନକରି ମୋତେ ମହା ଅସୁବିଧାରେ ପକାଇ ଅଛନ୍ତି। କଣେ ଭଦ୍ର ମହିଳାଙ୍କୁ ଅସୁବିଧାରେ ପକାଇବା ଗୁରୁତର ଅପରାଧ ନୁହେଁ କି ?"

"ନିଶ୍ଚୟ ନିଶ୍ଚୟ, ମୁଁ ବର୍ତ୍ତମାନ ମୂଲ୍ୟ ସଙ୍ଗେ ସଙ୍ଗେ ନିର୍ଦ୍ଧାରଣ କରିଦେଇ ଏହାର ପ୍ରତିକାର କରିବି।"

"ନିର୍ଦ୍ଧାରଣ କରନ୍ତୁ—"

"ମୂଲ୍ୟ ପତ୍ରର ମୋତେ ଆଜି ବିବ୍ରତ ନ କରିବାହିଁ ତାହାର ପ୍ରକୃତ ମୂଲ୍ୟ।"

"ପରିଶ୍ରମର ଉପଯୁକ୍ତ ପାରିଶ୍ରମିକ ଦିଆ ନଗଲେ ମନରେ କଷ୍ଟ ହୁଏ ନାହିଁ କି ?"

—ଶହେ ପନ୍ଦର—

Digitized by srujan ka@gmail.com

"କଷ୍ଟ ହେବା ଉଚିତ ନୁହେଁ । କାର୍ଯ୍ୟ କର ପ୍ରତ୍ୟୁପକାର ଆଶା ରଖିବା ବିଧେୟ ନୁହେଁ । ରେଖାଦେବୀ ! ମନୁଷ୍ୟ ଯାହା ଆଶା କରେ ତାହା ସବୁ ସମୟରେ ପାଏ କି ? ପ୍ରାପ୍ତିର ଆଶା ରଖିଲେ ସିନା ଅପ୍ରାପ୍ତିରେ ଦୁଃଖ ହେବ । କାମନା-ଶୂନ୍ୟ ହୋଇ କାର୍ଯ୍ୟ କଲେ ଦୁଃଖ ଆଉ ଆସିବ କୁଆଡ଼ୁ ?"

"କାମନା-ଶୂନ୍ୟ ହୋଇ ଜଣେ କାର୍ଯ୍ୟ କରିବ କିପରି ? ମନୁଷ୍ୟ ଯେତେବେଳେ ଗୋଟିଏ କାର୍ଯ୍ୟ ଆରମ୍ଭ କରେ ତାର ସମାପ୍ତି ହୁଏ ତାର କାମନା । ନିସ୍ୱାର୍ଥପର ଭାବରେ ଜଣେ ଗୋଟିଏ ରୋଗୀର ସେବା କରେ । କାରଣ ରୋଗୀଟି କିପରି ଭଲ ହେବ ଏହାହିଁ ତାର କାମନା ଥାଏ । ମୁନି ଋଷିମାନେ ତପସ୍ୟା କରନ୍ତି । କାରଣ ଭଗବତ୍-ପ୍ରାପ୍ତି ତାଙ୍କର କାମନା ଥାଏ । ସବୁଠାରୁ ବଡ଼ ଉପଦେଶ ହେଉଛି ନିଷ୍କାମ କର୍ମ କର, ତହିଁରେ ମୋକ୍ଷଲାଭ ହେବ । ମୋକ୍ଷକାମୀ-ମାନେ ନିଷ୍କାମ କର୍ମ କରିବେ କିପରି ? ଏ ପରସ୍ପର ଅସଙ୍ଗତ କଥାକୁ ମୋର ଦଣ୍ଡବତ୍ ।"

"ଆପଣ ଯାହା କହୁଅଛନ୍ତି ତାହା ପ୍ରକୃତରେ ଠିକ୍ । ବଶିଷ୍ଠ ଯୋଗୀମାନେ ବି ନିଷ୍କାମ କର୍ମ କରି ପାରିବେ ନାହିଁ । ସାଧାରଣଙ୍କ କଥା ଛାଡ଼ । ନିଷ୍କାମ କର୍ମ ବୁଝାଇବା ମଧ୍ୟ କଠିନ । ଠିକ୍ ବର୍ଣ୍ଣବୋଧ ପଢ଼ି ନଥିବା ଲୋକଙ୍କୁ ଭଞ୍ଜ କବିତା ବୁଝାଇବା ପରି । ତେଣୁ ପ୍ରଥମେ ପରୋପକାର, ନିସ୍ୱାର୍ଥପର କାର୍ଯ୍ୟ । ପ୍ରତ୍ୟୁପକାର ଆଶା ନରଖି କାର୍ଯ୍ୟ ଧୀରେ ଧୀରେ କରି ଅଭ୍ୟସ୍ତ ହୋଇ-ଗଲେ, ନିଷ୍କାମ କର୍ମ କଅଣ ଜଣା ପଡ଼େ । କ୍ରମେ କ୍ରମେ ନିଷ୍କାମ କର୍ମ ପଥରେ ଅଗ୍ରସର ହେଉଥିବା ଲୋକମାନେ ଭଗବାନ୍ ମୋକ୍ଷ, ଇତ୍ୟାଦି ବିଷୟ ଭୁଲି ଯାଆନ୍ତି । ଜଣେ ମହାତ୍ମାଙ୍କ ଓ

Digitized by srujan ka@gmail.com

ପାଗଳ ଭିତରେ ପାର୍ଥକ୍ୟ ଦେଖାଇବା ଯେପରି କଷ୍ଟକର, ଜଣେ ନିଷ୍କାମକର୍ମୀ ଓ ଗୋଟିଏ ପଶୁ ଭିତରେ ପାର୍ଥକ୍ୟ ଦେଖାଇବା ସେହିପରି କଷ୍ଟକର । ସାଧାରଣ ମନୁଷ୍ୟ ପକ୍ଷରେ ନିଷ୍କାମ କର୍ମ ବୁଝିବା କଷ୍ଟକର, କରିବା ତ ଦୂରର କଥା ।"

ଅଚ୍ଛା ଅପଣଙ୍କର ନିଜ ମୂଲ୍ୟରେ ଚିଜଗୁଡ଼ିକ ଦେବା ମୂଳରେ କିଛି କାମନା କଅଣ ଅଛି, ନା ଆପଣ ଜଣେ ନିଷ୍କାମ କର୍ମୀ ? କାହିଁ ପଶୁର ଲକ୍ଷଣ ଅପଣଙ୍କଠାରେ କିଛି ଦେଖୁନାହିଁ ତ ।"

"ଅଛି ରେଖା ଦେବୀ, କାମନା ଅଛି । ଅପଣଙ୍କର ଉପସ୍ଥିତି ଓ ବ୍ୟବହାରରେ ମୁଁ ଯେଉଁ ଆନନ୍ଦ ପାଉଅଛି ତାର ମୂଲ୍ୟ ଏ ଚିଜଠାରୁ ଢେର ବେଶୀ । ବରଂ ମୁଁ ଅଳ୍ପ ମୂଲ୍ୟ ଦେଇ ଖସିଯିବାକୁ ଚେଷ୍ଟା କରୁଛି ।" ଲଜ୍ଜା, ଆନନ୍ଦ, ମୁରୁକି ହସ ଏକାଠି ଫେଣ୍ଟି ମୁହଁରେ ବୋଳି ଦେଲେ ଯେପରି ଦିଶେ, ରେଖା ଦେବୀଙ୍କ ମୁହଁ ଠିକ୍ ସେମିତି ଦିଶିଲା । ସେ ମନେ ମନେ ଭାବିଲେ—ନା ଯାଙ୍କୁ ଆଉ କଥାରେ ପାରି ହେବ ନାହିଁ । ସତ୍ତ୍ୱ କଥାନୁଯାୟୀ ତାଙ୍କର ଭଲ ପାଉଥିବା କୌଣସି ଜିନିଷ ଉପହାର ଦେଇଦେଲେ ଠିକ୍ ହେବ । ନ ନେଲେ ଠିକ୍ ତାଙ୍କରି କଥାରେ ତାଙ୍କୁ ସାବାଡ଼ି କରିଦେବ ।

"ଅଚ୍ଛା ଅପଣ କଅଣ ଭଲ ପାଆନ୍ତି ?"

"ନିଜର କର୍ତ୍ତବ୍ୟ କର୍ମ କରିବାକୁ ଭଲ ପାଏଁ ।"

"ଉଁ ହୁଁ, କୋଉ ଜିନିଷକୁ ଅପଣ ଭଲ ପାଆନ୍ତି ?"

"ଯାହାକୁ ଅଗରେ ଦେଖେ ତାକୁ ଭଲ ପାଏ ।"

"ଉଁ ହୁଁ, ମୁଁ ଅପଣଙ୍କ ଚିଜକୁ ରଖିବାକୁ ଭଲ ପାଏ, ସେହି-ପରି ଅପଣ କଅଣ ରଖିବାକୁ ଭଲ ପାଆନ୍ତି ?"

—ଶହେସତର—

Digitized by srujan ka@gmail.com

"କେବଳ ଭଲ ବା କେବଳ ମନ୍ଦ ଜିନଷ ପୃଥିବୀରେ କିଛି ନାହିଁ । ପ୍ରତ୍ୟେକ ଜିନିଷରେ ଭଲ ମନ୍ଦ ଉଭୟ ମିଶି ରହିଅଛନ୍ତି । ଯେଉଁଠାରେ ଯେତକ ଭଲ ଅଛି ସେଥିରେ ସେତକ ମନ୍ଦ ଅଛି । ଆମର ବୁଝିବାହିଁ କେବଳ ଭ୍ରମ । କେଉଁଠାରେ କେବଳ ଭଲଟା ଆମ ଦୃଷ୍ଟିରେ ପଡ଼େ ବୋଲି ଅମେ ଭାବୁ ଭଲ । କେଉଁଠାରେ କେବଳ ମନ୍ଦ ଆମ ଦୃଷ୍ଟିରେ ପଡ଼େ ବୋଲି ଅମେ କହୁ ମନ୍ଦ । ଭଲ କରି ବିଶ୍ଳେଷଣ କରି ଦେଖିଲେ ପରିଷ୍କାର ଜଣାପଡ଼ିବ, ଯେତେ ବାଜିଁଶକୁ ସେତେ ପୋଲ । ତେଣୁ କୌଣସି ଜିନିଷଟିକୁ ପୂରା ଭଲ ପାଇବା ଉଚିତ ନୁହେ, କାରଣ ତହିଁରେ ମନ୍ଦ ବି ଅଛି ଓ ଘୃଣା କରିବା ଉଚିତ ନୁହେଁ କାରଣ ତହିଁରେ ଭଲ ବି ଅଛି । ଅତଏବ ମଧ୍ୟ ଆପଣ ଯେଉଁ ଭଲ ପାଇବା କଥା କହୁଅଛନ୍ତି ତାହା ପ୍ରକୃତରେ ଭଲ ପାଇବାଠାରୁ ପୃଥକ୍ ।"

"ଭଲ ପାଇବା କଅଣ ଦୁଇ ରକମର ଅଛି ?"

"ଅଛି, ଠିକ୍ ଅଯୋଧ୍ୟାର ପୁଣ୍ୟଶ୍ଳୋକ ରାଜା ରାମଚନ୍ଦ୍ରଙ୍କର ତାଙ୍କ ପ୍ରଜାଙ୍କୁ ଭଲ ପାଇବା ଓ ଗୋଟିଏ ମଦ୍ୟପର ମଦ୍ୟକୁ ଭଲ ପାଇବା ଯେପରି ଦୁଇ ପ୍ରକାରର । ଗୋଟିକରେ ତୃଷ୍ଣାର ଅଭାବ, ଅନ୍ୟଟିରେ ତୃଷ୍ଣା ପରିପୂର୍ଣ୍ଣ । ତୃଷ୍ଣାପୂର୍ଣ୍ଣ ଭଲ ପାଇବାର ଅନ୍ତିମ ପରିଣାମ କେବଳ ହାହାକାରମୟ । ତୃଷ୍ଣାହୀନ ଭଲ ପାଇବା କେବଳ ଶାନ୍ତିର ଉପାଦାନ । ସାଧାରଣ ମନୁଷ୍ୟ ପକ୍ଷରେ ତୃଷ୍ଣାହୀନ ଭଲ ପାଇବା ଏକ ଅସମ୍ଭବ ବ୍ୟାପାର ।"

"ଆପଣ ତ ମହାପୁରୁଷ ନୁହନ୍ତି ?"

"ମହାପୁରୁଷ ବୋଲି ମଣିବାର କୌଣସି କାରଣ ତ ନାହିଁ ?

—ଶହେଅଠର—

Digitized by srujan ka@gmail.com

"ତେବେ ଆପଣଙ୍କର ନିଶ୍ଚେ କୌଣସି ଜିନିଷ ପ୍ରତି ତୃଷ୍ଣା-ଯୁକ୍ତ ଭଲ ପାଇବା ଥିବ ।"

"ହଁ ଅଛି । ଅଥଚ ମୁଁ ଜାଣେ ଯେ ଏ ତୃଷ୍ଣା ଏ ଜୀବନରେ କେବେହେଁ ମେଣ୍ଟିବ ନାହିଁ । ରେଖା ଦେବୀ ! ଆପଣଙ୍କୁ ବିନୀତ ଅନୁରୋଧ ଆପଣ ଯଦି ମୋର ମଙ୍ଗଳାକାଂକ୍ଷିଣୀ ହୋଇଥାଆନ୍ତି ତେବେ ଆଉ ଏ କଥା ଉଠାନ୍ତୁ ନାହିଁ ।"

"ଆପଣ ମୋ କଥାରେ ଆଘାତ ପାଇଲେ କି ? ମୋତେ ତେବେ କ୍ଷମା ଦିଅନ୍ତୁ ।"

"ନା ନା ରେଖା ଦେବୀ, ଆପଣଙ୍କ କଥା ମୋତେ ଆଘାତ ଦେଇ ନ ପାରେ । ମୁଁ ଗୋଟାଏ ଜିନିଷକୁ ଭୁଲିବାକୁ ଚେଷ୍ଟା କରୁଛି । ଏ କଥା ବାର୍ତ୍ତାରୁ ସେ ବିଷୟ ଆଡ଼କୁ ମୁଁ ଟାଣି ହୋଇ ଯାଉଛି । ଅନ୍ୟ ବିଷୟରେ କଥାବାର୍ତ୍ତା ହେଲେ ମୁଁ ବଡ଼ ଖୁସି ହୁଅନ୍ତି ।"

"ଆପଣଙ୍କର କିଛି ହେଲେ ଉପକାର କରି ମୁଁ ଯଦି ଫଟୋ-ଟିକ ରଖନ୍ତି ତେବେ ମୁଁ ଖୁବ୍ ଖୁସି ହୁଅନ୍ତି । ମୋତେ ଆପଣଙ୍କର କିଛି ଉପକାର କରିବାକୁ ସୁବିଧା ଦିଅନ୍ତୁ । ଏହାହିଁ ମୋର ଏକାନ୍ତ ଅନୁରୋଧ ।"

"ଅଚ୍ଛା ତାହାହିଁ ହେଉ, ଛବିର ମୂଲ୍ୟ ସ୍ୱରୂପ ଆପଣଙ୍କର ନିଜର ଫଟୋଟିଏ ମୋତେ ଉପହାର ଦିଅନ୍ତୁ ।"

"ହଉ ମୁଁ କାଲି ମୋର ଯେତେ ଆଟେଲିକ ଫଟୋ ଉଠିଛି ତହିଁରୁ ବାଛି ଆପଣଙ୍କୁ ଗୋଟିଏ ଉପହାର ଦେବି ।"

—ଶହେଉର୍ଦ୍ଦେଇଗି—

Digitized by srujan ka@gmail.com

"ନା, ନା, ଅଲେକ ଚିତ୍ର ମୋର କଅଣ ହେବ । ଅପଣ କାଲି ସ୍ୱୟଂ ଏଠାକୁ ଆସିବେ ଭଲ ଭାବରେ ବେଶ ଭୂଷା ହୋଇ। ଆପଣଙ୍କୁ ଦେଖି ମୁଁ ସ୍କେଚ ଚିତ୍ରଟିଏ ଅଙ୍କି ନେବି । ତାପରେ ଅସ୍ତେ ଅସ୍ତେ ମାର୍ଜିତ କରି କିଛି ଦିନରେ ପୂର୍ଣ୍ଣ କରିବି ।"

"ବାଃ ମାଛ ତେଲରେ ତ ମାଛ ଭଜା ହେବ । ମୋର ଉପ-ହାର ଦେବା କେଉଁଠି ରହିଲା । ଆପଣ ଏତେ ପରିଶ୍ରମ କରି ଚିତ୍ର କରିବେ । ମୁଁ ଅଉ ଉପହାର ଦେବି କଅଣ ? ବୋଝ ଉପରେ ନଳିତା ବିଡ଼ା ?"

"ରେଖା ଦେବୀ, ମୁଁ ଆପଣଙ୍କୁ କିପରି ବୁଝାଇବି ଯେ ସୌନ୍ଦର୍ଯ୍ୟ ପିପାସୁ ଚିତ୍ରକରମାନେ ସୌନ୍ଦର୍ଯ୍ୟ ଦର୍ଶନରେ କି ଆନନ୍ଦ ଲାଭ କରନ୍ତି । ମୋର ଆଖି ବହୁତ ଦିନରୁ ଭୋକିଲା ଅଛି । ଆପଣ ଅଧ ଘଣ୍ଟାଏ ଖଣ୍ଡେ ଯଦି ଏଠାରେ ସ୍ଥିର ହୋଇ ବସିବେ ତେବେ ମୁଁ ଯେଉଁ ଆନନ୍ଦ ପାଇବି ତାହା ଯେ କୌଣସି ଉପହାରକୁ ବଳିଯିବ ।"

"ପ୍ରକୃତରେ ଆପଣ ଯଦି ଆନନ୍ଦ ପାଇବେ ତେବେ ଅଧ ଘଣ୍ଟାଏ କାହିଁକି ଘଣ୍ଟାଏ ବା ଦୁଇଘଣ୍ଟା ସ୍ଥିର ହୋଇ ବସିବି । ଆପଣଙ୍କର ସୁବିଧା ଲାଗି ମୁଁ ମୋର ଗୋଟିଏ ଭଲ ଅଲେକ ଚିତ୍ର ବି ଦେବି । କାଲି କେତେବେଳେ ଆସିବି ଠିକ୍ କରି କହନ୍ତୁ ।"

"ଠିକ୍ ଦିନ ୯ଟା ବେଳେ ଆସିବେ ।"

—ଶହେକୋଡ଼ିଏ—

Digitized by srujan ka@gmail.com

—୯—

"ଠିକ୍ ୯ଟା, ଘଣ୍ଟାରେ ବାଜୁଛି ଦେଖନ୍ତୁ ।"

"ସେଥିଲାଗି ମୁଁ ବଡ଼ କୃତଜ୍ଞ ।" ଅଉ କ'ଣ କହିବ ବୋଲି ରମେଶ ଯାଉଥିଲା, କିନ୍ତୁ ରେଖା ଦେବୀଙ୍କ ମୁହଁକୁ ଚାହିଁ ଥକ୍ ହୋଇ ରହିଗଲା । ଯୁବତୀ ଜଣେ ବେଶ ଭୂଷା ହେଲେ ଏପରି ସୁନ୍ଦର ଦିଶି ପାରେ, ତାହା ରମେଶ କଳ୍ପନା କରି ପାରି ନ ଥିଲା । ତୁଳିରେ କେତେ ଅସୀମ ରୂପସୀଙ୍କୁ ଜନ୍ମ ଦେଇଛି । ତଥାପି ତାକୁ ଜଣାଗଲା ଯେପରି ସୌନ୍ଦର୍ଯ୍ୟ ସ୍ୱୟଂ ମୂର୍ତ୍ତିମନ୍ତ ହୋଇ ଆସିଛି । ଗୋଲାପି ଶାଢ଼ୀ, ପଥରରେ ଝଟକୁଥିବା ସୁନାର ଦୁଲ୍, ହାର, ଜରି କାମ ହୋଇଥିବା ଚଟି, କାରୁକାର୍ଯ୍ୟପୂର୍ଣ୍ଣ ଚମଡ଼ା ହାତ ମୁଣି, ଅଳତା ରଞ୍ଜିତ ପାଦ, କଳସ ପରି ନିତମ୍ବ, ସିଂହୀ କଟିପରି କଟି, ଏଣୀ ନୟନ ପରି ନୟନ, ଓଲଟା ରମ୍ଭା ପରି ବାହୁ ଯୁଗଳ, କୃଷ୍ଣ ସର୍ପ ପରି ବେଣୀ, ଚମ୍ପା କଢ଼ ପରି ଆଙ୍ଗୁଠି, ବାଦାମ ଫୁଲ ପରି ନାକ,

Digitized by srujan ka@gmail.com

ଜବା ଫୁଲପରି ଲାଲ୍ ଓଠ, ମୁକ୍ତା ସଦୃଶ ପ୍ରକାଶି ହସ ଦେଖି ରମେଶର ଆଖି ଝଲସି ଗଲା । ମୁଣ୍ଡ ଗୋଳମାଳ ହୋଇଗଲା । ଖାଲି ବାଲ୍ ବାଲ୍ କରି ମୁଣ୍ଡରୁ ଗୋଡ଼ଯାଏ ଗୁହୁଁ ଯାଉଥାଏ । ରେଖାଦେବୀ ରମେଶକୁ ଏପରି ଦେଖି ହସି ହସି କହିଲେ, ''ଆପଣ କଣ ଏକା ଥରକେ ଦେଖି ନେବେ ଓ ତାପରେ ଏକା ଥରକେ ଆଙ୍କି ଦେବେ ।

ଚମକି ପଡ଼ି ରମେଶ କହିଲା, ''ନାହିଁ, ନାହିଁ, ହଁ, ହଁ, ନାହିଁ ଆପଣ ସେ ଉଚ୍ଚାସନରେ ବସନ୍ତୁ ମୁଁ ଦେଖି ଦେଖି ଆଙ୍କିବି ।''

''କେତେ ସମୟ ମୁଁ ଚୂପ୍ ହୋଇ ବସିବି ?''

''ଚୁପ୍ ହୋଇ କାହିଁକି ବସିବେ, କଥାବାର୍ତ୍ତା କରି ପାରନ୍ତି । ଅଧ ଘଣ୍ଟାଏ ଖଣ୍ଡେ ବସନ୍ତୁ । ମୁଁ କେବଳ ସ୍ଥୁଳରେଖଟାଏ ଆଙ୍କିଦେବି । ତା ପରେ ଆଉ ବସିବା ଦରକାର ହେବ ନାହିଁ । ମୁଁ ପରେ ତାକୁ ବର୍ଣ୍ଣବିନ୍ୟାସ ଦ୍ୱାରା ମାର୍ଜିତ କରାଇବି ।''

''ଏହିପରି ବସିବି ?''

''ହଁ ମୁଣ୍ଡଟି ଆଉ ଟିକିଏ ଉଠାଇ ରଖନ୍ତୁ ।''

''ଏମିତି ?''

''ଉଁ ହୁଁ ।''

''ଏମିତି ?''

''ଉଁ ହୁଁ ।''

''ଏମିତି ?''

''ଉ ହୁଁ ।''

''ଆପଣ କେମିତି ରଖୁଛନ୍ତି ରଖନ୍ତୁ, ମୁଁ ଆଉ ରଖିପାରିବି ନାହିଁ ।''

— ଶହେ ବାଇଶି —

Digitized by srujan ka@gmail.com

'ଅଚ୍ଛା ହଉ' କହି ରମେଶ ଗୋଟିଏ ହାତ ମୁଣ୍ଡ ଉପରେ ଗୋଟିଏ ହାତ ଓଠରେ ଦେଇ ମୁଣ୍ଡଟି ଯଥା ସ୍ଥାନରେ ରଖିଦେଲା ବେଳେ ନିଜ ଶରୀର ଭିତରେ ଏକ ଅବର୍ଣ୍ଣନୀୟ ଅନୁଭୂତି ପାଇଲା । ଗୋଟିଏ ଅସାମାନ୍ୟ ରୂପବତୀ ଯୁବତୀର ଓଠରେ ହାତଦେବା ତା ଜୀବନରେ ଏଇ ପ୍ରଥମ । ପୁଲକରେ ତାର ଶରୀର ରୋମାଞ୍ଚିତ ହେଲା । ସ୍ପର୍ଶେନ୍ଦ୍ରିୟ ବୃତ୍ତି ସହିତ ମନର ସଂଯୋଗ ଅତି ପ୍ରବଳ ହୋଇ ଉଠିଲା । ଫଳରେ ଅଲକ୍ଷ୍ୟରେ ଆଉ ଦି ଟିପ ଅଧରର ହାତ ଓଠରେ ଲଗାଇ ମୁଣ୍ଡକୁ ଏକଡ଼ ସେକଡ଼ କରିବାକୁ ଲାଗିଲା ।

'ଓହୋ ମୋ ମୁଣ୍ଡଟା ଶରୀରରୁ ଢ଼ିଲା ହୋଇ ଯିବ' ବୋଲି ରେଖା ଦେବୀ ହସି ହସି କହିଲେ ।

ରମେଶର ଚୈତନ୍ୟ ଆସିଲା । ବୁଦ୍ଧି ମନ ଓ ସ୍ପର୍ଶେନ୍ଦ୍ରିୟ ବୃତ୍ତି ସଂଯୋଗକୁ ବାଧା ଦେଲା । ଏଇଟା ଅସାମାଜିକ ଓ ସୌଜନ୍ୟହୀନ କର୍ମ ବୋଲି ମନକୁ ନିର୍ଦ୍ଦେଶ ଦେଇ ତାକୁ ଇନ୍ଦ୍ରିୟ ବୃତ୍ତିରୁ ବିଯୁକ୍ତ କଲା । ଫଳରେ ଇନ୍ଦ୍ରିୟ ମୁକ୍ତ ହେଲା । ତାପରେ ରମେଶ ଶବାଙ୍କନରେ ପ୍ରବୃତ୍ତ ହେଲା । ରେଖା ଦେବୀ ମଝିରେ ମଝିରେ ନାନା ପ୍ରକାର ପ୍ରଶ୍ନ ପଚାରୁଥାଆନ୍ତି ଓ ରମେଶ ଶବ ଆଙ୍କୁ ଆଙ୍କୁ ପ୍ରଶ୍ନର ଉତ୍ତର ଦେଉଥାଏ । ସ୍ଥୂଳାଙ୍କନ ପ୍ରାୟ ସରିବା ଉପରେ । ଠିକ୍ ସେହି ସମୟରେ ସତଅ ଓ ଭଗିଆ ଜଳଖିଆ ନେଇ ଆସି ପହଞ୍ଚିଲେ । ରମେଶ ପଚାରିଲା, "କଟରେ ଏତେ ଡେରି କାହିଁକି କଲ ?"

"ଦାସିଆ ଦୋକାନରୁ ଅଣିଥିଲେ ହୋଇ ଥାନ୍ତା । କିନ୍ତୁ ତା ଦୋକାନରେ ଭାରି ଅନ୍ନ ଅଇରତ ପଶିଲଣି । କି ଜାତି ନାହିଁ କି ଜାତି, ଯେ ନାହିଁ ସେ ଜଳପାନ ସବୁ ଛୁଇଁ ପକାଉ ଅଛନ୍ତି ।

—ଶବେ ତୋଳଣି—

Digitized by srujan ka@gmail.com

ସେଠୁ ଆଣିବାକୁ ଆମ୍ଭ ଡାକିଲ ନାହିଁ । ମାଧ ସାହୁ ଦୋକାନକୁ ଯାଇ ନିଜେ ବସି ତଂକା ତିଆରି କରେଇ ଆଣିଲି ।"

"ଭଲ ଜିନିଷ ଯୋଉଁଠୁ ପାଇବୁ ଆଣିବୁ, ଏତେ ଜାତଗୋଜ ଗୁଣିବାର ଦରକାର କଅଣ ?''

"ଶୁଣୁଛ ରେଖା ଦଦ, ଜାଣୁ ଜାଣୁ ଏଡ଼େ ଅନାଅସ୍ତ୍ରର କେମିତ କରନ୍ତି ।''

"ଅଟରେ ଏତେ ଜାତି ଜାତ ହଉଛ କାହିଁକି ? ସେଥିରୁ କଅଣ ଅସ୍ତର ପାଇ ଗୁଣିବୁ ?"

"ତୁମେ କହିଲେ ମୁଁ ମାନିବ, ତୁମେ ଯରି ଦନେ କହୁଥିଲ ଶ୍ରୀକୃଷ୍ଣ ନିଜେ ସ୍ବର ଜାତ ସୃଷ୍ଟି କରିଅଛନ୍ତି । ଭଗବାନ କାହିଁକି ତେବେ ସ୍ବର ଜାତ ସୃଷ୍ଟି କଲେ ?"

ରେଖା ଦେବୀ ଅଉ ଚୁପ୍ ହୋଇ ରହିପାରିଲେ ନାହିଁ । କହିଲେ, "ଅଟରେ ସତିଆ ! ଅଜକାଲିର ମଣିଷ ଶ୍ରୀକୃଷ୍ଣଙ୍କୁ ଖୁବ୍ ଟପି ଗଲେଣି । ଶ୍ରୀକୃଷ୍ଣ ସିନା ସ୍ବରଜାତ ସୃଷ୍ଟି କରିଥିଲେ କିନ୍ତୁ ମଣିଷମାନେ ଅକଳନ୍ତା ଜାତ ସୃଷ୍ଟି କରି ପକାଇଲେଣି ।"

ରମେଶ କହିଲା, "ଭୁଲ୍ ବୁଝିଛନ୍ତି ରେଖା ଦେବୀ ; ଜାତ ବିଭାଗ ପ୍ରଧାନତଃ ସ୍ବର । ଆପଣଙ୍କ ମତରେ ଯେତେ ଜାତ, ବର୍ଣ୍ଣ ଅଛନ୍ତି ସବୁ ଏଇ ସ୍ବର ଜାତ ଭିତରେ ।"

"ଅଚ୍ଛା ବ୍ରାହ୍ମଣ ଓ ଯର୍ବିଯୂ ସଂଯୋଗରେ ଯେଉଁ ସନ୍ତାନ ହେବ ତାହାର ଜାତ ତ ଏହି ସ୍ବରଜାତରୁ ବାହାର—"

"ନା ରେଖା ଦେବୀ, ଲୋକର କର୍ମ ନେଇ ଜାତ ଠିକ୍ କରା-ହୁଏ । ପହିଲେ ଗୋଟିଏ ଜାତ ଥିଲ । ତାହା ହେଉଛି ମନୁଷ୍ୟ

Digitized by srujan ka@gmail.com

ଜାତି । ସେତେବେଳେ ମନୁଷ୍ୟ ଅନୁନ୍ନତ ଓ ପଶୁଠାରୁ ଅଳ୍ପତରେ କେବଳ ଉପାତ୍ ଥିଲା । ମନୁଷ୍ୟ କ୍ରମେ ସଭ୍ୟ ହେଲା । ଚିନ୍ତା କରି ଶିଖିଲା । ଦଳବାନ୍ଧି ରହିଲା । ଦଳ ଅସ୍ତ୍ରେ ଅସ୍ତ୍ରେ ବଢ଼ିଲା । ରାଷ୍ଟ୍ର ଗଠନ ହେଲା । ରାଷ୍ଟ୍ରର ସମୂହ କଲ୍ୟାଣ କଳ୍ପେ ସମସ୍ତେ କାର୍ଯ୍ୟ କଲେ । ସେ କାର୍ଯ୍ୟ ଶୃଙ୍ଖଳିତ ଭାବରେ ହେଉ ନଥିବାରୁ ନାନା ବିଶୃଙ୍ଖଳା ଦେଖାଗଲା । ଏହାପର ବିଶୃଙ୍ଖଳା-ପୂର୍ଣ୍ଣ ରାଷ୍ଟ୍ର ବହୁତ ହେଲା । ଜଣେ ମହାମାନବ ଚିନ୍ତା କରି ଦେଖିଲେ ଯେ କର୍ମକୁ ଶୃଙ୍ଖଳିତ ନକଲେ ରାଷ୍ଟ୍ରର ମଙ୍ଗଳ ଅସମ୍ଭବ । ସେ ତେଣୁ ରାଷ୍ଟ୍ର ପାଇଁ ହେଉଥିବା ଯାବତୀୟ କର୍ମକୁ ଚତୁର୍ବିଭାଗ କରିଦେଲେ । ପ୍ରଥମ ବିଭାଗ ହେଲା ଗବେଷଣା । ଏ ବିଭାଗର ଲୋକେ ଗଭୀର ଚିନ୍ତା, କଠିନ ଅଧ୍ୟବସାୟ ଦ୍ୱାରା ନୂତନ ନୂତନ ବିଷୟର ତଥ୍ୟ ରାଷ୍ଟ୍ରକୁ ଦାନ କଲେ । ଦର୍ଶନ, ସାହିତ୍ୟ, ବିଜ୍ଞାନର ଉନ୍ନତି ଏହିମାନେ କରି ରାଷ୍ଟ୍ରର ପ୍ରଭୂତ କଲ୍ୟାଣ ସାଧନ କଲେ । ଜ୍ଞାନାଲୋକଦ୍ୱାରା ଏହିମାନେ ରାଷ୍ଟ୍ରକୁ ଆଲୋକିତ କଲେ । ଏମାନଙ୍କୁ କୁହାଗଲା ବ୍ରାହ୍ମଣ । ସ୍ୱୀୟ ଜ୍ଞାନ ବଳରେ ଏମାନେ ନାନା ଜଟିଳ ସମସ୍ୟାର ସମାଧାନ କଲେ । ଜଣେ କାହାର ଶୁଦ୍ଧକ୍ରିୟା ହେଲେ ଦଳ ଦଳ ହୋଇ ଚିତା ପଇତା ପକାଇ ଯେଉଁମାନେ ତା ପିଣ୍ଡାର ଶୋଭା ବର୍ଦ୍ଧନ କରନ୍ତି ବା ଦେବାଳୟମାନଙ୍କରେ ମନ୍ତ୍ର ସ୍ତୋତ୍ର ପାଠ କରନ୍ତି, ସେମାନଙ୍କୁ ବ୍ରାହ୍ମଣ କୁହାଯିବ ନାହିଁ । ପ୍ରକୃତ ବ୍ରାହ୍ମଣ ହେଉଛନ୍ତି: ଆଇନ୍ ଷ୍ଟାଇନ୍, ଓପେନ୍‌ହମାର, ଡାରୱିନ, ମାର୍କୋନି, ଏଡ଼ିସନ୍ ଫାରାଡ଼େ, ଜଗଦୀଶ ବୋଷ୍, ସି. ଭି. ରମଣ, ମେଘନାଦ ସାହା ଇତ୍ୟାଦି । ରାଷ୍ଟ୍ରରେ ଏମାନଙ୍କ ସ୍ଥାନ ସବୁଠାରୁ ଉଚ୍ଚରେ । ଦ୍ୱିତୀୟ ବିଭାଗ ହେଲା ରାଷ୍ଟ୍ରରକ୍ଷା । ଅନେକଗୁଡ଼ିଏ ରାଷ୍ଟ୍ରର ଅବିର୍ଭାବ ହେତୁ ପରସ୍ପର ମଧ୍ୟରେ ସର୍ବଦା ସଂଘର୍ଷ ଲାଗିଥିଲା । ଏ ବିଭାଗର ଲୋକେ

Digitized by srujan ka@gmail.com

ରାଷ୍ଟ୍ରର ରକ୍ଷା ଓ ଅଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା କରି ଲୋକମାନଙ୍କୁ ନିରାପଦରେ ରଖିଲେ । ଏମାନଙ୍କୁ କ୍ଷତ୍ରିୟ କୁହାଗଲା । ସୈନ୍ୟବାହିନୀ, ପୁଲିସ୍, ଗୃହ ଓ ଦେଶରକ୍ଷା ବାହିନୀର ଲୋକେ ହେଉଛନ୍ତି ପ୍ରକୃତ କ୍ଷତ୍ରିୟ । ନିଜ ଜୀବନକୁ ତୁଚ୍ଛ କରି ରାଷ୍ଟ୍ରର ଅନ୍ୟାନ୍ୟ ଶ୍ରେଣୀର ଲୋକଙ୍କର ଜୀବନକୁ ନିରାପଦରେ ରଖିବାକୁ ଏମାନେ ସର୍ବଦା ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ହୋଇ ରହିଲେ । ଆଜି କାଲିର ଯେଉଁ ଲୋକେ ଖଣ୍ଡାଟିଏ ନ ଦେଖି ସୁଦ୍ଧା ନିଜକୁ କ୍ଷତ୍ରିୟ ବୋଲି ପରିଚୟ ଦେଇ ବୃଥା ଆସ୍ଫାଳନ କରନ୍ତି ସେମାନେ କୃପାର ପାତ୍ର ଓ ଅଲଜୁକ । ତୃତୀୟ ବିଭାଗ ହେଲା ବ୍ୟବସାୟ । ଏ ବିଭାଗର ଲୋକଙ୍କୁ କୁହାଗଲା ବୈଶ୍ୟ । ଏମାନେ ବସ୍ତୁ ବ୍ୟବହୃତ ଯାବତୀୟ ପଦାର୍ଥର ଉତ୍ପାଦନ, ବିନିମୟ ଓ ବଣ୍ଟନ କଲେ । ଶସ୍ୟ ଉତ୍ପାଦନକାରୀ କୃଷୀ, ହଳ ଓ କାଠ ଜିନିଷ ପ୍ରସ୍ତୁତ କାରି ବଢେଇ, ଲୁହା ଜିନିଷ ପ୍ରସ୍ତୁତକାରୀ କମାର ଓ ଏହିପରି ଅନ୍ୟାନ୍ୟ ଜିନିଷ ତିଆରି କରୁଥିବା କୁମ୍ଭାର, ତେଲି, ତନ୍ତି, ଥଟାରୀ, ସୁନାରୀ ଇତ୍ୟାଦି ସମସ୍ତେ ବୈଶ୍ୟ । ବିନିମୟ ଓ ବଣ୍ଟନକାରୀ ବେପାରୀ, ଦଲାଲ, ମହାଜନମାନେ ବି ବୈଶ୍ୟ । ଗାୟକ, ବାଦକ, ଚିତ୍ରକର, ଶିଳ୍ପୀ, ଅଭିନେତାମାନେ ମଧ୍ୟ ବୈଶ୍ୟ । ଚତୁର୍ଥ ବିଭାଗ ହେଲା ସେବା କାର୍ଯ୍ୟ । ଉପରୋକ୍ତ ତିନି ବିଭାଗର ଲୋକମାନଙ୍କର ସେବା କାର୍ଯ୍ୟ କରିବା ଏ ବିଭାଗର କାର୍ଯ୍ୟ ହେଲା । ଏଥିର ଲୋକମାନଙ୍କୁ ଶୂଦ୍ର ଆଖ୍ୟା ଦିଆଗଲା । ଧୋବା, ଭଣ୍ଡାରି, ହାଡ଼ି ଇତ୍ୟାଦି ସମସ୍ତେ ଶୁଦ୍ର । ଏମାନେ ଅନ୍ୟର ଇଚ୍ଛାନୁଯାୟୀ କାର୍ଯ୍ୟ କରନ୍ତି । ସରକାରୀ ଚାକିରିଆଙ୍କୁ ଶୁଦ୍ର ବୋଲି କୁହାଯିବ ନାହିଁ । କାରଣ ସେମାନେ ବ୍ୟକ୍ତିବିଶେଷ ପରିବର୍ତ୍ତେ ରାଷ୍ଟ୍ରର ସେବା କରନ୍ତି । ଚାରି ବିଭାଗରେ ଏମାନେ ସ୍ୱୀୟ କର୍ମ ଅନୁଯାୟୀ ଉପଯୁକ୍ତ ଜାତିରେ ଗଣ୍ୟ ହେବେ । ଏହି ଚାରି ଜାତିଙ୍କଠାରୁ

ଜାତି ପିଲମାନେ ଯେ ସେହି ସେହି ଜାତି ହେବେ ତାର କୌଣସି ମାନେ ନାହିଁ । ଯେ ଯେଉଁ କର୍ମ କରିବ ତାହାର ସେହି ଜାତି ହେବ । ସନ୍ତାନ ଜନ୍ମଠାରୁ ପିତାର କର୍ମ ଦେଖେ, ଶିଖେ ଓ ସେହି କର୍ମ କରିବାକୁ ବେଶି ସୁବିଧା ପାଏ । ସେହି ହେତୁ ଅଧିକାଂଶ ସନ୍ତାନ ପିତାର ବୃତ୍ତି ଆଚରଣ କରି ପିତାର ଜାତିରେ ଗଣ୍ୟ ହୁଅନ୍ତି । ଏଇଠା ଅସ୍ତେ ଅସ୍ତେ ଲୌକିକ ପ୍ରଥାରେ ପଡ଼ି ଏକ ରକମ ନିୟମ ହୋଇଗଲା । ବର୍ତ୍ତମାନ କେହି କେହି ପୁଲିସ ଓ ସୈନ୍ୟ କାମ କରି ସୁଦ୍ଧା ନିଜକୁ ବ୍ରାହ୍ମଣ ବୋଲି ପରିଚୟ ଦଅନ୍ତି । ଏହି ଚାରିଜାତି ହେଲେ ପ୍ରଧାନ ବିଭାଗ । ଯାର ଦେହରୁ ଅସଂଖ୍ୟ ଉପବିଭାଗ ଓ ଉପ ଉପ ବିଭାଗ ସୃଷ୍ଟି ହୋଇ ଚାଲିଛି । ମଣିଷ ଶ୍ରୀକୃଷ୍ଣଙ୍କୁ ଟପି ପାରିବ ନାହିଁ । ଶ୍ରୀକୃଷ୍ଣ ଯେଉଁ ବେଷ୍ଟନୀ ବାନ୍ଧି ଦେଇ ଯାଇଛନ୍ତି ମଣିଷ ତାରି ଭିତରେ ଘୁଁ ଘୁଁ ହୋଇ ଘୂରୁଥିବ ।'

ସତିଆ ଚୁପ୍ ହୋଇ ଶୁଣି ଯାଉଥିଲା । ମନେ ମନେ ଭାବୁଥାଏ, ଯେତିକି ଅଜଗବ କଥା ଭାଇଙ୍କଠାରୁ ଶୁଣିବ । ଏକଥା ତ ଭାଗବତ, ପଦ୍ମ ପୁରାଣ, ସୂର୍ଯ୍ୟ ପୁରାଣ ହରିବଂଶ କୋଉ ବହିରେ ନାହିଁ । ତାଙ୍କ ମୁହଁ ତ ଗୋଟିଏ ପୋଥି । ବ୍ରହ୍ମା ବଳାବଲେଇଲେ ବେଦ ।

ରେଖାଦେବୀ ପଚାରିଲେ "କିରେ ସତିଆ, ତୋର ମତ କଅଣ ? ଜାତି କଥା ଶୁଣିଲୁଟି—"

"ହଉ, ମୁଁ ଏଇ କଥା ଶୁଣିବି, କୋଉ ଶାସ୍ତ୍ରରେ ଅଛି କହିଲେ ହବ ନା, ଖାଲି ଯାହା ତାହା କହିଦେଲେ ହବ । ଆମ କୃଷ୍ଣ ଗୋସେଇଁ ଯେ କି ଶୂଦ୍ର ଛୁଇ ପଡ଼ିଲେ ଖାଆନ୍ତି ନାହିଁ, ଠାକୁର ସେବା ନ କରି ଖାଇବା ଜିନିଷକୁ ଚାହାନ୍ତି ନାହିଁ, ଗାଇତ୍ରୀ ଜପିଛନ୍ତି ଯେ କାହିଁରେ କଅଣ, ସେ ବ୍ରାହ୍ମଣ ହେବେନି,

Digitized by srujan ka@gmail.com

ବାହ୍ମଣ ହେବେ କିଏ ନା ଆନିଷ୍ଟାନ, କିଏ ଗୋଟାଏ ସାହାବ ଲୋକ । ଭଗବାନ୍ ! ଗୋରୁ ମାଂସ, କୁକୁଡ଼ା ଅଣ୍ଡା, କିଛି ବାକୀ ଥିବ ! ମୁଁ ମୋଟେ ଏ କଥା ଶୁଣିବି ନାହିଁ । ଶୁଣିଲେ ଆଗ ନିଜର କାନ ଯିବ ।"

ରମେଶ, ରେଖା ଦେବୀ ଦୁହେଁ ହସି ପକେଇଲେ । କୃଷ୍ଣ ଗୋସେଇଁ ଖାଣ୍ଟି ବ୍ରାହ୍ମଣ ବୋଲି ନ ମାନିବା ଯାଏ ସତିଆ ମୁହଁରେ ହସ ଲୁଚ ଯାଇଥିଲା ।

କିଛି ସମୟ ବାଦ ଚାଏ ଅଙ୍କା ସରିଲା । ସାମାନ୍ୟ ଜଳ ଯୋଗର ବ୍ୟବସ୍ଥା ବି ସରିଲା । ରେଖା ଦେବୀ ଯିବା ପୂର୍ବରୁ ଆପଣା ଚମଡ଼ା ମୁଣିରୁ ନିଜର ଗୋଟିଏ ଫ୍ଲେଟ ଆଲୋକ ଚିତ୍ର କାଢ଼ିଲେ । ଏହି ସୁନାର ନାନା କାରୁକାର୍ଯ୍ୟପୂର୍ଣ୍ଣ ତାରକସୀ କାମରେ ବନ୍ଧେଇ ହୋଇଥାଏ । ସେଇଟି ରମେଶ ହାତକୁ ବଢ଼େଇ ଦେଇ କହିଲେ, "ଏଇଟି ଆପଣଙ୍କୁ ମୁଁ ଉପହାର ଦେଲି ।"

ରମେଶ ତନ୍ନ ତନ୍ନ କରି ଦେଖି କହିଲା—"ବାଃ ! ଅତି ଚମତ୍କାର ହୋଇଛି । ଆମ ଘରେ ଏଇଟି ସର୍ବ ଶ୍ରେଷ୍ଠ ସମ୍ପତ୍ତି ବୋଲି ଗଣ୍ୟ ହେବ ।"

"ଆଉ ଗୋଟିଏ ଅନୁରୋଧ ।"

"କଅଣ ?"

"ଏଇମାସ ୨୮ ତାରିଖ ଦିନ ମୋର ଜନ୍ମ ଦିନ ଉପଲକ୍ଷେ ଆପଣ ତିନିଜଣଙ୍କୁ ନିମନ୍ତ୍ରଣ ରହିଲା । ଦେଖନ୍ତୁ ମୁଁ ଅଗରୁ କହି ରଖିଲି, ଆପଣ ଯେପରି ନିମନ୍ତ୍ରଣ ରକ୍ଷାରେ ତ୍ରୁଟି ନ କରନ୍ତୁ ।"

"ବାପ୍‌ରେ ବାପ୍ ! ଅନ୍ତ ତ ଦୁଇ ତାରିଖ । ଆଉ ୨୬ ଦିନ ଅଛି । ଏତେ ଅଗରୁ ନିମନ୍ତ୍ରଣ କାହିଁକି, ଆପଣ କଅଣ ଆଉ ଏଠାକୁ ଆସିବେ ନାହିଁ ?"

—ଶହେଅଠେଇଶି—

Digitized by srujan ka@gmail.com

"ମୋ ଅସିବା ଦ୍ୱାରା ଯଦି ଆପଣଙ୍କର କିଛି ଉପକାର ହୋଇପାରେ ତେବେ ମୁଁ ନିଶ୍ଚୟ ଆସିବି।"

"ଆପଣଙ୍କର ଉପସ୍ଥିତି ମୋର ତୁଳାକୁ ଯଥେଷ୍ଟ ଉନ୍ମାଦନା ଦିଅନ୍ତା।"

"ମୁଁ ନିଶ୍ଚୟ ଆସିବି।"

ଏହି କେତୋଟି ଦିନ ରମେଶର ଜୀବନରେ ଗୋଟିଏ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା। ଚାଳକ ଯେପରି ମଇଁଷିର ନାକରେ ଦଉଡ଼ି ଦେଇ ଅଡ଼େଇ ଅଡ଼େଇ ନିଏ, ସେହିପରି କେହି ଅଦୃଶ୍ୟ ଚାଳକ ତା ନାକରେ ଦଉଡ଼ି ଲଗାଇ ଗୋଟିଏ ପଥରେ ତାକୁ ଅଡ଼େଇ ଅଡ଼େଇ ନେଲା ପରି ରମେଶକୁ ଜଣା-ଯାଉଥାଏ। ରେଖାଦେବୀଙ୍କ ମନରେ କଅଣ ଥାଏ କେଜାଣି ରମେଶ ଭାବୁଥାଏ ଯେ, ସେହି ପଥରେ ଚାଲି ଚାଲି ସେ ରେଖା ଦେବୀଙ୍କ ଖୁବ୍ ନିକଟରେ ହୋଇଗଲାଣି। ପ୍ରଥମ ଥର ପାଇଁ ସେ ଭୁଲିଲା ଯେ ସେ ନାସ୍ତିକ ଓ ଦରିଦ୍ର। ରହସ୍ୟମୟୀ ନାରୀର ହୃଦୟ ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ଖୋଲିବାକୁ ଅସୀମ କଷ୍ଟ ସହିବାକୁ ପଡ଼ିଛି। ଛାର ଅନଭିଜ୍ଞ ରମେଶ! ସେ ପୁଣି ନାସ୍ତିକ ଓ ଦରିଦ୍ର! ବନ୍ଧୁ ତା ଏପରି ଜମାଟ ବାନ୍ଧିଲା ଯେ, କୌଣସିବା ଦିନେ ଯଦି ରେଖା ଦେବୀ ଆସି ନ ପାରନ୍ତି, ତେବେ ଚିତ୍ର ଅଙ୍କା ଇତ୍ୟାଦି ସବୁ ବନ୍ଦ।

ଏହିପରି ଧୀରେ ଧୀରେ ଦିନ ଗଡ଼ି ଯାଉଥାଏ। ରେଖା ଦେବୀଙ୍କ ଜନ୍ମଦିନ ବି ସୁରୁଖୁରୁ କରି ଯା ଭିତରେ ଚାଲିଗଲା। ରମେଶ ତା ପ୍ରତିଶ୍ରୁତି ରକ୍ଷା କଲା ନାହିଁ। ନିଜେ ନ ଯାଇ ସତିଆ ହାତରେ ତାଙ୍କର ଗୋଟିଏ ଅପୂର୍ବ ତୈଳ ଚିତ୍ର ଉପହାର ସ୍ୱରୂପ ପଠାଇ ଦେଇଥିଲା। ରେଖାଦେବୀ କିନ୍ତୁ ଠିକ୍ ତା ପରଦିନ ରମେଶ ଘରକୁ

—ଶହେଅଣଚାଳିଶି—

ଅସି, ରମେଶ ନ ଯିବାର ତୀବ୍ର ପ୍ରତିବାଦ କଲେ । ଧୀର ସ୍ଥିର ଭାବରେ ରମେଶ କହିଲା, "ଯେଉଁ ଗୁଣ ଲାଗି ଅପଣଙ୍କର ମୋ ପ୍ରତି ଏତେ ଦୟା ସେହି ଗୁଣକୁ ତ ମୁଁ ପଠାଇ ଦେଇଥିଲି ।"

"ରଖନ୍ତୁ ଅପଣଙ୍କ ଦର୍ଶନ, ଶରୀର ନଥିଲେ ଗୁଣର ଉଦ୍ଭବ ହେବ କୁଆଡ଼ୁ ? ଶରୀର ତ୍ୟାଗ ପରେ ଅପଣଙ୍କର ଏ ଗୁଣ ରହିବ କି ? ଶରୀରଠାରୁ ଗୁଣକୁ ସ୍ୱତନ୍ତ୍ର କରି ଦେଖିବା ମାନେ କେବଳ ମୋତେ ଭଣ୍ଡେଇବା ।"

"ରେଖା ଦେବୀ ମୋତେ ମାପ୍ କରନ୍ତୁ, ମୋର ବଡ଼ ଭୁଲ୍ ହୋଇଛି । ଯାହା ହେବାର ହେଲାଣି, ଛାଡ଼ନ୍ତୁ ସେ ପଛ କଥା ।"

ରମେଶର କଅଁଳିଆ କଥାରେ ରେଖାଦେବୀ ଟିକିଏ ନରମ ପଡ଼ିଯାଇ ବୋଧବାଧ ହୋଇଗଲେ । ମଝିରେ ମଝିରେ ରମେଶ ଘରକୁ ଅସୁଥାଆନ୍ତି । ଦିନେ ରମେଶ ଘରୁ ଫେରିଲାବେଳେ ଗାଡ଼ିରେ ବସିବାକୁ ଯାଉଅଛନ୍ତି, ଠିକ୍ ସେହି ସମୟରେ ଗୋଟିଏ ଯୁବକ ତାଙ୍କର ଅଡ଼କୁ ଚାହିଁ ବିଦ୍ରୂପ ଓ ତାଚ୍ଛଲ୍ୟଭରା ହସଟିଏ ହସିଲା । ସେ ମୁଖ ଭଙ୍ଗୀ ଦେଖି ରେଖା ଦେବୀଙ୍କ ଅନ୍ତରାତ୍ମା କମ୍ପି ଉଠିଲା । ଭଲ କରି ଚାହିଁ ଦେଖିଲେ ତାଙ୍କର ସେହି ପୂର୍ବ ପରିଚିତ କଲେଜ ବନ୍ଧୁ ବିମଳ ବାବୁ । ଘୃଣାରେ ସେ ମୁହଁ ଅଡ଼େଇ ନେଇ ଗାଡ଼ିରେ ବସିଲେ । ଘରକୁ ଅସିଲାବେଳେ ଭାବୁଥାଆନ୍ତି,—ବିମଳ ବାବୁ ମୋତେ ଚାହିଁ ଏପରି ହସିବାର ମତଲବ କଅଣ ? କିଛି ବିପଦ ପଡ଼ିବ କି ?

— ଶେଷେ ତଢ଼ଣି —

Digitized by srujan ka@gmail.com

—୧୦—

ହଁ ବିପଦ, ରେଖାଦେବୀଙ୍କର ନୁହେଁ, ରମେଶର ।

ଠିକ୍ ଯେଉଁଦିନ ବିମଳ ବାବୁ ରେଖା ଦେବୀଙ୍କୁ ଚାହିଁ ବିଦ୍ରୂପ ହସ ହସିଥିଲେ, ସେହିଦିନ ରାତି ୧୨ଟା ବେଳ ହେବ ; ରମେଶ, ସତିଆ, ଭଗିଆଙ୍କୁ ଟିକିଏ ଆଡ଼ ନିଦ ଲାଗି ଆସୁଛି, ଏହି ସମୟରେ ଦୁମ୍ କରି କଅଣ ଗୋଟାଏ ଚାଳ ଉପରେ ପଡ଼ିଲା । ରମେଶ ଓ ସତିଆର ଚହଁ କରି ନିଦ ଭାଙ୍ଗିଗଲା । ଦି'ଜଣଯାକ କଅଣ ପଡ଼ିଲା ବୋଲି ଭାବୁ ଅଛନ୍ତି ପୁଣି ଗୋଟାଏ ଦୁମ କରି ଶବ୍ଦ ହେଲା । ସତିଆ କହିଲା, "ଏ ଶଳା ପାଣ୍ଡ ରଖି ଥୋଇ ଦେବେନି, ଶଳା ରାତିରେ ବି ଢାଙ୍କ ଭୂଲମ ଗଲାନାହିଁ ।" ପୁଣି ଏକାବେଳେକେ ଦି'ଚାରିଟା ଦୁମା ଦୁମ୍ ଶବ୍ଦ । ସେ ଜିନିଷଗୁଡ଼ିକ ଚାଳରେ ଗଡ଼ି ଗଡ଼ି ତଳେ ଦୁଲ୍ ଦାଲ୍ ହୋଇ ପଡ଼ିବାର ମଧ୍ୟ ଶୁଣାଗଲା । ସତିଆ ମନ ପାପ ଛୁଇଁଲା । ଛାତି ଦାଉଁ ଦାଉଁ ପଡ଼ିଲା । ପ୍ରାଣ ବିକଳରେ ଡାକ ପକାଇଲା 'ଭାଇ' ।"

Digitized by srujan ka@gmail.com

"କଅଣ ।"

"ଭୂତ—"

"ଦୂର୍, କଏ କୋଉଠାଏ ବୋଲୁଅ ଜାଣି ଶୁଣି ପକାଉଛୁ ।"

"ନାହିଁ ।"

ଗୋଟିଏ ବୋଲୁଅ ଏଥର ଠୋ କରି କବାଟରେ ବାଜି ଚୁନା ହୋଇଗଲା । ସତିଆ ପାଟିକଲା "ବୋପାଲୋ···"

ପୁଣି ଦ'ତିନିଟା ବୋଲୁଅ ଲଗ ଲଗ୍ ଧଡ଼୍ ଧାଡ଼୍ ହୋଇ କବାଟ ଉପରେ ପଡ଼ିଲା । କବାଟ ଯାଏ କି ରହେ । ସତିଆ "ଭାଇ ଏ ନିଶ୍ଚେ ସାହାବ ଭୂତ" କହି ଡକା ପକେଇଲା—'ଧାଇଁ ଅସହୋ' 'ଧାଇଁ ଅସେହୋ' 'ଧାଇଁ ଅସହୋ' 'ମାରି ପକେଇଲା' 'ମାରି ପକେଇଲା······'

ରମେଶ ଚଟାପଟ୍. ଆଲୁଅଟା ଲିଭେଇ ଦେଇ, ସତିଆକୁ ହଲେଇ 'ପାଟି କରନା' 'ପାଟି କରନା' ବୋଲି ଯେତେ କହିଲେ ସେ ଶୁଣୁଛି ! ତା ପାଟି ଖନ୍ନ ପଡ଼ିଗଲାଣି 'ଦାଇଁହୋ' 'ମାଲିଲା···' ତାର ଚାଲିଛି । ସାହି ଲୋକ ଜମା ହୋଇ ପାଟି କଲେ 'କଅଣ ହେଲା' 'କଅଣ ହେଲା' 'କବାଟ ଫିଟାଅ' 'ଫିଟାଅ' । ସେତେବେଳକୁ ବୋଲୁଅ ପଡ଼ା ବନ୍ଦ ହୋଇଗଲାଣି ! ରମେଶ କବାଟଟା ଫିଟାଇ ଦେଲା । ଆଲୁଅ, ଠେଙ୍ଗା ଧରି ଦଳେ ଲୋକ ପଶି ଯାଇ ପଚାରିଲେ, "କଥା କଅଣ, କଥା କଅଣ ?"

ଲୋକମାନଙ୍କୁ ଦେଖି ସତିଆ ଟିକିଏ ଥୟ ପଡ଼ିଲା । ରମେଶ ଲୋକମାନଙ୍କୁ କହିଲା, "କିଏ ଜଣେ ଦୁଲ୍ ଦାଲ୍ କରି ଚାଲିଲୁ,

Digitized by srujan ka@gmail.com

କବାଟକୁ ବୋଲୁଅ ଫୋପାଡୁଛୁ । ସଡଆ ପାଟିକଲ 'ଭୂତ' 'ଭୂତ' । ଦ'ଗ୍ରୁର ଜଣ ବୁଢ଼ା ଘର ଆଗରେ ପଡ଼ିଥିବା ଇଟା ସବୁକୁ ତନଖି କଲେ । ଗ୍ରାର ପାଞ୍ଚଟା ଅଧା ଇଟା ଏଠିସେଠି ପଡ଼ିଥିବାର ଦେଖିଲେ । ସାହ୍ମୀର ପୁରୁଖା ମଣିଷ ଗଜା ଜେନା ଘରର ଆଖ ପାଖ ଖାନ୍‌ତଲାସ କରି ସନ୍ତୁଷ୍ଟ ହେଲନାହିଁ । ସେ ଭାରି ସାହସୀ ବୋଲି ଜଣା ଶୁଣା । ଅଜ ମଧ୍ୟ ଭୂତ ପ୍ରେତ ବିଷୟରେ ଜଣେ ବିଶେଷଜ୍ଞ ବୋଲି ଖ୍ୟାତି ତାର ଅଛି । ଶୁଣାଯାଏ ଯେ ପ୍ରାୟ ସବୁ ରକମର ଭୂତ ପ୍ରେତଙ୍କ ସାଙ୍ଗରେ ତାର ଭେଟଣା ହୋଇଛି ; ଖାଲି ଶଭସି ଘୁଷ୍ଟୁରିଆ ଦ୍ୱାରା ଦହ କଳାଇ ଦେଇ ଥିବାରୁ ତାର କେହି କିଛି କରି ପାରନ୍ତି ନାହିଁ । ଏତେ ଲୋକ ଜମା ହୋଇ ଅଛନ୍ତି, କିଏ କହୁଛି 'ବାସେଲୀ' କିଏ କହୁଛି 'ଖପିସ' କିଏ କହୁଛି 'ବ୍ରହ୍ମରାକ୍ଷାସ' କିନ୍ତୁ ପ୍ରମାଣ କାହିଁ ? ସମସ୍ତେ ଗଜା ଜେନା ମୁହଁକୁ ଚାହିଁଲେ ।

ଗଜା ଜେନା ସାହସିଆ ଲୋକ । ଦଶ ବାର ଜଣଙ୍କୁ ବାଛି ସାଙ୍ଗରେ ଧରି କହିଲା, "ଗ୍ରାଳିବଟି ଘର ପଛ ଅଡ଼ଟା ଦେଖିବା— ଭୂତଟା ତ ସହଜ ପରି ଜଣା ଯାଉନି ।" ନିଜେ ଉଡ଼ି ଭିଡ଼ି ହେଲା, ମୁଣ୍ଡରେ ଗାମୁଛାଟାକୁ ଠେକା କରି ଭିଡ଼ିଦେଲା । ଗୋଟାଏ ହାତରେ ଥାଳିଅ ଗୋଟାଏ ହାତରେ ଠେଙ୍ଗା ଧରି ଘର ପଛ ଅଡ଼କୁ ଗଲା । ଖୋଜତେଜ ସାହସବାଲା ଲୋକ ପଛେ ପଛେ ପାଦ ଚିପି ଚିପି ଗଲେ । ନାଥିଆ ଓ ଚକାଗ ଦୁହେଁ ପାଞ୍ଚ ହାତା ମର୍ଦ୍ଦ ହେଲେ କଅଣ ହେବ ମହା ଛେରୁଅ । ମୁହଁ ଚୁହାଁ ଚୁହିଁ ହୋଇ ମୁରୁକି ହସା ଦେଲେ । ନାଥିଆ କହିଲା, "ଆମର ଶଳାକୁ କାହିଁକି ଯିବାବେ, ଶଳା କି ଭୁତ ନାହିଁ କି ଭୂତ, ଶଳା ଯେବେ ଅଜ ଦପୁଞ୍ଜା ଛାଡ଼ିବ ! ଯାଙ୍କ କଥାକୁ ଶୁଣୁଛି କିଏ ?"

—ଶହେ ଡେଢ଼ଶି—

Digitized by srujan ka@gmail.com

ଖାଇଡ଼କଯାକ ଘର ପଛ ଅଡ଼କୁ ଗଲେ । ଗଙ୍ଗ ଜେନା ଝୁମ୍ପୁର୍ ଝୁମ୍ପୁର୍ ହୋଇ କାହାକୁ ଶୁଣା ନଗଲା ପରି 'କାଉଁରି କାମଚଣ୍ଡୀ ଶରଣ' 'କାଉଁରି କାମଚଣ୍ଡୀ ଶରଣ' ହୋଇ ଯାଉଥାଏ । ପଛ ପାଖଟା ତ ଭାରି ଅନ୍ଧାରୁଆ । ଯୋଗ ଏମିତ ଯେ ଗୋଟାଏ ଅଧା ଫାଳିଆ ଇଟା କେମିତି ଖୁଣ୍ଟ ଉପରେ ଅଟକି ଯାଇଥିଲା । ଯା ଭିତରେ ପେଚାଟାଏ କେତେବେଳେ ଆସି ସେହି ଇଟା ଉପରେ ବସିଥିଲା । ଲୋକଗୁଡ଼ାକ ଆଲୁଅ ନେଇ ଯିବାରୁ ଅନ୍ଧାରୁଆ ପଛ ପଟଟା ଆଲୁଅ ହୋଇଗଲା । ଆଲୁଅ ଓ ପାଟି ଶୁଣି ପେଚାଟା ଫଡ଼୍ କରି ଉଡ଼ିଗଲା । ଫଡ଼୍ ଫଡ଼୍ ଅବାଜ ଶୁଣି ଗଙ୍ଗ ଜେନା ଚମକି ପଡ଼ି ଠିଆ ହୋଇଗଲା । ସମସ୍ତଙ୍କ ଛାତି ଦାଉଁ ଦାଉଁ ପଡ଼ିଲା । ଇଟାଟି ହଲି ଯିବାରୁ ଗଡ଼ି ଗଡ଼ିକା ଯୋଗକୁ ଠିକ୍ ଗଙ୍ଗ ଜେନା ମୁଣ୍ଡ ଉପରେ ଦାଆଲୁ କରି ପଡ଼ିଲା । ଭାଗ୍ୟ ଠେକାଟା ଭିଡ଼ିଥିଲା । ମୁଣ୍ଡଟା ଫାଟିଲା ନାହିଁ ସତ କିନ୍ତୁ ଆଘାତର ବେଗ ସମ୍ଭାଳି ନ ପାରି ବାପ୍ରେ 'ବୋପାଲୋ' ବୋଲି ପାଟି କରି ବସି ପଡ଼ିଲା । ବଡ଼ ବଡ଼ ସାହାସିଆ ଲୋକଙ୍କୁ ଆଉ ସମ୍ଭାଳେ କିଏ ? ପଡ଼ି ଉଠି, ଅଣ୍ଟୁ ଗଣ୍ଠି ଛୁଣ୍ଡାଇ ଜୀବନ ବିକଳରେ ପା'ର । ଗଙ୍ଗ ଜେନା ହାତରୁ ଆଲୁଅଟା ଖସି ପଡ଼ି ଲିଭି ଯାଇଥିଲା । ପଛରୁ ସମସ୍ତେ ପଳେଇଲେଣି, ଆଉ ବି ଅନ୍ଧାର । ଜେନା ପ୍ରାଣ ବିକଳରେ ଘୁଷୁରି ଘୁଷୁରି ଘର ଆଗକୁ ପଳେଇ ଆସିଲା । ଲୁଗାଟା ଫିଟି ଯାଇ ଯେ କେବଳ ହାତରେ ଅଛି, ଏହା ତାର ମସ୍ତିଷ୍କରେ ପ୍ରବେଶ କରି ନଥିଲା । ହେବ ବା କୁଆଡ଼ୁ ? ସେତେବେଳେ ତାର ମସ୍ତିଷ୍କରେ ପ୍ରତ୍ୟେକ ବନ୍ଧୁ ସ୍ଥାନ ଭୂତ ଅଧିକାର କରି ବସିଥିଲା । ଲୋକମାନଙ୍କ ପାଖକୁ ପଳାଇ ଆସି ଖଳା ବାଜି ଯାଉଥିବା ପାଟିରେ କହି ପକାଇଲା, "ଏଡ଼େ ଭଲୁଆ, ଛେଲୁଆ ଗୁରୁବ ।"

— ଶହେତଉ ଛରଣି —

Digitized by srujan ka@gmail.com

ତା'ର ଅବସ୍ଥା ଦେଖି ସେତେବେଳକୁ ସମସ୍ତେ ହସି ପକେଇଲେଣି । ଟେକସ୍ କହିଲା, "ହଉ ହଉ ଲୁଗାଟା ପିନ୍ଧ ପକେଇବଟି ।"

ଚେତା ପଶିବାରୁ ଜେନା ଲୁଗାଟା ଗୁଡ଼େଇ ହୋଇ ପଡ଼ିଲା ଓ ଟିକିଏ ପ୍ରକୃତିସ୍ଥ ହୋଇ କହିଲା, "ଏଇଟା ଠିକ୍ ସାହାବ ଭୂତ, ମୁଁ ଯାହା ଭାବି ଥିଲି ଠିକ୍ ସେଇଆ । ଅଉ କୋଉ ଭୂତ ହୋଇ ଥିଲେ ଖାଲି ଡରେଇ ଥାଆନ୍ତା । ଢେଲା ପାଖରେ ପଡ଼ନ୍ତା, ଦିହରେ ବାଜନ୍ତା ନାହିଁ । ସାହାବ ଭୂତ ଛଡ଼ା ଆଉ କେହି ଏମିତି ଉପରକୁ ଢେଲା ଫୋପାଡ଼ିବ ନାହିଁ । ଓହୋ ! ଦିହଟା କଳା ନ ଥିଲେ ଅଜି ମୋ କଥା ସରିଥିଲା । ଅଉ କିଏ ହୋଇ ଥିଲେ ଢେଲା ପକେଇ ସାଙ୍ଗେ ସାଙ୍ଗେ ତଣ୍ଟି ଉପରେ ଠିଆ ହୋଇ ଯାଇଥାଆନ୍ତା । ଖାଲି ମୋ ପାଖରେ ଟିକିଏ ଇଲମ ଥିଲା ବୋଲି ବୋଲୁଅ ମୋ ମୁଣ୍ଡକୁ ଫୋପାଡ଼ି ଚଢ଼େଇଟିଏ ହୋଇ ଭଡ଼୍ କରି ଉଡ଼ିଗଲା ।" ସାଙ୍ଗରେ ଯାଇଥିବା ଲୋକତକ ଏକା ବେଳେକେ କହି ଉଠିଲେ, "ଠିକ୍ ଠିକ୍, ଆମେ ଫଡ଼ ଫଡ଼ ଶବ୍ଦ ତ ଶୁଣିଛୁ ।"

ଜେନା ଗହଳି ଭିତରକୁ ପଶି ଯାଇ ପୁଣି କହିଲା, "ତୁମ୍ଭେ-ମାନେ ଯେମିତି ପଳେଇ ଆସିଛ, ସେ ସାଙ୍ଗେ ସାଙ୍ଗେ ପୁଣି ଏକ ତାଳଗଛ ଭଳିଆ ବିକଟାଳ ମୂର୍ତ୍ତି ଧରି ମୋ ଆଡ଼କୁ ସନାଠି ଆସିଲା । ହେଲେ କିଛି କରି ପାରିଲା ନାହିଁ । ଆରେ ମୋ ଆଲୁଅ ? ଆରେ ସେଇଠି ତ ପଡ଼ିଥିବ ! ତା ଉପରକୁ ଛାଡ଼ି ଦେଲି, ଛାଡ଼ି ପଳେଇଲି । ହେ ଯିବଟି ଯିବଟି, କିଏ ଜଣେ ଆଲୁଅଟା ଗୋଟେଇ ଆଣିବଟି—"

ସମସ୍ତେ ସମସ୍ତଙ୍କ ମୁହଁକୁ ଚାହିଁଲେ । ଜୀବନର ମାୟା କାହାର ନାହିଁ ? ଜଣେ କହିଲା, "ଆଉମ କାଲି ସକାଳେ ନେଇ ଗଲେ ହବନି ?"

—ଶହେ ପଞ୍ଚତରଙ୍ଗୀ—

Digitized by srujan ka@gmail.com

"ଏବେହେଁ, ରାତରେ ହାଇରାଣ ହେବ ?"

ନାଥିଆ ଚକରକୁ କହିଲା, "ଯିବୁଟି ନେଇ ଆସିବୁ, ରାତରେ ଭାରି ହାଇରାଣ ହେଲଣି ।" ଚକର ଆଲୁଅଟି ଗୋଟେଇ ଆଣି ଦେଲା । କେନା ରମେଶ ଓ ସତିଆ ପାଖକୁ ଯାଇ କହିଲା, "ଆଜି ଆଲୁଅଟା ଜାଳି ଦୁଆରରେ ରୁହ । ଲମ୍ବା ଜନ୍ତୁ କଣ୍ଟୁ ପାଖରେ ରଖ । ଏ କଣ୍ଟୁ ସହଜ ଭୂତ ନୁହେଁ । ଆଜି ଦେଖ ସତିଆ ! କାଲି ଯାଇ ଶଙ୍କର ଗୁଣୁରିଆକୁ ଡାକି ଆଣିବୁ । ସେ ସବୁ ଠିକ୍ କରି ଦେବ ।"

ଅସ୍ତେ ଅସ୍ତେ ସମସ୍ତେ ଯେ ଯାହା ଘରକୁ ଗଲେ । ନାଥିଆ, ଚକର ବି ସମସ୍ତଙ୍କ ପଛରେ ଚାଲିଗଲେ । ଶୁନ୍ ସାନ୍ ହୋଇଗଲା । ଭଗିଆ ବାସ୍ତବ କଣ୍ଟୁ ଜାଣି ପାରିଲା ନାହିଁ । ସତିଆକୁ ଅସ୍ତେ କରି ପଚାରିଲା "କଅଣ ହେଲା କହେ ?" ସତିଆ କଣ୍ଟୁ କହିଲା ନାହିଁ । ରମେଶ ଗୁମ୍ ହୋଇ ବସି ଭାବୁଥାଏ—ମୁଁ ତ କାହାରି କଣ୍ଟୁ ଅନିଷ୍ଟ କରିନି, ତେବେ ମୋ ଉପରେ କାହିଁକି କିଏ ରାଗିଛନ୍ତି । ମଣିଷର ମନ ହିଁ ପୃଥିବୀରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଜନ୍ତୁ । ଫୋପାଡ଼ିବା ଲୋକଟି ନିଶ୍ଚୟ ଭୁଲ ଭାବରେ କୌଣସି ପ୍ରକାର ସନ୍ଦେହ କରୁଛି ଯେ ମୁଁ ତାର କୌଣସି ଅନିଷ୍ଟ କରିଛି ବା କରୁଛି । ଲୋକଟି ନିଶ୍ଚୟ ଏ ସାହିର । ବାହାରୁ ଲୋକ ଆସି ଏଠାରେ ଢେଲା ପକେଇବା ଅସମ୍ଭବ । ତେବେ ସେ ଲୋକଟି କିଏ ? ଭାବି ଭାବି ରମେଶ ଶୋଇ ପଡ଼ିଲା । କଣ୍ଟୁ ଥଳ କୂଳ ନପାଇ ଭଗିଆ ବି ଶୋଇପଡ଼ିଲା । କିନ୍ତୁ ସତିଆ ପାହାନ୍ତିଆ ଠାକୁର ପୂଜା ଘଣ୍ଟିକୁ କାନେଇ ଥାଏ । ଘଣ୍ଟି ବାଜିବା ମାତ୍ରେ ସତିଆ ଉଠି ପଡ଼ି ଦାନ୍ତଟା ଘଷିଦେଇ ଧାଇଁଲା ଶଙ୍କର ଗୁଣୁରିଆ ଘରକୁ । ଗୁଣୁରିଆକୁ ଖୁଣ୍ଟି ନାଣ୍ଟି ହବୁ ଘଟଣା କହିଗଲା । ଗଜ କେନା ଯେ ସାହାର ଭୂତ

Digitized by srujan ka@gmail.com

ବୋଲି ଚିହ୍ନି ପାରିଅଛୁ ତାହା ବି କହିଲା । ସବୁ ଶୁଣି ସାରି ଢଙ୍ଗୁରିଆ କହିଲା, "ହୁଁ, ସାହାକରୁତ ଠିକ୍, ଛାଡ଼ିବାକୁ ଟିକିଏ କଷ୍ଟ ହେବ । ବହୁତ ଗୁଡ଼ାଏ ଜଞ୍ଜାଳ ବି ଲାଗିବ । ସେ ଭୂତକୁ ମୁଁ ଇଁ ରମଣୀ ଅମ୍ବ ଗଛରେ ବନ୍ଧନ କରିଥିଲି । ଦିନେ ତି ବାରଠାବେଳେ ସେଇ ବାଟେ ଯାଉଥିଲି । ଗଛ ଉପରେ ବସି ଗୋଡ଼ ଦ'ଟା ତଳକୁ ଲମ୍ବେଇ ଦେଇ ହଲଉଥାଏ । ମୁଁ ଉଠ୍‌ବେ ବୋଲି ଯେମିତି କହୁଛି ସନାଟି ଅସିଲ ତ ! ଶଉରିଅ ବୋଲି ଯଦି ଚିହ୍ନି ଥାନ୍ତା ତେବେ ଦେଖିଲା ମାତ୍ରେ ଛାଡ଼ି ପଳେଇଥାନ୍ତା । ଅଁଟା କରି ଦାନ୍ତ ଦେଖାଇ ଧରିବ ବୋଲି ହାତ ବଢ଼େଇଲା । ମତେ ହସ ଲାଗିଲା । ବାଁ ଗୋଡ଼ରୁ ଟିକିଏ ବାଳ ଅଣି ମନ୍ତୁରେଇ ଛାଡ଼ି ଦେଲି । ଦେଖ ତା ବଳ । ଚେଁ ଚେଁ ହୋଇ ଅଧଘଣ୍ଟାଯାଏ ରଡ଼ି ଛାଡ଼ିଲା । ପାଖରେ ଗୋଟାଏ ଲୁହା କଣ୍ଟା ଥିଲା । ତାକୁ ମନ୍ତୁରେଇ ସେ ଗଛରେ ପିଟି-ଦେଲି । କହିଲି, "ଦେଖ୍, ଫେର୍ ବାର୍ ଆଉ କାହାକୁ ଯଦି ଏମିତି ଡରେଇବୁ ତେବେ ତତେ ଘଡ଼ାରେ ଭର୍ତ୍ତି କରି ପଙ୍କରେ ନେଇ ମାଡ଼ି ଦେବି । ସେହି ଦିନଠାରୁ ଚୁପ୍ ଥିଲା । ମହନ୍ତ ସେ ଗଛକୁ କଟେଇ ଦବାରୁ ଫିଟିଗଲା ! ଫିଟିଲେ ତ ସେମିତି ଉତ୍ପାତ କରିବ । ତାକୁ ପୁଣି ପକଡ଼ିବା ବଡ଼ ମୁସ୍କିଲ ।" ସଉଅ ଦହରେ ସେତେ-ବେଳକୁ ରୁମ ସବୁ ଠିଆ ହୋଇଗଲାଣି । ସାହାବ ଭୂତର ଭୀଷଣତା ଓ ନିଷ୍ଠୁରତାରେ ଏତେ ଦୂର ସନ୍ତ୍ରସ୍ତ ହୋଇ ପଡ଼ିଥିଲା ଯେ, ପଛରେ ଶୋଇଥିବା ଶଉରିଆର ଗୋଟିଏ ନଙ୍ଗାଳିଆ କୁତା ସେଇ ବାଟ ଦେଇ ଯାଉଥିବା ଅଉ ଗୋଟିଏ ଅପେକ୍ଷାକୃତ ଭଲ କୁତାକୁ ଦେଖି "ଭୁଉଁ" କରି ଶବ୍ଦ କରିବା ମାତ୍ରେ ସେ "ବୋପାଲୋ" ବୋଲି ପାଟି କରି ଶଉରିଅକୁ କୁଡ଼େଇ ପକେଇଲା । ଅବସ୍ଥା ବୁଝି ପ୍ରକୃତସ୍ଥ ହେଲା ଓ ଶଉରିଅକୁ କହିଲା, "ଯାହା ଦରବାର ପଡ଼ିବ ଆମେ

Digitized by srujan ka@gmail.com

ଯୋଗାଡ଼ କରିଦବା, ଯାହା ଖର୍ଚ୍ଚ ପଡ଼ିବ ଦବା, ତୁମେ ତାର ଉପାୟ କର ।”

“ହଉ, ତେବେ ତାଲିକା ମୁତାବକ ଜିନିଷ ଯୋଗାଡ଼ କରି ରଖିଥିବ, ମୁଁ ସୁବ୍ଠା ବେଳକୁ ୪ମା ମୁଠି ଧରି ଯିବି ।”

“ହଉ ତାଲିକା କଅଣ କୁହ ।”

ଶଙ୍କରିଆ ଗପିଗଲା—“ମଦ ବୋତଲ, ଗୋଟାଏ ଗଞ୍ଜା, ଅରୁଆ ଚାଉଳ ଦୁଇ ସେର, ଘିଅ ପାଏ, ଭଗଲି ତଅରି ପିକା ୮ଟା, ମନ୍ଦାର ଫୁଲ ୮ଟା, ଗୋଟିଏ ନଡ଼ିଆ, ଚିନି ଛଟାଂକଏ ଏହି ଅଠୋଟି ଜିନିଷ ତୁମେ ଯୋଗାଡ଼ କରି ରଖିଥିବ । ଆଉ ଯାହା ଯାହା ଦରକାର ମୁଁ ନେଇ ଠିକ୍ ୪ଟାବେଳେ ପହଞ୍ଚିବି । ତୁମେ ଯାଅ, ଜଲଦି ଯାଅ ।”

…ରମେଶ ତାଲିକା ଅନୁସାରେ ଆସିଥିବା ଜିନିଷଗୁଡ଼ିକ ଦେଖି ଗମ୍ଭୀର ଭାବରେ ଶଙ୍କରିଆକୁ କହିଲା, “ଆରେ ଶୁଣିଅ ତ ଆଉ କେତେଗୁଡ଼ାଏ ଜିନିଷ ବସଦ ଦେବାକୁ ଭୁଲି ଯାଇଛୁ ।”

“କଅଣ ?”

“ଗରମ ମସଲା, ଅଦା, ପିଆଜ, ରସୁଣ, ବଟା ହଳଦୀ, ଲୁଣ । ଏଗୁଡ଼ିକ ନହେଲେ କାମ ନ ଚଳେ । ଯା, ଯା, ସେଗୁଡ଼ିକ ଶୀଘ୍ର ନେଇଆ ।”

“ଚସ ଅସ୍ତୁ, ବଗଦ ଦେଲେ ନେଇ ଆସିବା ।

ରମେଶ ଆଉ କିଛି ନ କହି ମୁରୁକି ହସା ଟିକିଏ ଦେଇ, ଚଳ କରିବା ସ୍ଥାନକୁ ଚାଲିଗଲା । କଣ୍ଟ ଦେଇଥିବା ସମୟର ଘଣ୍ଟାଏ ଆଗରୁ ଶଙ୍କରିଆ ଆସି ପହଞ୍ଚିଗଲା । ଜିନିଷ ପତ୍ର ସବୁ ଦେଖିଲା ଠିକ୍ ଅଛି ।

—ଶହେଅଠତରିଶି—

Digitized by srujan ka@gmail.com

ପୂଜା ଚଣ୍ଡୀପଠ୍ ଆରମ୍ଭ କରିଦେଲା । କୌତୂହଳ ବଶତଃ ଗଜ ଜେନା, ନାଥିଆ, ଚକରି ଓ ଆଉ ଜଣେ ଦୁଇଜଣ ଆସି ସେଠାରେ ଜମି ଗଲେ । ଶଉରିଆ ମୁଣି ଭିତରୁ ଯୋଡ଼ାଏ ସରି ଓ ଗୋଟାଏ ମଣିଷ ମୁଣ୍ଡ କାଢ଼ି ଥୋଇଲା । ଫୁଟୁର୍ ଫାଟୁର ହୋଇ ଗୁଡ଼ାଏ କଣ ମନ୍ତ୍ର ବୋଲିଗଲା । ମନ୍ଦାର ଫୁଲଟିଏ ଫୁଙ୍କିଦେଇ ମଣିଷ ମୁଣ୍ଡ ଉପରେ ଥୋଇଲା । ସଭିଅଙ୍କୁ କରଚୁଲିଏ ନିଆଁ ଅଣିବାକୁ କହି ପୁଣି କାଳିଆ ପାଟି କରି କହିଲା—

"ଆରେ ରେ ସାଇବ ଭୁତ, ବଡ଼ ବଦମାସ ତୁ ତ ।

ଏଠାକୁ ଅଇଲୁ କିଆଁ, ପଳା ପଳା ମାରି ଊଆଁ ।

ଭଲ ଗତିଥିଲେ ଯାଆ, ଏଠାକୁ ଅଉ ତୁ ନ ଆ ।

ଦେଖେଇବୁ ଯଦ ଟାଣ, ମାରିବି କଡୁସି ବାଣ—
ଯା, ଯା, ଯା, ଯା"—

ତାପରେ ମଣିଷ ମୁଣ୍ଡ ଉପରେ ଥିବା ମନ୍ଦାର ଫୁଲଟି ଆଣି କରୁଚୁଲିରେ ନିଆଁ ଉପରେ ଥୋଇଲା ଓ ନିଆଁରେ ଟିକିଏ ଝୁଣା ପକେଇ ଦେଲା—"ଯିବୁନି ? ଆଁ —ଯିବୁନି ?—ଦେଖିବୁ,ଅଚ୍ଛା ହଉ ରହ ।"

ଭକୁଆ ହୋଇ ସମସ୍ତେ ଚାହିଁଥାଆନ୍ତି । ଶଉରିଆ ବୁଝେଇ ଦେଲା, "ଏଇ ମନ୍ଦାର ଫୁଲଟି ଯେତେବ ଧଳା ହୋଇଯାଇ ଥାଆନ୍ତା, ତେବେ ତା ଅଣ୍ଟ ଭାଙ୍ଗିଗଲା ଓ ସେ ଛାଡ଼ିଗଲା ବୋଲି ଜଣା ପଡ଼ି ଥାଆନ୍ତା । ଭଲରେ ସେ କଅଣ ଯିବ ! ତାକୁ କଡୁସି ବାଣ ଦରକାର ! ଦଉଛୁ ଶଳାକୁ ସାବାଡ଼୍ କରି । ଯାହା ଜିନିଷ ପତ୍ର ସେଠି ଥିଲା ସେତିକି ସଜେଇ ରଖି ଦେଲା । ପୁଣି ଫୁଟୁର ଫାଟୁର୍ ହୋଇ ମନ୍ତ୍ର ବୋଲି

Digitized by srujan ka@gmail.com

ସବୁ ଜିନିଷ ଉପରେ ଫୁଲ ପାଣି ସିଞ୍ଚିଦେଲା । ମଦ ବୋତଲ ଖୋଲି ସରାଟେରେ ଟିକିଏ ଢାଳିଲା ଓ ଠିପି ବନ୍ଦକରି ପୁଣି ଥୋଇଦେଲା । ବାଇଁଶଣରୁ ଖଣ୍ଡିଟା ପନିକରେ ଅଲଗା କଲା ପରି 'କକ୍ କକ୍, କଁ, କଁ' ହେଉଥିବା କୁକୁଡ଼ାଟିକୁ ମାଡ଼ିବସି ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଲା । ସତିଆ ଚାହିଁ ନପାରି ମୁହଁ ବୁଲାଇ ଦେଲା । ରକ୍ତ ଟିକିଏ ସେ ସରାରେ ଦେଲା । ସବୁ ଜିନିଷରୁ ଟିକିଏ ଟିକିଏ ଅଗ୍ନି ସେ ସରାଟେର ପକେଇଲା । ସେ ସରାକୁ ମଣିଷ ମୁଣ୍ଡ ଆଗରେ ରଖିଲା । ସତିଆକୁ ଡାକି କହିଲା, "ଏଗାଠାଏ ବଡ଼ ହାଣ୍ଡିରେ ଏ ଜିନିଷତକ ଖଞ୍ଜିକରି ରଖି, ତେଲଭଣୀ ଜଗୁଡ଼ାଇ ଦେ ।" ସତିଆ କାମରେ ଲାଗିଲା ଓ ସେ ମନ୍ତ୍ର ପଢ଼ିଲା । ଗଜା ଜେନା ଟିକିଏ ପାଖକୁ ଘୁଞ୍ଚି କାନ ଡେରି ବସିଲା । ଅଜ କାହାକୁ କିଛି ଶୁଭିଲା ନାହିଁ । ଏକା ଗଜା ଜେନା ଶୁଣି ପାରିଲା—"ଓଁ କଟୁସା, କଟୁସା, ମହାକଟୁସା, ବ୍ରହ୍ମ କଟୁସା, ତୁ ଥିଲୁ ବ୍ରହ୍ମାଙ୍କ ପାଶ —

ସତ୍ୟରେ କାଟିଲୁ ତୁହି ମୁରର ସଇନ,
ତ୍ରେତାରେ କାଟିଲୁ ତୁହି ରାବଣ ସଇନ
ଦ୍ୱାପରେ କାଟିଲୁ କେତେ କୌରବଙ୍କ ମୁଣ୍ଡ
ସୁର ଅସୁରଙ୍କୁ କରି ପାରୁ ଲଣ୍ଡଭଣ୍ଡ ।
ବ୍ରହ୍ମା ତୋଷି କାମ ଚଣ୍ଡୀ ପାଇଲେକ ତୋତେ,
ଅରେ ବ୍ରହ୍ମବାଣ ହୁଅ ପରସନ ମୋତେ ।

ଚଣ୍ଡୀ ତୋଷି ପାଇଥିଲା ନିତେଇ ଧୋବଣୀ
ଅବର ପାଇଥିଲା ପିଟେଇ ଶଉରୁଣୀ ।
ଚଣ୍ଡୀଙ୍କ ଅଙ୍ଗରେ ମୁହିଁ ପେଷୁଅଛି ତୋତେ,
କାଟିପକା ଏଠି ଅଛନ୍ତି ଭୂତ ପ୍ରେତ ଯେତେ ।

—ଶହେସ୍ତୁଲଶି—

Digitized by srujan ka@gmail.com

ଏଠି ସେ ସାହାବ ଭୂତ ମହାଭୟଙ୍କର,
କର୍ କାର୍ କାଟି ପକା କର ନାରଖାର ।
ନଟେ ଧୋବଣୀ ପିତେଇ ଶଉରୁଣୀ ରଣ,
ସାହାବ ଭୂତକୁ କାଟି ପକା ମହାବାଣ ।
କାଟ୍ କାଟ୍ ବୋଲ୍ କାହାର ଆଜ୍ଞା
କାଉଁରୀ କାମଚଣ୍ଡୀଙ୍କ କୋଟି କୋଟି ଆଜ୍ଞା ।"

ଆଡ଼େ ହାଣ୍ଡି ଭିତରେ କାନପ ସବୁ ଖଞ୍ଜା ସର ତେଲଭଣୀ ଛଙ୍କା ହୋଇଥାଏ । ମନ୍ତ୍ର ପଢ଼ା ସାର ଶଉରଅ ସେ ସଗ୍ଣ୍ଡାକୁ ମଣିଷ ମୁଣ୍ଡ ଆଗରେ ଥୋଇଲା । କରଚୁଲିଏ ନଅଁକୁ ଠିକଏ ଫୁଙ୍କିଦେଇ ମୁଣ୍ଡାଏ ଗନ୍ଧକ ଭଳିଆ ହଳଦିଆ କାନପ ପକେଇ ଦେଲା । ସେ ଧୂଅଁର କଡ଼ା ଗନ୍ଧରେ ଜମିଥିବା ଲୋକଙ୍କର ଗୁଡ଼ କଅଣ ହୋଇଗଲା । ଗୋଟାଏ ମନ୍ଦାର ଫୁଲ୍ ଧର ସେ ସେହି ଧୂଅଁ ଉପରେ ଦେଖେଇଲା । ନାଥିଅ, ଚଳଗ୍ ଛଡ଼ା ଆଉ ସମସ୍ତେ ଅଖିମାନ ତରଟି ଦେଇ ଗୁହିଁ ଥାଅନ୍ତି । ଫୁଲ୍ଟା ଅସ୍ତେ ଅସ୍ତେ ଧଳା ହୋଇଗଲା । ସେ ଧଳା ଫୁଲଟିକୁ ଚକଟି ମକଟି ଧର ପୁଣି ବକିଲା "ଶଳା, ତୋର ଏଡ଼େ ଦମାକ୍,ଭଲରେ କହିଲ୍ ଯା 'ଯା' ବୋଲ୍, ଅଣ୍ଟ ଦେଖେଇଲୁ, ଏଥରକ ପା, ମଜାଟା ପା । ସେ ଫୁଲଟା ନେଇ ସେ ହାଣ୍ଡି ଭିତରକୁ ପକେଇ ଦେଇ; ତେଲଭଣୀଟା ପଟ୍କର ବନ୍ଦ କରଦେଲା । ମୁଣ୍ଡଟା ତା ମୁଣି ଭିତରେ ରଖିଦେଲା । ଘର ଗ୍ରିପାଖ ବୁଲ୍ ୪ଟା ଲୁହା କଣ୍ଟା ବାଡ଼େଇଦେଲା ।

କୋଣାର୍କ ଦେଉଳର ମୁଣ୍ଡି ମର ସରିବା ପରେ ବିଶୁ ମହାରଣା ଯେମିତ ନିଶ୍ୱାସଟିଏ ମାରିଥିଲା, ଠିକ୍ ସେମିତଅ ଜ୍ଞାଣ୍ୱାସଟିଏ ମାରି ସଉଅକୁ କହିଲା, "ଏଥରକ ବେଧଡ଼କ ହୋଇ ରୁହ । ହାଣ୍ଡି ସୁଦ୍ଧା ତାକୁ ନେଇ ଅମ ବାଡ଼ି ଅଡ଼େ ପୋତିଦେବା । ଗଛରେ ଥିଲାବୋଲ୍

—ଷହେଏକକ୍ଷୁଲାଗି—

Digitized by srujan ka@gmail.com

ସିନା ବାହାରିଗଲା ! ଏଥରଙ୍କ ଅଉ ଯିବ କୁଆଡ଼େ ?" ବଦାକ ଟଙ୍କାଟି ହାତରେ ଧରିଲା, ହାଣ୍ଡି ଟି ମୁଣ୍ଡେଇ ଝୁଙ୍ଗ୍ ଝୁଙ୍ଗ୍ ହୋଇ ଚାଲିଲା ତା ଘର ଅଡ଼େ ।

ସେଦନ ରାତରେ ଶଙ୍କରଅ, ନାଥିଆ, ଚକରା ତନିହେଁ କେହି ଘରେ ଖାଇଲେ ନାହିଁ । ତିନିଜଣଙ୍କର ଗୁପ୍ତ ମନ୍ତ୍ରଣା ଚାଲିଥାଏ ମଶାଣି ପାଖ ଚବୁତରା ଉପରେ । ଶଙ୍କରଅ ନାଥିଆ, ଚକରାଙ୍କ କଥାବାର୍ତ୍ତା ମନୋଯୋଗ ସହିତ ଶୁଣିଯାଉଥାଏ । ନାଥିଅ ଚକରାକୁ କହିଲା, "ଚକରା ଭାଇ ଛାଡ଼, ଯେତିକି ହେଲା ସେତିକି, ଅଉ ସେ କାମରେ ହାତ ଦବାନି । ସେ ଶଳା କଲେଜ ଟୋକା କୁଆଡୁ ଅସିଛି କୁଅଡ଼େ ଯିବ । ତା କଥାରେ ଆମ ସାହି ମଣିଷକୁ ଆମେ କାହିଁକି ହରବର କରିବା ?"

"ହଁ ହୁଁ, ଶଳା ଦଶଟଙ୍କା ଦେଇଛି, କିଛିହେଲେ ତାର କାମ କରିବ ନି ? ଅଉ ବି ନାକ୍ଟା କି ପଦ ସେ ଟୋକାକୁ ଶୁଙ୍ଘେଇଛି କେଜାଣି, ସେ ଟୋକା ବିମଳ ବାବୁ ଘର ଟୋକାକୁ ଛାଡ଼ି ତା ପାଖେ ସବୁବେଳେ ।"

"ନାକଟାର କି ଦୋଷ ? ନାକଟା କଅଣ ତାକୁ ଡାକି ଯାଇ-ଥିଲା ? ସେ ଟୋକାକୁ ହେଲେ ପଠାଏ ହଲାପଟା କରିଦେଲେ ଭଲ ହୁଅନ୍ତା ।"

"ଆମ ସାହି ଭିତରେ ସେ ଟୋକାର ଘର ହୋଇଥିଲେ ସିନା ତାକୁ ହଲାପଟା କରନ୍ତେ ! ଅଉ ବି ସେ ତ ସବୁବେଳେ ହାଓ୍ଦା ଗାଡ଼ିରେ ଅସୁଛି ଯାଉଛି, ତାକୁ ପାଇବା କେମିତି ? ନାକ୍ଟାକୁ ହଲାପଟା କଲେ ବଳେ ତା ଯିବାଅସିବା ବନ୍ଦ ହୋଇଯିବ ବୋଲି ସିନା ମୁଁ କହୁଥିଲି ! ବିମଳ ବାବୁ ବି ଦୁହିଁଙ୍କୁ ଛେଚିବାକୁ କହୁଥିଲେ ।"

Digitized by srujan ka@gmail.com

ସମସ୍ୟାର ସମାଧାନ ନହେବାରୁ ଶଙ୍କରଆ ବୁଦ୍ଧି ବଢେଇ ଦେଲା—"ତୁମେ ସେ କଲଜ ବାବୁକୁ କହିଦବନି—ଅମେ ଏଷା କଲୁ, ଅମେ ଚେଷ୍ଟା କଲୁ ସେ କୋଉଁ ଅସ୍ପୃଷ୍ଟ ଦେଖିବାକୁ । କଅଣ କଲ୍ କଅଣ ନକଲ୍—।"

"ହଁ ଠିକ୍ ବୁଦ୍ଧିଟାଏ ବଢେଇଲୁ । ସେ ଟୋକୀଟା ଯଦି ହାବୁଡ଼େ ଦିନେ ପଡ଼ିବ, ପଟାଏ ହଲପଟା କରିଦେବା । ଅଚ୍ଛା ଅଜବ୍ ଟୋକୀ । ଶଳା ଅମେ ସାମ୍ନାରେ ଏତେ ଲୋକ ଅଛୁ, କେହି ପସନ୍ଦ ହେଲେ ନାହିଁ । ଶଳା ହେଲା ସେ ନାକଟା । ଅଃ, କି ବଢ଼ିଆ ଟୋକୀଟାଏ, ମଖନ ପରି ହୋଇଥିବ । ନା, କୋଉ କଦର୍‌ରେ ହେଲେ ତା ଦିହରେ ଶଳାକୁ ହାତ ଲଗେଇବି । ଶଳା ବିମଲ ବାବୁ ତ ସାଙ୍ଗକୁ ଅଛୁ, ପରବାଏ କଅଣ ? ଏ ଶଳା ନାକଟା ସାଙ୍ଗରେ ଲାଗି ଲାଭ କଅଣ ?" ସର୍ବସମ୍ମତିକ୍ରମେ ପ୍ରସ୍ତାବଟା ଗୃହୀତ ହୋଇ-ଗଲା । ସାଙ୍ଘାବି ଭୂତ ରମେଶ ଉପରେ ଦେଇଥିବା ଦୃଷ୍ଟିକୁ ଫେରାଇ ନେଲା । ଶଙ୍କରଆର ମନ୍ତ୍ର ଅବ୍ୟର୍ଥ ଓ ଅକାଟ୍ୟ ଭାବି ସତିଆ ମନେ ମନେ ଖୁସି ହେଲା ଓ ଶଙ୍କରଆର ଦୀର୍ଘ ଜୀବନ କାମନା କରି ବୁଢ଼ୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା । ବିପଦ ରମେଶ ମୁଣ୍ଡରୁ ଓହ୍ଲାଇ ଗଲା । ପୁଣି କାହା ମୁଣ୍ଡରେ ତ ଗୋଟାଏ ଚଢ଼ିବ !

Digitized by srujan ka@gmail.com

—୧୧—

ବିପଦ ଘଟିଲା ରେଖା ଦେବୀଙ୍କ ଉପରେ । ତାଙ୍କ ନାଆଁରେ ସହରର କାନ୍ଥ ବାଡ଼ରେ କୁତ୍ସିତ ଲେଖାମାନ ପ୍ରକାଶ ପାଇଲା । ଖୋଦ୍ ତାଙ୍କର ଘରର କାନ୍ଥରେ ଓ ପାଚେରୀରେ ଅଙ୍ଗାରରେ ବିଭତ୍ସ କଥାମାନ ଲେଖାଗଲା । ତାଙ୍କ ବାପା ପାଖକୁ ତାଡ଼ାଏ ତାଡ଼ାଏ ବେନାମୀ ଚିଠି ଗଲା । ସବୁର ସାରାଂଶ ହେଉଛି ରେଖା ଦେବୀଙ୍କର ଚରିତ୍ର ଯେ କୌଣସି ବାରାଙ୍ଗନାର ଚରିତ୍ରଠାରୁ ହୀନ । କେଉଁଥିରେ ରେଖା ଦେବୀ ମୁହାଁମୁହିଁ ଧରାପଡ଼ି ବହୁ ଅନୁନୟ ବିନୟ ପରେ ଛୁଟିପାଇ ପଳାଇ ଆସିଥିବାର ପ୍ରମାଣ ଥାଏ । ଧମକପୂର୍ଣ୍ଣ କେତେକ ବେନାମୀ ଚିଠି ରେଖା ଦେବୀଙ୍କ ପାଖକୁ ଆସିଲା । ରେଖାଦେବୀ ଏସବୁ କଥା ପ୍ରତି ଭ୍ରୂକ୍ଷେପ କଲେ ନାହିଁ । ତାର ବାପା ତାର ଚରିତ୍ର ଉପରେ ଯଥେଷ୍ଟ ଆସ୍ଥା ରଖିଥିଲେ ସୁଦ୍ଧା ବାହାରର ଦୁର୍ନାମକୁ ଡରି ତାକୁ ବେଶୀ ପଦାକୁ ନ ବାହାରିବାକୁ ଆଦେଶ ଦେଲେ । ହୃଦୟ ଭାଙ୍ଗି ପଡ଼ିଲେ ସୁଦ୍ଧା ରେଖାଦେବୀ

Digitized by srujan ka@gmail.com

ପିତାଙ୍କ ଅଙ୍ଗ ମାନ ଖୁବ୍ କମ୍ ପଦାକୁ ଯିବା ଆସିବା କଲେ । ରେଖା ଦେବୀ ନିଜର ବୁଲବୁଲ ବନ୍ଦ ହୋଇଯିବାରୁ ଯେତେ ଦୁଃଖିତ ହୋଇ ନଥିଲେ, ସେତିକ ବେଶୀ ଦୁଃଖିତ ହୋଇଥିଲେ, ତାଙ୍କର ଅନୁପସ୍ଥିତ ରମେଶର ଶହାଙ୍କନରେ ବାଧାଦେବ ବୋଲି ଭାବି । ଏତିକରେ ରେଖା ଦେବୀଙ୍କର ବିପଦ ସରିଲା ନାହିଁ । ବରଂ ଏହା ଚରମ ସୀମାରେ ପହଞ୍ଚିଲା । ଯେଉଁଦିନ ସେ ତାଙ୍କର ଏକ ପଡ଼ୋଶୀ ବାନ୍ଧବୀଙ୍କୁ ନେଇ ଚଳଚ୍ଚିତ୍ର ଦେଖିବାକୁ ଗଲେ, ତାଙ୍କ ଗାଡ଼ିଟି ସେଦିନ ଖରାପ ଥିବାରୁ ଦୁଇଜଣଯାକ ମଣିଷଟଣା ଗାଡ଼ିରେ ଯାଇଥିଲେ । ଚଳଚ୍ଚିତ୍ର ଦେଖି ସେହି ମଣିଷଟଣା ଗାଡ଼ିରେ ସେ ଫେରିଲେ । ତାଙ୍କ ଆସିବା ବାଟରେ ଗୋଟିଏ ବଡ଼ ଅନ୍ଧାରୁଆ ଓ ନିଛାଟିଆ ରାସ୍ତା ପଡ଼େ । ତାହା ଏତେ ଅନ୍ଧାରୁଆ ଓ ସାପୁଆ ଯେ ସନ୍ଧ୍ୟା ପରେ ସେ ବାଟ ଶୂନ୍‌ଶାନ୍ ହୋଇଯାଏ । ସେ ଗାଡ଼ିଟା ଗୋଟିଏ ଛକ ଡେଇଁ ରାସ୍ତାର ଅଧା ଅଧି ଆସିଛି କି ନାହିଁ, ତିନି [illegible] ଦାଢ଼ିଆ ମଣିଷ ସେ ଗାଡ଼ିଟାକୁ ଘେରି ଗଲେ ଓ ଜଣେ ଚାଳକକୁ ଧକ୍କାଏ ପକାଇବାରୁ ସେ ବିଚରା ମୁହଁ ମାଡ଼ି ହୋଇ ପଡ଼ିଗଲା । ଗାଡ଼ିର ଅଗ ଦଣ୍ଡା ତଳେ କଚୁଡ଼ି ହୋଇ ଯାଇ ଭୂଇଁରେ ଖୋଷ ହୋଇଗଲା । ରେଖା ଦେବୀ ଓ ତାଙ୍କ ବାନ୍ଧବୀ ଛୁଆଁଡ଼ି ହୋଇ ରାସ୍ତାକୁ ଗଡ଼ି ପଡ଼ିଲେ । ସାଙ୍ଗେ ସାଙ୍ଗେ ଜଣେ ରେଖା ଦେବୀଙ୍କୁ ଜାବୁଡ଼ି ଧରି ତାଙ୍କ ପାଟି ବନ୍ଦ କରିବା ଲାଗି ତାଙ୍କ ପାଟିରେ ଗେଣ୍ଡେ କନା ଗୁଞ୍ଜିବାର ଉପକ୍ରମ କଲା । ରେଖା ଦେବୀ ପ୍ରାଣ ବିକଳରେ ତାଙ୍କ ଦାଢ଼ିରୁ ମୁଠାଏ ଝିଙ୍କି ପକାଇଲେ । ତା ଦାଢ଼ି ଓ ନିଶ ରେଖା ଦେବୀଙ୍କ ହାତରେ ଉଖୁଡ଼ି ଆସିଲା । ରେଖା ଦେବୀ ଜାଣିପାରିଲେ ସେ ଲୋକଟି କୃତ୍ରିମ ଗାଲମୁଛ ପିନ୍ଧିଛି । ସେ ଲୋକଟି ରେଖା ଦେବୀଙ୍କ ହାତକୁ ଖୁବ୍ ଜୋରରେ ଧରି କଣ ଅଡ଼କୁ ଝିଙ୍କି

Digitized by srujan ka@gmail.com

ନେବାକୁ ଚେଷ୍ଟା କଲା । ରେଖା ଦେବୀଙ୍କ ପାଦ ଏଠି ସେଠି ପଡ଼ି, ପଡ଼ି, ରାସ୍ତା କଡ଼ରେ ଥିବା ଗୋଟାଏ ଗାତରେ ପଡ଼ିଯାଇ ମୋଡ଼ି ହୋଇଗଲା । 'ଇଲୋ ବାପା ମୋ ଗୋଡ଼' ବୋଲି କହି ରେଖା ଦେବୀ ତଳେ ଅଜ୍ଞାନ ହୋଇ ପଡ଼ିଲେ । ଆଉ କଅଣ ହୋଇଥାଅନ୍ତା କେଜାଣି ତାଙ୍କ ଭାଗ୍ୟକୁ ପଛ ମୋଡ଼ରୁ ଗୋଟିଏ ହାଉଅଗାଡ଼ି ସେହି ଆଡ଼କୁ ବଟଙ୍କିଗଲା । ତାହାର ତୀବ୍ର ବିଦ୍ୟୁତାଲୋକ ସେ ଜାଗାକୁ ଆଲୋକିତ କରିଦେଲା । ରେଖା ଦେବୀ ତାଙ୍କୁ ଧରିଥିବା ଲୋକର ମୁହଁକୁ ଚାହିଁ ଦେଇ ଅବାକ୍ ହୋଇଗଲେ । ତାହା ତାଙ୍କର ଅତି ପରିଚିତ କମଳବାବୁଙ୍କ ମୁହଁ । ଆଲୁଅଟା ପଡ଼ିବାରୁ ଓ ଗାଡ଼ିଟା ସେହି ଆଡ଼କୁ ଛୁଟି ଆସିବାରୁ କମଳବାବୁ ସମେତ ଅନ୍ୟ ଗୁଣ୍ଡାମାନେ ଛୁଟିପିଟି ହୋଇ ବଣବୁଦା ଆଡ଼େ ପଳାଇଲେ । ରେଖା ଦେବୀ ସେହିଠାରେ ପଡ଼ି ରହି ଅସହାୟ ଭାବରେ 'ଓଃ ମରିଗଲି' ବୋଲି ପାଟି କରୁଥାଅନ୍ତି । ତାଙ୍କ ବାନ୍ଧବୀଟି ବରଡ଼ା ପତ୍ର ପରି ଗୋଟାଯାକ ଥରି ଥରି 'ଧାଇଁ ଆସ ହୋ, ମାରି ପକାଇଲା' ବୋଲି ପାଟି କରୁଥାଅନ୍ତି । ଗାଡ଼ି ଟଣାଳିଟି ବସ୍ତିର ସେମିତ ମୁହଁ ମାଡ଼ି କରି ପଡ଼ିଥାଏ । ସେଦିନ ବସ୍ତିର ତାହାର ଅଫିମ ମାତ୍ରା ବେଶୀ ହୋଇଯାଇଥାଏ । ସେହି ଗାଡ଼ିଟା ଆସି ସେହିଠାରେ ସଶବ୍ଦରେ ଅଟକି ଗଲା । ରେଖା ଦେବୀ ଓ ତାଙ୍କ ବାନ୍ଧବୀଙ୍କ ମନରେ ଟିକିଏ ଦମ୍ଭ ଆସିଲା । ସେହି ଗାଡ଼ି ଭିତରୁ ଜଣେ ହଠାତ୍ ବଳିଷ୍ଠ, ସୁନ୍ଦର ଓ ପାଶ୍ଚାତ୍ୟ ପୋଷାକ ପରିହିତ ଯୁବକ ଡେଇଁ ପଡ଼ି ସେମାନଙ୍କ ପାଖକୁ ଦଉଡ଼ିଗଲେ । ରେଖା ଦେବୀ ଆକୁଳ ଭାବରେ ତାଙ୍କୁ ସାହାଯ୍ୟ ପ୍ରାର୍ଥନା କଲେ । ଯୁବକଟି କହିଲେ, "ଭୟ ନାହିଁ, ମୁଁ ଜଣେ ଡାକ୍ତର, ଆପଣମାନଙ୍କୁ ମୋ ଗାଡ଼ିରେ ନେଇ ଆପଣମାନଙ୍କ ଘରେ ପହଞ୍ଚାଇ ଦେବି । ରେଖା ଦେବୀଙ୍କର ଗୋଡ଼ର ଅବସ୍ଥା ଦେଖି

Digitized by srujan ka@gmail.com

ତାଙ୍କୁ ଉଠିବାକୁ ବାରଣ କଲେ ଓ ନିଜର ଦୁଇହାତରେ ତାଙ୍କୁ ଠିକ ଧରିଲେ ଏବଂ ତାଙ୍କର ବାନ୍ଧବୀଙ୍କୁ ଗାଡ଼ିର ପଛଦ୍ୱାର ଖୋଲି ଦେବାକୁ କହିଲେ । ବାନ୍ଧବୀଟି ଯାଇଁ ଯାଇ ତତ୍‌କ୍ଷଣାତ୍ ଦ୍ୱାରଟି ଖୋଲି ଦେଲେ । ଏହି ସମୟ ଭିତରେ ଯୁବକଟି ରେଖା ଦେବୀଙ୍କ ମୁହଁକୁ ଚାହିଁଲେ । କି ଅନିନ୍ଦ୍ୟ ସୁନ୍ଦର ରୂପ ! ଗାଡ଼ିର ବିଦ୍ୟୁତ ଆଲୋକ ମୁଖର ଶୋଭାକୁ ଅଦ୍ଭୁତ ବଢ଼ାଇ ଦେଉଥାଏ । ଯୁବକର ଦେହରେ ଗୋଟିଏ ଶିହରଣ ଖେଳିଗଲା । ତାଙ୍କର ବଳିଷ୍ଠ ମାଂସ-ପେଶୀ ସଙ୍କୁଚିତ ହୋଇଗଲା । ଅଦ୍ଭୁତ ଦୃଢ଼ ଭାବରେ ସେ ତାଙ୍କୁ ଯାକି ଧରିଲେ । ତାଙ୍କ ବାନ୍ଧବୀଙ୍କ ସାହାଯ୍ୟରେ ନିଜ ଗାଡ଼ିର ପଛ ଆସନରେ ନେଇ ଶୁଆଇ ଦେଲେ । ଗାଡ଼ିଟି ଧୀରେ ଧୀରେ ଯାଇ ରେଖା ଦେବୀଙ୍କ ଘରେ ପହଞ୍ଚିଲା । ଏମାନଙ୍କ ଅବସ୍ଥା ଦେଖି ତାଙ୍କ ଘର ଭିତରେ ଚାଞ୍ଚଲ୍ୟ ଖେଳିଗଲା । ରେଖା ଦେବୀଙ୍କ ପିତା ମାତାଙ୍କ ସୀମାତୀତ କାତରତା ଦେଖି ଡାକ୍ତରବାବୁ କହିଲେ—

"ଆପଣଙ୍କର ଏତେ ଅଧୈର୍ଯ୍ୟ ହେବା ଅନୁଚିତ । ମୋ ଉପରେ ଆସ୍ଥା ରଖନ୍ତୁ । ଆପଣଙ୍କ କନ୍ୟାଙ୍କର କିଛି ଅନିଷ୍ଟ ହେବ ନାହିଁ । ମୁଁ ତ ଏହି ଅଳ୍ପ ଦିନ ହେଲା ଆସିଲି ବିଲାତରୁ ଅସ୍ତ୍ର ବିଦ୍ୟାରେ ସର୍ବୋଚ୍ଚ ଉପାଧି ପାଇ । ଏହି ଡାକ୍ତରଖାନାରେ ଚାକିରି କରୁଅଛି ! ଗୋଡ଼ ବିଷୟରେ ଚିନ୍ତିତ ହେବାର କୌଣସି କାରଣ ନାହିଁ । ହାଲୁକା ରଞ୍ଜନ ରଶ୍ମି ଯନ୍ତ୍ର ମୋ ପାଖରେ ଅଛି । ମୁଁ ଯାଉଛି ବର୍ତ୍ତମାନ ସେ ଯନ୍ତ୍ର ନେଇ ଆସିବି । ସେଥିରେ ଅସ୍ଥିର ଅବସ୍ଥା ଜଣାପଡ଼ିଗଲେ ଚିକିତ୍ସା କରିବାକୁ ସୁବିଧା ହେବ । ଏହା କହି ସେ ଗାଡ଼ିରେ ବସି ଚାଲିଗଲେ ଓ ଅଳ୍ପ ସମୟ ଭିତରେ ଦୁଇଜଣ ସାହାଯ୍ୟକାରୀ ଓ ଆବଶ୍ୟକୀୟ ଯନ୍ତ୍ରପାତି ସହ ଆସି ପହଞ୍ଚିଗଲେ । ସଙ୍ଗେ ସଙ୍ଗେ ରଞ୍ଜନ ରଶ୍ମି ଯନ୍ତ୍ର ସାହାଯ୍ୟରେ ଫଟୋଚିତ୍ର ନିଆ

Digitized by srujan ka@gmail.com

ହେଲା ଏବଂ ଡାକ୍ତରବାବୁ ନିଜେ ରେଖାଦେବୀଙ୍କ ଗୋଡ ଉପରେ ପଟି ବାନ୍ଧି ଦେଇ ବେଦନାହାରୀ ଔଷଧ ପାଣିରେ ପଟିକୁ ଓଦା କରିଦେଲେ ଓ ବେଦନା ଉପଶମ ଲାଗି ଖାଇବା ପାଇଁ ମଧ୍ୟ କିଛି ଔଷଧ ଦେଇ ସାରି ଯିବାକୁ ବାହାରିଲେ । ପାରିଶ୍ରମିକ ପଚ୍ଛ ହେବାରୁ ସେ କହିଲେ, "ଆଉ, ଆଜି, ସେ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ହୋଇ ଯାଆନ୍ତୁ । ପରେ ଦେଇ ପାରନ୍ତି ।

ଡାକ୍ତରବାବୁଙ୍କର ତ ଟଙ୍କା ଉପରେ ନଜର ନ ଥିଲା । ନଜର ଥିଲା ରତ୍ନ ଉପରେ । ଭୂଇଁରୁ ବାହାରିବା ରତ୍ନ ନୁହେଁ, ଖାଣ୍ଟି ସ୍ତ୍ରୀ ରତ୍ନ । ରେଖା ଦେବୀଙ୍କ ପରି ରତ୍ନ ପ୍ରତିମାକୁ ପାଇବା ପାଇଁ ତାଙ୍କର ଚୋଟାକପାଳ ଆଶା ଜାଗିଥିଲା । ଏହା ମଧ୍ୟ କିଛି ଅସ୍ୱାଭାବିକ ନଥିଲା । ସେ ନିଜେ ଥିଲେ ଓଥଡ଼ା । ମୁଣ୍ଡରେ ସିନ୍ଦୂର ନଥିବାରୁ ରେଖା ଦେବୀଙ୍କୁ ସେ ଠିକ୍ ଓଥଡ଼ ବୋଲି ଜାଣି ପାରିଥିଲେ । ସେ ନିଜେ ମଧ୍ୟ ସୁଶ୍ରୀ ଓ ଏକଳକାୟ ଏବଂ ସୁଶିକ୍ଷିତ ହୋଇଥିବାରୁ ଶ୍ୱଶୁର ବଜାରରେ କନ୍ୟା ପିତାମାନଙ୍କର ଲୋଭନୀୟ ବସ୍ତୁ ହୋଇଥିଲେ । ଶକୁନ୍ତଳାକୁ କଳା ଭ୍ରମର ଫୁଲ କୁଞ୍ଜରେ ବ୍ୟଥା ଦେଉଥିବେଳେ, ଦୁଷ୍ମନ୍ତ ଯାଇ ରକ୍ଷା କରିଥିବାରୁ ତାଙ୍କୁ ପତ୍ନୀ ରୂପରେ ପାଇଥିଲେ । ଆମ ଡାକ୍ତରବାବୁ ବି ରେଖାଦେବୀଙ୍କୁ ଗ୍ରୁର ଗ୍ରରହା ଦଚୋଡ଼ିଆ ଭଅଁରଙ୍କ ଦାଉରୁ ରକ୍ଷା କରିଥିଲେ । ତେଣୁ ତାଙ୍କର ରେଖା ଦେବୀଙ୍କୁ ପାଇବା କିଛି ଅସ୍ୱାଭାବିକ ଆଶା ବୋଲି କୁହାଯିବ ନାହିଁ ।

ଡାକ୍ତରବାବୁ ଗ୍ଲଲିଯିବା ବାଦ୍ ତାଙ୍କ ଗୁଣ ଗ୍ରାମର ଚର୍ଚ୍ଚା ଗ୍ଲଲିଲା । ସାଇ ପଡ଼ଶାର କିଛି ଲୋକ ମଧ୍ୟ ଜମି ଯାଇଥିଲେ । ଅସ୍ତେ ଅସ୍ତେ ଡାକ୍ତରବାବୁଙ୍କର ସବୁ ବିଷୟ ଜଣା ପଡ଼ିଗଲା । ତାଙ୍କ ନାଁ ପ୍ରଶାନ୍ତ କୁମାର ଦାସ । ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ସଙ୍ଗକାୟ

Digitized by srujan ka@gmail.com

ଅସ୍ତ୍ରଚିକିତ୍ସାବିଭାଗ ମହାବିଦ୍ୟାଳୟ ସର୍ବ୍ୟ ପରୀକ୍ଷାରେ କୃତିତ୍ୱ ସହ ପାଶ କରିଅଛନ୍ତି । ପ୍ରାୟ ବର୍ଷେକାଳ ଭାରତର ବିଭିନ୍ନ ଡାକ୍ତରଖାନା-ମାନଙ୍କରେ ଅବସ୍ଥାପିତ ହେବା ପରେ ଏହି ସହରର ଡାକ୍ତର-ଖାନାରେ ଆସି ରହିଅଛନ୍ତି । ସେ ଏଡ଼େ ଉଦାର ଯେ ହାତରୁ ଟଙ୍କା ଖର୍ଚ୍ଚ କରି କୌଣସି କୌଣସି ରୋଗୀକୁ ଚିକିତ୍ସା କରନ୍ତି । ସେ ଅବିବାହିତ । ଉପସ୍ଥିତ ଲୋକମାନେ ଏହିପରି ପ୍ରଶଂସା ଗାଇ ଚାଲିଥାନ୍ତି । ରେଖା ଦେବୀଙ୍କୁ କାହିଁକି ଏ ସବୁ କଥା ଶୁଣିବାକୁ ଭାରି ଭଲ ଲାଗୁଥାଏ । ତାଙ୍କ ହୃଦୟ ଭିତରେ ଯେଉଁ ଗଛଟି ପାଣି ବିନା ମରିଯାଉଥିଲା ସେଥିରୁ ଗୋଟିଏ କୁଆଁ ବାହାରି ଯୋଡ଼ିଏ ପତ୍ର ମେଲିଲା ।

ତହିଁ ଆରଦିନ ସକାଳୁ ପ୍ରଶାନ୍ତ ବାବୁ ଗାଡ଼ିରେ ଆସି ହାଜର ହୋଇଗଲେ । ରେଖା ଦେବୀଙ୍କ ପିତା ନିଜେ ଯାଇ ପାଛୋଟି ଆଣିଲେ । ସେ ରେଖା ଦେବୀଙ୍କ ଖଟ ପାଖରେ ଚୌକିରେ ବସି ତାଙ୍କର ଚମଡ଼ା ମୁଣିରୁ ଗୋଟିଏ ରଞ୍ଜନ ରଶ୍ମିର ଛାୟା ଚିତ୍ର କାଢ଼ିଲେ ଓ ରେଖା ଦେବୀଙ୍କୁ ଦେଖାଇ କହିଲେ, "ଦେଖନ୍ତୁ, ଭଗବାନଙ୍କ ଦୟାରୁ, ଆପଣ ବ୍ୟସ୍ତ ହେବେ ନାହିଁ ।" ରେଖା ଦେବୀଙ୍କ ମୁହଁ ପାଖକୁ ଟିକିଏ ଝୁଙ୍କି ପଡ଼ି ସେ ଛାୟାଚିତ୍ରରେ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, "ଏହି ଦେଖନ୍ତୁ ଆପଣଙ୍କ ଅସ୍ଥିରେ କୌଣସି ଅଘାତ ଆସି ନାହିଁ । କେବଳ ମାଂସପେଶୀ ଓ ତନ୍ତୁ ଉପରେ ବେଶୀ ଚାପ ପଡ଼ିଥିବାରୁ ଏ ଦରଜ ହୋଇଅଛି । ଏହି ସପ୍ତାହକ ମଧ୍ୟରେ ଦରଜଟା ଭଲ ହୋଇଯିବ ।" ଅତି ଚିନ୍ତା କ'ଣ ବୋଲି ପଚାରି ମୁଗ୍ଧ ଦୃଷ୍ଟିରେ ରେଖା ଦେବୀଙ୍କ ଆଡ଼କୁ ଚାହିଁ ଟିକିଏ ମୁରୁକି ହସାଦେଲେ । ସେ ମୁହୂର୍ତ୍ତରେ ରେଖା ଦେବୀଙ୍କ ଶରୀର ପୁଲକିତ ହୋଇ ଉଠିଲା । ତାଙ୍କ ହୃଦୟ ଭିତରର ସେ ଛୋଟ ଗଛଟି ବସନ୍ତ

— ଶେଷ ଅଂଶରୁ ଶ —

Digitized by srujan ka@gmail.com

ପବନରେ ଅଲୋଡ଼ିତ ହେଲା । ସେ ଗୃହିଣୀର ଅର୍ଥ ଶେଷ ବୁଝି ପାରିଲେ । ତାଙ୍କ ମୁଁହରୁ କିଛି କଥା ବାହାରିଲା ନାହିଁ । ସେ ବି ଗୋଲପି ମୁହଁରେ ଟିକିଏ ହସ ଫୁଟାଇ ଆଖି ଦିଓଟି ତଳକୁ କଲେ । ତପୃରେ ହେଲା ପଟି ଖୋଲା । ଚଉକିଟା ଗୋଡ଼ ଆଡ଼କୁ ଟାଣି ନେଇ ପ୍ରଶାନ୍ତ ବାବୁ ବସିଲେ ଓ ନିଜ ଅଣ୍ଠୁ ଉପରେ ରେଖା ଦେବୀଙ୍କ ପାଦକୁ ଥୋଇ ପଟି ଖୋଲିବାକୁ ଲାଗିଲେ । ଦରଜ ବି ସେ ପାଣି ଔଷଧରେ ଟିକିଏ କମି ଯାଇଥିଲା । ପଟି ଖୋଲି ସାରି ପ୍ରଶାନ୍ତବାବୁ ଦରଜ ପରୀକ୍ଷା କରିବା ଲାଗି ପାଦକୁ ଅସ୍ତେ ଅସ୍ତେ ଚିପିଲେ । ହାର୍ଓ୍ୱା ଗାଡ଼ିର ବୈଦ୍ୟୁତିକ ବୋତାମକୁ ଚିପିଲେ ଯେପରି କଁ କଁ ହୋଇ ସିଙ୍ଘା ବାଜି ଉଠେ, ସେହିପରି ପ୍ରଶାନ୍ତବାବୁ ରେଖା ଦେବୀଙ୍କ ପାଦକୁ ଅଙ୍ଗୁଳିରେ ଚିପିବା ମାତ୍ରକେ ତାଙ୍କ ମୁହଁରୁ 'ଉଃ' 'ଆଃ' ପଦ ବାହାରି ପଡ଼ୁଥାଏ । ତାପରେ ପ୍ରଶାନ୍ତ ବାବୁ ଚମଡ଼ା ମୁଣିରୁ ଗୋଟିଏ ମଲମ କାଢ଼ି ଧୀରେ ଧୀରେ ସେ ପାଦରେ ଘଷିବାକୁ ଲାଗିଲେ । ରେଖା ଦେବୀଙ୍କ ପିତା ଏହା ଦେଖି କହି ପକାଇଲେ, "ଡାକ୍ତର ବାବୁ ! ଆପଣ ବତାଇ ଦିଅନ୍ତୁ । ତାର ମାଆ କିମ୍ବା ଅନ୍ୟ କୌଣସି ଲୋକର ମାଲିସ୍ କରିଦେବ । ଆପଣଙ୍କ ପରି ଲୋକ ଏ ସମାନ୍ୟ କାମ କଲରୁ ଆମକୁ ଭାରି ମାଡ଼ ପଡ଼ୁଛି ।"

"ନା, ନା, ସେଥିରେ କଅଣ ଅଛି ! ଏଥିରେ ବି ଟିକେ ଶିର ଦେଖି ମାଲିସ୍ କରିବାକୁ ହେବ । ସାଧାରଣ ଲୋକେ ଶିର ବାରି ପାରିବେ ନାହିଁ ।"

ଶିର ଫିର କଥା ଶୁଣି ରେଖା ଦେବୀଙ୍କ ପିତା ନିରୁତ୍ତର ହେଲେ । ବାସ୍ତବିକ୍ ପ୍ରଶାନ୍ତ ବାବୁଙ୍କ ଛଡ଼ା ସେ ଶିରର ସନ୍ଧାନ ପାଇବ କିଏ ? ଆଉ ବି ପାଦରେ ଯେଉଁ ସବୁ ଧାଡି ଶିରା ଅଛି

Digitized by srujan ka@gmail.com

ସେଥିରେ ଆଙ୍ଗୁଠି ଏ ଶିରାରୁ ସେ ଶିରା ହୋଇଗଲେ ଠୋ କରି ସେ ପ୍ରାଣ ଛାଡ଼ିଯିବ ! ଏହି ସବୁ କାରଣରୁ ପ୍ରଶାନ୍ତ ବାବୁ ନିଜେ ରେଖା ଦେବୀଙ୍କ ପାଦକୁ ନିଜ ଜଙ୍ଘ ଉପରେ ରଖି ମାଲିସ୍ କରିବାକୁ ଲାଗିଲେ । ଆଖିଟା କିନ୍ତୁ ପାଦ ଉପରେ ନଥାଏ, ଥାଏ ରେଖା ଦେବୀଙ୍କ ଲଜ୍ଜାବନତ ଆରକ୍ତ ମୁଖ ମଣ୍ଡଳ ଉପରେ । କି ବିଚିତ୍ର ଦୃଶ୍ୟ ! ଜୟଦେବ ଥିଲେ ନିଶ୍ଚୟ ଗାଇଥାଆନ୍ତେ—"ଦେହି ପଦ ପଲ୍ଲବ ମୁଦାରଂ ।"

ପ୍ରଶାନ୍ତ ବାବୁଙ୍କର ଏହିପରି ରେଖା ଦେବୀଙ୍କ ଘରକୁ ଆସି ମଲମ ଲଗାଇବାଟା ଅଭ୍ୟାସରେ ପରିଣତ ହେଲା । ରେଖା ଦେବୀଙ୍କ ହୃଦୟରେ ଉଠିଥିବା ସେ ଗଛଟି ପରି ଫୁଲରେ ସୁଶୋଭିତ ହୋଇ ଉଠିଲା । ତାଙ୍କ ପିତା ମାତା ମଧ୍ୟ ସେ ଗଛକୁ ଦେଖି ପାରିଥିଲେ । ଦିନେ ସେହି ବିଷୟରେ ଏକାନ୍ତରେ ଚର୍ଚ୍ଚା କରୁ କରୁ ସ୍ତ୍ରୀ ସ୍ୱାମୀକୁ କହିଲେ "ଆଚ୍ଛା କହିଲ, ରେଖା ପାଖରେ ପ୍ରଶାନ୍ତ ବାବୁ ବସିଲେ ଭାରି ଭଲ ଦେଖାଯାଏ ନାହିଁ ?'

"ହୁଁ, ଏ ବସାଟା ସବୁଦିନେ ହେଲେ ସିନା ସୁନ୍ଦର ଦିଶନ୍ତା !"

"ତୁମେ ପ୍ରସ୍ତାବଟା ପକାଉନ ?"

"ତୁମେ ଆଗ ରେଖାକୁ ଭଲ ଭାବରେ ପଚାରି—"

"ଆଉ ପୁଣି ବୁଝିବାକୁ ବାକି ଅଛି ? ଆଚ୍ଛା ହଉ, କଥାଟା ପକ୍କା କରି ନେଲେ ଭଲ ହେବ ।"

ସେହି ଦିନଠାରୁ ପ୍ରଶାନ୍ତ ବାବୁ ଆସିଲା ବେଳକୁ ରେଖା ଦେବୀଙ୍କର ବାପା କୁଆଡ଼େ ଚାଲି ଯାଇ ଥାଆନ୍ତି । ଚାକର-ଗୁଡ଼ାକ ବି କୁଆଡ଼େ କାମରେ ବାହାରି ଯାଇ ଥାଆନ୍ତି । ପ୍ରଶାନ୍ତ ବାବୁ ପହଞ୍ଚି ଚାଲିଯିବାଣି ତାଙ୍କ ମା'ଙ୍କୁ ଝାଡ଼ା ତଳିବ ଦେଖାଏ । ବିଚାରି

Digitized by srujan ka@gmail.com

ପ୍ରଶାନ୍ତ ବାବୁ ଏକା ବସି ଗୋଡ଼ ପରୀକ୍ଷା କରନ୍ତି । ପ୍ରଥମେ ଦରଜର କେନ୍ଦ୍ର ସ୍ଥାନରୁ ଆରମ୍ଭ କରି ଚିପି ଚିପିକା କ୍ରମେ ପରିଧି ଅଡ଼କୁ ହାତ ନେଇ ନେଇ ଯେତେବେଳେ ଅଣ୍ଟୁ ପାଖରେ ପହଞ୍ଚନ୍ତି, ସେତେବେଳେ ରେଖା ଦେବୀ ତାଙ୍କ ହାତକୁ ଧରି ପକାଇ ଓ ମୁରୁକି ହସା ଦେଇ ଲାଜରେ କହନ୍ତି, "ଡାକ୍ତର ବାବୁ ! ଆପଣ ଭାରି ଦୁଷ୍ଟ ।"

ଡାକ୍ତର ବାବୁ ବି ନ ଛାଡ଼ି ବନ୍ଧା—"ଆଉ ଥରେ କହିଲ ରେଖା ଦେବୀ ।"

ବାସ୍ ଖିଲ୍ ଖିଲ୍ଆ ହସରେ ଦୁଇଜଣ ଯାକ କମ୍ପି ଯାଆନ୍ତି । ରେଖା ଦେବୀଙ୍କର ଗୋଡ଼ ପ୍ରାୟ ପନ୍ଦର ଅଣା ଏଗାର ପାହୁଲା ଭଲ ହୋଇ ଯାଇଥିଲେ ସୁଦ୍ଧା, ଡାକ୍ତର ବାବୁଙ୍କ କଡ଼ା ହୁକୁମ ଗୁଲ୍‌ଗୁଲ ବନ୍ଦ ଓ ଗୋଡ଼ର ଶିର ଅନୁଯାୟୀ ମର୍ଦ୍ଦନ । ଡାକ୍ତର ବାବୁଙ୍କ ଛଡ଼ା ସେ ଶିରର ସନ୍ଧାନ କିଏ ଜାଣେ ଯେ ମର୍ଦ୍ଦନ କରିବ । ତେଣୁ ଡାକ୍ତର ବାବୁ ନିଜେ ସ୍ୱହସ୍ତରେ ସେ ଶିରକୁ ମର୍ଦ୍ଦନ କରନ୍ତି, ଡାକ୍ତର ବାବୁଙ୍କର ଦରଜ ପରୀକ୍ଷା ବି ଅଜବ ରକମର । କିଏ ସିନା ଭଲ ଅଡ଼ୁ ଚିପି ଚିପିକା ଦରଜ ଅଡ଼କୁ ଯାଏ, ଡାକ୍ତର ବାବୁ ଠିକ୍ ଓଲଟା । ଦରଜ ଅଡ଼ୁ ଚିପି ଚିପିକା ଭଲ ଅଡ଼କୁ ଆସନ୍ତି । ତାଙ୍କ ହାତ ପାଦଟି ପରଖି ପରଖି ଅଣ୍ଟୁ ଯାଏ ଗୁଲ୍‌ଯାଏ । ରେଖା ଦେବୀ ହାତ ନ ଧରିଲେ ବୋଧେ ମୁଣ୍ଡଯାଏ ପରଖି ଯାଆନ୍ତେ । ଏମିତିଆ ଭୁଲ ଚୁକ୍ ସବୁଠେଇଁ ଥାଏ । ଏଥିକୁ ଧରିଲେ ତ ଚଳିବ ନାହିଁ । କାଳିଦାସଙ୍କ ଭଳି ମହା କବି ବାକ୍‌ଦେବୀଙ୍କୁ ସମ୍ମୁଖରେ ଦେଖି ଗୋଡ଼ ଅଡ଼ୁ ବନ୍ଦନା କରିବା ପରିବର୍ତ୍ତେ ଓଲଟା ମୁଣ୍ଡ ଅଡ଼ୁ ବନ୍ଦନା କରି ଆସିଲେ । ମହାକବିଙ୍କର ଯଦି ଏ ଓଲଟା ବନ୍ଦନା ହୋଇ ପାରିଲା, ମହା ଡାକ୍ତରଙ୍କର ଏମିତିକା ଓଲଟା ପରୀକ୍ଷା ନ ହେବ ବା କାହିଁକି ?

—ଶହେ ବାଉନା—

Digitized by srujan ka@gmail.com

କ୍ରମେ ରେଖା ଦେବୀଙ୍କର ପାଦରୁ ସମ୍ପୂର୍ଣ୍ଣ ରୂପେ ପୀଡ଼ା ଚାଲିଗଲା । କିନ୍ତୁ ସେ ପୀଡ଼ା ଯାଇ ତାଙ୍କ ହୃଦୟର ଗୋଟିଏ ଗୁପ୍ତ ଜାଗାରେ ଅସ୍ଥାନ ମାଡ଼ି ବସିଲା । ସେ ପୀଡ଼ାର ଲକ୍ଷଣ ଅଦ୍ଭୁତ । ରେଖା ଦେବୀ ସର୍ବଦା ଗମ୍ଭୀର ଓ ଉଦାସ ରହୁଥିଲେ । କେବଳ ପ୍ରଶାନ୍ତ ବାବୁ ଆସିଲେ ମୁହଁରୁ ହସ ବାହାରେ ସ୍ୱର୍ଗରେ ଉପରକୁ ଚାହିଁ ଚନ୍ଦ୍ର ତାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ଭଲ ଲାଗେ । କୋଇଲିଟାଏ କେଉଁଠି 'କୁହୁ' ବୋଲି ଡାକ ଦେଲେ ସବୁ କାମ ପକାଇ ଦେଇ ସିଆଡ଼େ କାନ ଡେରନ୍ତି । ଏହି ସବୁ ଲକ୍ଷଣଯୁକ୍ତ ଦରଜକୁ ବଡ଼ ଡାକ୍ତର ପ୍ରଶାନ୍ତ ବାବୁ ତ ଚିକିତ୍ସା କରି ପାରିବେନି ! ତେଣୁ ପ୍ରଶାନ୍ତ ବାବୁଙ୍କୁ ବଡ଼ ଡାକ୍ତର ପରିବର୍ତ୍ତେ ଘର ଡାକ୍ତର ସାଜିବାକୁ ପଡ଼ିଲା । ବାହାଘର ଦିନ ଠିକ୍ ହୋଇ ଗଲା ଠିକ୍ ଦୁଇମାସ ବାଦ୍ ।

ଏହା ଭିତରେ ପ୍ରଶାନ୍ତ ବାବୁ ଏକ ରକମ ରେଖା ଦେବୀଙ୍କ ଘର ଦଣିଷ ପରି ହୋଇ ଯାଇଥିଲେ । ଗୋଲଖୋର ଦିନେ ଗୋଲ ଖାଇବାକୁ ଭୁଲି ଯାଇପାରେ କିନ୍ତୁ ପ୍ରଶାନ୍ତ ବାବୁ ରେଖା ଦେବୀଙ୍କ ଘରକୁ ଦିନେ ଆସିବାକୁ ଭୁଲି ପାରନ୍ତି ନାହିଁ । ଦୁହେଁ ଉଭୟେ ଏକାଠି ବସି ଗପସପ ହେଉ ଅଛନ୍ତି, ଠିକ୍ ସେହି ସମୟରେ ସତିଆ ଯାଇ ସେଠାରେ ପହଞ୍ଚିଲା । ରେଖା ଦେବୀ ହଠାତ୍ ତାକୁ ଦେଖି ଚମକି ପଡ଼ିଲେ ଓ ଭାବିଲେ, "ଆରେ ମୁଁ ଯେ ମାତ୍ରେ ଦୁଇମାସ ହେଲା ରମେଶ ବାବୁଙ୍କୁ ଏକବାରେ ଭୁଲି ଯାଇଅଛି । ତାଙ୍କର ଚିଠି ଅଙ୍କା କାମତ ବନ୍ଦ ହୋଇ ଯାଇଥିବ ! ତାଙ୍କର ମନେ ପଡ଼ିଲା ଦୁଇମାସ ତଳର କଥା । ଯେଉଁ ଦିନ ରମେଶ ବାବୁଙ୍କ ପାଖକୁ ଶେଷଥର ପାଇଁ ଯାଇଥିଲେ । ସେହି ଶେଷ ଛବିଟା

—ଶହେ ତେପନ—

Digitized by srujan ka@gmail.com

ତାଙ୍କର ବେଶ୍ ମନେ ଥିଲା । ଗୋଟିଏ ଫଙ୍କା ବରଗଛ, ତା ଦେହରେ ଗୋଟିଏ ଶୁଖିଲା ଡାଳ । ତା ଉପରେ ବସିଛି ଗୋଟିଏ ହଳଦୀବସନ୍ତ ଚଢ଼େଇ । ବଡ଼ ଜୀବନ୍ତ ହୋଇ ଉଠିଥିଲା ସେହି ଚଢ଼େଇ । ଅତି ପ୍ରାଣସ୍ପର୍ଶୀ ହୋଇଥିଲା ତାହାର ବର୍ଣ୍ଣ-ବିନ୍ୟାସ । ସେ ଛବିର ସେ ସେତକ ଦେଖିଥିଲେ । ସେ ଚଢ଼େଇ ତଳକୁ ଅଉ ଟିକିଏ ଜାଗା ଥିଲା । କଅଣ ଭରିଥିବେ କେଜାଣି । ଠିକ୍ ଏହି ସମୟରେ ସଉଆ ଡାକିଲା "ଦେଖା ଦଦ !" ରେଖା ଦେବୀ ପୁଣି ଚମକି ପଡ଼ି ତାହାର ମୁହଁକୁ ଚାହିଁଲେ । ସଉଆ କହିଲା, "ଭାଇର ଦେହ ଖରାପ । କଅଣ ହୋଇଛି କିଛି ଜଣା ପଡୁନି ।"

"କେଇଦିନ ହେଲା ?"

"ମାସେ ଦେଢ଼ ମାସ ହୋଇଯିବ—"

"ଅଚ୍ଛା ତୁ ଯା । ଟିକିଏ ଛାଡ଼ି ମୁଁ ଡାକ୍ତର ବାବୁଙ୍କୁ ସାଙ୍ଗରେ ନେଇ ଯାଉଛି ।"

ସଉଆ ଚାଲିଗଲା । ପ୍ରଶାନ୍ତ ବାବୁ ପଚାରିଲେ, "କିଏ ସେ ?"

ରେଖା ଦେବୀ ସଂକ୍ଷେପରେ ସେ ଅଦ୍ଭୁତ ଚିତ୍ରକର, ଭାବୁକ ଓ ଦାର୍ଶନିକ ରମେଶ ଚନ୍ଦ୍ରଙ୍କର ପରିଚୟ ଦେଲେ ଓ ତା ସାଙ୍ଗେ ଦିଓଟି ଅଦ୍ଭୁତ ଜୀବ କେମ୍ପା ସଉଆ ଓ କାଳୀ ଭଗିଆଙ୍କର ଗୁଣଗ୍ରାମ ବର୍ଣ୍ଣନା କରିବାକୁ ଛାଡ଼ିଲେ ନାହିଁ । କିଛି ସମୟ ବାଦ୍ ରେଖା ଦେବୀ କୌତୁହଳାକ୍ରାନ୍ତ ପ୍ରଶାନ୍ତ ବାବୁଙ୍କୁ ସାଙ୍ଗରେ ନେଇ ହାଓ୍ବା ଗାଡ଼ିରେ ରମେଶ ବାବୁଙ୍କ ଘରକୁ ଗଲେ ।

ରେଖା ଦେବୀଙ୍କ ଅନୁରୋଧ କ୍ରମେ ପ୍ରଶାନ୍ତ ବାବୁ ରମେଶ ବାବୁଙ୍କୁ ଥିନ୍ ଭିନ୍ କରି ପରୀକ୍ଷା କଲେ । କିନ୍ତୁ ବେରାମ ଅରାମର ସନ୍ଧ କିଛି ପାଇଲେନି । କପରି ବା ପାଇବେ ? ତାଙ୍କ ପାଠ

Digitized by srujan ka@gmail.com

ବିଷୟରେ ଯେ ଏମିତଅ ସେସବର ବର୍ଣ୍ଣନା ବି ନାହିଁ । ତାହାର ବର୍ଣ୍ଣନା ଦୋଷଶୀ ବିଷୟରେ ଓ ତାକୁ ଶହାନ୍ତ ଦୋଷଗ୍ରୀ ଲୋକ । ରେଖା ଦେବୀ କଣ୍ଡୁ କଣ୍ଡୁ ଜାଣି ପାରିଥିବେ । ପ୍ରଶାନ୍ତ ବାବୁ ଅଳମାରେ ବାଡ଼ ବୁଲାଇ ଗୋଟାଏ ବଳବର୍ଦ୍ଧକ ଔଷଧ ଲେଖି-ଦେଲେ । ସେଇଅ ପଗ୍ଚରିଲ, "ବାବୁ ଏହାର ଦାମ୍ ?"

"ମୁଁ ଠିକ୍ କରି କହି ପାରିବି ନାହିଁ । ତେବେ ଯୁଦ୍ଧ ଆରମ୍ଭରେ ତନି ଟଙ୍କା ଥିଲା, ଏହିକ୍ଷଣି ପାଞ୍ଚ କି ଛଅଟଙ୍କା କଅଣ ହୋଇଥିବ ।"

ରେଖା ଦେବୀ ଟିକିଏ ଥଟେଇ କରି କହିଲେ, "ଔଷଧ ପତ୍ରରରେ ବି ସେଇଅ । ଦାମର ଏକାବେଳେକେ ଦୁଇଗୁଣ ବୃଦ୍ଧି । ଔଷଧ ବିକେଟାଗୁଡ଼ାକଙ୍କର ଲୋଭ ଖୁବ୍ ବଢ଼ିଗଲାଣି ।"

ପ୍ରଶାନ୍ତ ବାବୁ କହିଲେ, "ତା ଦେହରେ ବି ଅନେକ କାରଣ ଅଛି । ସ୍ଥବିରଅଡ଼େ ଧର୍ମଘଟ ଓ ଅଶାନ୍ତ ଯୋଗୁଁ ଉତ୍ପାଦନ କମି ଯାଉଛି । ଉଗ୍ର ସାମ୍ୟବାଦୀଙ୍କ ଯୋଗୁଁ ଏ ଯାବତ ଗଣ୍ଡଗୋଳର ସୃଷ୍ଟି । ଏଗୁଡ଼ାକ ମୂଳପୋଛ ହୋଇଗଲେ, ପୃଥିବୀ ବିଚରା ଟିକିଏ ଶାନ୍ତି ପାଇବ ।"

ରମେଶ ବାବୁ ଏ ପର୍ଯ୍ୟନ୍ତ ଚୁପ୍ ହୋଇ ଶୁଣୁଥିଲେ । ଆଉ ସମ୍ଭାଳି ନପାରି କହିଲେ, "ଡାକ୍ତର ବାବୁ । ଆପଣ ଭୁଲ୍ ବୁଝିଛନ୍ତି । ଏ ଯେଉଁ ସାମାନ୍ୟ ଗଣ୍ଡଗୋଳ ଦେଖୁଛନ୍ତି, ଏହା ପୃଥିବୀବ୍ୟାପୀ ଏକ ପ୍ରକାଣ୍ଡ ଝଡ଼ର ପୂର୍ବ ସୂଚନା । ସାରା ବିଶ୍ୱରେ ଈଶ୍ୱରଙ୍କ ଛଡ଼ା ପ୍ରତ୍ୟେକ ଜିନଷର ସୃଷ୍ଟି, ସ୍ଥିତି ଓ ବିଲୟ ରହିଅଛି । ଯାହାର ସୃଷ୍ଟି ହୁଏ ତାହାର କିଛିକ୍ଷଣ ସ୍ଥିତି ହୋଇ ବିଲୟ ଘଟେ । ଏହି ନିୟମରେ ମଧ୍ୟ ଦିନେ ପୃଥିବୀର ବିଲୟ ଘଟିବ । ସୃଷ୍ଟିର ଆରମ୍ଭରୁ କେତେ ନୂତନ ଚିନ୍ତା ଓ ଭାବଧାରାର ସୃଷ୍ଟି, ସ୍ଥିତି ଓ ବିଲୟ

Digitized by srujan ka@gmail.com

ଘଟିଛି । ବର୍ତ୍ତମାନ ପୁଞ୍ଜିବାଦର ପାଳି ପଡ଼ୁଛି । ଏହାର ସୃଷ୍ଟି, ସ୍ଥିତି ହୋଇ ଗଲାଣି । ଅସ୍ତେ ଅସ୍ତେ ଏହାର ଲୟ ଓ ଉଗ୍ର ସାମ୍ୟବାଦର ସୃଷ୍ଟି ଆରମ୍ଭ ହୋଇଯିବ । ପୌରାଣିକ ଦୃଷ୍ଟିରୁ ଖର୍ଚ୍ଚା କଲେ ମଧ୍ୟ ଏହାର ସତ୍ୟତା ପ୍ରତିପାଦିତ ହେବ ।

ସତ୍ୟଯୁଗରେ ରାଷ୍ଟ୍ରର କ୍ଷମତା ବ୍ରାହ୍ମଣମାନଙ୍କ ହାତରେ ଥିଲା । ସେତେବେଳେ ବଶିଷ୍ଠ, ବିଶ୍ୱାମିତ୍ର ପ୍ରଭୃତି ରାଜାମାନେ ଶାସନ କରୁଥିଲେ । ଗୋଟାଏ ଯୁଗବ୍ୟାପୀ କ୍ଷମତା ରହିବାଦ୍ୱାରା କ୍ରମେ ତାହାର ଅପବ୍ୟବହାର ହେଲା । ତ୍ରେତାଯୁଗର ଆରମ୍ଭରେ ବ୍ରାହ୍ମଣ ବୀର ପର୍ଶୁରାମଙ୍କ କ୍ଷମତା ଅପବ୍ୟବହାର ଚରମ ସୀମାରେ ପହଞ୍ଚିଲା । ଜଣେ କ୍ଷତ୍ରିୟର ଦୋଷ ଲାଗି ପର୍ଶୁରାମ ପୃଥିବୀର ଆବାଳ ବୃଦ୍ଧ କ୍ଷତ୍ରିୟମାନଙ୍କୁ ଏକୋଇଶ ବାର ନିର୍ମୂଳ କରିଥିଲେ । ଏହାପରେ ତ୍ରେତାଯୁଗର କ୍ଷତ୍ରିୟ ଚୂଡ଼ାମଣି ଅଯୋଧ୍ୟାର ରାଜା ଶ୍ରୀ ରାମଚନ୍ଦ୍ର, ବଳପୂର୍ବକ ପର୍ଶୁରାମଙ୍କ ହାତରୁ କ୍ଷମତା ଛଡ଼ାଇ ନେଲେ । ତାପରେ କ୍ଷମତା ଦ୍ୱାପର ଯୁଗର ଶେଷ ପର୍ଯ୍ୟନ୍ତ କ୍ଷତ୍ରିୟମାନଙ୍କ ହାତରେ ରହିଲା । କ୍ଷତ୍ରିୟମାନଙ୍କର କ୍ଷମତାର ଅପବ୍ୟବହାର ଦ୍ୱାପର ଯୁଗର ଚରମ ସୀମାରେ ପହଞ୍ଚିଲା । ଭୀଷ୍ମ, ଅର୍ଜ୍ଜୁନ ଓ କର୍ଣ୍ଣଙ୍କ ପରି ପ୍ରବଳ ପରାକ୍ରାନ୍ତ କ୍ଷତ୍ରିୟମାନଙ୍କ ଦ୍ୱାରା ପୃଥିବୀ ପରିପୂର୍ଣ୍ଣ ହେଲା । ଏବଂ ସେମାନଙ୍କ ଦ୍ୱାରା ଘଟିତ କ୍ରମାଗତ ଯୁଦ୍ଧଦ୍ୱାରା, ପୃଥିବୀର ଜନ-ସାଧାରଣ ବଡ଼ ଉଦ୍‌ବିଗ୍ନ ହେଲେ । ତେଣୁ ଭଗବାନ ଶ୍ରୀକୃଷ୍ଣଙ୍କଦ୍ୱାରା ସୃଷ୍ଟ କୁରୁକ୍ଷେତ୍ର ସମରରେ କ୍ଷତ୍ରିୟମାନଙ୍କ ଦର୍ପ ସମୂଳେ ଚୂର୍ଣ୍ଣ ହେଲା ଓ କ୍ଷମତା କଳିଯୁଗର ଆରମ୍ଭରେ ବୈଶ୍ୟମାନଙ୍କ ହାତକୁ ଗଲା । ଆଜି ପର୍ଯ୍ୟନ୍ତ କ୍ଷମତା ଏହି ବୈଶ୍ୟ ବା ବ୍ୟବସାୟୀଙ୍କ ହାତରେ ରହିଅଛି । ଆଜିକାଲି ପୃଥିବୀର ପ୍ରାୟ ସବୁ ସରକାର ଗୋଟିଏ ଗୋଟିଏ ବଡ଼ ବ୍ୟବସାୟୀ କହିଲେ ଚଳେ । ଅଳ୍ପ

Digitized by srujan ka@gmail.com

ଧନରେ ଉତ୍ପାଦନ କରି ତାକୁ ଅନ୍ୟ ଦେଶରେ ବେଶୀ ଦାମରେ ବିକିକରି ତହିଁରୁ ଲାଭ କରିବା ପ୍ରତ୍ୟେକ ସରକାରଙ୍କର ପ୍ରଧାନ କାର୍ଯ୍ୟ ହୋଇଅଛି । ପ୍ରତ୍ୟେକ ସରକାର କିପରି ପୃଥିବୀରେ ନୂଆ ନୂଆ ବଜାର ପାଇବେ ସେଥିଲାଗି ସର୍ବଦା ବ୍ୟସ୍ତ ! ଏପରି ସରକାର ମାନଙ୍କୁ ବୈଶ୍ୟସରକାର ଛଡ଼ା ଆଉ କଅଣ କୁହାଯିବ ? ଏହି ବୈଶ୍ୟମାନଙ୍କ ଉତ୍ପାତ ପୃଥିବୀରେ ଚରମ ସୀମାକୁ ସ୍ପର୍ଶ କଲଣି । ବ୍ୟବସାୟ କ୍ଷେତ୍ରରେ ଅନ୍ୟର ସୁବିଧାପ୍ରତି ଜଳାଞ୍ଜଳି ଦେଇ ନିଜ ସୁବିଧା ହାସଲ କରିବାକୁ ଏହି ବୈଶ୍ୟମାନେ ପୃଥିବୀରେ ଦୁଇ ଦୁଇଟା ମହାସମର ଭିଆଇ ସାରିଲେଣି । ଏପର୍ଯ୍ୟନ୍ତ ବି ତାଙ୍କର ଚେତନା ଆସିନାହିଁ । ଲୋକମାନଙ୍କ ଅର୍ତ୍ତନାଦ ତୃତୀୟ ମହା-ସମର ବେଳେ କ୍ଷମତା ଏହି ବୈଶ୍ୟମାନଙ୍କଠାରୁ ଛଡ଼ାଇ ନେବ । କଳିଯୁଗର ବାକୀ ଅଂଶରେ କ୍ଷମତା ରହିବ ଶୂଦ୍ର ବା ଶ୍ରମଜୀବୀ ମୂଲିଆଙ୍କ ହାତରେ ।

ଏହି ମୂଲିଆମାନେ ଜବରଦସ୍ତି ଉଗ୍ର ସାମ୍ୟବାଦର ପ୍ରତିଷ୍ଠା ସାରା ପୃଥିବୀରେ କରିବେ । ବୈଶ୍ୟମାନଙ୍କର ଗୁଳି, ଗୋଳା ଏମାନଙ୍କର କ୍ଷମତାକୁ ଅଗ୍ରଗମନରେ କେବେହେଲେ ରୋକି ପାରିବ ନାହିଁ । ଏମାନଙ୍କର ଅସାଧାରଣ ସଙ୍ଗଠନ ଶକ୍ତି ଓ କଠୋର ଶୃଙ୍ଖଳା ଏମାନଙ୍କ କାର୍ଯ୍ୟକୁ ଅତିଶୀଘ୍ର ଆଗେଇ ନେଇଯିବ । ଉପରୋକ୍ତ ନୀତି ଅନୁଯାୟୀ ଏମାନଙ୍କର ମଧ୍ୟ ବିଲୟ ଘଟିବ । ଉକ୍ତ ଧ୍ୱଂସାରୁ ଜାତ ଏହି ଉଗ୍ର ସାମ୍ୟବାଦର ବିଲୟ ମଧ୍ୟ ଅତିଶୀଘ୍ର ହୋଇଯିବ ।

କଠୋର ଶୃଙ୍ଖଳା ନାମରେ ଏମାନେ ବ୍ରାହ୍ମଣ ବା ବୈଜ୍ଞାନିକ-ମାନଙ୍କର ପ୍ରଖର ବୁଦ୍ଧିକୁ ଶୃଙ୍ଖଳିତ କରିବେ । ବୁଦ୍ଧିଜୀବୀ ବ୍ରାହ୍ମଣ ଏଥିରେ ବିଦ୍ରୋହ କରିବ ଓ ଗୁଣକ୍ୟଙ୍କ ପରି ଗୋଟିଏ ବାଦକୁ

Digitized by srujan ka@gmail.com

ନିର୍ମଳ କବି କ୍ଷମତା ନିଜ ହାତରେ ରଖିବ । ଏହାପରେ ଗୋଟିଏ ଭ୍ରାନ୍ତିହୀନ ଜଞ୍ଜିର ଘୂରି ଚାଲିଥିବ ।

ରମେଶର ଏହାପରେ ବକର ବକର ହେବାକୁ ସବୁଆ ମୋଟେ ପସନ୍ଦ କରୁନଥିଲା । ତାର ବିଶ୍ୱାସ ଗୁଡ଼ାଏ ବକିଲେ ମୁଣ୍ଡରେ ବମ୍ ଛୋଟ ଅସିଯିବ । ଆଜି ଧୈର୍ଯ୍ୟଧରି ନପାରି ସେ କହି ପକାଇଲା, "ଆମକୁ ସେଥିରୁ କଅଣ ମିଳିବହେ । ବ୍ରାହ୍ମଣ କୁହ, କ୍ଷତ୍ରିୟ କୁହ, ବୈଶ୍ୟ କୁହ, ଶୂଦ୍ର କୁହ ଯିଏ ଗାଦିରେ ବସିଲା ତା ଲଙ୍ଗୁଡ଼ ହୁଏ ମୋଟା । ଶଳା ସବୁ ଗୋଟିଏ ଯୋକ କେଦାର ଗୋରଙ୍କେ ରୁଣ୍ଡ । ତୁମେ ଅଜି ବକନା, ମୁଣ୍ଡ ଖରାପ ହୋଇଯିବ ।"

ରମେଶ ବିଲ୍କୁଲ ଚୁପ୍ ହୋଇ ବସିଗଲା । ରେଖା ଦେବୀ ରମେଶଙ୍କୁ ପଚାରିଲେ, "ଅଜ ନୂଆ ଶବ କିଛି ଆଙ୍କିନାହଁ ?"

"ନାଁ, ବହୁତ ପରିଶ୍ରମ କରି ସେହି ହଳଦୀ ବସନ୍ତ ଶବଟି ଯାହା ତାହା କରି ପୂର୍ଣ୍ଣ କରି ଦେଇଛୁ ।"

ରେଖାଦେବୀ ନିତାନ୍ତ ବାଧ କରିବାରୁ ସବୁଆ ସେ ଗୁଡ଼ା ହୋଇଥିବା ଶବଟିକୁ ଆଣିଲା । ରେଖା ଦେବୀ ଅଗ୍ରହରେ ସେ ଶବଟି ତା ହାତରୁ ନେଇ ଖୋଲିବାକୁ ଲାଗିଲେ । ସେହି ପୂର୍ବପରି ଗଛ ଡାଳରେ ବସିଥିବା ହଳଦୀବସନ୍ତର ଶବ । କିନ୍ତୁ ସେହି ଶବର ଗୋଟିଏ ନୂତନ ଜିନିଷ ତାଙ୍କୁ ଅବାକ୍ କରିଦେଲା । ସେହି ହଳଦୀ ବସନ୍ତ ପାଖରେ ଯେଉଁ ଜାଗା ଠିକ ଥିଲା ସେଠି ବସିଥିଲା ଗୋଟିଏ କଦାକାର ଚଢ଼େଇ । ସେଥିରେ ପୁଣି ଥଣ୍ଟର ଅଧେ ନାହିଁ । ରଙ୍ଗଟା କ ଅସନା ! ହଳଦୀ ବସନ୍ତ ଓ ଏ ଚଢ଼େଇଟାର ଠିକ୍ ସ୍ୱର୍ଗ ମର୍ତ୍ତ୍ୟ ତଫାତ୍ । ରେଖା ଦେବୀ ପ୍ରଥମେ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ଭାବିଲେ ଯେଉଁ ତୂଳୀରେ ଏ ହଳଦୀ ବସନ୍ତଟି ଅଙ୍କା ହୋଇଛି, ସେହି ତୂଳୀରେ ଏତେ

Digitized by srujan ka@gmail.com

ଅସନା ଚଢ଼େଇଟିଏ ହେଲା କିପରି ? ବୋଧହୁଏ ମୁଁ ନ ଅସିବାରୁ ରମେଶ ବାବୁ ପ୍ରାଣହୀନ ତୂଳୀରେ ଯାହା ତାହା ଅଙ୍କିଦେଇଛନ୍ତି । ଉଁ ହୁଁ, ମୋ ସଙ୍ଗେ ପରିଚୟ ହେବା ଅଗରୁ ତାଙ୍କ ତୂଳୀରେ ତ ଯଥେଷ୍ଟ ଜୀବନ ଥିଲା । ତେବେ ମୋ ଅନୁପସ୍ଥିତିଟା ତାଙ୍କ ତୂଳୀକୁ ଏତେଦୂର ପ୍ରାଣହୀନ କରିଦେବା ଅସମ୍ଭବ ! ଆଜ କଅଣ ସତଅ କରିଛୁ କି ?—"ହଇରେ ସତଅ ! ଯାଙ୍କୁ ରମେଶବାବୁ କରିଛନ୍ତି ନା ତୁ କରିଛୁ ?"

"ନାହିଁ ଦାଦା, ତାଙ୍କ ଦେହ ଖରାପ ହେଲାଦିନଠାରୁ ଯାହା ତାହା କରି ତାଙ୍କୁ ଅଙ୍କି ଦେଇଛନ୍ତି ।"

ରେଖା ଦେବୀ ରମେଶବାବୁଙ୍କୁ ପଚାରିଲେ,—"ରମେଶ ବାବୁ! ସତ କହନ୍ତୁ, ଏପରି ଅସନା ଚଢ଼େଇଟିଏ ଏଠି କାହିଁକି ବସାଇଲ ?"

ଡାକ୍ତର ବାବୁ ବି କଥାରେ ଜୋର୍ ଦେଇ—"ରମେଶ ବାବୁ ! ପ୍ରକୃତରେ ଏ ଚଢ଼େଇ ପାଖକୁ ଏ ଚଢ଼େଇଟି ନିତାନ୍ତ ଅସୁନ୍ଦର ଓ ଅସ୍ୱାଭାବିକ ଦିଶୁଅଛି । ତାହା ଭିତରେ ଯଦି ବିଶେଷ କିଛି କଳା ଥାଏ, ତେବେ ଆମେ ତାହା କହି ପାରିବୁ ନାହିଁ । କିନ୍ତୁ ଆମମାନଙ୍କ ପରି ବିକଳା ଲୋକଙ୍କ ଆଖିକୁ ଏଇଟା ଭାରି ଅସୁନ୍ଦର ଦିଶୁଅଛି । ଶିଳ୍ପକରମାନଙ୍କ କଳା ବୁଝିବା ଆମ୍ଭମାନଙ୍କ ପକ୍ଷରେ ମୁସ୍କିଲ୍ । ଲମ୍ବା ଲମ୍ବା ବଙ୍କା ବଙ୍କା ଅଙ୍ଗୁଠି, ଗୋଲା ଗୋଲା ହାତଗୋଡ଼, ଚିଲ୍‌ପଟ୍ ନାକ, ଚିପା ଚିପା ଥୋଡ଼ି, ଡେଙ୍ଗ ମାଛୁଆ ଆଖି, ନଅଙ୍କିଆ ଅଣ୍ଟା ଓ ଚଟୋଉପିଠା ପରି ବସିଥିବା ନାରୀ ମୂର୍ତ୍ତିକୁ କୁସ୍ତକୁ ହରେଇ ଦେଲାଭଳି ଛଭଙ୍ଗି ଠାଣିରେ ଠିଆ ହୋଇଥିବାର ଦେଖିଲେ ମୋ ପରି ଲୋକଙ୍କୁ ବାନ୍ତି ମାଡ଼େ । କିନ୍ତୁ କେହି ବିଶିଷ୍ଟ ଶିଳ୍ପକର ଦେଖିଲେ ତା ଦେହରୁ କି

Digitized by srujan ka@gmail.com

ଭଳା ପାଆନ୍ତି ଚେଳଜାଣି—'ଅହା' 'ଓହୋ' ହୋଇ ଆତ୍ମହରା ହୋଇ ଯାଆନ୍ତି ।"

ସତଅ ମଞ୍ଚିରୁ ବାହାର ପଡ଼ି କହିଲା, "ଆଜ୍ଞା ଆମ୍ଭେମାନେ ପଶୁ ପକ୍ଷୀ ଘା, ମୁର୍ଦ୍ଦାର, ଗୁହ, ମୂତ, ପୂଜ ଦେଖିଲେ ଆମ୍ଭମାନଙ୍କୁ ବାନ୍ତି ମାଡ଼େ, କିନ୍ତୁ ଡାକତରମାନଙ୍କର ସେ ଗୁଡ଼ାକ ଭିତ୍ତି ବାଡ଼ିଆ ଜିନଷ ।"

ରେଖା ଦେବୀ କିର କି ରି ହୋଇ ହସି ଉଠିଲେ । ରମେଶ ନାଇଁବା ହସଟିଏ ହସିଲା । ଡାକ୍ତର ବାବୁ ଅପ୍ରସ୍ତୁତ ହେଲେ । ରମେଶ ରେଖା ଦେବୀଙ୍କୁ ପଚାରିଲା, "ରେଖାଦେବୀ ! ଏ ଚଢ଼େଇଟି କଣ ଏଠି ବସିଲେ ଭଲ ଦିଶିବ ନାହିଁ ?"

'ନା, ତା ପାଖକୁ ଆଉ ଗୋଟିଏ ହଳଦୀ ବସନ୍ତ ବସାଇ ଦିଅନ୍ତୁ । ବଡ଼ ଭଲ ଦିଶିବ ।"

"ଏ ଚଢ଼େଇଟି ଏଠାରୁ ଉଠାଇ ଦେଲେ ତା ପ୍ରାଣରେ ଯେ ଅଘାତ ଲାଗିବ—"

"ଏ ଚଢ଼େଇଟି ଏଠାରୁ ନଉଠାଇ ଦେଲେ ଯେ ହଳଦୀ ବସନ୍ତଟି ପ୍ରାଣରେ ଆଘାତ ପାଇବ—"

"ହଉ ଆପଣଙ୍କ କଥା କରିବି । ଏହାକୁ ଉଠାଇ ନେଇ ଏହା ସ୍ଥାନରେ ଅଉ ଗୋଟିଏ ହଳଦୀ ବସନ୍ତ ବସାଇ ଦେବି ।"

ମଞ୍ଚିରୁ ପ୍ରଶାନ୍ତବାବୁ ବାହାରି ପଡ଼ି କହିଲେ,"ରମେଶ ବାବୁ ! ସେହିପରି କରି ଦିଅନ୍ତୁ । ଯେତେ ଦାମ୍ ପଡ଼ୁ ପଛକେ ମୁଁ ସେ ଚିତ୍ରଟି ନେବି ।"

"ଚିତ୍ରଟି ଯେ କିନ୍ତୁ ରେଖା ଦେବୀଙ୍କ ପାଇଁ ବିଶେଷ ଭାବରେ ଅଙ୍କା ଯାଇଅଛି ।"

—ଶହେ ଷାଠିଏ —

Digitized by srujan ka@gmail.com

"ଓଃ, ସେଥିରେ କିଛି ଯାଏ ଆସେ ନା, ତାଙ୍କର ହେଉ ବା ମୋର ହେଉ ଏକ କଥା—"

"ତାର ମାନେ ?"

"ତାର ମାନେ ରେଖା ଦେବୀ କହିବେ ।"

ରମେଶ ରେଖା ଦେବୀଙ୍କ ମୁହଁକୁ ଚାହିଁଲା । ରେଖା ଦେବୀ ଲାଜ ଲାଜ ହୋଇ ମୁହଁକୁ ତଳକୁ ପୋତି ଦେଲେ ଓ ଲୁଗା କାନିର ଅଗଟା ମୋଡ଼ି ମୋଡ଼ି କହିଲେ, "ଏହି ଅଷାଢ଼ ୧୭ ଦିନ ଆପଣ ତିନି ଜଣଙ୍କୁ ନିମନ୍ତ୍ରଣ ରହିଲା ।"

ରମେଶ ସିନା ମୂର୍ଖ, ସତିଆ କିନ୍ତୁ ପଟ୍‌କର ବୁଝି ପାରିଲା । ଗୋଟିଏ ଫୁଙ୍କୁଟି ଉଆଁ ମାରିଦେଇ ପାଟିଟାଏ କରି କହିଲା, "ଅରେ ଦାଦାଙ୍କର ବହାଘର ।"

ବାଡ଼ି ଅଡ଼େ ଭଗିଆ ବସି ଚୁଲା ଜାଳୁଥିଲା । ସତିଆ ଦାଉଡ଼ିଯାଇ ହାଲିଇ ପଡ଼ାଇ କାନ କାନ ପାଟିରେ କହିଲା, "ଅରେ ଭଗିଆ ! ରେଖା ଦାଦାଙ୍କ ବାହାଘର ।" ଭଗିଆ କଅଣ ବୁଝିଲା କେଜାଣି ତଡ଼ବଡ଼ ହୋଇ ଉଠି କାନ୍ଥରେ ଡେରା ହୋଇଥିବା ଠେଙ୍ଗାଟାକୁ ଧରି ପାଟିକଲା—"କାହିଁ, ଚୋର କାହିଁ ?"

"ଅରେ ବୁର୍ବକ, 'ବାହାଘର' 'ବାହାଘର' କହି ତାକୁ ଘର ଭିତରକୁ ଟାଣି ଆଣିଲା ଓ ରେଖା ଦେବୀଙ୍କୁ ଦେଖାଇ ଦେଲା ।

ଭଗିଆ ଅଦ୍ଭୁତ ବିସ୍ମିତ ହୋଇ କହିଲା—"ଜାଁ, ଦାଦାଙ୍କ ଘରେ ଚୋର ? ଆରେ ଚିଆ ହୋଇଛି କଅଣ, ଚାଲନା—"

—ଶେଷ ଏକପଟି—

Digitized by srujan ka@gmail.com

ରେଖା ଦେବୀ ଓ ଡାକ୍ତର ବାବୁ ହସି ହସି ସେତେବେଳକୁ ଲୋଟ୍ଟ କୋଟ୍ଟ ହୋଇ ଗଲେଣି । ସଢଅ ଠାର-ବିଜ୍ଞାନ ସାହାଯ୍ୟରେ ସମସ୍ତ ଜିନିଷ ବୁଝାଇ ଦେବାରୁ, ଭଗିଅ ହାତ ମଳି ମଳି ରେଖା ଦେବୀଙ୍କୁ ଗ୍ଲୁହଁ ଲାଜରେ ଲଠ୍ପଠ୍ ହୋଇଗଲା । ବିଦାୟ ମାଗି ରେଖା ଦେବୀ ପୁଣି କହିଲେ, —"ରମେଶ ବାବୁ ! ମୁଁ ନିଜେ ଆପଣ ଭିନ୍ନ ଜଣଙ୍କୁ ନିମନ୍ତ୍ରଣ କଲି । ଜନ୍ମ ଦିନପର ନିମନ୍ତ୍ରଣକୁ ଉପେକ୍ଷା କରିବେ ନାହିଁ । ଭଲକର ମନେ ରଖନ୍ତୁ ଅଷାଢ଼ ସତର ଦିନ ।

—ଶେଷ ବାଷଟ—

Digitized by srujan ka@gmail.com

—୧୨—

ଅଷାଢ଼ ସତରଦିନ । ରେଖା ଦେବୀଙ୍କ ବିଭାଘର । ଅଷାଢ଼ ମାସରେ ବିଭାଘର, ନିହାତି ଅଙ୍କଣିଆ ନ ପଡ଼ିଲେ ଚୋର ଚଣ୍ଡାଳ ବି ଏ ମାସରେ ନିମିତ୍ତ କାମ କରନ୍ତି ନାହିଁ । ଦିପକ୍ଷ ତ ସାହାସୀ ପାଇଥିଲେ । ଅର୍ଜୁନଙ୍କର କପାଳ ଫିଟିଗଲା । ମାସ ରହୁ ମାନୁଛି କିଏ ? ପାଖରେ ଯେଉଁ ଢଥିଠା ପଡ଼ିଲା ସେହି ସଇ । ଏଡ଼େ ବଡ଼ ଜମିଦାରଙ୍କ ଏକମାତ୍ର ଝିଅ । ସେହି ଝିଅ ସେହି ପୁଅ । ପାଠ ବି କିଛି ପୁଣି କମ ପଢ଼ିନି । ଜ୍ୱାଇଁ ବି ପୁଣି କିଛି କମ୍ ଲୋକ ନୁହନ୍ତି । ଧନେଇ ବଡ଼ ଡାକ୍ତରଖାନାରେ ସେ ପୁଣି ବଡ଼ ଡାକ୍ତର । ଏମିତକା ବାହାଘରରେ ଖର୍ଚ୍ଚର ଅଭାବ ରହିବ ! ମାସକ ଆଗରୁ ସବୁ ଜିନିଷ ପତ୍ର ଠିକ୍ ହୋଇ ରହିଥାଏ । ସେର ଫେରର କାରବାର ସେଠି ନାହିଁ । କାରବାର ସେଠି ଖାଲି ମହଣ । ସବୁ ଠିକ୍ ଥାଏ । ହେଲେ ରେଖା ଦେବୀଙ୍କ ବାପ ଓ ମାଆଙ୍କ ମନରେ ଗୋଟାଏ ଭୟ ହେଉଥାଏ । ଖାଲି ଭୟ ସେ ବର୍ଷାକୁ । ବର୍ଷା ପୁଣି ସେ ବର୍ଷ

Digitized by srujan ka@gmail.com

ଏଠେ ପଢେଇଛନ୍ତି ଯେ, ଆଷାଢ଼ ମାସରେ ଭୂଇଁ ଫାଟି ଅ କରନ୍ତି । ମଝିରେ ମଝିରେ କାଁ ଭାଁ ଟିକିଏ ବର୍ଷା ହୋଇଯାଏ ଯେ, ସେ ପୁଣି କୋଉ କୋଣକୁ ପାଏନାହିଁ । ଚାଷୀମାନଙ୍କର ଚାଲିଥାଏ ଇନ୍ଦ୍ର-ପୂଜା । ମହାଦେବଙ୍କ ପାଖରେ ଜଳଛାୟା । ଛୋଟ କାଠିଆ କେତେ ଯଜ୍ଞ । ସବୁର ଉଦ୍ଦେଶ୍ୟ କେମିତି ଅଗ୍ନୁନଙ୍କ ବର୍ଷା ହେଉ । ରେଖା ଦେବୀଙ୍କ ଘରେ କିନ୍ତୁ ପ୍ରାର୍ଥନା ଚାଲିଥାଏ, "ହେ ମହାପ୍ରଭୁ ! ଆଷାଢ଼ ସତରଦିନର ଶେଷ ପର୍ଯ୍ୟନ୍ତ କାପରି ବର୍ଷାଟା ସମ୍ଭାଳିବ । ସେଥିପାଇଁ ରେଖା ଦେବୀଙ୍କ ଘରେ କେତେକ ପୁରୁଖା ମୁରୁଖା ମାଇପେ ଗୋବର କଣ୍ଢେଇ ଥୋଇ ଗୋବର୍ଦ୍ଧନ ପୂଜା କରୁଥାଆନ୍ତି । କେତେକ ମଧ୍ୟ ଫରୁଆରେ ସୁନା ପାଣିଆ ରଖି, ଧାନ ଅମାରରେ ପୋତି ଦେଇଥାନ୍ତି ।

ମଙ୍ଗଳ ଦିନ ଖୁବ୍ କଳା ମେଘ ଉଠେଇଲା କିନ୍ତୁ କୁଆଡ଼ୁ ଝଡ଼ ତୋଫାନ ମାଡ଼ି ଆସି ମେଘଟାକୁ ଉଡ଼େଇ ନେଇ ଚାଲିଗଲା । ଦୁଇଚାରି ଖଣ୍ଡ ଚାନ୍ଦୁଆ ଟାଣିବାକୁ ଛାଡ଼ିଲା ନାହିଁ । ଯାହାହେଉ ବର୍ଷା ନ ହେବାରୁ ସମସ୍ତେ ଟିକିଏ ନିଶ୍ୱାସ ମାରିଲେ । କିନ୍ତୁ ବାହା-ଘର ସକାଳୁ ହେଲା ପବନର ସୁ ସୁ ଗର୍ଜ୍ଜନ । ସମସ୍ତଙ୍କ ଛାତି ଧୁଡୁ ଧୁଡ଼ୁ ହେଲା । ସୁ ସୁ ପଛକୁ ଘୁ ଘୁ ଗର୍ଜ୍ଜନ ମାଡ଼ି ଆସିଲା । ବିଚି-କାଠିଆ କଳାମେଘ ଚାରିଆଡ଼େ ଛାଇ ହୋଇଗଲା । ସକାଳ କି ସନ୍ଧ୍ୟା ବାରି ହେଲା ନାହିଁ । ଛେଳିଗୁଡ଼ାକ ଭୂଇଁରେ ଲୋଟି ଯାଉଥାଆନ୍ତି । ଚକ୍ ଚକ୍ କରି ବିଜୁଳି ଶେଷନ ଦେଖାଉଥାଏ । ତା ପଛେ ପଛେ ଘଡ଼ଘଡ଼ି ଅସମାନ ଗୋଳା ଫୁଟାଉଥାଏ । ବେଁ ବେଁ ମୋଟ ଗଛର ଡାଳସବୁ ରଟମଟ ଭାଙ୍ଗି ଖଣ୍ଡେ ଦୂରରେ ପଡ଼ୁଥାଏ । ରେଖା ଦେବୀଙ୍କର ସଫା ସୁତରା ହୋଇଥିବା ଘର ଓ ବାରଣ୍ଡାରେ

Digitized by srujan ka@gmail.com

ଅଣ୍ଟିଏ ବହଳେ ଧୂଳି ହୋଇଗଲା । ଗୁଡ଼ିଆ ଗୁଡ଼ାକ ମିଠେଇ ଭିଆଣରେ ଲାଗିଥିଲେ । କୋଉଥିରେ ପୁଳାଏ ବାଲି ପଶିଲାଣି ତ, କୋଉଥିରେ ମେଞ୍ଚାଏ ପତର । ଚୁଲିରୁ ନିଆଁ ଛୁଟିବା ଅଟେଡ଼ ସାଙ୍ଗେ ଉଡ଼ିଲା । ଗୁଡ଼ିଆମାନେ ଅଉ ସମ୍ଭାଳି ନ ପାରି, କରେଇ-ଗୁଡ଼ାକ ଢୋଡ଼େଇ ପକାଇଲେ ଓ ଚୁଲିରେ ପାଣି ସିଞ୍ଚି ଲିଭେଇ ଦେଲେ । କବାଟଗୁଡ଼ାକ ତ ଠୋ ଠୋ ବାଉଡ଼ଇ ହେଉଥାନ୍ତି । ରେଖା ଦେବୀଙ୍କ ଘର ଲୋକମାନେ ଅସ୍ତବ୍ୟସ୍ତ ହୋଇଗଲେ । ଏତିକି ଭରସା ହେଉଥାଏ, "ଏ ଝଡ଼ ମେଘ ଉଡ଼େଇ ନେବ ଯେ—।"

ଝଡ଼ ଟିକିଏ କମିଛି କି ନାହିଁ, ଆସିଲା ବରକୋଳିଆ ଠୋପା । ରେଖା ଦେବୀଙ୍କ ବାପା 'ନାହି ମାଂ ମଧୁସୂଦନ' ବୋଲି ଭାବି ଆକାଶକୁ ଚାହିଁ ଥାଆନ୍ତି । ଗୋଟାଏ ବର କୋଳିଆ ଠୋପା ଆସି ଠିକ୍ ତାଙ୍କ ନାକ ଉପରେ ପଡ଼ିଲା । 'ହୁଁ, ହୋଇଛି' ବୋଲି କହି ସେ ଘର ଭିତରକୁ ପଶିଗଲେ । ତା ପଛକୁ ପଛ ଠପ୍ ଠାପ୍ ହୋଇ ବରକୋଳିଆ ଠୋପାମାନ ଆସିଲା । ଝିଅଗୁଡ଼ାକଙ୍କର ରୁମ ଠାକୋର ଉଠୁଥାଏ । ଆନନ୍ଦରେ ଅଧୀର ହୋଇ ସେମାନେ ଆକାଶକୁ ଆଁ କରି ଚାହିଁ ରହି ଥାଆନ୍ତି । କଦବା କେତେବେଳେ ଗୋଟାଏ ବରକୋଳିଆ ଠୋପା - ପାଟିରେ ଆସି ପଡ଼ି ଯାଉଥାଏ । ସେତେବେଳେ ତାଙ୍କର କି ଆନନ୍ଦ ! ସ୍ୱର୍ଗର ଅମୃତ ବି ତାଙ୍କୁ ଏପରି ସ୍ୱାଦ ଲାଗିବ ନାହିଁ । ଠୋପା ପରେ ଠୋପା ଗୁଳ୍ ଗାଳ୍ ହୋଇ ପଡ଼ିବାକୁ ଲାଗିଲା । ରେଖା ଦେବୀଙ୍କ ଘର କାନ୍ଥରେ ଆହୁରି ଦୁଇ ଚାରିଟା ଗୋବର କୁଣ୍ଢେଇ ମଡ଼ା-ହୋଇ ତାଙ୍କ ପାଟିରେ କୁଟା ଦିଆ ହୋଇ ପୂଜା ହେଲା । କିନ୍ତୁ କୋଉଥିରେ କିଛି ଫଳ ହେଲା ନାହିଁ । 'ସମୁଦ୍ର ଲହଡ଼ି ପରି

Digitized by srujan ka@gmail.com

ନିସ୍ତୁଡ଼ଅ ବର୍ଷା କୁଆଡ଼ୁ ମାଡ଼ି ଆସିଲା । ଚହୁଁ ଚହୁଁ ବର୍ଷା ଧାର ଛଡ଼ା ଆଉ କିଛି ଦିଶିଲା ନାହିଁ ଓ ବର୍ଷାର ସାଇଁ ସାଇଁ ଶବ୍ଦ ଛଡ଼ା ଆଉ କିଛି ଶୁଭିଲା ନାହିଁ । ବିଲାତି ବାଜାଦଳ ସବୁଜ ପୋଷାକ ପିନ୍ଧି ହରେକ୍ ରକମର ପିତଳ ବାଜା ଓ ଢୋଲ୍ ପଲ୍ଟଣ ଠାଣିରେ ସଜେଇ ବଜେଇବା ଆରମ୍ଭ କରି ଦେଇଥିଲେ । ବର୍ଷା ହେବାରୁ ପାଖରେ ଟଣା ହୋଇଥିବା ଗୋଟିଏ ତମ୍ବୁ ଭିତରକୁ ପଶିଗଲେ । ତମ୍ବୁଟା ଖୁବ୍ ମଜ୍‌ବୁତଅ ଓ କୋଡ଼ିଏ ତିରିଶ ଜଣ ରହିବା ଭଳି । ଏଡ଼େ ବଡ଼ ବର୍ଷାରେ ସୁଦ୍ଧା ବୁନ୍ଦାଏ ହେଲେ ପାଣି ପଡ଼ୁ ନଥାଏ । ବାଜା-ବାଲାମାନେ ତା'ର ଭିତରେ ବସି ମଉଜରେ ବାଜା ବଜାଇବାକୁ ଲାଗିଲେ । ଯାହୁଁ ଯାହୁଁ ବର୍ଷା ଛୁଟୁଥାଏ ତାହୁଁ ତାହୁଁ ତାଙ୍କ ବାଜାର ତାନ ବଢୁଥାଏ । ତାଙ୍କର ଯାଏ କେତେ ଆସେ କେତେ ? ସବୁଜ ଚୌକସିଆ ଟୁପି ଓ ଜଲଖିଆ ଠିକି ଦେଇ ପୂରା ଠର୍ ମିଜାସରେ ବାଜା ଧରି ଥାଆନ୍ତି । ବର୍ଷା ଏହା ସହେ କେତେବେଳେ ? ତୁହାଇ ତୁହାଇ ନିସ୍ତୁଡ଼ଅ ଛେଚିଲା । ଚାରିଆଡ଼େ ପାଣି ଜମିଗଲା ଓ ଭୂଇଁ ଓଦା ହୋଇଯିବାରୁ ତମ୍ବୁ କିଲାଗୁଡ଼ାକ ଚାରିଆଡ଼ୁ ହୁଗୁଳି ଗଲା । ପବନ ତମ୍ବୁକୁ ଦୋହଲେଇ ଦୋହଲେଇ କିଲାଗୁଡ଼ିକ ଆହୁରି ହୁଗୁଳା କରିଦେଲା । ହଠାତ୍ ଗୋଟାଏ ଦମକା ପବନ ଆସିଲା । କିଲା ଗୁଡ଼ାକ ଆଉ ସହି ପାରିଲେ ନାହିଁ । ଫସ ଫାସ୍ ଉଠିଗଲେ । ତମ୍ବୁ ଗୋଟାସାକ ବାଜାବାଲାଙ୍କୁ ମାଡ଼ି ବସିଲା । ଗୋଟିଏ ପାଟି କରୁଥିବା ଲୋକ ମୁହଁରେ ପୁଳାଏ କନା ମାଡ଼ି ଦେଲେ ସେ ଯେପରି ଗାଁ ଗାଁ ହୋଇ କିଛି ସମୟ ପରେ ବନ୍ଦ ହୋଇଯାଏ, ସେହିପରି ତମ୍ବୁ ମାଡ଼ି ବସିବାରୁ ବାଜାଗୁଡ଼ାକ ପେଁ ପଟ୍ ପଟ୍ ହୋଇ ତୁନି ହୋଇଗଲେ । ତା ବଦଳରେ ସୁର୍ ଉଠିଲା 'ତୋବା ତୋବା ମର୍ ଗୟା' 'ବଚାଅ ବଚାଅ ।' ବର୍ଷା ସମୟରେ ତା

Digitized by srujan ka@gmail.com

ଶୁଭୁଛି କୁଆଡ଼ୁ — ଅନ୍ଧାର ମଧ୍ୟ ଲୋକମାନେ ବର୍ଷା ଲାଗି ଘର ଭିତରେ ପଶିଥିଲେ । ହଠାତ୍ ବାଜା ଶବ୍ଦଟା ବନ୍ଦ ହେବାରୁ ଜଣେ ଅଧେ ଉଁକି ମାରି ତମ୍ବୁ ଆଡ଼କୁ ଚାହିଁଲେ । ଦେଖିଲା ବେଳକୁ ତମ୍ବୁଟି ଭୂଇଁରେ ଶୋଇ ପଡ଼ିଲାଣି । ମନ୍ଥନବେଗ ତୀବ୍ର ହେଲା ବେଳେ ଯେପରି ଭିତରର ବାଷ୍ପ ଫୋଟକା ଉପରର କଠିଣ ଆବରଣକୁ ଜାଗାଏ ଜାଗାଏ ବର୍ତ୍ତୁଳାକାରରେ ଠେକି ଦେଉଥାଏ ଓ ପକେଇ ଦେଉଥାଏ, ସେହିପରି ପଡ଼ିଥିବା ତମ୍ବୁଟିର ବର୍ତ୍ତୁଳାକାର ଉତ୍ଥାନ ପତନ ହେଉଥାଏ । ସଙ୍ଗେ ସଙ୍ଗେ ଲୋକମାନେ ଜାଣିପାରିଲେ ଯେ ତମ୍ବୁଟି ଉପୁଡ଼ି ଯାଇ ବାଜାବାଲାଙ୍କୁ ମାଡ଼ି ବସିଛି କିନ୍ତୁ ଏ ଝଡ଼ ତୋଫାନରେ ବାହାରୁଛି କିଏ ? ଲୋକମାନେ ପହିଲେ ଭାବିଲେ ଯେ, ବାଜାବାଲାମାନେ ଆପଣା ଛୁଏଁ ଛୁଏଁ ତମ୍ବୁ ଭିତରୁ ବାହାରି ଆସିବେ । ଆଉ ବି ତାଙ୍କର କଅଣ କ୍ଷତି ହେଇ ଯାଉଛି ଯେ ସେଥିଲାଗି ଏତେ ତରତର । ଦେହରେ ଚ ଟୋପାଏ ହେଲେ ପାଣି ପଡ଼ୁନଥିବ । ଅବଶ୍ୟ ତମ୍ବୁ ଭିତରର ଅବସ୍ଥା ଦେଖିଥିଲେ ସେମାନେ ଏପରି ଭାବି ନଥାନ୍ତେ । ବାଜା-ବାଲାମାନେ ସିନା ବେଞ୍ଚ ଚୌକିରେ ବସିଥିଲେ, କିନ୍ତୁ ଭୂଇଁଟା ପାଣିରେ ପଚ୍ ପଚ୍ ହୋଇ କାଦୁଅ ହୋଇ ଯାଇଥିଲା । ତମ୍ବୁଟା ବି କିଛି ଶକ୍ତ ନଥିଲା । ଏତେ ବଡ଼ ଓଜନଦାର ଜିନିଷ ଯେତେ-ବେଳେ ସମସ୍ତଙ୍କୁ ମାଡ଼ି ବସିଲା ସେତେବେଳେ ଭିତରେ ଥିବା ମଣିଷ ତଥା ସାଜ ସରଞ୍ଜାମର ଅବସ୍ଥା ଦଗଡ଼ା ଦକଡ଼ା ହୋଇ-ଗଲା । ବେଞ୍ଚ ଚୌକିଗୁଡ଼ାକ ରଡ଼ ମଡ଼ ହୋଇ ଭାଙ୍ଗି ଗଲା । ମଣିଷ-ଗୁଡ଼ାକ ତଳେ ଲୋଟି ଗଲେ । କଅଁଳିଆ ଛୁଆ ଧୂଅରେ ଆଉଟି ପାଉଟି ହୋଇ ବିଲ ବିଲ ହେଲା ପରି ବାଜାବାଲାଗୁଡ଼ାକ କାଦୁଅରେ ବିଲ୍ ବିଲ୍ ହୋଇଗଲେ । ଚୁଟିଅଡର ଆଲୁଅ ବନ୍ଦ ହୋଇଯିବାରୁ

Digitized by srujan ka@gmail.com

ଭିତରଟା କିଟିମିଟି ଅନ୍ଧାର ହୋଇଥାଏ । କେଉଁ ବାଟେ ପଦାକୁ ବାହାରି ପଡ଼ିବେ, ସେ ବାଟଟାକୁ ଆବିଷ୍କାର କରିବାକୁ ସମସ୍ତେ ସମୂହ ଚେଷ୍ଟା ଲଗେଇଲେ । ଫଳ ହେଲା କାହା ମୁହଁ ଉପରେ କାହା ବାଙ୍କା ଗେଞ୍ଚ ହୋଇଗଲା । କାହା ପେଁକାଳି ଉପରେ କାହା ଗୋଡ଼ ପଡ଼ିଲା । ଫଟା ତୋଲ୍ ଭିତରେ କାହା ମୁହଁ ପଶିଗଲା । ମୋଟ ଉପରେ ଭଉଁସି ଜାଲ୍ ତଳେ ବହୁତ ମାଛ ରହିଗଲେ ସେମାନଙ୍କର ଅବସ୍ଥା ଯାହା ହୁଏ, ବାଙ୍ଗାବାଲଙ୍କ ଅବସ୍ଥା ତାଠାରୁ ଟିକେ ବେଶୀ ହୋଇଗଲା । ଏତେଡ଼େ ବଡ଼ ତମ୍ବୁଟାକୁ ଉଠାଇ ପଦାକୁ ଆସିବାର ଶକ୍ତି ସେମାନଙ୍କର ନଥିଲା । ପାଣି ଉପରେ ପଡ଼ୁ ନଥିଲା ସତ, କିନ୍ତୁ ସ୍ୱାସ୍ଥ୍ୟରକ୍ଷାରେ ବର୍ଣ୍ଣିତ ମୁକ୍ତବାୟୁ, ପରିଷ୍କାର ଆଲୋକ ଓ ଶୁଷ୍କ ଭୂମି ଇତ୍ୟାଦି ଅଭାବରୁ ସେମାନଙ୍କର ପ୍ରାଣ ଛଟପଟ ହୋଇ ଉଠିଲା । ସେମାନଙ୍କର ହିନ୍ଦୁସ୍ଥାନୀ ଓ ଉର୍ଦ୍ଦୁ ମିଶା ଆର୍ତ୍ତନାଦ କ୍ରମଶଃ ବଢ଼ି ବର୍ଷାର ଶବ୍ଦକୁ ଟପିବାକୁ ଆରମ୍ଭ କଲା । ଝରକା ଫାଙ୍କଦେଇ ତାମସା ଦେଖୁଥିବା ଲୋକମାନଙ୍କ ଭିତରେ ଜଣେ ପରୋପକାରୀ ବୀର ଥିଲା । ଅନ୍ୟମାନଙ୍କର ଏପ୍ରକାର ଜଡ଼ତାକୁ ସେ ପସନ୍ଦ କଲା ନାହିଁ । ବର୍ଷା ସହିତ ଯୁଦ୍ଧକରି ବିପନ୍ନ ଲୋକଙ୍କୁ ଉଦ୍ଧାର କରିବା ଲାଗି ଅଣ୍ଟା ନ ଭିଡ଼ି ରଣକ୍ଷେତ୍ରକୁ ଡେଇଁ ପଡ଼ିଲା । ଯେଉଁ ଝଡ଼ ଘୁରିଫୁଟ ପାଅଁଫୁଟ ଗୋଲେଇର ଡାଳମାନ ଭଡ଼ଭାଡ଼ ଭାଙ୍ଗି ଦେଇ ଶହ ଶହ ହାତ ଦୂରରେ ନେଇ ପକାଇ ଦଉଛି ଓ ବିସଟକାୟ ଗଛମାନଙ୍କୁ ତଳି ଉପାଡ଼ିଲା ପରି ଓପାଡ଼ି ପକାଉଛି, ତା ସଙ୍ଗେ ଯୁଝିବାକୁ ବୀରଟି ଅସ୍ତ୍ର ସ୍ୱରୂପ ଗୋଟିଏ ଛତାଧରି ଫୁଲକା ଉପରକୁ ବାହାରି ପଡ଼ିଲା । ପରିଧେୟ ଗୋଟିଏ ଗାମୁଛା । ସେଥିରେ ପୁଣି ଏତେ ତରତର ହୋଇ ବାହାରି ଆସିଛି ଯେ ଖୋପଣୀଟା ଭଲ ଭାବରେ ଭିଡ଼ିବାକୁ ସମୟ ନ ଥିଲା । ବୀରର ଏ ମୂଢ଼ତା ଓ

Digitized by srujan ka@gmail.com

ଦୁଃସାହସ ଦେଖି ଝଡ଼କୁ ବୋଧହୁଏ ହସ ମାଡ଼ିଲା । ଲୋକଟି ତମ୍ବୁ ପାଖରେ ପହଞ୍ଚିବା ପୂର୍ବରୁ ପବନ ତା ଛତାକୁ ଟିକିଏ ଫୁଙ୍କି ଦେଲା । ଲୋକଟି କଲବଲ ହୋଇ ଦୁଇହାତରେ ଛତାର ଚମ୍ପାକୁ ଜକଟି ମକଟି ଧରିଲା । ପବନ ଏ ସୁଯୋଗ ପାଇ ତା ଗାମୁଛାକୁ ଫୁଙ୍କି ଦେଲା । ଲୋକଟି ଭାବିଲା ସବୁ ଥାଉ, ତା ସଙ୍ଗରେ ବି ଇଜ୍ଜତ ଥାଉ । ଏହା ଭାବି ସେ ଗୋଟାଏ ହାତରେ ଚମ୍ପା ଓ ଅନ୍ୟ ହାତରେ ଇଜ୍ଜତ ମହତ ପଦାରେ ପକାଉଥିବା ଉଡ଼ନ୍ତା ଗାମୁଛାକୁ ସଂଯତ କରିବାକୁ ଚେଷ୍ଟା କଲା । ଘର ଭିତରେ ଭୁଙ୍କି ମାରୁଥିବା ଲୋକମାନେ ଦ୍ରୌପଦୀଙ୍କ ବସ୍ତ୍ର ହରଣ ବେଳେ ଅବସ୍ଥା କଅଣ ହୋଇଥିଲା ତାହା ପୂରାପୂରି ହୃଦୟଙ୍ଗମ କରିଗଲେ । ତେଲ ଘଡ଼ି ଓ ପୁଅ ମୁଣ୍ଡକୁ ଆଶା କଲାପରି ଲୋକଟି ଛତା ଓ ଗାମୁଛାକୁ ଧରି ଝଡ଼ ସାଙ୍ଗରେ ଲଢ଼ିବାକୁ ଲାଗିଲା । ଥିଲା ଥିଲା—ହଠାତ୍ ଏକ ଝଲକା ପବନ ଆସିଲା—ଛତା ସହିତରେ ଲୋକକୁ ଦଶ ହୋଡ଼ଏ ହାତ ଉଡ଼ନେଲା । ଶତ ଚେଷ୍ଟା ସତ୍ତ୍ୱେ ସେ ଆଉ ଛତାକୁ ରଖି ପାରିଲା ନାହିଁ । ଖାଡ଼ିଗୁଡ଼ାକ ଭଡ଼ାଭଡ଼ି ହୋଇ ଲୋଉଟି ପଡ଼ିଲା । ଲୋକଟି ଗାମୁଛା କଥା ଭୁଲି ଯାଇ ଦୁଇ ହାତରେ କାଠି ଗୁଡ଼ାକ ସମ୍ଭାଳିବାକୁ ଚେଷ୍ଟା କଲା । ବାସ୍ ଝଡ଼ର ଏତିକି ଦରକାର ଥିଲା, ଏକା ଫୁତ୍କାରରେ ଲୋକଟିକୁ ଦିଗମ୍ବର କରି ଗାମୁଛାକୁ ଗୋଟାଏ ପତର ପରି ଉଡ଼ାଇ ନେଲା ।

ଫଟା କପାଳକୁ ଗୋଟିଏ କଳକାଳିଆ ଘଡ଼ଘଡ଼ି ଅଜାଡ଼ି ହୋଇ ପଡ଼ି କାନ ଅତଡ଼ା ପକାଇ ଦେଲା । ଲୋକଟିର କାନ ଛାବ୍‌ଦା ସଙ୍ଗେ ସଙ୍ଗେ ବୁଦ୍ଧି ବି ଛାବ୍‌ଦା ହୋଇଗଲା । ଗାମୁଛାକୁ ଧରି ପକାଇବାର ବୃଥା ପ୍ରୟାସ କରୁ କରୁ ଛତାଟି ହାତରୁ ଖଲ୍‌ଖୁଲ୍‌

Digitized by srujan ka@gmail.com

ମୁକ୍ତି ପାଇ ଅକାଶ ପଥରେ ଗମନ କଲା । ଲୋକଟି ସମ୍ପୂର୍ଣ୍ଣ ଦିଗମ୍ବର ବେଶରେ ଆଗରେ ଉଡ଼ିଯାଉଥିବା ଛତା ଓ ଗାମୁଛା ପଛରେ ଧପାଲି-ବାକୁ ଲଗିଲା । ଦୁଇଅଡ଼େ ଆଶା ରଖିଲେ, ଦୁଇ ନାବରେ ଗୋଡ଼ ଦେଲେ, ଦୁଇ ଘରର କୁଣିଆ ହେଲେ, ଦୁଇଟି ସ୍ତ୍ରୀ ବିବାହ କଲେ, ଲୋକମାନଙ୍କର ଏହିପରି ଦଶା ହୋଇଥାଏ ।

\+ \+ \+ \+

କ୍ରମେ ଘର ଭିତରେ ରହି ଉଙ୍କିମାରୁଥିବା ଲୋକମାନଙ୍କ ହୃଦୟରେ ଦୟାର ସଞ୍ଚାର ହେଲା । ସେତେବେଳେ ମଣିଷ ଜାତି । ଜଣେ ହଟିଗଲା ବୋଲି ଅନ୍ୟମାନେ କଅଣ ନିରୁତ୍ସାହ ହେବେ ! ବରଂ ଓଲଟି ଦ୍ୱିଗୁଣ ବଢ଼ିଲା — ନାଁ ଆମେ ପ୍ରକୃତି ସାଙ୍ଗରେ ଲଢ଼ିବୁ ଓ ତାକୁ ପରାସ୍ତ କରିବୁ । ପ୍ରକୃତି ସାଙ୍ଗରେ ମଣିଷର ଲଢ଼େଇ ଯୁଗେ ଯୁଗେ ଲାଗି ରହିଆସିଅଛି ଓ କାଳକାଳକୁ ଲାଗି ରହିଥିବ । ଲଢ଼େଇ ବ୍ୟକ୍ତିବିଶେଷଙ୍କର ନୁହେଁ, ଏହା ସମଗ୍ର ମାନବ ଜାତିର । ବ୍ୟକ୍ତି-ବିଶେଷଙ୍କର ପରାସ୍ତ ମାନବ ଜାତି ଖାତିର୍ କରେ ନାହିଁ । ଜଣେ ହାରିଲେ ଦୁଇଜଣ ବାହାରନ୍ତି । ଦୁଇଜଣ ହାରିଲେ ଚାରିଜଣ ବାହାରନ୍ତି । ଏହିପରି ବାହାରି ଲାଗିଥାନ୍ତି ପ୍ରକୃତି ମୁଣ୍ଡ ନୁଆଁଇବା ଯାଏ । ଏହାହିଁ ହେଉଛି ମାନବ ଜାତିର ବିଶେଷତ୍ୱ । ଏଇଥିଲାଗି ସେ ଜୀବମାନଙ୍କ ଭିତରେ ରାଜା । ଘରେ ଉଙ୍କି ମାରୁଥିବା ଲୋକେ ଏହି ଗୁଣବିଶିଷ୍ଟ ହୋଇଥିବାରୁ ପାଇକ ସେନା ଯୁଦ୍ଧକୁ ଡେଇଁଲା ପରି ଖପ୍‌ଖାପ୍ ପାଣିକୁ ଡେଇଁ ପଡ଼ି, ତାଙ୍କୁ ପାଖରେ ହାଜର ହୋଇ-ଗଲେ । ପ୍ରଥମ ଲୋକର ଦୁର୍ଦ୍ଦଶା ଦେଖି ଅବଶ୍ୟ କେହି ଛତା ସାଙ୍ଗରେ ଆଣି ନଥିଲେ । ସମସ୍ତେ ମିଶି ତାଙ୍କୁ ଠେକା ଠେକି କଲେ । ବଡ଼ କରୁଣ ଭାବରେ ବାଜାବାଲାଗୁଡ଼ିକ ତା ଦେହରୁ

Digitized by srujan ka@gmail.com

ବାହାରିଲେ । କାହା ମୁହଁରେ ମେଞ୍ଚାଏ କାଦୁଅ । କାହା ହାତରେ କାଦୁଅ ବାଲ୍ ବାଲ୍ । ଧଳା ଚକ୍‌ଚକ୍‌ଆ ପୋଷାକ କଥା ଛାଡ଼ । କାହା ପଗଡ଼ିଟା କାଦୁଅରେ ସଡ଼ସଡ଼ ହେଉଛି ତ, କାହା ପଛ-ଅଡ଼ିଟା ଛେର'ପକାଇଲା ପରି ଦିଶୁଛି । ବାଜା କଥା ତହୁଁ ବଳେ । କାହା ମୁହଁ ଚେପା ତ, କେଉଁଠାରେ ଭଙ୍ଗା ବେଞ୍ଚିର କାଠ ପଶି-ଯିବାରୁ ଫୁଟିଯାଇଛି । ଏହିପରି ହୀନମାନ ଅବସ୍ଥାରେ ସେମାନେ ସେଠାରୁ ବାହାରି ଗୋଟାଏ ଘର ଭିତରକୁ ପଶିଗଲେ । ଇନ୍ଦ୍ର ଓ ପବନ ଦେବତାଙ୍କର ପ୍ରତିଯୋଗିତା ଲାଗିଥାଏ । ଅଳସୁଆ କୃଷକମାନେ ଯେପରି କାମ ଗୁଡ଼ାକ ପଛକୁ ପକାଇ ପକାଇ ବର୍ଷ ଶେଷରେ ଲଙ୍ଗଳା ମୁକୁଳା ହୋଇ ହଗାଲଗା କାମ କରନ୍ତି, ବର୍ଷା ଓ ପବନ ସେହିପରି ପଛେଇ ପଛେଇ ଏକା-ଦିନକେ ସବୁ କାମତକ ସାରି ଦେବା ପାଇଁ ଲାଗି ପଡ଼ିଥାଆନ୍ତି ।

କେତେ ଘଣ୍ଟା ବର୍ଷାରେ ଖାଲ, ବିଲ, ଗଡ଼ିଆ ସବୁ ପୂରିଗଲା । ଦାଣ୍ଡରେ ଅଣ୍ଟୁଆଣି ପାଣି ଛୁଟିଲା । ଗାଁ ଭୁଅଙ୍କ ଆନନ୍ଦ କହିଲେ ନସରେ । ପାଣି ଭିତରେ ଗୁବୁରୁ, ଚୁବୁରୁ ହେବାକୁ ବଡ଼ ବଡ଼ଅଙ୍କ କଥା ନମାନି ପଦାକୁ ବାହାରି ଆସିଲେ । ପୁରୁଖା ଲୋକମାନେ ରଡ଼ି ଛାଡ଼ି ଥାଆନ୍ତି, "ଆରେ ଅଳପେଇଷଗୁଡ଼ାକୁ ଏ ବର୍ଷା, ଏ ଘଡ଼ଘଡ଼ି, ଏ ବତାସର ଡର ଟିକିଏ ହେଲେ ନାହିଁ । ଆରେ ଘରରେ ପଡ଼ିଲେ ବାପା ମାଆଙ୍କୁ ଖାଇବ । ଆରେ ଛତରଖିଅଗୁଡ଼ାକ ଗୋଟାଏ ଗଛ ଡାଳ ଭାଙ୍ଗିଯାଇ ଉପରେ ପଡ଼ିଲେ ଏକାବେଳକେ ଚଟଣୀ ହୋଇ-ଯିବ ।" ଏସବୁ କଥା କି ଭୁଅଙ୍କ କାନରେ ପଶେ ? ଜଳଚର ଜୀବ-ମାନଙ୍କ ପରି ସେମାନେ ପାଣି ସୁଅ ସାଙ୍ଗରେ ମିଶିଯାଇଥାଆନ୍ତି । ସେମାନଙ୍କ ଦ୍ୱାରା ନିର୍ମିତ କାଗଜ ଓ କଦଳୀ ପାଟୁକା ଡଙ୍ଗାରେ ସୁଅ ଛୁଟିଯାଇଗଲା । କାହା ଡଙ୍ଗା କେତେ ଦୂର ଯିବ ଓ କେତେ ଡୋଡ଼ି

Digitized by srujan ka@gmail.com

ସମ୍ଭାଳି ପାରିବ । ଗୋଟାଏ ଡଙ୍ଗା ବୁଡ଼ିଗଲାବେଳେ କେବଳ ଗୋଟିଏ ଚୁଆ ଛଡ଼ା ଅନ୍ୟ ସମସ୍ତଙ୍କ ମୁହଁରୁ ବିକଟ ଆନନ୍ଦ ଧ୍ୱନି ବାହାରୁଥାଏ । କେହି କେହି ଲୁଚେଇ ଲୁଚେଇ ଢେଲାଟାଏ ସବୁ ଠାରୁ ବେଶୀ ଦୂର ଯାଇଥିବା ଡଙ୍ଗା ଉପରକୁ ଛାଡ଼ିଦିଏ । ସମୟ ସମୟରେ ଢେଲା ଗୋଟାଏ ଗୋଟାଏ ଡଙ୍ଗାକୁ ବୁଡ଼ାଇ ଦେଉ-ଥାଏ ଓ ସଙ୍ଗେ ସଙ୍ଗେ ଘୋର ବାକ୍ୟୁଦ୍ଧର ରୋଳ ଉଠୁଥାଏ । ପୁରୁଖା ଲୋକମାନେ ସେତେବେଳକୁ କୁହାଟି କୁହାଟି ଥକି ପଡ଼ିଲେଣି । ପିଲାମାନେ ତ କୌତୁହଳନାରେ ବ୍ୟସ୍ତ । ହେବେନି ? ସେମାନେ ପରା ସୁଦୂର ପୂର୍ବ ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବ୍ରୁଇନା, ଜାପାନକୁ ପାଲ ବନ୍ଧା ଜାହାଜରେ ଯାଇ ବାଣିଜ୍ୟ କରୁଥିବା ବୀର ଓଡ଼ିଆମାନଙ୍କର ବଂଶଧର ! ପୁରୁଖାମାନଙ୍କର ମୁଣ୍ଡରେ ଏଇଟା ପଶୁ ନଥାଏ କିପରି କେଜାଣି —

ହଠାତ୍ ଗୋଟିଏ ଚୁଆ ଚିତ୍କାର କରି ଉଠିଲା, "ଅରେ ମାଛ, ହେଉଛି, ହେଉଛି ।" ସଙ୍ଗେ ସଙ୍ଗେ ଦୁଇଟା ଚୁଆ ଲଙ୍ଗଳା ହୋଇ ପଡ଼ିଲେ । ଏଣ୍ଟଟା ଚୁଆ ଦୁଇଟା ଲୁଗା ଧରି ମାଛର ଆଗ ପଛରେ ବ୍ୟୂହ ରଚନା କଲେ ଓ ଅନ୍ୟମାନେ ସତର୍କତାର ସହିତ ଘେରି ଜଗି ରହିଲେ । ମାଛଟି ଚକ୍ରବ୍ୟୂହରେ ଅଭିମନ୍ୟୁର ଦଶା ଭଜିଲା । ଅଧସେରିଆ ଗୋଟାଏ ରୋହିମାଛ ଚୁଆମାନେ ଧରିଲେ । ଏହି ଖବରଟା କେମିତି ଯେ ବିଜୁଳି ପରି ସାହିଯାକ ଖେଳିଗଲା ତାହା ବୁଝିବା ବଡ଼ ଦୁଃସାଧ୍ୟ । ଯେଉଁ ପୁରୁଖା ଲୋକମାନେ ଘର ଭିତରେ ଥାଇ ଚୁଆମାନଙ୍କୁ ଗାଳି, ଫଜିତ୍ ଦେଉଥିଲେ ଓ ସେମାନଙ୍କ ବୈଧ ସନ୍ତାନତ୍ୱ ବିଷୟରେ ସନ୍ଦେହ ପ୍ରକାଶ କରୁଥିଲେ, ସେହିମାନେ ଖଣ୍ଡେ ଖଣ୍ଡେ ଛିଅ ଜାଲ ଧରି ପଦାକୁ ବାହାରି ପଡ଼ିଲେ । କେତେ ଜଣ ପୁରୁଷମନୋଭାବାପନ୍ନ ସ୍ତ୍ରୀ ବି ଏହି ମତ୍ସ୍ୟ-ମାନବ ଯୁଦ୍ଧରେ ଲିପ୍ତ

Digitized by srujan ka@gmail.com

ପ୍ରଦାନ କଲେ । ହରିନାମର ଗୋଳ ସଂକୀର୍ତ୍ତନବେଳେ ଯେପରି ଆବାଳ-ବୃଦ୍ଧ-ବନିତା ବୟସ ସମ୍ପୃକ୍ତ ନମାନି ଉଦଣ୍ଡ ନୃତ୍ୟରେ ଯୋଗ ଦିଅନ୍ତି, ଏମାନେ ସମସ୍ତେ ସେହିପରି ମାଛ ଧରିବାରେ ମଜ୍ଜି-ଗଲେ । ଅଦ୍ଭୁତ ବ ଖବର ରାଷ୍ଟ୍ର ହୋଇଗଲା ଯେ ଚୂନୁମିଆଁ ପୋଖରୀ ବୁଢ଼ା ପିଲାଙ୍କୁ ଗଙ୍ଗା ରୋହି ଗୁଡ଼ାକ ଉଡ଼ି ଆସୁଛନ୍ତି । ପୁରୁଖାମାନେ ଅଦ୍ଭୁତ ଜୋର୍‌ସୋର୍‌ରେ ଛୁଆମାନଙ୍କ ସଙ୍ଗେ ଯୋଗ ଦେଲେ ଓ ସେମାନଙ୍କୁ ଅଦ୍ଭୁତ ତତ୍ପର ହେବାକୁ ଉତ୍ସାହ ଦେଲେ ।

ପୁରୁଖାମାନଙ୍କର ଏ ବିଚିତ୍ର ଗତି ଦେଖି ବୋଧହୁଏ ଇନ୍ଦ୍ର ଦେବତା ରାଗିଲେ । ହଠାତ୍ ଝର୍ କରି ଗୋଟିଏ ବିଜୁଳି ମାରିଦେଲା । ଘୁରିଅଡ଼ଯାକ ସହିତ କି ଅଗ୍ନିମୟ ହୋଇଗଲା । ବିଜୁଳି ବୋଲି ଭାବିବା ପୂର୍ବରୁ ଗୋଟାଏ କାନଫଟା ଘଡ଼ଘଡ଼ି ଅଜାଡ଼ି ହୋଇ ପଡ଼ିଲା । ହଜାରେ ତୋପ ଏକା ସଙ୍ଗରେ ଫୁଟିଲେ ବି ଏହାର ଶବ୍ଦ ସଙ୍ଗେ ସମାନ ହେବ ନାହିଁ । ଲୋକଙ୍କ ଆଖିକୁ ଘୁରିଅଡ଼ ଅନ୍ଧାର ଦିଶିଲା । ଥୋକେ ପାଣିଠାରେ ମୁହଁ ମାଡ଼ି ପଡ଼ିଗଲେ, ଥୋକେ ଆଁ କରି ସେହି ଅଣ୍ଟୁଏ ପାଣି ଭିତରେ ବସି ପଡ଼ିଲେ । ଛୁଆଗୁଡ଼ାକ ହାଉଳି ଖାଇଗଲେ । ଦଶ ପନ୍ଦରଟା ନିଃଶ୍ୱାସ ମାରି ସାରିବା ପରେ ସମସ୍ତେ ଭାବିଲେ କଅଣ ହେଲା । ହଠାତ୍ ଘୁରିଅଡ଼ ଶବ୍ଦ ଉଠିଲା, "ଆରେ ନଡ଼ିଆଗଛ, ଆରେ ନଡ଼ିଆଗଛ ।" ୩୦।୪୦ ହାତ ଦୂରରେ ଥିବା ନଡ଼ିଆଗଛଟି ଏତେ ବଡ଼ ବର୍ଷାରେ ବି ହୁରୁ ହୁରୁ ହୋଇ ଜଳିଯାଉଥାଏ । ସମସ୍ତେ ଏତେବେଳେ ଯାଇ ଜାଣି ପାରିଲେ ସେ ନଡ଼ିଆଗଛ ଉପରେ ଘଡ଼ଘଡ଼ି ପଡ଼ିଲା । ନସର ପସର ହୋଇ ସମସ୍ତେ ଘର ଭିତରକୁ ପଳେଇଲେ । ପଳାଇ ଗଲାବେଳେ କେତେକ ପୁରୁଖା ଲୋକ କହୁଥାଆନ୍ତି, "ଆମେ କେତେ ମନା କଲେ ସୁଦ୍ଧା ଏଗୁଡ଼ାକ ଶୁଣୁ ନାହାନ୍ତି ।"

— ଶହେ ତେସ୍ତର —

Digitized by srujan ka@gmail.com

ଝଡ଼ ଓ ବର୍ଷା ଏହିପରି ପୂରା ଦମରେ ଲାଗି ପଡ଼ିଥାଆନ୍ତି । ସତେ କି ସେମିତି ବାହାଘର କରେଇ ଦେବ ନାହିଁ । ଗରିବ ଲୋକଙ୍କୁ ସିନା ଧମକେଇବେ, ବଡ଼ଲୋକଙ୍କର କଅଣ କରିବେ ? ଉମୁଣ୍ଠାକୁ ସିନା ଉଡ଼େଇ ଦେଲେ । କୋଠା ଘରକୁ କଅଣ କରିବେ ? ହଇରାଣ ସିନା ହବାକୁ ପଡ଼ିବ, ଏହା ବୋଲି କଅଣ କାମଟା ବନ୍ଦ ହୋଇ ଯିବ ।

ରେଖା ଦେବୀଙ୍କର କିଛି କମ୍ ବଡ଼ କୋଠାଟାଏ ନଥିଲା । ଯାକ ଯୁକ ହୋଇ ତା'ର ଭିତରେ ସବୁ କାମ କଷ୍ଟେ ମଷ୍ଟେ ହୋଇ ଯାଉଥାଏ । ବର୍ଷାର ମୋଟେ ବିରାମ ହେଲା ନାହିଁ । ଅପେକ୍ଷା କରି କରି ବାଧ୍ୟ ହୋଇ ବରଯାତ୍ରୀମାନେ ଆସିଲେ ରେଲଗାଡ଼ି ପରି ପଛକୁ ପଛ ଲାଗିଥିବା ନିବୁଜ ହାଉଆଗାଡ଼ିମାନଙ୍କରେ ବସି । ଘର ଭିତରେ ସମସ୍ତ କାମ ଚାଲୁଥାଏ । ବାହାରେ ଝଡ଼ ତୋଫାନ ସହ ବର୍ଷା କୁଟୁଥାଏ ।

ଠିକ୍ ସେତିକିବେଳେ କୋଠାର ସେହି ଅନ୍ଧାରୁଆ ଗଳି ଭିତରେ ଥିବା ଚାଳଘର ଭିତରେ ଗମ୍ଭୀର ଚିନ୍ତାମଗ୍ନ ହୋଇ ବସିଥାଏ ଗୋଟିଏ ମଣିଷ । ସେହି ହେଉଛି ସେହି ନାକ୍ଟା ଚିଙ୍କର ରମେଶ । ବାହାରର ଝଡ଼କୁ ତାହାର ଲକ୍ଷ୍ୟ ନଥାଏ । ତାହାର ଅନ୍ତର ମଧ୍ୟରେ ବୋହୁଥାଏ ପ୍ରଚଣ୍ଡ ଝଡ଼ ତୋଫାନ । ତାହା ତୁଳନାରେ ବାହାରର ଝଡ଼ ତୋଫାନ କିଛି ନୁହେଁ । ଗୋଟିଏ ଭାବନା; ଝଡ ଗଛକୁ କଲବଲ କଲା ପରି ତା ଅନ୍ତରକୁ କଲବଲ କରିଦଏ । ସେ ଭାବୁଥାଏ ବାହାର ପ୍ରତି କ'ଣ ସମସ୍ତଙ୍କର ନଜର, ଭିତରକୁ କଅଣ କାହାରି ନଜର ପଡ଼େ ନାହିଁ ? ଭିତରର କଅଣ କିଛି ମୂଲ୍ୟ ନାହିଁ ? ଅସୁନ୍ଦରର କଅଣ ହୃଦୟ

Digitized by srujan ka@gmail.com

ନାହିଁ ? ଅସୁନ୍ଦର ହେବା କ'ଣ ଜଗତରେ ଗୋଟିଏ ଅଭିଶାପ ? ଅସୁନ୍ଦର କ'ଣ ଗୋଟାଏ ଆତତାୟୀଠାରୁ ହୀନ ? ଅସୁନ୍ଦରର ହୃଦୟରେ କ'ଣ ନିଆଁ ଲାଗେ ନାହିଁ ? ମୁଁ ତ ଏକୁଟିଆ ମୋର ଘୂରୁଥିଲି । ରେଖା ଦେବୀ ମୋ ପାଖକୁ କାହିଁକି ଆସିଲେ । କାହିଁକି ବସ ମୋ ହୃଦୟରେ ନିଆଁ ଜଳାଇଲେ । ରେଖା ଦେବୀ କ'ଣ ଜାଣିପାରୁ ନାହାନ୍ତି ମୁଁ ଜଳି ପୋଡ଼ି ହୋଇ ମରୁଛି ।

ଅନ୍ୟଆଡ଼ୁ ଅଦ୍ଭୁତ ଗୋଟାଏ ତୋଫାନ ଆସେ—ରେଖା ଦେବୀ ତୋ ଗୁଣକୁ ଭଲ ପାଉଥିଲେ—ତୋ ଶରୀରକୁ ନୁହେଁ । ଭଲ ପାଇବାର ମାନେ ବିବାହ ନୁହେଁ । ସେ ଏପରି କରୁଛି କହିଛନ୍ତି କି ଯେଉଁଥିରେ ବିବାହର ପ୍ରଶ୍ନ ଉଠିପାରିବ ? ଅନ୍ୟ କେହି ହୋଇଥିଲେ ତୋ ଉପରେ ଛେପ ପକାଇବାକୁ ବି ଘୃଣା କରିଥାଆନ୍ତେ । ତାଙ୍କର ଏ ଗୁଣ-ପୂଜା ଓ ସହାନୁଭୂତିକୁ ତୁ କଦର୍ଥ କାହିଁକି କରୁଛୁ ? ତାଙ୍କପରି ରୂପସୀ ଯେ ତୋପରି କୁରୂପର ଜୀବନ ସଙ୍ଗିନୀ ତୁ ଏହା କଳ୍ପନା କଲୁ କିପରି ? ପୁଣି ଏକ ଝଡ଼ ଉଠେ—ରେଖା ଦେବୀଙ୍କ ଜନ୍ମ ଦିବସ ଉପଲକ୍ଷେ ଯେତେବେଳେ ମୁଁ ତାଙ୍କୁ କହିଲି, “ଆପଣ, ମୋର ଯେଉଁ ଗୁଣକୁ ଭଲ ପାଉଥିଲେ ସେହି ଗୁଣକୁ ତ ମୁଁ ପଠେଇ ଦେଇଥିଲି । କାହିଁକି ରେଖାଦେବୀ ସେତେବେଳେ କହିଲେ, ବିନା ଶରୀରରେ ଗୁଣର ଉଦ୍‌ଭବ ହେବ କୁଆଡ଼ୁ ? ସେତେବେଳେ କ'ଣ ରେଖାଦେବୀ ମୋର ଶରୀରକୁ ଚାହିଁ ନ ଥିଲେ ।” ପୁଣି ଏକ ତୋଫାନ ଉଠେ—ତାଙ୍କର ତୋ ଶରୀରକୁ ଭଲ ପାଇବାଟାକୁ ବିବାହ ବୋଲି କାହିଁକି ଧରିଲୁ ? ପୁଣି ଝଡ଼ ଉଠେ—ସେ କ'ଣ ଜାଣିନଥିଲେ ତାଙ୍କ ରୂପାଗ୍ନିରେ ମୁଁ ପତଙ୍ଗବତ୍ ପୋଡ଼ି ହୋଇଯିବି । ସାଙ୍ଗେ ସାଙ୍ଗେ ତୋଫାନ ଆସେ ସେ ଭୁଲ ପତଙ୍ଗର, ଅଗ୍ନିର ନୁହେଁ । ଗୋଟାଏ ଦୁଇଟା ଘଡ଼ଘଡ଼ି ପରେ ଠିକ ଏ

Digitized by srujan ka@gmail.com

ଅସ୍ତ୍ରେ ଚବନ ବଚହେ । ଓଃ ମୁଁ ଭୁଲ କରିଛି । ତାଙ୍କୁ କି ଭୁଲ ବୁଝିଛି ! ଏ ଅଭ୍ରାନ୍ତ ଅଧୋଗତି ମୋର କାହିଁକି ହେଲା ? ନା, ଏହାର ଉପଯୁକ୍ତ ପ୍ରାୟଶ୍ଚିତ୍ତ କରିବି । ତାଙ୍କ ସୁଖରେ ନିଜକୁ ଜବରଦସ୍ତି ସୁଖୀ କରେଇବି । ତାଙ୍କୁ ଜଣାଯାଏ ଯେପରି ପ୍ରଶାନ୍ତ ବାୟୁ ଗୋଟାଏ ଝୁଙ୍କରେ ତା ଘୁଞ୍ଚାକୁ ଚିରି ଦେଇ ତା ହୃଦୟ ଭିତରୁ ରେଖା ଦେବାଙ୍କୁ ଛାଡ଼ିନେଇ ଯାଉଅଛନ୍ତି । ଯନ୍ତ୍ରଣାରେ ସେ ବିଚରା ଛଟ୍-ପଟ୍ ହୋଇଯାଉଥାଏ । ଏଁଡ଼ ଅଳ୍ପ ଟିକେ କମିଲା—ଓଃ ! କାହିଁକି ମୁଁ ମନର ଲଗାମକୁ ଘୁଞ୍ଚେଦେଲି । ଲଗାମ ଘୁଞ୍ଚିବାର ଫଳ ସିନା ପାଉଛି ! ଯେତେଦିନଯାଏ ଲଗାମ ଧରିଥିଲି ସେତେଦିନଯାଏ କେଶ୍ ସୁଖରେ ତ ଥିଲି । ପୁଣି ରମେଶ ମନରେ ଲଗାମ ଦେବାକୁ ଚେଷ୍ଟା କଲା । ମନ ଯେ ବେଲଗାମ ହୋଇ ଏତେଦିନ ତେଇଁଛି, ସେ କି ସହଜରେ ଧରାଦିଏ ! ରମେଶ ପୁଣି ଭାବିଲା ଲୋକାଳୟରେ ରହିଲେ ଏପରି ବିପଦରେ ପଡ଼ିବାକୁ ହେବଇ ହେବ । ନିର୍ଜ୍ଜନତାର ଆଶ୍ରୟ ନେବାକୁ ପଡ଼ିବ । ମୁନି ଋଷିମାନେ ଉଦ୍ଧ ଯେଉଁ ଜାଗାକୁ ଅଶ୍ୱ ନାହାନ୍ତି, ସେ ଜାଗାରେ ମୁଁ ରହିବି ବା କିପରି ? ଲୋକେ ମୋତେ ପରାସ୍ତ ମନୋଭାବାପନ୍ନ ଓ ପଳାୟନପନ୍ଥୀ କହିବେ ତ କହନ୍ତୁ । ସେଥିନେର ମୋର ଯାଏ ଆସେ ନାହିଁ । କିନ୍ତୁ ଏ ଦୁର୍ନାମ ଏଡ଼ିବାକୁ ଏଠାରେ ରହି ଶଠତା ଓ ଭଣ୍ଡାମିର ଆଶ୍ରୟ ନେଇ ପାରିବି ନାହିଁ । ନାଁ, ନିର୍ଜ୍ଜନତା ମୋର ଏକମାତ୍ର ଭରସା । ହଠାତ୍ ସେ ଆଗରେ ଦେଖିଲା ଗୋଟିଏ ନିବିଡ଼ ବନ । ବୃକ୍ଷ ଲତାଗୁଡ଼ିକ ଫଳ ପୁଷ୍ପରେ ପରିପୂର୍ଣ୍ଣ ହୋଇ ଶୋଭା ପାଉଅଛନ୍ତି । ନିର୍ଭୟରେ ହରିଣଗୁଡ଼ିକ ଏଣେ ତେଣେ ବୁଲି ଚରୁଅଛନ୍ତି । ତା ଭିତରେ ଦିଶୁଛି ଛୋଟ ଛୋଟ କେତୋଟି କୁଡ଼ିଆ ଘର । ପାଖରେ ସ୍ୱଚ୍ଛ-ତୋୟା ନଦୀଟି ବହିଯାଉଅଛି । ଜଣେ ଶୋଭିତ ତେଜସ୍ୱୀ ଋଷି

—ଚହେ ଛସ୍ତର—

Digitized by srujan ka@gmail.com

କେତେଜଣ ବଣର ଫଳ ମୂଳ ଆହାର ଓ ନଦୀଜଳ ପାନ କରି ପରମାନନ୍ଦରେ ଅବସ୍ଥାନ କରୁଅଛନ୍ତି । ଠିକ୍ ଏହି ସମୟରେ ନିତିଆ କହି ଉଠିଲା, "ଭାଇ, ଝଡ଼ କମି ଗଲାଣି । ଦାଦାଙ୍କ ଘରକୁ ଯିବ ନାହିଁ ?"

"ନାଁ, ମୋ ପେଟ ଖରାପ । ତୁମେ ଦୁହେଁ ଯାଅ ଓ ସେ ଶବଟା ସାଙ୍ଗରେ ନେଇଯାଅ ।"

ସେତେବେଳକୁ ଝଡ଼ କମିଯାଇଥାଏ । ଏହି କେତେ ସମୟ ଭିତରେ କେତେ ଚଢ଼େଇଙ୍କ ବସା ଉଜୁଡ଼ିଗଲା, କେତେକଙ୍କର ସଙ୍ଗୀ ଉଡ଼ିଗଲେ ଓ କେତେକ ବା ନୂଆ ସଙ୍ଗୀ ପାଇ ଆନନ୍ଦରେ ରହିଲେ ।

ନିତିଆ ଓ ଭଗିଆ ଶବ ଟି ନେଇ ରେଖାଦେବୀଙ୍କ ଘରକୁ ଗଲେ ।

ସକାଳୁ ରେଖା ଦେବୀ ଗାଧୋଇ ପାଧୋଇ ଉପହାର ଥିବା ବଖରାକୁ ଯାଇ ଗୋଟିଏ ଗୋଟିଏ ଉପହାର ସାମଗ୍ରୀ ପରୀକ୍ଷା କରି ଦେଖୁଁ ଦେଖୁଁ ରମେଶ ବାବୁଙ୍କ ଶବଟି ଦେଖିବାକୁ ପାଇଲେ । ଅତି ଆଗ୍ରହରେ ଫିଟାଇ ତାହାକୁ ଦେଖିଲେ । ସେହି ପୂର୍ବ ପରିଚିତ ହଳଦୀ ବସନ୍ତ ଚଢ଼େଇ । ତା ପାଖରେ ବସିଥିବା ସେହି ଅସନା ଚଢ଼େଇ ପରିବର୍ତ୍ତେ ବସିଛି ଆଉ ଗୋଟିଏ ସୁନ୍ଦର ହଳଦୀ ବସନ୍ତ । ରେଖା ଦେବୀଙ୍କ ମନ ପ୍ରସନ୍ନ ହେଲା । ଶବଟି ଆସ୍ତେ ଆସ୍ତେ ସମ୍ପୂର୍ଣ୍ଣ ଫିଟାଇ ଦେଲେ । ସେ ଛବିର ତଳଅଡ଼କୁ ହୋଇ-ଥିବା ଗୋଟିଏ ସମ୍ପୂର୍ଣ୍ଣ ନୂତନ ଜିନିଷ ଦେଖି ସେ ଚମକି ପଡ଼ିଲେ । ତଳେ ଅଙ୍କା ହୋଇଥିବା ଭୂଇଁ ଉପରେ ବାଇଆଁ ହୋଇ ପଡ଼ିଥିବା ଗୋଟିଏ ମଇଳା ଚଢ଼େଇର ଶବ । ସେ ଚଢ଼େଇଟିକୁ ଭଲ କରି ପରୀକ୍ଷା-କରି ଦେଖି ସେ ଅଦ୍ଭୁତ ଆଶ୍ଚର୍ଯ୍ୟ ହୋଇଗଲେ । ଆରେ ଏ ତ ଠିକ ସେହି ଚଢ଼େଇ । ଯେ କି ହଳଦୀ ବସନ୍ତ ପାଖରେ ବସିଥିଲା । ଠିକ୍

Digitized by srujan ka@gmail.com

ଅଧା ଥଣ୍ଟିଆ ଓ । ରମେଶ ବାବୁ ତ ସେଠାରେ ହଳଦୀ ବସନ୍ତଟି ଅଙ୍କି ଦେଲେ । ତେବେ ପୁଣି ସେହି ଅଧା ଥଣ୍ଟିଆ ଚଢ଼େଇକୁ ଏଠାରେ ଅଙ୍କିଲେ କାହିଁକି ? ସମ୍ପୂର୍ଣ୍ଣ ଛବିଟିକୁ ଚାହିଁଲେ ଓ ଛବିର ପୂର୍ବ ଇତିହାସ ମନେ ପକାଇଲେ ଜଣାପଡୁଛି ଯେପରି ଏ ନୂତନ ହଳଦୀ ବସନ୍ତଟି ଏହି ଚଢ଼େଇକୁ ମାରି ଘଉଡ଼ାଇ ପକାଉଛି ଓ ତା ସ୍ଥାନରେ ନିଜେ ଯାଇ ବସିଛି । ଏହାର ଅର୍ଥ କଣ ? ଭାବୁକ ଛବିକର ନିଶ୍ଚୟ କିଛି ଗୁଢ଼ ଅର୍ଥ ରଖି ଅଛନ୍ତି । ରେଖା ଦେବୀ ବହୁତ ଭାବିଲେ କିନ୍ତୁ କିଛି ସ୍ଥିର କରି ନ ପାରି ଅନ୍ୟ କାର୍ଯ୍ୟରେ ଲାଗିଗଲେ ।

ତେଣେ ଠିକ୍ ଯେଉଁ ଦିନ ଚତୁର୍ଥୀ ସେହି ଦିନ ସକାଳେ ରମେଶ କଅଣ ଚିଠି ଟାଏ ଲେଖିଲା । ଗୋଟିଏ ଖାମ୍‌ରେ ସେ ଚିଠି ଓ ଆଉ କିଛି କାଗଜ ଭର୍ତ୍ତି କରି ବନ୍ଦ କରି ଦେଲା । ସଉଆକୁ ସେ ଖାମ୍‌ଟା ଦେଖାଇ କହିଲା, "ଦେଖ ସଉଆ, ଏ ଚିଠିଟା କାଲି ସକାଳୁ ନେଇ ରେଖା ଦେବୀଙ୍କୁ ଦେଇ ଆସିବୁ ।" ସଉଆ କହିଲା, "ଯାଉଛି ଏହି କ୍ଷଣିକା ଦେଇ ଆସେ ?"

"ନାହିଁ, ନାହିଁ, ଆଜି ତାଙ୍କର ଚଉଠି ଘର । ଆଜି ସେଠାକୁ ଯିବାଟା ଠିକ୍ ହେବ ନାହିଁ ।"

ସେହି ଚଉଠି ରାତି । ରାତି ପ୍ରାୟ ଗୋଟାଏ କି ଦୁଇଟା ହେବ । ଚାରିଆଡ଼ ଶୁନ୍‌ଶାନ୍ । ଜଣେ ଧୀରେ ଧୀରେ ଗୋଟିଏ ଘରେ ପଶି ଦ୍ୱାର ବନ୍ଦ କଲା ଓ ଆଉ ଜଣେ ଧୀରେ ଧୀରେ ଘର ଭିତରୁ ବାହାରି ଦ୍ୱାର ବନ୍ଦ କଲା । ଜଣେ ଜଣଙ୍କ ହୃଦୟରେ ପଶିଲା । ଜଣେ ଜଣଙ୍କ ହୃଦୟରୁ ବାହାରିଲା ।

ତାର ପର ଦିନ ସେହି ନିର୍ମମ ପ୍ରଭାତ । ମନ୍ଦିରର ପାହାନ୍ତିଆ ଘଣ୍ଟି ଓ କୁକୁଡ଼ାଙ୍କର କିକ୍ କିକ୍ କଅଁ କଅଁ ଶବ୍ଦରେ ସଉଆର ନିଦ

— ଶହେ ଅଠସ୍ତରି —

Digitized by srujan ka@gmail.com

ଭାଙ୍ଗିଲା । ଗତ ରାତିରେ ତାକୁ ଯେପରି ନିଦ ହୋଇଥିଲା, ସେପରି ନିଦ ତା ଜୀବନଯାକରେ ହୋଇନଥିଲା । ଭଙ୍ଗ ମୋଡ଼ି ହୋଇ ଅଳସ ଭାଙ୍ଗୁ ଭାଙ୍ଗୁ ମନେ ମନେ ଭାବିଲା, ଓଃ କି ନିଦ ଗଲା ! କାଳ ନିଦତ, ଏମିତିଆ ନିଦ କାହିଁକି ହେଲା ? ଉଁ, ଏଇଟା ବଡ଼ ଖରାପ ଲକ୍ଷଣ । ତାର ମନେ ପଡ଼ିଲା ସାହିର ଅଇଣ୍ଠା ମା ତା ପୁଅ ମରିଗଲା ଦିନ କାନ୍ଦୁଥାଏ—

କେତେ କଷ୍ଟକର ତୋତେ ପାଇଥିଲି କି
ମୋ ଅଇଣ୍ଠୁରେ,
ବାଡ଼ିପଣା ଜର ତୋତେ ଧଇଲା କି
ମୋ ଅଇଣ୍ଠୁରେ ।
କେତେ ରାତି ଚେଇଁ ତୋତେ ରଖିଥିଲି କି
ମୋ ଅଇଣ୍ଠୁରେ,
ଯୋଗଣୀଖିଆ ନିଦ କେଉଁଠି ଥିଲା କି
ମୋ ଅଇଁଠୁରେ ।
କାଲି ମୋର ଚେତା ବୁଡ଼ାଇ ଦେଲା କି
ମୋ ଅଇଣ୍ଠୁରେ
ଅଣ୍ଟୁକୁଡ଼ା ଯମ ଖେଳ ଖେଳିଲା କି
ମୋ ଅଇଣ୍ଠୁରେ
ନିଦକୁ ଆଗରୁ ପଠେଇ ଦେଲା କି
ମୋ ଅଇଣ୍ଠୁରେ । ଇତ୍ୟାଦି

ଅଉ ବି ମନେ ପଡ଼ିଲା, ନନ୍ଦ ଗୋସେଇଁ ଥରେ କହୁଥିଲେ ଯମ ଗାଲି ଉରତେ ଆଗ କାଳ ନିଦକୁ ପଠାଇ ଦିଏ ଓ ସମସ୍ତେ ଶୋଇ ପଡ଼ିଲାରୁ ଚୁପ୍ ଚୁପ୍ ଆସି ରୋଗୀକୁ ନେଇଯାଏ । ତା ମନଟା କାହିଁକି କେଜାଣି ହଠାତ୍ ପାପ ଛୁଇଁଲା । ସେ ଭାବିଲା ମୋ ଭାଇ—

—ଶହେ ଅଣାଅଣି—

Digitized by srujan ka@gmail.com

ଖାଲୀପର ଖଉଣ୍ଟାକୁ କାଢ଼ିପକାଇ ଖାମୁଣ୍ଡ ପକାଇଲା ଓ ଅସ୍ପଷ୍ଟ ସ୍ୱରରେ କହି ପକାଇଲା, "ଏଃ ! ଏ ଗୃହପଣ ମନଟା କେଡ଼େ ନିଚ୍ଛଣା ।" ପୁଣି ଧିକ୍କାର କରି ନିଜକୁ କହିଲା, "ମରୁନ୍ତୁ, ତୁ ଯମ ମୁହଁରେ ଯାଉନ୍ତୁ, ମୋ ଭାଇର କଅଣ ହେଉଛି କି ?" ଅଉ ବିଛଣାରେ ରହି ପାରିଲା ନାହିଁ । ଚଟା ମଠ୍ ଉଠି ପଡ଼ି ଖୋସଟା ଉଠାଇ ଦେଲା । ଭାଇଙ୍କ ଶେଯ ଅଡ଼କୁ ଚାହିଁ ଦେଖିଲା ଶେଯ ଖାଲି । ଗୁଣୁ ଗୁଣୁ ହୋଇ କହିଲା, "ଏଁ, ଭାଇଙ୍କର ତ ଅଜା ଭାରି ଚଞ୍ଚଳ । କେମିତିଆ ଅଖାଡ଼ୁଆ ଲୋକମ । ମୋତେ ପାଣି ଦାନ୍ତକାଠି ପାଇଁ ନଡାକି ନିଜ ହାତରେ ସବୁ କାମ କରି ପକେଇ ଅଛନ୍ତି । ଉଗିଆକୁ ବି ଡାକି ନାହାନ୍ତି । ସେ ତ ଶୋଇଛି, ମଲା, ଟାଳତ ହେଉଛି । ଓଃ, କେଡ଼େ ଅନ୍ଧାରୁ ଉଠି ଦାନ୍ତ ଘଷି, ଝାଡ଼ା ଯାଇ, କୁଆଡ଼େ ବୁଲି ଯାଇ ଅଛନ୍ତି । ନଈକୁ ଅଜା ଗାଧୋଇ ଗୁଲି ଗଲେକି ? କି ଅବାଗିଆ ଲୋକ, ଦିହ ପ୍ରତି ଟିକିଏ ନଜର ନାହିଁ । ସବୁଦିନେ କୂଅ ମୂଳେ ଗାଧାନ୍ତି । ଅଜା ପୁଣି ନଈ । ଆଜି ଅସନ୍ତୁ କଳି ଲଗେଇବି ।

କିଛିକ୍ଷଣ ପରେ ଉଗିଆ ଉଠିଲା । ଦୁହେଁ ନିତ୍ୟକର୍ମ ସାରି ଭାଇଙ୍କୁ ଅପେକ୍ଷା କରି ବସିଲେ । ଫେରନ୍ତ ହୋଇ ଆସିଲା । ଅଟସ୍ତ ଆସ୍ତେ ଖିରି ବି ପଡ଼ିଗଲା । ସତିଆ ଅଜ ସ୍ଥିରହୋଇ ବସିଲା ନାହିଁ । ଭାଇ ଗାଧୋଇ ଯାଇ ଅଛନ୍ତି କି ନାହିଁ ଜାଣିବା ଲାଗି ତାଙ୍କ ଲୁଗା ଗାମୁଛା ତନଖି କଲା ।—"ଏଁ କାମିଜ, ଗେଞ୍ଜି ତ ନାହିଁ, ଅରେ ଆଜି ଦୁଇଟା ଲୁଗା କାହିଁ ? ଗାମୁଛାରେ ଲୁଗାପଟା ବାନ୍ଧି କୁଆଡ଼େ ଗଲେ କି ? ତାଙ୍କର ତ କୁଆଡ଼େ ଏପରି ଯିବା ଦରକାର ହୁଏ ନାହିଁ । ଏତେ ବର୍ଷ ହେଲା ମୁଁ ଏଠାରେ ରହିଲିଣି କୋଉ ଦିନତ ତାଙ୍କୁ ଏପରି କୁଆଡ଼େ ଯିବାର ଦେ ନି । ଶେଯଟା ସେମିତି ପଡ଼ିଥାଏ, ଚିଠେ କଥା ମନେ ପଡ଼ିବାରୁ ତକିଆଟା ଲେଉଟାଇ ପକାଇଲା । ସତକୁ ସତ ତକିଆ

Digitized by srujan ka@gmail.com

ତଳେ ଶଟି । ପୁଣି ଭାବିଲା, ରେଖା ଦାଦାଙ୍କ ପାଖକୁ ଆଜି କାହିଁକି ଶଟି ନେବାକୁ କହିଲେ । ଅମାନିଆ ଓଲେଇ ଗାଈ କାଅଁଶିବରେ ବାରମ୍ବାର ପଶିଲା ପରି କାଳନିଦ କଥାଟା ସତିଆ ମୁଣ୍ଡରେ ଜବରଦସ୍ତି ପଶୁଥାଏ । ଭାବନାକୁ ଅଟକାଇ ନପାରି ସେ କେବଳ ନିଜକୁ ସପୁଁଥାଏ—କେଡ଼େ ଅଲକ୍ଷଣା ଟାଏରେ—କେଡ଼େ ନିଅଛଣାଟାମ । ବିରାଡ଼ିଟା ତାର ମରିଯାଇଥିବା ଛୁଆକୁ ବେକରେ ମ୍ୟାଉଁ ମ୍ୟାଉଁ ହୋଇ ଏ ଘର ସେ ଘର ଖୋଜିଲା ପରି ସତିଆ ଏଘର ସେ ଘର 'ଅନ୍ୟମନସ୍କ ଭାବରେ ବୁଲିଲା । ଚାବିଟା ନେଇ ବାକ୍ସ ଖୋଲି ପକାଇଲା । ଗଣି ଗୁନ୍ଥି ଦେଖିଲା ୪ଟଙ୍କା ଲୁଗା, ଜାମିଜ, ଗାମୁଛା, ୦ଟଙ୍କା ନାହିଁ । ସତିଆ ଅନିଚ୍ଛା ସହିତ ମନେ ମନେ ସ୍ଥିର କଲା ଭାଇ କୁଆଡ଼େ ପଳେଇଲେ । ତାର ନାକ ମୂଳଟା ଶିର୍ ଶିର୍ ହେଲା ଓ ଆଖିରୁ ଦୁଇ ଟୋପା ଗରମ ଲୁହ ଗଡ଼ି ପଡ଼ିଲା । ଚଟପଟ୍ ଲୁହକୁ ପୋଛି ପକାଇ ପୁଣି ନିଜକୁ ଗାଳି ଦେଲା—କେଡ଼େ ଅମଙ୍ଗଳିଆଟାଏମ । ଭାଇ କୁଆଡ଼େ ଯାଇ ଅଛନ୍ତି ବେଳେ ଆସିବେ ନି ଯେ—ଏମିତି କଅଣ କିଏ କୁଆଡ଼େ ଯାଏନାହିଁ । ଯେତେ ପୋଛିଲେ ବି ଫଟା ମାଟିଆରୁ ଝର ପଡ଼ିଲାପରି ଆଖିରୁ ଲୁହ ଟପ୍ ଟାପ୍ ଗଳି ପଡ଼ୁଥାଏ । ଭଗିଆ ସତିଆକୁ ଏପରି ହେବାର ଦେଖି ଚାଟକା । ଭାଇଙ୍କର ଦେଖାନାହିଁ । ସେଥିରେ ପୁଣି ସତିଆ ଆଖିରେ ଲୁହ । କଥା କଅଣ । ଡର ଡର ହୋଇ ସତିଆକୁ ଯାଇଁ ପଚାରିଲା, "କଅଣହେଲା କିରେ ସତିଆ ? ଭାଇ କୁଆଡ଼େ ଯାଇଛନ୍ତି କି ?" ସତିଆର ବଡ଼ପାଟିରେ କହିବାକୁ ବଳ ନଥିଲା । ଭଲ ଠାରି ବି ଠାରି ପାରିଲା ନାହିଁ । ଯାହା ହେଉ ଭଗିଆ ଠଉରେଇ ପାରିଲା ଯେ, ଭାଇ କୁଆଡ଼େ ଚାଲି ଯାଇ ଅଛନ୍ତି । ସତିଆକୁ ପ୍ରବୋଧ ଦେଇ କହିଲା, "ଏମିତି କାହିଁକି

Digitized by srujan ka@gmail.com

ହଜୁରୁମ । ସେ ତାଙ୍କର କୋଉ ବନ୍ଧୁବାନ୍ଧବ ଘର କି କେଉଁ ଦଅଁ ଥାନକୁ ଯାଇଥିବେ । ଦାଦନ ଦୁଇଜଣ କଅଣ ଚାଲି ଆସିବେ ନା ଯେ—”

ସତିଆର ମନେହେଲା ସେ ଚିଠି କଥା । ସେଥିରେ କଅଣ ଲେଖା ହୋଇଛି ଜାଣିଗଲେ ସବୁ ଜିନିଷ ପରିଷ୍କାର ହୋଇଯାଆନ୍ତା, ଯାଉଛି ସେ ଚିଠି ନେଇ ରେଖା ଦାଦାଙ୍କ ପାଖକୁ ଯିବ ।

ସଙ୍ଗେ ସଙ୍ଗେ ସତିଆ ଉଠିପଡ଼ି ସେ ଚିଠିଟି ଧରି ଓ ଗାମୁଛାଟା ଦହରେ ପକାଇ ରେଖା ଦାଦାଙ୍କ ଘରକୁ ବାହାରିଲା । ବୁଢ଼ୀଠାକୁରାଣୀ ଶରଣ ବୋଲି କହି ଘର ଚୌକାଠ ଡେଇଁଲା ।

ସତିଆ ଝଡ଼ ପରି ଯାଇ ପହଞ୍ଚିଗଲା । ଆଶଙ୍କା ଓ ଭୟ ମିଶ୍ରିତ ସ୍ୱରରେ କହିଲା, “ରେଖା ଦାଦା ! ବଡ଼ ଅନ୍ଧାରୁଆରୁ ଭାଇ କୁଆଡ଼େ ଚାଲିଯାଇଅଛନ୍ତି । ମୋର କାହିଁକି ଭାରି ଡର ହେଉଛି । ସେ ସତରେ କୁଆଡ଼େ ଚାଲିଯାଇଅଛନ୍ତି । ଏ ଚିଠିଟା କାଲି ତୁମ୍ଭଙ୍କୁ ଦେବାକୁ କହିଥିଲେ । ଏ ଚିଠିଟା ଟିକେ ଖୋଲି ପଢ଼ ସବୁ କିଛି ଜଣାପଡ଼ିବ ।

ରେଖା ଦେବା ଖାମଟା ଖୋଲି କାଗଜ ଗୁଡ଼ିକ ଗୋଟି ଗୋଟି କରି ଦେଖିଲେ । ତା’ପରେ ଗମ୍ଭୀର ହୋଇ ସତିଆକୁ କହିଲେ, “ହଁରେ ସତିଆ, ଯେ ତମ ଦା’ଭାଇଙ୍କୁ ସବୁଦିନ ପାଇଁ ଛାଡ଼ି ଚାଲିଯାଇଅଛନ୍ତି । ଆଁ କରି ସତିଆ ବସି ପଡ଼ିଲା । ତା ଆଖିରୁ ଦୁଇ ଧାର ଲୁହ ଛୁଟି ତା ଛାତି ଭିଜାଇ ଦେଲା । ପ୍ରବୋଧ ଦେଇ ରେଖା ଦେବୀ ପୁଣି କହିଲେ, “ତାଙ୍କ ଚଳାଚଳ ସବୁ ସମ୍ପତ୍ତି ଓ ମୁଦ୍ରାଗାରରେ ଗଚ୍ଛିତ ଥିବା ପାଞ୍ଚହଜାର ଟଙ୍କା ତୁମ ଦୁଇଜଣଙ୍କ ନାଁରେ ଦାନପତ୍ର କରି ଦେଇ ଯାଇଅଛନ୍ତି ।” ସତିଆ ସେତେବେଳକୁ କାନ୍ଦି କାନ୍ଦି

—ଶେଷ ବନ୍ଧ୍ୟାଅଗ୍ନି—

Digitized by srujan ka@gmail.com

ହୋଇ ଉଠିଲଣି । ପୁଣି ସାନ୍ତ୍ୱନା ଦେଇ ରେଖାଦେବୀ କହିଲେ, "ତୁମ ଦୁଇଭଉଣୀଙ୍କର ଅର୍ଥାଭାବ କେବେହେଲେ ହେବ ନାହିଁ । କାରଣ ସେ ଯେଉଁ କଳାପୂର୍ଣ୍ଣ ଶବ୍ଦ ସମ୍ଭ ଲେଖି ଦେଇ ଯାଇଅଛନ୍ତି, ତାହାର ଦାମ ପ୍ରାୟ ଷାଠିଏ ସତୁରି ହଜାର ଟଙ୍କା ହେବ । ତୁମ ଦୁଇଭଉଣୀଙ୍କର ଭଲ ମନ୍ଦ ବୁଝିବା ଭାର ମୋ ଉପରେ ଦେଇ ଯାଇ-ଅଛନ୍ତି ।" ସତଅ ତଳକୁ ମୁହଁ ପୋତି ଭେଁ ଭେଁ ହୋଇ କାନ୍ଦି ଉଠିଲା । ରେଖା ଦେବୀ ତା ମୁଣ୍ଡ ନେଇ ନିଜ ପଣତରେ ତା ଆଖିରୁ ଲୁହ ପୋଛି ଦେଲେ । ପୁଣି ସାନ୍ତ୍ୱନା ଦେଇ କହିଲେ, "ସତଅ ! ଆଜିଠୁ ତୁ ଭାଇକୁ ହରାଇ ଭଉଣୀଟିଏ ପାଇଲୁ । ଏଥର ତୁ ଶାନ୍ତ ହୋଇ ରହ ।"

ସତଅ ଶାନ୍ତ ପଡ଼ିଲା । ରେଖା ଦେବୀ ସମସ୍ତ କାଗଜ ପତ୍ର ତାକୁ ଧରାଇ ଦେଇ କହିଲେ "ଆଜିଠାରୁ ଯେତେବେଳେ ତୋର କିଛି ଦରକାର ପଡ଼ିବ ବା କିଛି ଅସୁବିଧା ହେବ, ସେତେ-ବେଳେ ସାଙ୍ଗେ ସାଙ୍ଗେ ଆସି ମୋ ସହିତ ଦେଖା କରିବୁ । ଆଜି-ଠାରୁ ମୁଁ ତୋହର ନୂଆ ଭଉଣୀ ।"

ରମେଶର ଆକସ୍ମିକ ଅନ୍ତର୍ଦ୍ଧାନ ରେଖା ଦେବୀଙ୍କ ହୃଦୟକୁ ଘାଣ୍ଟି ପକାଇଲା । ଶୟନ କକ୍ଷକୁ ପଶିଯାଇ ସେ ସେହି ଛବିଟି ପୁନର୍ବାର ଖୋଲି ଚାହିଁ ରହିଲେ । ତଳେ ପଡ଼ିଥିବା ମୃତ ଚଢ଼େଇଟିକୁ ନିରେଖି କରି ଚାହିଁ ବସିଥାଆନ୍ତି । କ୍ରମେ ସେ ଦୃଷ୍ଟି ଭଗ୍ନ ଚଞ୍ଚୁ ଉପରେ କେନ୍ଦ୍ରୀଭୂତ ହେଲା । ସେମିତି ନିପଟେଇ କରି ସେ ଚାହିଁ ରହିଥାଆନ୍ତି । ସେହି ଚଢ଼େଇ ମୁହଁ ପାଖରେ ତାଙ୍କୁ ରମେଶର ମୁହଁ ଦିଶିଲା । ଅଦ୍ଭୁତ ଜଳ ଜଳ ହୋଇ ଦିଶିଲା ତାର ଖଣ୍ଡିଆ ନାକଟା । ଧୀରେ ଧୀରେ ଚଢ଼େଇ ମୁହଁ ରମେଶ ମୁହଁ ଏକାଠି ମିଶିଲେ । ଘନ କୁହୁଡ଼ି ତାଙ୍କ ଆଖି ଆଗରୁ ଅପସାରିତ ହୋଇଗଲା ।

—ଶହେ ତେୟାଅଣି—

Digitized by srujan ka@gmail.com

ରମେଶର ହୃଦୟକୁ ସେ ପରିସ୍ଥାନ ଦେଖି ପାରିଲେ । ଅବସନ୍ନ ହୃଦୟରେ ସେ ଭାବିବାକୁ ଲାଗିଲେ, "ତାଙ୍କ ପରି ବ୍ୟକ୍ତି ମୋତେ କାହିଁକି ଏପରି ଭୁଲ ବୁଝିଲେ । ମୁଁ ତ ଏପରି କିଛି କରିନାହିଁ ଯଦ୍ୱାରା କି ସେ ମୋତେ ଏପରି ଭୁଲ ବୁଝିବାକୁ ଅବକାଶ ପାଇଲେ । ଓଃ ! ମନୁଷ୍ୟର ମନ ବଡ଼ ଜଟିଳ ! ତାହା ଗତି ଲକ୍ଷ୍ୟ କରିବା ଦେବତାମାନଙ୍କର ବି ଦୁଃସାଧ୍ୟ ।"

ତାଙ୍କର ଧ୍ୟାନ ଝିଙ୍ଗେଲଟବଲକୁ ଚଢ଼େଇଟି ଲହୁରେ ଭଗ୍ନ ପାଇଥିଲା । 'ଅହା' ବୋଲି କହି ସେ ପଣତ କାନିରେ ଲହୁକୁ ପୋଛି ଦେଲେ । ସେ ଚଢ଼େଇର ରଙ୍ଗଚଙ୍ଗ ଅଲିବାଲି ହୋଇ ବେସେରା ହୋଇଗଲା । ଓ ଚଢ଼େଇ ବୋଲି ଆଉ ଜଣା ପଡ଼ିଲା ନାହିଁ ।

Digitized by srujan ka@gmail.com

ରମେଶର ହୃଦୟକୁ ସେ ପରିଷ୍କାର ଦେଖି ପାରିଲେ । ଅବସନ୍ନ
ହୃଦୟରେ ସେ ଭାବିବାକୁ ଲାଗିଲେ, "ତାଙ୍କ ପରି ବ୍ୟକ୍ତି ମୋତେ
କାହିଁକି ଏପରି ଭୁଲ ବୁଝିଲେ । ମୁଁ ତ ଏପରି କିଛି କରିନାହିଁ
ଯଦ୍ଦ୍ୱାରା କି ସେ ମୋତେ ଏପରି ଭୁଲ ବୁଝିବାକୁ ଅବକାଶ ପାଇଲେ ।
ଉଃ ! ମନୁଷ୍ୟର ମନ ବଡ଼ ବିଚିତ୍ର ! ତାହା ଗତି ଲକ୍ଷ୍ୟ କରିବା
ଦେବତାମାନଙ୍କର ବି ଦୁଃସାଧ୍ୟ ।"

ତାଙ୍କର ଧ୍ୟାନ ଭାଙ୍ଗିଲାବେଳକୁ ଚଢ଼େଇଟି ଲୁହରେ ଡୁବି
ଯାଇଥିଲା । 'ଆହା' ବୋଲି କହି ସେ ପଣତ କାନିରେ ଲୁହକୁ ପୋଛି
ଦେଲେ । ସେ ଚଢ଼େଇର ରଙ୍ଗତକ ଅଳ୍ପବାଳ୍ପ ହୋଇ ଭେସେଇ
ହୋଇଗଲା ଓ ଚଢ଼େଇ ବୋଲି ଆଉ ଜଣା ପଡ଼ିଲା ନାହିଁ ।

Digitized by srujan ka@gmail.com

CRESCENT PUBLISHING Co

Digitized by srujan ka@gmail.com